# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧୬/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, January 16/2023 | Page 14 | ₹ 7.00

୪୯ଶ ଭାଗ ୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 54 | ମୂଲ୍ୟ ₹୭/-




**ଏକାଧିକ ରେକର୍ଡ ଭାଙ୍ଗିଲେ କୋହଲି**

ଶ୍ରୀଲଙ୍କା ବିପକ୍ଷ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି ଭାରତୀୟ ବ୍ୟାଟର ବିରାଟ କୋହଲି।

୧୪

୦୯

**କାମ ପାଇଁ ନିର୍ଦ୍ଦେଶକଙ୍କୁ ନେହୁରା ହେଉଥିଲେ ମନୋଜ**

ଅଭିନୟ ଜଗତରେ କ୍ୟାରିୟର୍ ଆରମ୍ଭ କରିବା ସମୟରେ ମନୋଜ ବାଜପେୟୀ ବହୁ ଫିଲ୍ମ ନିର୍ମାତାଙ୍କୁ ଭେଟି କାମ ଲାଗି ନେହୁରା ହେଉଥିବା ସାକ୍ଷାତ୍କାରରେ କହିଛନ୍ତି।



# ନେପାଳରେ ବିମାନ ଦୁର୍ଘଟଣା: ୬୮ ମୃତ

## ଅବତରଣର ୧୦-୨୦ ସେକେଣ୍ଡ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ

- ୧୫ ବିଦେଶୀ ମୃତକଙ୍କ ମଧ୍ୟରେ ୫ ଭାରତୀୟ
- ଆଜି ରାଷ୍ଟ୍ରୀୟ ଶୋକ ଦିବସ ପାଳିବ ନେପାଳ
- ୫ ଜଣିଆ ତଦନ୍ତ କମିଶନ ଗଠନ କଲେ ପ୍ରଚଣ୍ଡ

**କାଠମାଣ୍ଡୁ/ନୂଆଦିଲ୍ଲୀ, ୧୫ା୧**

ନେପାଳ ପାଇଁ ରବିବାର ଥିଲା 'ବ୍ଲାକ୍ ସଣ୍ଡେ'। ରାଜଧାନୀ କାଠମାଣ୍ଡୁରୁ ୬୮ ଯାତ୍ରୀ ଓ ୪ କ୍ରିଉ ମେମ୍ବରଙ୍କୁ ନେଇ ପୋଖରା ଅଭିମୁଖେ ଉଡ଼ାଣ କରିଥିବା ଏକ ବିମାନ ଠିକ୍ ଅବତରଣ କରିବା ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହା ସମ୍ପୂର୍ଣ୍ଣ ଜଳି ଯାଇଛି। ଏଥିରେ ଅଦ୍ୟାବଧି ୬୮ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଥିବାବେଳେ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ୧୫ ବିଦେଶୀ ମୃତକଙ୍କ ମଧ୍ୟରେ ୫ ଜଣ ଭାରତୀୟ ଥିଲେ। ସେମାନେ ହେଲେ ଅଭିଷେକ କୁଶୱାହା, ବିଶାଲ ଶର୍ମା, ଅନିଲ କୁମାର ରାଜଭର, ସୋନୁ ଜୟସ୍ୱାଲ ଓ ସଞ୍ଜୟ ଜୟସ୍ୱାଲ। ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' କ୍ୟାବିନେଟର ଜରୁରୀ ବୈଠକ ଡାକି ଦୁର୍ଘଟଣାର କାରଣ ଖୋଜିବା ପାଇଁ ୫ ଜଣିଆ ତଦନ୍ତ କମିଶନ ଗଠନ କରିଛନ୍ତି। ଗତ ୩୦ ବର୍ଷ ମଧ୍ୟରେ ଏହା ନେପାଳର ସବୁଠୁ ଘାତକ ବିମାନ ଦୁର୍ଘଟଣା ବୋଲି କୁହାଯାଉଛି। ୧୯୯୨ରେ ପାକିସ୍ତାନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସର ଏୟାରବସ୍ ଏ୩୦୦ କାଠମାଣ୍ଡୁ ନିକଟସ୍ଥ ଏକ ପାହାଡ଼ିଆ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୧୬୭ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।



ଦୁର୍ଘଟଣାଗ୍ରସ୍ତ ବିମାନରେ ଲାଗିଥିବା ନିଆଁକୁ ଲିଭାଯାଉଛି।

ରାଜଧାନୀ କାଠମାଣ୍ଡୁରୁ ନେପାଳର ପଶ୍ଚିମ ଭାଗରେ ଥିବା ରିସର୍ଟ ସିଟି ପୋଖରାକୁ ବିମାନରେ ଯାତ୍ରା କଲେ ୨୫ ମିନିଟ୍ ଲାଗିଥାଏ। ୟେତି ଏୟାରଲାଇନ୍ସ ଦ୍ୱାରା ପରିଚାଳିତ ଟୁଇନ୍ ଇଞ୍ଜିନ୍ ୯ଏନ୍-ଏଏନ୍‌ସି ଏଟିଆର୍ ୭୨ ଏୟାରକ୍ରାଫ୍ଟ ରବିବାର ପୂର୍ବାହ୍ନ ୧୦ଟା ୩୩ ମିନିଟରେ କାଠମାଣ୍ଡୁର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଯାତ୍ରା ଆରମ୍ଭ କରିଥିଲା। ବିମାନରେ ୬ ଶିଶୁଙ୍କ ସମେତ ୧୫ ବିଦେଶୀ ଓ ୫୩ ନେପାଳୀ ଥିଲେ। ବିଦେଶୀ ଯାତ୍ରୀଙ୍କ ମଧ୍ୟରେ ୫ ଭାରତୀୟ, ୪ ରୁଷୀୟ, ୨ କୋରୀୟ ଏବଂ ଆର୍ଜେଣ୍ଟିନା, ଆୟର୍ଲାଣ୍ଡ, ଅଷ୍ଟ୍ରେଲିଆ ଓ ଫ୍ରାନ୍ସର ଜଣେ ଲେଖାଏ ନାଗରିକ ରହିଥିଲେ। ବିମାନଟି ଅବତରଣ କରିବାର ୧୦-୨୦ ସେକେଣ୍ଡ ପୂର୍ବରୁ ହଠାତ୍ ପୁରୁଣା ଓ ନୂଆ ଏୟାରପୋର୍ଟ ମଝିରେ ଥିବା ସେତି ନଦୀକୂଳ ଖାଇରେ ଖସିପଡ଼ିଥିଲା। ଏଥିରେ ନିଆଁ ଲାଗିଯିବା ଫଳରେ ଅଧିକାଂଶ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସେନା, ପୋଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଜଳୁଥିବା ବିମାନର ଧ୍ୱଂସାବଶେଷରୁ ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇପାରି ନ ଥିଲା। କେତେଜଣ ଆହତଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ☞ପୃଷ୍ଠା-୪

# ଭାରତ-ଇଂଲଣ୍ଡ ମ୍ୟାଚ୍ ଡ୍ର



**ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି)/ରାଉରକେଲା ଅଫିସ, ୧୫ା୧**

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଭାରତ-ଇଂଲଣ୍ଡ ହକି ବିଶ୍ୱକପ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଡ୍ର ରହିଛି। ଦୁଇ ସମକକ୍ଷ ଦଳ ମଧ୍ୟରେ ମ୍ୟାଚ୍‌ଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କେହି ସ୍କୋର କରିପାରି ନ ଥିଲେ। ଫଳରେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ ନମ୍ବରରେ ଥିବା ଭାରତ ଓ ୬ ର୍‍ୟାଙ୍କ୍‌ପ୍ରାପ୍ତ ଇଂଲଣ୍ଡ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଥିଲେ। ଇଂଲଣ୍ଡ ଗୋଲକିପର ଓଲିଭର ପେନି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାରତ ଓ ଇଂଲଣ୍ଡ ୨ଟି ଲେଖାଏ ମ୍ୟାଚ ଖେଳିସାରିଥିବାବେଳେ ☞ପୃଷ୍ଠା-୪

**ହକି ବିଶ୍ୱକପ୍**

- ପଏଣ୍ଟ ଭାଗକଲେ ଦୁଇ ଦଳ

**ଆଜିର ସମ୍ପାଦକୀୟ** | ଭିଡ଼ ବିପଦ






ଆଫଗାନିସ୍ତାନର ପୂର୍ବତନ ଏମ୍‌ପି ମୁର୍ସାଲ ନାବିଜାଦାଙ୍କୁ କାବୁଲସ୍ଥିତ ବାସଭବନରେ ଶନିବାର ବିଳମ୍ବିତ ରାତିରେ ଗୁଳିକରି ହତ୍ୟା କରାଯାଇଛି। ଘଟଣାରେ ତାଙ୍କ ଭାଇ ଗୁରୁତର ହୋଇଥିବାବେଳେ ଜଣେ ଦେହରକ୍ଷୀଙ୍କ ମୃତ୍ୟୁ ଘଟିଛି। ୨୦୨୧ ଅଗଷ୍ଟରେ କଠୋରପନ୍ଥୀ ତାଲିବାନ କାବୁଲ ଦଖଲ କରିବା ପରେ ମୃତ୍ୟୁ ଭୟରେ ବହୁ ନେତା ବିଦେଶକୁ ପଳାୟନ କରିଥିଲେ। କିନ୍ତୁ ମୁର୍ସାଲ ଆଫଗାନିସ୍ତାନରେ ରହିବା ଲାଗି ନିଷ୍ପତ୍ତି ନେଇଥିଲେ। ୨୦୧୮ରେ ସେ ନଙ୍ଗରହାରରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ।

## ସଂକ୍ଷେପରେ

### ଭାରତ ଆସିବେ ପ୍ରଚଣ୍ଡ

**କାଠମାଣ୍ଡୁ,୧୫।୧(ପି.ଟି.):** ନେପାଳର ନବନିଯୁକ୍ତ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ତାଙ୍କର ପ୍ରଥମ ବିଦେଶ ଗସ୍ତରେ ଖୁବ୍‌ଶୀଘ୍ର ଭାରତ ଆସିବେ ବୋଲି କହିଛନ୍ତି। ସିପିଏନ୍-ମାଓଇଷ୍ଟ ସେଣ୍ଟର ନେତା ପ୍ରଚଣ୍ଡ ଗତ ଡିସେମ୍ବର ୨୬ରେ ତୃତୀୟ ଥର ପାଇଁ ନେପାଳ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଗତ ମଙ୍ଗଳବାର ନେପାଳ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପରେ ବରିଷ୍ଠ ସମ୍ପାଦକମାନଙ୍କ ସହ ପ୍ରଥମ ଆଲୋଚନାରେ ପ୍ରଚଣ୍ଡ ଭାରତ ଗସ୍ତରେ ଯିବା କଥା କହିଛନ୍ତି। ଏଥିପାଇଁ କୂଟନୈତିକ ସ୍ତରରେ ପ୍ରସ୍ତୁତି ଚାଲିଥିବା ନେଇ ସେ ସୂଚନା ଦେଇଛନ୍ତି। ତେବେ ତାଙ୍କ ଗସ୍ତ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ସରକାରଙ୍କ ପକ୍ଷରୁ କରାଯାଇ ନାହିଁ।



### ସୁପ୍ରିୟା ସୁଲେଙ୍କ ଶାଢ଼ିରେ ନିଆଁ

**ପୁଣେ,୧୫।୧:** ମହାରାଷ୍ଟ୍ରର ପୁଣେଠାରେ ରବିବାର ଏକ କାର୍ଯ୍ୟକ୍ରମରେ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଏମ୍‌ପି ସୁପ୍ରିୟା ସୁଲେ ଯୋଗଦେଇଥିବାବେଳେ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ତେବେ ସେ ସୁରକ୍ଷିତ ରହିଥିବାରୁ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ବାରାମତୀ ଏମ୍‌ପି ଏକ ବିବୃତିରେ କହିଛନ୍ତି। ହିଞ୍ଜାଓ୍ୱାଡ଼ିରେ ଏକ କରାଟେ ପ୍ରତିଯୋଗିତାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସୁଲେ ଯୋଗଦେଇଥିଲେ। ସେ ସେଠାରେ ଛତ୍ରପତି ଶିବାଜୀ ମହାରାଜଙ୍କ ଏକ ଛୋଟ ପ୍ରତିମୂର୍ତ୍ତିରେ ଫୁଲମାଳ ଦେଉଥିବାବେଳେ ତାଙ୍କ ଶାଢ଼ିରେ ଦୀପ ନିଆଁ ଲାଗିଯାଇଥିଲା। ସଙ୍ଗେ ସଙ୍ଗେ ନିଆଁକୁ ଲିଭାଇ ଦିଆଯାଇଥିଲା ବୋଲି ସୁଲେ କହିଛନ୍ତି।

### ନୀରବ ଶାହା ଆମେରିକା ସିଡିସି ଉପନିର୍ଦ୍ଦେଶକ

**ୱାଶିଂଟନ,୧୫।୧(ପି.ଟି.):** ଭାରତୀୟ ବଂଶୋଦ୍ଭବ ଡାକ୍ତର ନୀରବ ଡି. ଶାହା ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ (ସିଡିସି)ର ପ୍ରମୁଖ ଉପନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। ଜାତୀୟ ଜନସ୍ୱାସ୍ଥ୍ୟ ସଂସ୍ଥାରେ ଏହା ଦ୍ୱିତୀୟ ସର୍ବୋଚ୍ଚ ପଦବୀ। ମହାମାରୀ ବିଶେଷଜ୍ଞ ଶାହା ଏବେ ମାଇନେ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେ ମାର୍ଚ୍ଚରୁ ସିଡିସି ନିର୍ଦ୍ଦେଶକ ରୋଚେଲେ ୱାଲେନସ୍କିଙ୍କ ଅଧୀନରେ ନୂଆ ଦାୟିତ୍ୱ ତୁଲାଇବେ।



# ନେପାଳରେ ଲଗାତର ବିମାନ ଦୁର୍ଘଟଣା

**କାଠମାଣ୍ଡୁ,୧୫।୧**

ବିଶ୍ୱର ସର୍ବୋଚ୍ଚ ୧୪ ପର୍ବତମାଳା ମଧ୍ୟରୁ ୮ଟି କେବଳ ନେପାଳରେ ଅବସ୍ଥିତ। ଏଭରେଷ୍ଟ ଶୃଙ୍ଗରେ ହଠାତ୍ ବଦଳୁଥିବା ପାଣିପାଗ ଯୋଗୁ ଏଠାରେ ଅଧିକାଂଶ ବିମାନ ଦୁର୍ଘଟଣା ଘଟୁଥିବା ବିଶେଷଜ୍ଞମାନେ ମତ ଦିଅନ୍ତି। ନେପାଳରେ ୨୦୦୦ ମସିହାରୁ ଅଦ୍ୟାବଧି ଘଟିଥିବା ବିମାନ ଓ ହେଲିକପ୍ଟର ଦୁର୍ଘଟଣାରେ ୩୫୦ ଜଣଙ୍କ ଜୀବନ ଗଲାଣି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା କାରଣରୁ ୨୦୧୩ରୁ ୟୁରୋପୀୟ ସଂଘ (ଇୟୁ) ନିଜ ଏୟାରସ୍ପେସ୍ ନେପାଳୀ ଏୟାରଲାଇନ୍ସ ଅଧୀନ ବିମାନଗୁଡ଼ିକର ଚଳାଚଳ ଉପରେ କଟକଣା ଜାରି କରିଛି। ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଙ୍ଗଠନ (ଆଇସିଏଓ) ମଧ୍ୟ ନେପାଳୀ ବିମାନଗୁଡ଼ିକର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି।

କେନ୍ଦ୍ରୀୟ ନେପାଳରେ ଅବସ୍ଥିତ ଟୁରିଜମ୍ ସିଟି ପୋଖରା ହେଉଛି ଦେଶର ଦ୍ୱିତୀୟ ବୃହତ୍ ସହର। ଏଠାରେ ଥିବା ଅର୍ଣ୍ଣପୂର୍ଣ୍ଣା ପର୍ବତଶ୍ରେଣୀର ମନୋରମ ଦୃଶ୍ୟ ଦେଖିବା ପାଇଁ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗିରହିଥାଏ। ରାଜଧାନୀ କାଠମାଣ୍ଡୁରୁ ସ୍ଥଳପଥରେ ପୋଖରା ଯିବାକୁ ହେଲେ ୬ ଘଣ୍ଟା ଲାଗିଥାଏ। କିନ୍ତୁ ମାତ୍ର ୨୫ ମିନିଟରେ ବିମାନ ଯାତ୍ରା ସମ୍ପୂର୍ଣ୍ଣ ହୋଇଥାଏ। ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ପ୍ରକଳ୍ପ ଅଧୀନରେ ନିର୍ମିତ ପୋଖରାର ନୂଆ ଏୟାରପୋର୍ଟରୁ ନୂଆବର୍ଷରେ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏହାର ନିର୍ମାଣ ପାଇଁ ୨୦୧୬ ମାର୍ଚ୍ଚରେ ନେପାଳ ସରକାର ଚାଇନାଠାରୁ ୨୧୫.୯୬ ଆମେରିକୀୟ ଡଲାର ଋଣ ନେବା ପାଇଁ ଚୁକ୍ତିବଦ୍ଧ ହୋଇଥିଲେ।



୨୦୧୮ ମାର୍ଚ୍ଚ ୧୨ରେ କାଠମାଣ୍ଡୁ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନର ଭଗ୍ନାବଶେଷ।




ଏହି ଦୁର୍ଘଟଣା ପରେ ବିମାନବନ୍ଦରକୁ ରବିବାର ବନ୍ଦ କରାଯାଇଛି। ଦେଶର ସମସ୍ତ ଘରୋଇ ଯାତ୍ରୀବାହୀ ବିମାନର ବୈଷୟିକ ନିରୀକ୍ଷଣ କରାଯିବ। ୟେତି ଏୟାରଲାଇନ୍ସ ଦ୍ୱାରା ପରିଚାଳିତ ଟୁଇନ୍ ଇଞ୍ଜିନ୍ ୯ଏନ୍-ଏଏନ୍‌ସି ଏଟିଆର୍ ୭୨ ଏୟାରକ୍ରାଫ୍ଟ ୧୫ ବର୍ଷ ପୁରୁଣା। ବିମାନରେ ଏକ ପୁରୁଣା ଟ୍ରାନ୍ସପୋଣ୍ଡର ଥିବାବେଳେ ଏହାର ଡେଟା ଭରସାଯୋଗ୍ୟ ନ ଥିଲା। ୦୫୧୨ ଜିଏମ୍‌ଟିରେ ବିମାନ ସମୁଦ୍ର ପତ୍ତନରୁ ୨,୮୭୫ ଫୁଟ୍ ଉଚ୍ଚରେ ଥିବାବେଳେ ଟ୍ରାନ୍ସପୋଣ୍ଡରଠାରୁ ଶେଷ ସିଗ୍ନାଲ ମିଳିଲା ବୋଲି ବିମାନଗୁଡ଼ିକୁ ଟ୍ରାକିଂ କରୁଥିବା ୱେବ୍‌ସାଇଟ୍ ଫ୍ଲାଇଟ୍‌ରାଡାର୨୪ ପକ୍ଷରୁ ଟୁଇଟରରେ କୁହାଯାଇଛି। ନେପାଳର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ୨୦୧୯ ଏୟାର ସେଫ୍ଟି ରିପୋର୍ଟ ଅନୁସାରେ ଦେଶର ପାଣିପାଗରେ ଥିବା ବିବିଧତା ଯୋଗୁ ଏଭଳି ଦୁର୍ଘଟଣା ଘଟୁଛି। ପୋଖରା ଏୟାରପୋର୍ଟ ମୁଖପାତ୍ର ଅନୁପ ଜୋଷୀ କହିଛନ୍ତି, ଏହି ଏୟାରକ୍ରାଫ୍ଟ ବିମାନବନ୍ଦର ନିକଟରେ ପହଞ୍ଚିଥିବାବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ବେଳେ ବିମାନଟି ୧୨,୫୦୦ ଫୁଟ୍ ଉଚ୍ଚତାରେ ଉଡ଼ାଣ କରୁଥିଲା। ପାଗ ଠିକ୍ ଥିବା ସତ୍ତ୍ୱେ ଏହା ଖସିପଡ଼ିବା ସମସ୍ତଙ୍କୁ ଚକିତ କରିଛି। ଦୁର୍ଘଟଣା ପରେ ସ୍ଥିତି ସମୀକ୍ଷା ପାଇଁ ବାଲୁଓ୍ୱାଟାରରେ କ୍ୟାବିନେଟ ବୈଠକ ବସିଛି। ପୂର୍ବତନ ବିମାନ ଚଳାଚଳ ସଚିବ ନଗେନ୍ଦ୍ର ଘିମିରେଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ତଦନ୍ତ କମିଶନ ଗଠନ କରାଯାଇଛି। ଏହି କମିଶନ ୪୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବେ। ମୃତକଙ୍କ ସମ୍ମାନାର୍ଥେ ସୋମବାର ରାଷ୍ଟ୍ରୀୟ ଶୋକ ଦିବସ (ସରକାରୀ ଛୁଟି) ପାଳନ କରିବାକୁ ନିଷ୍ପତ୍ତି ହୋଇଛି।

**ପଡ଼ୋଶୀ ନେପାଳରେ ଏୟାରକ୍ରାଫ୍ଟର ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇ ନ ଥାଏ। ବିମାନଗୁଡ଼ିକର ଦୁର୍ବଳ ରକ୍ଷଣାବେକ୍ଷଣ ଓ ପାଇଲଟ୍‌ଙ୍କୁ ପ୍ରଶିକ୍ଷଣର ଅଭାବ ଯୋଗୁ ବିମାନ ପରିବହନ ସେକ୍ଟର ବହୁଳ କ୍ଷତିଗ୍ରସ୍ତ ହୋଇଛି। କମ୍ ଦୃଶ୍ୟମାନତା ଓ କୋହଲା ପାଗ ବିମାନ ଚଳାଚଳରେ ବାଧକ ସାଜିଥାଏ। ପାହାଡ଼ିଆ ଅଞ୍ଚଳରେ ଥିବା ଏହାର ରନ୍‌ୱେଗୁଡ଼ିକ ଦୁର୍ବଳ ମାନର ହୋଇଥିବାରୁ ପାଇଲଟ୍ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥାନ୍ତି। ନେପାଳରେ ୨୦୧୦ ପରଠୁ ଅଦ୍ୟାବଧି ଘଟିଥିବା ୧୧ ବିମାନ ଦୁର୍ଘଟଣା ଉପରେ ଏକ ନଜର...**

## ୨୦୧୦ ପରଠୁ ୧୧ ଥର

**୨୦୨୨ ମେ' ୨୯:** ନେପାଳୀ କ୍ୟାରିୟର୍ ତାରା ଏୟାର ଦ୍ୱାରା ପରିଚାଳିତ ଏକ ଟୁଇନ୍ ଓଟ୍ଟେର ପ୍ଲେନ୍ ପୋଖରା ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୧୯ ଏପ୍ରିଲ ୧୪:** ଏକ ଛୋଟ ବିମାନ ମାଉଣ୍ଟ ଏଭରେଷ୍ଟ ନିକଟ ରନ୍‌ୱେରେ ଉଡ଼ାଣ ଆରମ୍ଭ ସମୟରେ ଦୁଇଟି ହେଲିକପ୍ଟର ସହ ଧକ୍କା ହୋଇଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଥିଲେ।

**୨୦୧୮ ମାର୍ଚ୍ଚ ୧୨:** ବାଂଲାଦେଶ ରାଜଧାନୀ ଢାକାରୁ ଏକ ବିମାନ ଯାତ୍ରା କରି କାଠମାଣ୍ଡୁରେ ଅବତରଣ କରିବା ସମୟରେ ଫୁଟ୍‌ବଲ୍ ଫିଲ୍ଡକୁ ଖସିଯାଇଥିଲା। ସେଠାରେ ବିସ୍ଫୋରଣ ଘଟି ୫୧ ଜଣଙ୍କ ମୃତ୍ୟୁ ହୋଇଥିଲା।

**୨୦୧୬ ଫେବୃୟାରୀ ୨୪:** ତାରା ଏୟାରଲାଇନ୍ସର ଏକ ଟୁଇନ୍ ଓଟ୍ଟେର ବିମାନ ମ୍ୟାଗ୍‌ଦି ଜିଲାର ଏକ ପାହାଡ଼କୁ ଧକ୍କା ଦେବାରୁ ୨୩ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା।

**୨୦୧୪ ଫେବୃୟାରୀ ୧୬:** ନେପାଳ ଏୟାରଲାଇନ୍ସର ଏକ ଫ୍ଲାଇଟ୍ ଅର୍ଘାକାଞ୍ଚି ଜିଲାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଏହାର ଧ୍ୱଂସାବଶେଷ ଓ ୧୮ ଯାତ୍ରୀଙ୍କ ମୃତଦେହ ଏଠିସେଠି ବିଛାଡ଼ି ହୋଇପଡ଼ିଥିଲା।

**୨୦୧୨ ସେପ୍ଟେମ୍ବର ୨୮:** ୧୯ ଯାତ୍ରୀଙ୍କୁ ନେଇ ମାଉଣ୍ଟ ଏଭରେଷ୍ଟ ଆଡ଼କୁ ଯାଉଥିବା ଏକ ବିମାନ କାଠମାଣ୍ଡୁ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୭ ବ୍ରିଟିଶ୍ ଓ ୫ ଚାଇନା ନାଗରିକଙ୍କ ସମେତ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

**୨୦୧୨ ମେ' ୧୪:** ଭାରତୀୟ ତୀର୍ଥଯାତ୍ରୀଙ୍କୁ ନେଇ ଉଡ଼ାଣ କରୁଥିବା ଅଗ୍ନି ଏୟାର ଦ୍ୱାରା ପରିଚାଳିତ ଏକ ବିମାନ ଉତ୍ତର ପାର୍ବତ୍ୟାଞ୍ଚଳରେ ଥିବା ଜୋମ୍‌ସୋମ୍ ଏୟାରପୋର୍ଟ ନିକଟରେ ଖସିପଡ଼ିଥିଲା। ୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୌଭାଗ୍ୟକ୍ରମେ ୬ ଯାତ୍ରୀ ବର୍ତ୍ତିଯାଇଥିଲେ।

**୨୦୧୧ ସେପ୍ଟେମ୍ବର ୨୫:** ୧୯ ପର୍ଯ୍ୟଟକଙ୍କୁ ଏଭରେଷ୍ଟ ଶୃଙ୍ଗର ଦୃଶ୍ୟ ଦେଖାଇବାକୁ ଉଡ଼ାଣ କରୁଥିବା ଏକ ଛୋଟ ବିମାନ କାଠମାଣ୍ଡୁ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତଙ୍କ ମୃତ୍ୟୁ ଘଟିଥିଲା।

**୨୦୧୦ ଡିସେମ୍ବର ୧୫:** ପୂର୍ବ ନେପାଳରେ ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୨୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରୁ ଅଧିକାଂଶ ଭୁଟାନର ହୋଇଥିବାବେଳେ ଜଣେ ଆମେରିକୀୟ ମଧ୍ୟ ଥିଲେ।

**୨୦୧୦ ଅଗଷ୍ଟ ୨୪:** ଅଗ୍ନି ଏୟାରର ଏକ ଛୋଟ ବିମାନ ଖରାପ ପାଗ ଯୋଗୁ କାଠମାଣ୍ଡୁ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୪ ଆମେରିକୀୟ, ଜଣେ ଜାପାନୀ ଓ ଜଣେ ବ୍ରିଟିଶ୍ ନାଗରିକଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ ଘଟିଥିଲା।

# ଲିଫ୍ଟ ଦେଇ ୯୨ ବର୍ଷୀୟାଙ୍କୁ ବଳାତ୍କାର

**ଭୋପାଳ,୧୫।୧:** ମଧ୍ୟପ୍ରଦେଶ ଶାହଡୋଲ ଜିଲାରେ ଜଣେ ୯୨ ବର୍ଷୀୟା ବୃଦ୍ଧା ଶନିବାର ସମ୍ପର୍କୀୟଙ୍କ ଘରକୁ ଯାଉଥିବାବେଳେ ମୋଟରସାଇକେଲରେ ଲିଫ୍ଟ ଦେବାକୁ କହି ଜଣେ ୪୨ ବର୍ଷୀୟ ବ୍ୟକ୍ତି ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ବୃଦ୍ଧା ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସିସିଟିଭି ଫୁଟେଜ୍ ଏବଂ ସାଇବର ପୋଲିସ ସହାୟତାରେ ଅଭିଯୁକ୍ତ ଭଗଓ୍ୱନ୍ତ କୋଲ୍‌ଙ୍କୁ ଚିହ୍ନଟ କରାଯିବା ପରେ ଗିରଫ କରାଯାଇଛି। ଖବର ଅନୁଯାୟୀ ବୃଦ୍ଧା ଜଣକ ଗତ ଟ୍ରେନ୍‌ରେ ଆସି ୧୨ ତାରିଖ ବିଳମ୍ବିତ ରାତିରେ ଶାହଡୋଲ ଷ୍ଟେଶନରେ ପହଞ୍ଚିଥିଲେ। ସମ୍ପର୍କୀୟଙ୍କ ଘରେ ପହଞ୍ଚିବା ପାଇଁ ସେ ଷ୍ଟେଶନରେ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ପରଦିନ ସକାଳେ ସେ ଅଟୋରିକ୍ସାରେ ଯାଇଥିଲେ। ଅଟୋ ଚାଳକ ତାଙ୍କୁ ଅଧାବାଟରେ ଛାଡ଼ି ଚାଲିଯାଇଥିଲେ। ଏହି ସମୟରେ ସେହି ବାଟ ଦେଇ ଯାଉଥିବା ଭଗଓ୍ୱନ୍ତ ତାଙ୍କୁ ସମ୍ପର୍କୀୟଙ୍କ ଘରେ ଛାଡ଼ିଦେବାକୁ କହି ମୋଟରସାଇକେଲରେ ନେଇଥିଲେ। କିଛିବାଟ ଯିବା ପରେ ଅଭିଯୁକ୍ତ ମହିଳାଙ୍କୁ ଜଙ୍ଗଲ ଆଡ଼କୁ ନେଇଯାଇ ବଳାତ୍କାର କରିଥିଲେ ଓ ମୁଖ୍ୟ ରାସ୍ତାକୁ ଆଣି ଛାଡ଼ି ଚାଲିଯାଇଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି।

# ପାକିସ୍ତାନରେ ଉତ୍କଟ ଖାଦ୍ୟ ସଙ୍କଟ

**ଇସ୍‌ଲାମାବାଦ,୧୫।୧:** ପାକିସ୍ତାନରେ ଖାଦ୍ୟ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ଅଟା ପାଇଁ ଲୋକେ ଟ୍ରକ୍ ପଛରେ ଧାଉଁଥିବା ଓ କେତେଜଣ ବାଇକ୍‌ରେ ପିଛା କରୁଥିବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହି ଭିଡିଓକୁ ନ୍ୟାଶନାଲ ଇକ୍ୟୁଆଲିଟି ପାର୍ଟି ଜମ୍ମୁ-କଶ୍ମୀର ଗିଲ୍‌ଗିଟ୍ ବାଲ୍ଟିସ୍ତାନ ଆଣ୍ଡ ଲଦାଖ (ଜେକେଜିବିଏଲ୍)ର ସଭାପତି ସାଜ୍ଜଦ ରାଜା କହିଛନ୍ତି, ଏହା କୌଣସି ମୋଟରସାଇକେଲ୍ ରାଲି ନୁହେଁ। ପ୍ୟାକେଟ ଅଟା କିଣିବା ଆଶାରେ ପାକିସ୍ତାନୀମାନେ ଅଟା ବୋଝେଇ ଟ୍ରକ୍ ପଛରେ ଧାଇଁଛନ୍ତି। ଜଣେ ଲୋକ ଟଙ୍କା ଦେଖାଇ ପ୍ୟାକେଟ ଅଟା ମାଗୁଛନ୍ତି। ଏହି ଭିଡିଓ ପାକିସ୍ତାନରେ ଦେଖାଦେଇଥିବା ସଙ୍କଟର ଏକ ଝଲକ ବୋଲି ସାଜ୍ଜଦ କହିଛନ୍ତି। ଆର୍ଥିକ ସଙ୍କଟ ସାଙ୍ଗକୁ ରିହାତି ଗହମ ଅଭାବ ଦେଶରେ ଖାଦ୍ୟ ସମସ୍ୟା ସୃଷ୍ଟି କରିଛି। ସେଠାରେ ୧୫ କିଲୋଗ୍ରାମ ଅଟା ପ୍ୟାକେଟ ୨,୦୫୦ ଟଙ୍କାରେ ବିକ୍ରି ହେଉଛି। ସରକାର ଲୋକଙ୍କୁ ମୌଳିକ ଆବଶ୍ୟକତା ଯୋଗାଇଦେବାରେ ବିଫଳ ହୋଇଛନ୍ତି, ଯେଉଁଥିପାଇଁ ଲୋକେ ପ୍ଲାଷ୍ଟିକ୍ ଥଳିରେ ଏଲ୍‌ପିଜି ଭର୍ତ୍ତି କରି ରଖୁଛନ୍ତି। ପାକିସ୍ତାନରେ ମୁଦ୍ରାସ୍ଫୀତି ଡିସେମ୍ବରରେ ୨୪.୫ ପ୍ରତିଶତରେ ପହଞ୍ଚିଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ କରିବା ପାଇଁ ବିଦେଶୀ ମୁଦ୍ରା ଭଣ୍ଡାରରେ ଆବଶ୍ୟକ ଅର୍ଥ ନାହିଁ। ଅଧିକ ସହାୟତା ଯୋଗାଇବାକୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ମନା କରିଦେଇଛି।

**ଅଟା ପାଇଁ ଟ୍ରକ୍ ପଛରେ ଧାଉଁଛନ୍ତି ଲୋକେ**



# ୨.୨ ଫୁଟ୍ ଦବିବ ଜୋଷୀମଠ

## ଗ୍ରାଉଣ୍ଡ ସର୍ଭେ ରିପୋର୍ଟ

**ଡେରାଡୁନ୍,୧୫।୧**

ଜୋଷୀମଠର କେତେକ ଅଞ୍ଚଳ ପାଖାପାଖି ୨.୨ ଫୁଟ୍ ଦବିପାରେ ବୋଲି ଏକ ଗ୍ରାଉଣ୍ଡ ସର୍ଭେରୁ ଜଣାପଡ଼ିଛି। ଜାନୁୟାରୀ ଆରମ୍ଭରୁ ଜୋଷୀମଠ ସହରର ଭୂମି ଦବିବା ଆରମ୍ଭ ହୋଇଥିଲା। ୧୨ ଦିନରେ ଜୋଷୀମଠ ୫.୪ ସେଣ୍ଟିମିଟର ଦବିଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସାଟେଲାଇଟ୍ ଡେଟା ସର୍ଭେରୁ ଜଣାପଡ଼ିଥିଲା। ବିଶେଷଜ୍ଞମାନଙ୍କର ଏକ ଟିମ୍ ଉକ୍ତ ପ୍ରଭାବିତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅନୁଧ୍ୟାନ ବେଳେ ଜେପି କଲୋନି ମଧ୍ୟରେ ରହିଥିବା ବ୍ୟାଡମିଣ୍ଟନ କୋର୍ଟ ଓ ଏହାର ଚତୁଃପାର୍ଶ୍ୱ ୭୦ ସେଣ୍ଟିମିଟର ଦବିଥିବା ଦେଖିବାକୁ ମିଳିଥିଲା। ସେହିପରି ମନୋହର ବାଗ୍‌ର କିଛି ଅଞ୍ଚଳ ୭ରୁ ୧୦ ସେଣ୍ଟିମିଟର ଦବିଥିବା ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ। ସ୍ଥାନୀୟ ବାସିନ୍ଦା ଦୁର୍ଗାପ୍ରସାଦଙ୍କ ଘର ୧ଫୁଟ୍ ଏବଂ ବାରଣ୍ଡା ୨ ଫୁଟ୍ ଦବିଥିବା ସେ କହିଛନ୍ତି। ୧୫ ଦିନରେ ଏକ ହୋଟେଲ ୬ ଇଞ୍ଚ୍ ଦବିଥିବାବେଳେ ଏହା ପଛପଟେ ଥିବା ଅନ୍ୟ ଏକ ବିଲ୍ଡିଂ ହୋଟେଲ ଉପରକୁ ଢଳିପଡ଼ିଲାଣି ବୋଲି ଏହାର କେୟାର ଟେକର କହିଛନ୍ତି। ଜୋଷୀମଠର କେତେକ ଅଞ୍ଚଳ ୨.୨ ଫୁଟ୍ ପର୍ଯ୍ୟନ୍ତ ଦବିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ସୁପ୍ରିମକୋର୍ଟରେ ଶୁଣାଣି ଆଜି

**ନୂଆଦିଲ୍ଲୀ,୧୫।୧(ପି.ଟି.):** ଜୋଷୀମଠ ଦବିବା ଫଳରେ ବହୁ ଘରଦ୍ୱାର ଓ ରାସ୍ତାରେ ବିପଜ୍ଜନକ ଫାଟ ସୃଷ୍ଟି ହୋଇଛି। ହଜାର ହଜାର ଲୋକ ବିପଦସଙ୍କୁଳ ଘରେ ବାସ କରୁଥିବାବେଳେ ଏହାକୁ ଜାତୀୟ ବିପତ୍ତି ଘୋଷଣା କରିବା ଲାଗି ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସୋମବାର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ପି.ଏସ୍. ନରସିଂହା ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିବେ।

ମାଟି ଦବୁଥିବାରୁ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ବଦ୍ରିନାଥ, ହେମକୁଣ୍ଡ ସାହିବ ଏବଂ ଔଲିର ଦ୍ୱାର କୁହାଯାଉଥିବା ଜୋଷୀମଠ ସହର ବଡ଼ ଧରଣର ସଙ୍କଟର ସମ୍ମୁଖୀନ ହୋଇଛି। ଫାଟ ସୃଷ୍ଟି ହୋଇ ଅନେକ ଘର ଢଳିବା ସହ ଦବିଗଲାଣି।




**ସଂକ୍ଷେପରେ**

## ୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

**କନ୍ଧମାଳ,୧୫।୧(ଡି.ଏନ.ଏ.):** ବୌଦ୍ଧ ଜିଲା କନ୍ଧମାଳ ଥାନା କନ୍ଧମାଳ-ମନମୁଣ୍ଡା ରାଜ୍ୟ ରାଜପଥ ଧାନଖଣ୍ଡି ଛକଠାରେ ରବିବାର ଅପରାହ୍ନରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କନ୍ଧମାଳର ସୌମ୍ୟରଞ୍ଜନ ପାଣିଗ୍ରାହୀ ଏବଂ ଶୁଳିଆ ଗ୍ରାମର ନରେଶ ଦନ୍ତ। ମିଳିଥିବା ସୂଚନା ମୁତାବକ କନ୍ଧମାଳର ସୌମ୍ୟରଞ୍ଜନ ଓ ଅନ୍ୟ ଜଣେ ମକର ମେଳା ଦେଖିବା ପାଇଁ ପଲାଶାଗୋରାକୁ ଏକ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଶୁଳିଆ ଗ୍ରାମର ନରେଶ ଓ ବୁଲୁ ବସ୍ତିଆ ଗାଁକୁ ଫେରୁଥିବା ବେଳେ ଧାନଖଣ୍ଡିଠାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୪ଜଣ ଛିଟିକି ପଡ଼ିବା ସହ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ସୌମ୍ୟରଞ୍ଜନ ଓ ନରେଶଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨ ଗୁରୁତର ବୁଲୁ ଓ ଅନ୍ୟ ଜଣଙ୍କର ପରିଚୟ ମିଳି ନ ଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ସୋନପୁର ମେଡିକାଲକୁ ପଠାଇଥିଲେ।

## ଗାଡ଼ି ଧକ୍କାରେ ମା’, ଝିଅ ମୃତ: ବାପା ଗୁରୁତର

**୧ ଘଣ୍ଟା ରାସ୍ତା ଅବରୋଧ**

**ରେଙ୍ଗାଲି,୧୫।୧(ଡି.ଏନ.ଏ.):** ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ରେଙ୍ଗାଲି ଥାନା ପଣ୍ଡଲୋଇ ଗ୍ରାମ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ମା’ ଓ ଦେଢ଼ବର୍ଷର ଝିଅର ମୃତ୍ୟୁ ଘଟିଥିବାବେଳେ ବାପା ଗୁରୁତର ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ଘଣ୍ଟାଏ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ସୂଚନା ମୁତାବକ, ଝାରସୁଗୁଡା ଜିଲା ବଡ଼ମାଲ ଅଞ୍ଚଳର ସୋମନାଥ ସାହୁ (୩୬), ସ୍ତ୍ରୀ ପ୍ରଭାସିନୀ ସାହୁ (୩୦) ଓ ଝିଅ ସହ ବାଇକ୍ (ନଂ ଓଆର୨୩ ଏ- ୪୮୨୨ରେ ବୁର୍ଲା ଯାଉଥିଲେ। ଅପରାହ୍ନ ପ୍ରାୟ ୧ଟା ୪୫ ମିନିଟ ସମୟରେ ପଣ୍ଡଲୋଇ ନିକଟରେ ଏକ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପ୍ରଭାସିନୀ ଓ ତାଙ୍କ ଝିଅର ମୃତ୍ୟୁ ଘଟିଥିବାବେଳେ ସୋମନାଥ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ଗୋଟିଏ ପଟ ରାସ୍ତାକୁ ଅପରାହ୍ନ ୨ ଟା ରୁ ୩ ଟା ପର୍ଯ୍ୟନ୍ତ ବନ୍ଦ କରିଥିଲେ। ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିବାବେଳେ ରେଡକ୍ରସରୁ ସାହାଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମା’ ଓ ଝିଅଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଥିଲା।

## ବ୍ରାହ୍ମଣୀରେ ଫସିଲା ଡଙ୍ଗା, ଯାତ୍ରୀ ସୁରକ୍ଷିତ

**ଢେଙ୍କାନାଳ ଅଫିସ, ୧୫।୧:** ଢେଙ୍କାନାଳ ଜିଲା ବ୍ରାହ୍ମଣୀ ନଦୀରେ ରବିବାର ରାତି ପ୍ରାୟ ୮ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ମୋଟଙ୍ଗା ଥାନା ନାଧରା ଘାଟରୁ ୪୦ ଯାତ୍ରୀଙ୍କୁ ନେଇ ପରଜଙ୍ଗ ବ୍ଲକର ଚାନ୍ଦପୁର ଦୁଆରଶୁଣି ଘାଟକୁ ଫେରୁଥିବା ଏକ ଡଙ୍ଗା ନଈ ମଝିରେ ଫସିଯାଇଥିଲା। ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ସୂଚନା ଦେଇଛନ୍ତି। ନାଧରାସ୍ଥିତ ମା’ ରାମଚଣ୍ଡୀଙ୍କ ପୀଠରେ ଚାଲିଥିବା ପ୍ରସିଦ୍ଧ ମକର ଯାତ୍ରା ଦେଖି ସାରିବା ପରେ ସମ୍ପୃକ୍ତ ଯାତ୍ରୀମାନେ ଡଙ୍ଗାରେ ଘରକୁ ଫେରୁଥିଲେ। ମାତ୍ର ୫୦ ମିଟର ଯିବା ପରେ ଡଙ୍ଗାର ମୋଟରରେ ଜଣେ ମହିଳାଙ୍କ ଶାଢ଼ି ଲାଗିଯିବାରୁ ଏହା ବନ୍ଦ ହୋଇଯାଇଥିଲା। ଫଳରେ ଭାରସାମ୍ୟ ହରାଇ ଡଙ୍ଗାଟି ଗୋଟିଏ ପାର୍ଶ୍ୱକୁ ଢଳିପଡ଼ିଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ମହିଳା ଯାତ୍ରୀଙ୍କୁ ମା’ ରାମଚଣ୍ଡୀଙ୍କ ପୀଠରେ ଥିବା ସମ୍ମିଳନୀ କକ୍ଷରେ ଏବଂ ପୁରୁଷ ଯାତ୍ରୀଙ୍କୁ ଗୋକନକେଶ୍ୱର ମନ୍ଦିର ପରିସରରେ ଥିବା ଏକ ପ୍ରକୋଷ୍ଠରେ ରଖାଯାଇଛି। ସୋମବାର ସକାଳେ ସେମାନଙ୍କୁ ସଡ଼କ ପଥରେ ସୁରକ୍ଷିତ ଭାବେ ଘରକୁ ପଠାଇବା ଲାଗି ଜିଲାପାଳ ସରୋଜ କୁମାର ସେଠୀ ନିର୍ଦ୍ଦେଶ ଦେଇଥିବା ଉପଜିଲାପାଳ ସୂଚନା ଦେଇଛନ୍ତି। ମକର ଯାତ୍ରା ବେଳେ ବ୍ରାହ୍ମଣୀ ନଦୀରେ ଡଙ୍ଗା ସହାୟତାରେ ଯାତ୍ରୀ ପରିବହନ କରିବା ପାଇଁ ଅନୁମତି ଦିଆଯାଇ ନ ଥିଲା। ଆଇନ ଉଲ୍ଲଂଘନ କରି ଡଙ୍ଗା ଚଳାଚଳ କରୁଥିଲା। ଏଭଳି କାର୍ଯ୍ୟ କରୁଥିବା ଡଙ୍ଗା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡଙ୍ଗା ଜବତ କରିବା ଲାଗି ମୋଟଙ୍ଗା ଥାନାଧିକାରୀଙ୍କୁ କୁହାଯାଇଥିବା ଉପଜିଲାପାଳ ଧଳ ସୂଚନା ଦେଇଛନ୍ତି।

# ଓଡ଼ିଶାକୁ ଆଉ ୯.୫୯ ଲକ୍ଷ ଗୃହ ମଞ୍ଜୁର

### ଏଣିକି ସ୍ପଷ୍ଟ ଉଲ୍ଲେଖ ରହିବ ପିଏମ୍‌ଏୱାଇ ଲୋଗୋ

- ଆଜିଠୁ ପ୍ରଦର୍ଶିତ ହେବ ତାଲିକା
- ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ ୨୪ ଯାଏ ଅଭିଯୋଗ କରିହେବ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)କୁ ନେଇ କେନ୍ଦ୍ର-ରାଜ୍ୟ ମଧ୍ୟରେ ଦୀର୍ଘଦିନ ହେବ ମୁହାଁମୁହିଁ ସ୍ଥିତି ଲାଗି ରହିଥିଲା। ଏଥିଯୋଗୁ ହିତାଧିକାରୀଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଥିଲା। ବହୁ ବାଦବିବାଦ ପରେ ରାଜ୍ୟ ହିତାଧିକାରୀମାନେ ଏବେ ଆବାସ ଘର ପାଇବାକୁ ଯାଉଛନ୍ତି। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସମସ୍ତ ଜିଲା ଏବଂ ଫନୀ ପ୍ରଭାବିତ ଜିଲାର ହିତାଧିକାରୀଙ୍କ ପାଇଁ ମୋଟ୍ ୯.୫୯ ଲକ୍ଷ ଘର ମଞ୍ଜୁର କରାଯାଇଛି। ଏଥିରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୩୦ ଜିଲାରୁ ୮.୧୭ ଲକ୍ଷ ହିତାଧିକାରୀ ରହିଥିବାବେଳେ ବାକି ୧.୪୨ ଲକ୍ଷ ଘର ଫନୀ କ୍ଷତିଗ୍ରସ୍ତଙ୍କୁ ମିଳିବ। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱତନ୍ତ୍ର ଭାବେ ସାମିଲ କରାଯାଇଛି। ସୋମବାରଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତୱାରି ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଏବଂ ଗ୍ରାମର ପ୍ରମୁଖ ସ୍ଥାନଗୁଡ଼ିକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସମ୍ଭାବ୍ୟ ହିତାଧିକାରୀଙ୍କ ତାଲିକା ପ୍ରଦର୍ଶିତ ହେବ। ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ରବିବାର ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ସମ୍ଭାବ୍ୟ ହିତାଧିକାରୀ ତାଲିକାରେ ଯଦି କୌଣସି ଅଯୋଗ୍ୟ ପରିବାର ନାମ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥାଏ, ତେବେ ଜନସାଧାରଣ ନିର୍ଦ୍ଦିଷ୍ଟ ଅଯୋଗ୍ୟଙ୍କ ନାମରେ ଅଭିଯୋଗ ଦାଖଲ କରିପାରିବେ। ଅଭିଯୋଗ ଦାଖଲ ପାଇଁ ଉଦ୍ଦିଷ୍ଟ ଦରଖାସ୍ତଫର୍ମକୁ ପୂରଣ କରି ପଞ୍ଚାୟତ ବା ବ୍ଲକ କାର୍ଯ୍ୟାଳୟରେ ରଖାଯାଇଥିବା ଅଭିଯୋଗ ବାକ୍ସରେ ଅଭିଯୋଗକାରୀ ଦାଖଲ କରିପାରିବେ କିମ୍ବା ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୬୭୭୦ ବା ୧୫୫୩୩୫ରେ ନିଜ ପରିଚୟ ପ୍ରଦାନ କରି ଅଭିଯୋଗ ଦାଖଲ କରିପାରିବେ। ଏହାସହ ଅନ୍‌ଲାଇନ ମାଧ୍ୟମରେ https://www.rhodhisha.gov.in ପୋର୍ଟାଲରେ ନିଜ ଠିକଣା ଦେଇ ଅଯୋଗ୍ୟ ପରିବାରଙ୍କ ସମ୍ପର୍କରେ ମଧ୍ୟ ଅଭିଯୋଗ କରାଯାଇପାରିବ। ଏହି ଅଭିଯୋଗ ଆସନ୍ତା ୨୪ ତାରିଖ ସୁଦ୍ଧା ଦାଖଲ କରିହେବ। ପ୍ରାପ୍ତ ଅଭିଯୋଗଗୁଡ଼ିକର ସରଜମିନ ତଦନ୍ତ କରାଯାଇ ସମ୍ଭାବ୍ୟ ତାଲିକାରୁ ଅଯୋଗ୍ୟ ପରିବାରଙ୍କ ନାମ କାଟି ସମସ୍ତ ଯୋଗ୍ୟ ପରିବାରର ତାଲିକା ଗ୍ରାମସଭାର ଅନୁମୋଦନ ପାଇଁ ପଠାଯିବ। ଗ୍ରାମସଭା ଉକ୍ତ ତାଲିକାକୁ ଅନୁମୋଦନ କରିବା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ସମସ୍ତ ଯୋଗ୍ୟ ପରିବାରଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ଯୋଗ୍ୟ ହିତାଧିକାରୀ ମନୋନୟନକୁ ପ୍ରାଥମିକତା ଦିଆଯାଉଥିବା ଲୋହାନୀ କହିଛନ୍ତି।

ଅନ୍ୟପକ୍ଷରେ ଏଣିକି ଆବାସ ଘରଗୁଡ଼ିକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଲୋଗୋ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ। ପୂର୍ବରୁ ଏନେଇ ବହୁ ଅଭିଯୋଗ ଆସିବା ପରେ କେନ୍ଦ୍ରକୁ ରାଜ୍ୟ ସରକାର ଏ ବାବଦରେ ଜଣାଇଛନ୍ତି। ଏଥିରେ କେନ୍ଦ୍ର ସନ୍ତୋଷ ପ୍ରକାଶ କରିଥିବା ଲୋହାନୀ କହିଛନ୍ତି। ତେବେ ପୂର୍ବପରି ବିଜୁ ପକ୍କାଘର ଲୋଗୋ ଉକ୍ତ ଘରଗୁଡ଼ିକରେ ଲାଗିବ ନା ନାହିଁ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। ତେବେ ହିତାଧିକାରୀଙ୍କୁ ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ପ୍ରୋତ୍ସାହିତ କରି ଓଡ଼ିଶା ସରକାର ନିଜସ୍ୱ ପାଣ୍ଠିରୁ ୪ ମାସରେ ଗୃହ କାର୍ଯ୍ୟ ସମାପ୍ତ କରିପାରୁଥିବା ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଏବଂ ୬ ମାସରେ ସମାପ୍ତ କରୁଥିବା ହିତାଧିକାରୀଙ୍କୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶଧନ ୬୦:୪୦। ଏହି ଯୋଜନା ଅନ୍ତର୍ଗତ ଗୃହ ନିର୍ମାଣ ସହାୟତା ରାଶି ଅଣ ସମନ୍ୱିତ କାର୍ଯ୍ୟ ଯୋଜନାରେ ତାଲିକାଭୁକ୍ତ ବା ଅଣ-ଆଇଏପି ଜିଲାଗୁଡ଼ିକରେ ୧,୨୦,୦୦୦ ଟଙ୍କା ହୋଇଥିବାବେଳେ ସମନ୍ୱିତ କାର୍ଯ୍ୟ ଯୋଜନାରେ ତାଲିକାଭୁକ୍ତ ବା ଆଇଏପି ଜିଲାଗୁଡ଼ିକରେ ଏହା ୧,୩୦,୦୦୦ ଟଙ୍କା। ଏତଦବ୍ୟତୀତ ଗୃହ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହିତାଧିକାରୀମାନଙ୍କୁ ଅଣ-ଆଇଏପି ଜିଲାରେ ୯୦ ଦିନ ଓ ଆଇଏପି ଜିଲାରେ ୯୫ ଦିନ ପର୍ଯ୍ୟନ୍ତ ମଜୁରି ମିଳିଥାଏ। ଶୌଚାଳୟ ନିର୍ମାଣ ନିମନ୍ତେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧୨,୦୦୦ ଟଙ୍କା ମିଳୁଛି। ଅର୍ଥାତ ୪ ମାସରେ ଗୃହ କାର୍ଯ୍ୟ ସମାପ୍ତ କରିପାରୁଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ଅଣଆଇଏପି ଜିଲାଗୁଡ଼ିକରେ ୧,୭୨,୦୦୦ ଟଙ୍କା ମିଳୁଥିବାବେଳେ ଆଇଏପି ଜିଲାରେ ୧,୮୨,୦୦୦ ଟଙ୍କା ମିଳୁଛି। ବର୍ତ୍ତମାନର ଆବଣ୍ଟନ ପଦ୍ଧତି ଅନୁଯାୟୀ, ଆଗାମୀ ୬-୮ ମାସ ମଧ୍ୟରେ ରାଜ୍ୟକୁ ୧୬ ହଜାର କୋଟି ଟଙ୍କାରୁ ୧୭ ହଜାର କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିବ। ଏହି ସାଢ଼େ ୯ ଲକ୍ଷ ଗୃହ ନିର୍ମାଣରେ ଆସନ୍ତା ୬-୮ ମାସ ମଧ୍ୟରେ ପ୍ରାୟ ୬ କୋଟି କୁଶଳୀ ଏବଂ ୧୦ କୋଟି ଅଣକୁଶଳୀ କାର୍ଯ୍ୟ ଦିବସ ସୃଷ୍ଟି ହେବ ବୋଲି ସୂଚନା ଦିଆଯାଇଛି।

## ସମିତି ସଭ୍ୟଙ୍କୁ ଉଠାଇନେଲା ଦିଲ୍ଲୀ ପୋଲିସ

**ଦିଗପହଣ୍ଡି,୧୫।୧(ଡି.ଏନ୍.ଏ)**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ନିମଖଣ୍ଡିପେଣ୍ଠ ପଞ୍ଚାୟତର ସମିତି ସଭ୍ୟ ବି. ଲଡ୍ଡୁଙ୍କୁ ରବିବାର ଦିଲ୍ଲୀ ପୋଲିସ ଉଠାଇ ନେଇଛି। ୨୦୨୧ ମସିହାରେ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଦିଲ୍ଲୀ ପୋଲିସ ଦିଗପହଣ୍ଡି ପୋଲିସ ସହାୟତାରେ ତହସିଲ କାର୍ଯ୍ୟାଳୟ ନିକଟରୁ ଗିରଫ କରିଛି। ସମିତି ସଭ୍ୟ ଲଡ୍ଡୁଙ୍କ ବିରୋଧରେ ଦିଲ୍ଲୀର ସାକେତ ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯିବା ସହ ତାଙ୍କ ବିଷୟରେ ସୂଚନା ଦେବା ପାଇଁ ପୋଲିସ ପକ୍ଷରୁ ୫୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରାଯାଇଥିଲା। ସେହି ଗିରଫ ପରୱାନା ବଳରେ ଦିଲ୍ଲୀର ସ୍ୱତନ୍ତ୍ର ପୋଲିସ ଟିମ୍ ଲଡ୍ଡୁଙ୍କୁ ଗିରଫ କରିବା ପରେ ଦିଗପହଣ୍ଡି କୋର୍ଟରେ ହାଜର କରାଇଥିଲେ। ମାଜିଷ୍ଟ୍ରେଟଙ୍କ ଅନୁମତି ପାଇବା ପରେ ପୋଲିସ ଲଡ୍ଡୁଙ୍କୁ ଧରି ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି। ପ୍ରକାଶଥାଉ କି, ଗତ ପଞ୍ଚାୟତ ନିର୍ବାଚନରେ ବର୍ତ୍ତମାନ ବିଜେଡି ବ୍ଲକ ସଭାପତି ଥିବା ବିଭୂତି ଭୂଷଣ ମହାପାତ୍ରଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱୀତା କରି ଲଡ୍ଡୁ ବିଜୟୀ ହୋଇଥିଲେ। ତାଙ୍କୁ ବିଜେଡିର ଏକ ଗୋଷ୍ଠୀ ବିଜୟୀ କରିବାରେ ସାହାଯ୍ୟ କରିଥିଲା।

# ଶ୍ରୀମନ୍ଦିରରେ ଠେଲାପେଲା: ୨ ଭକ୍ତ ଆହତ

- ୨୦ ଦିନ ତଳେ ଘଟିଥିଲା ସମାନ ଘଟଣା
- ପ୍ରଶାସନର ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ

**ପୁରୀ ଅଫିସ, ୧୫।୧**



ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼।

ଶ୍ରୀମନ୍ଦିରରେ ପୁଣି ଘଟିଛି ଅଘଟଣ। ରବିବାର ପ୍ରବଳ ଭିଡ଼ ଯୋଗୁ ଶ୍ରୀମନ୍ଦିର ପରିସରସ୍ଥ ବାହାର କାଠ ନିକଟରେ ଠେଲାପେଲା ଘଟି ୨ଜଣ ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିବା ସହ ଆହତ ହୋଇଛନ୍ତି। ସେମାନେ ହେଲେ କଟକର ଦିବ୍ୟା ସାହୁ (୧୬) ଓ ପୁରୀ ହାଡ଼ଗଡ଼ିଆ ସାହିର ସୁଲୋଚନା ସାହୁ (୬୫)। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୨୦ ଦିନ ତଳେ ଏଭଳି ଏକ ଘଟଣା ଘଟିଥିଲେ ମଧ୍ୟ ପ୍ରଶାସନ ଚେତୁନାହିଁ।

ସୂଚନା ଅନୁଯାୟୀ, ଶନିବାର ମକର ସଂକ୍ରାନ୍ତି ଥିବାରୁ ଶ୍ରୀମନ୍ଦିରରେ ନୀତି ସରିବା ପରେ ବିଳମ୍ବିତ ରାତି ଅର୍ଥାତ୍ ପ୍ରାୟ ୩ଟା ୫୦ରେ ମହାପ୍ରଭୁଙ୍କ ପହୁଡ଼ ହୋଇଥିଲା। ସେହିପରି ରବିବାର ସକାଳ ୬ଟା ୩୫ରେ ଶ୍ରୀମନ୍ଦିର ଦ୍ୱାରଫିଟା ଯାଇ ୭ଟା ୩୦ରେ ମଙ୍ଗଳ ଆଳତି କରାଯାଇଥିଲା। ରବିବାର ଛୁଟିଦିନ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତ ଅପେକ୍ଷା କରି ରହିଥିଲେ। ଦ୍ୱାର ଫିଟିବା ମାତ୍ରେ ଭକ୍ତମାନେ ଦୌଡ଼ାଦୌଡ଼ି ହୋଇ ସିଂହଦ୍ୱାର ଦେଇ ବାଇଶିପାହାଚରେ ଯାଇ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଥିଲେ। ତେବେ ମଙ୍ଗଳ ଆଳତି ଚାଲୁଥିବାବେଳେ ବାହାରକାଠ ନିକଟରେ ଠେଲାପେଲା ହେବାରୁ କେତେଜଣ ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଠେଲାପେଲାରେ ଦିବ୍ୟା ଓ ସୁଲୋଚନା ଆହତ ହେବା ସହ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏ ନେଇ ସୁଲୋଚନା କହିଛନ୍ତି, ମଙ୍ଗଳଆଳତି ସମୟରେ ସେ ବାହାର କାଠ ନିକଟରେ ଥିଲେ। ହଠାତ୍ ଲୋକେ ଠେଲାପେଲା ହୋଇଥିଲେ। ତାଙ୍କୁ ଅଣନିଃଶ୍ୱାସୀ ଲାଗିଥିଲା ଓ ମୁଣ୍ଡ ବୁଲାଇ ଦେଇଥିଲା। ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଶାସନ ପଦକ୍ଷେପ ନେବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି। ଏ ନେଇ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ରବିବାର ଛୁଟିଦିନ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ଲାଗି ପ୍ରବଳ ଗହଳି ହୋଇଥିଲା। ଦୁଇଜଣ ଭକ୍ତ ଅଶ୍ୱସ୍ତି ଅନୁଭବ କରି ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଦୁହିଁଙ୍କୁ ପୋଲିସ ସହାୟତାରେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଯେଭଳି ଠେଲାପେଲା ପରିସ୍ଥିତି କଥା କୁହାଯାଉଛି ସେଭଳି କିଛି ହୋଇନାହିଁ। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୬ରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ହୃଦାନନ୍ଦ ହାଇସ୍କୁଲର ୭୦ଜଣ ବିଦ୍ୟାର୍ଥୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ସେମାନେ ବ୍ୟାରିକେଡ୍‌ରେ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ବାଇଶିପାହାଚ ପାଖରେ ପହଞ୍ଚିଥିଲେ। ଏହି ସମୟରେ ପ୍ରବଳ ଭିଡ଼ ଯୋଗୁ ୯ଜଣ ଛାତ୍ରୀ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାର ୨୦ ଦିନ ପରେ ପୁଣି ଶ୍ରୀମନ୍ଦିରରେ ଠେଲାପେଲାରେ ଭକ୍ତ ଅଚେତ ହେବା ଘଟଣା ପ୍ରଶାସନର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ୯ ଜିଲାକୁ ଘନ କୁହୁଡ଼ି ସତର୍କତା

**୧୭ରୁ ବର୍ଷା ସମ୍ଭାବନା**

**ଭୁବନେଶ୍ୱର, ୧୫।୧(ବ୍ୟୁରୋ)**

ରାଜ୍ୟରେ ଏବେ ଶୀତ କମିଥିଲେ ମଧ୍ୟ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ରବିବାର ସକାଳ ପ୍ରାୟ ୮ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କୁହୁଡ଼ି ଦେଖାଯାଇଥିଲା। ଆସନ୍ତା ଦୁଇଦିନ ଏପରି କୁହୁଡ଼ି ଅନୁଭୂତ ହେବ। ତେବେ ସୋମବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୯ଟି ଜିଲାକୁ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ଗଜପତି ଓ ଗଞ୍ଜାମ। ଏସବୁ ଜିଲାକୁ ସତର୍କ ରହିବା ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ଏହାଛଡ଼ା ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ ଓ କନ୍ଧମାଳର କିଛି ସ୍ଥାନରେ ସ୍ୱଳ୍ପ କୁହୁଡ଼ି ଦେଖାଯିବ। ସେହିପରି ମଙ୍ଗଳବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଗଜପତି, ଗଞ୍ଜାମର କିଛି ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ଅପରପକ୍ଷେ ପାରଦ ଧୀରେ ଧୀରେ ଉପରକୁ ଉଠିବାରେ ଲାଗିଛି। ରବିବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଅନ୍ୟ ସ୍ଥାନରେ ୧୧ଡିଗ୍ରୀ ଉପରେ ରହିଥିଲା। ଆସନ୍ତା ୪-୫ଦିନ ପର୍ଯ୍ୟନ୍ତ ରାତିର ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଏପରିସ୍ଥିତିରେ ଆସନ୍ତା ୧୭ ତାରିଖରୁ ରାଜ୍ୟରେ କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି।

## ହୋଟେଲ ପଛପଟୁ ଗଳିତ ମୃତଦେହ ଜବତ

**ଚଣ୍ଡିଖୋଲ,୧୫।୧(ଡି.ଏନ୍.ଏ.)**

ଯାଜପୁର ଜିଲା ବଡ଼ଚଣା ଥାନା ସୁଭଦ୍ରାପୁର ନିକଟ ୫୩ ନଂ. ଜାତୀୟ ରାଜପଥ କଡ଼ରେ ଥିବା କୋଣାର୍କ ହୋଟେଲ ପଛପଟୁ ଏକ ଗଳିତ ମୃତଦେହକୁ ବଡ଼ଚଣା ପୋଲିସ ରବିବାର ଜବତ କରିଛି। ମୃତ ଶରୀରର କୌଣସି ପରିଚୟ ମିଳି ନ ଥିବାବେଳେ ସେ ଜଣେ ମହିଳା ହୋଇଥିବା ଅନୁମାନ କରାଯାଉଛି। ମୃତଦେହ ୧୫ଦିନରୁ ଊର୍ଦ୍ଧ୍ୱ ହେବ ଏଠାରେ ପଡ଼ି ନଷ୍ଟ ହୋଇଯାଇଛି। ମୃତ ଦେହରୁ ଦୁର୍ଗନ୍ଧ ବାହାରିବା ପରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର କାଣ୍ଡି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ମୃତଦେହର ୨ ହାତରେ ଦୁଇଟି ଚୁଡ଼ି ଲାଗିଥିବା ବେଳେ ପାର୍ଶ୍ୱରେ ଶାଢି ପଡ଼ିଥିବା ଦେଖିବାକୁ ମିଳିଛି। ପୋଲିସ୍ ବିଭିନ୍ନ ସ୍ଥାନକୁ ସୂଚନା ଦେଇଛି। ତେବେ କିଭଳି ଓ କିପରି ଭାବରେ ଏଠାରେ ଗଳିତ ମୃତଦେହ ଆସି ପଡ଼ିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।

## ଢାବା କର୍ମଚାରୀଙ୍କୁ ଗୁଳି


ଘଟଣା ସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

**ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର**

**ସାରସକଣା, ୧୫।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ରାଜ୍ୟ ସୀମାନ୍ତ ଅଞ୍ଚଳ ଜାମଶୋଳା ନିକଟସ୍ଥ ଓମ୍‌କାର ଢାବାରେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଢାବା କର୍ମଚାରୀ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଗୁରୁତର ଜଣଙ୍କ ହେଲେ ଝାଡ଼ଖଣ୍ଡ ରାଜ୍ୟର ବଡ଼ଶୋଳ ଥାନା ଅଞ୍ଚଳର ସୁଜୟ ନାଏକ। ଢାବା ମ୍ୟାନେଜର ରାକେଶ ସାହୁ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଝାଡ଼ଖଣ୍ଡ ରାଜ୍ୟ ବହୋରାଗୋଡ଼ା ଥାନା ଅଞ୍ଚଳର ପଙ୍କଜ ସାହୁ ୪ରୁ ୫ଜଣଙ୍କ ସହିତ ଶନିବାର ବିଳମ୍ବିତ ରାତିରେ ଉକ୍ତ ଢାବାକୁ ଆସିଥିଲେ। ଢାବାରେ ଖାଦ୍ୟ ଖାଇସାରିବା ପରେ ଟେବୁଲ ଉପରେ ବନ୍ଧୁକ ରଖିଥିଲେ। ଏହାକୁ ଦେଖି ଢାବାରେ କାମ କରୁଥିବା ସୁଜୟ ବନ୍ଧୁକ ଅସଲି କିମ୍ବା ନକଲି ବୋଲି ପଚାରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଜଣେ ଯୁବକ ଉତ୍ତ୍ୟକ୍ତ ହୋଇ କର୍ମଚାରୀଙ୍କ ଛାତି ତଳକୁ ଗୋଟିଏ ଗୁଳି ଚଳାଇଥିଲେ। ସୁଜୟ ତଳେ ଟଳି ପଡ଼ିଯିବା ଦେଖି ସମସ୍ତେ ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ସୁଜୟଙ୍କୁ ଅନ୍ୟ କର୍ମଚାରୀମାନେ ପ୍ରଥମେ ବାରିପଦା ପିଆରଏମରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଥାନାଧିକାରୀଙ୍କ ସହିତ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ଝାରପୋଖରିଆ ଥାନାରେ ଏକ ମାମଲା(ନଂ.୧୪/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଘଟଣାସ୍ଥଳରୁ ଖୋକା ଜବତ କରାଯାଇଥିବା ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ କହିଛନ୍ତି।

## ଭିତ୍ତିଭୂମି ଶେୟାର କରିପାରିବେ ଉଚ୍ଚ ଶିକ୍ଷାନୁଷ୍ଠାନ

**ମାର୍ଗଦର୍ଶିକା ଜାରି କଲା ୟୁଜିସି**

**ଭୁବନେଶ୍ୱର, ୧୫।୧(ବ୍ୟୁରୋ)**

କେନ୍ଦ୍ର ସରକାର ଉଚ୍ଚ ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମି ସୁଦୃଢ଼ ଉପରେ ଗୁରୁତ୍ୱ ଦେଉଥିବାବେଳେ ଦେଶର ଅଧିକାଂଶ ଉଚ୍ଚ ଶିକ୍ଷାନୁଷ୍ଠାନରେ ଏବେ ବି ଆବଶ୍ୟକ ଭିତ୍ତିଭୂମି ନାହିଁ। ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଯେଉଁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମି ସୁବିଧା ରହିଛି, ସେମାନେ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ତାହା ବ୍ୟବହାର କରିବାକୁ ଅନୁମତି ଦେଇପାରିବେ। ଏହାଦ୍ୱାରା ୟୁଜି-ପିଜି ଛାତ୍ରୀଛାତ୍ରଙ୍କ ସହ ଗବେଷକମାନେ ଉପକୃତ ହେବେ। ଏ ନେଇ ୟୁଜିସି ସଚିବ ପ୍ରଫେସର ରାଜନୀଶ୍ ଜୈନ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଛନ୍ତି। ଚିଠିରେ ଉଲ୍ଲେଖ ରହିଛି, ଗବେଷଣା ଏବଂ ଉନ୍ନୟନ କାର୍ଯ୍ୟରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଭିତ୍ତିଭୂମି ଓ ସମ୍ବଳ ଉପରେ ୟୁଜିସି ଗୁରୁତ୍ୱ ଦେଉଛି। ତେବେ ଭିତ୍ତିଭୂମି ସୁବିଧାଗୁଡ଼ିକର ତଦାରଖ ପାଇଁ ନିରନ୍ତର ପାଣ୍ଠିର ଆବଶ୍ୟକତା ରହିଛି। ତେଣୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଅନ୍ୟ ଶିକ୍ଷାନୁଷ୍ଠାନ ସହ ଭିତ୍ତିଭୂମି ଶେୟାର କରିବା ଦରକାର। କିଛି ଅର୍ଥ ବିନିୟମରେ ଉପଲବ୍ଧ ଥିବା ସମ୍ବଳଗୁଡ଼ିକର ସର୍ବୋତ୍ତମ ଉପଯୋଗ କରାଯାଇପାରିବ। ଏହି ଅତିରିକ୍ତ ଅର୍ଥ ଉଚ୍ଚ ଶିକ୍ଷାନୁଷ୍ଠାନକୁ ନିଜର ସମ୍ବଳଗୁଡ଼ିକୁ ଭଲ ରଖିବାରେ ସହାୟକ ହେବ। ଏଥିପାଇଁ ପାଠାଗାର, ପରୀକ୍ଷାଗାର, ଉପକରଣ ଭଳି ବିଭିନ୍ନ ସମ୍ବଳଗୁଡ଼ିକୁ ଖାଲି ସମୟରେ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ଗବେଷକଙ୍କ ବ୍ୟବହାର ଲାଗି ଅନୁମତି ଦେବାକୁ ୟୁଜିସି ପରାମର୍ଶ ଦେଇଛି। ଏନେଇ ୟୁଜିସି ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ଏହାକୁ କାର୍ଯ୍ୟକାରୀ କରିବାକୁ କୁହାଯାଇଛି।

## ଆକାଶିଆ ସମୁଦ୍ରକୂଳରେ ୨୦ରୁ ଊର୍ଦ୍ଧ୍ୱ କଇଁଛ ମୃତଦେହ

**ବିଭାଗୀୟ ଅଧିକାରୀଙ୍କୁ ଜଣାନାହିଁ**

**ବାଲିକୁଦା,୧୫।୧(ସ୍ୱ.ପ୍ର.)**


ସମୁଦ୍ର କୂଳରେ ମୃତ କଇଁଛ।

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକସ୍ଥିତ ଆକାଶିଆ ସମୁଦ୍ର କୂଳର ବିଭିନ୍ନ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ କଇଁଛ ମୃତଦେହ ପଡ଼ିଛି। ଏସବୁ ମୃତଦେହ ପଚିଶଢ଼ି ଯିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବାବେଳେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ହାୱାଖାନା ବନପାଳଙ୍କ ଅଧୀନରେ ଏହି ଅଞ୍ଚଳ ଆସୁଥିବାବେଳେ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ କଇଁଛଙ୍କ ମୃତଦେହ ପଡ଼ିଛି। ମାତ୍ର ବିଭାଗୀୟ ଅଧିକାରୀ ଘଟଣା ସମ୍ପର୍କରେ ଅବଗତ ନ ଥିବା କହୁଛନ୍ତି। ଆଉ କିଛି ଦିନପରେ ଅଲିଭ୍‌ରିଡ୍‌ଲେ କଇଁଛ ଗଭୀର ସମୁଦ୍ରରୁ କୂଳକୁ ଆସି ଅଣ୍ଡାଦାନ କରିବେ। ସେମାନେ ଆସୁଥିବା ବାଟରେ ମାଛ ଧରା ଟ୍ରଲର ସହ ଧକ୍କା ହୋଇଥିଲେ କଇଁଛଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ପରେ ସମୁଦ୍ର ଲହରୀରେ ଭାସିଆସି କୂଳରେ ପଡ଼ିଥିବା ନେଇ ପରିବେଶବିତ୍‌ମାନେ ସନ୍ଦେହ ପ୍ରକାଶ କରୁଛନ୍ତି। ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ନିର୍ଦ୍ଦେଶାନୁସାରେ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ମାଛଧରା ଟ୍ରଲର ଯାତାୟାତ ଉପରେ କଟକଣା ଲଗାଯାଇଛି। ବିଭାଗ ପକ୍ଷରୁ ସମୁଦ୍ରକୂଳରେ ୨୪ ଘଣ୍ଟିଆ ପଇଁତରା ମାରିବା ପାଇଁ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ହେଲେ ଏତେ ସଂଖ୍ୟକ କଇଁଛଙ୍କ ମୃତ୍ୟୁକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ହାୱାଖାନା ବନପାଳ ସଞ୍ଜୀବ କୁମାର ଦାସଙ୍କୁ ପଚାରିବାରୁ ସେ ମୃତ କଇଁଛ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ସୁବୋଧ ବିଶ୍ୱାଳ, ସୁରେଶ ଚନ୍ଦ୍ର ସ୍ୱାଇଁ, ଜୟନ୍ତ ହାତୀ, ବିପିନ ହାତୀ ପ୍ରମୁଖ ଦାବି କରିଛନ୍ତି।

**ଆଜିର ମନ୍ତବ୍ୟ**
ଋଷିଆ-ୟୁକ୍ରେନ୍ ଯୁଦ୍ଧରୁ ଶିକ୍ଷାଲାଭ କରି ଭବିଷ୍ୟତ ପାଇଁ ଭାରତୀୟ ଯବାନ ପ୍ରସ୍ତୁତ ରହିବା ଜରୁରୀ।
-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଦିନେ ପଣସ**
**କଥା ନ କହନ୍ତି ମଣିଷ ।**
ସାଧାରଣତଃ ଅର୍ଥ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ବୁଡ଼ିରହିଥିବା ବ୍ୟକ୍ତିଜଣକ ନିଜ ହିତାହିତ ଜ୍ଞାନ ଭୁଲି କାହାକୁ ଖାତିର କରୁ ନ ଥିବାର ଦେଖିବାକୁ ମିଳିଥାଏ । ଧନକୁ ନେଇ ଏମାନଙ୍କ ମନରେ ଗର୍ବ ଆସିବା ସହ ଅନ୍ୟମାନଙ୍କ ପ୍ରତି ସେମାନେ ଇତର ଭଳି ବ୍ୟବହାର ଦେଖାଇଥାନ୍ତି । ସୁଖ ସନ୍ତୋଷରେ ଥିବାବେଳେ ମଣିଷ କାହାକୁ ଆଡ଼ ଆଖିରେ ଚାହୁଁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଆଳିଆ ଲେଖାରେ ବାଳିଆ ବନ୍ଧୁ**
**କେତେ ବାହୁନେଇ କାନ୍ଦୁ !**
ବନ୍ଧୁ ପ୍ରତି ମନରେ ସ୍ନେହ ସରାଗ ଭାବ ରହିବା ଶୋଭନୀୟ । ତାଙ୍କ ଭଲ ମନ୍ଦରେ ପାଖରେ ଛିଡ଼ା ହେବା ଉଚିତ ହୋଇଥାଏ । ପରନ୍ତୁ ନିଜ ସୁଖ ସୁବିଧା ପାଇଁ ଯେଉଁମାନେ ଲତା ଗୋଡା ଖଞ୍ଜି ସମ୍ବନ୍ଧ ସ୍ଥାପନ କରିଥାନ୍ତି, ସେଭଳି ଦୂର ସମ୍ପର୍କୀୟା ବନ୍ଧୁ ପାଇଁ ବ୍ୟସ୍ତ ବିବ୍ରତ ହେବାରେ କିଛି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ୫୩ନଂ. ଏନ୍‌ଏଚ୍ ସମ୍ପ୍ରସାରଣ ପାଇଁ ୧୭୪ କୋଟି

**ଅନୁଗୋଳ ଅଫିସ, ୧୫।୧**

ଅନୁଗୋଳ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ (ଏନ୍‌ଏଚ୍) ୫୩ର ସମ୍ପ୍ରସାରଣ ଏବଂ ଏହାକୁ ଦୁଇ ଲେନ୍ ବିଶିଷ୍ଟ କରିବା ଲାଗି ୧୭୪.୨୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏ ନେଇ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ ଟୁଇଟ୍ କରି ସୂଚନା ଦେଇଛନ୍ତି । ଏଥିଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଉକ୍ତ ବ୍ୟସ୍ତବହୁଳ ସଡ଼କ ପାରାଦୀପ ବନ୍ଦର ସମେତ ରାଜ୍ୟର ବୃହତ୍ ଶିଳ୍ପାଞ୍ଚଳ ଏବଂ ଖଣି କରିଡରକୁ ସଂଯୋଗ କରୁଛି । ଏହାର ଉନ୍ନତୀକରଣ ହେଲେ ଗମନାଗମନ ସୁରକ୍ଷିତ ହେବ । ଭାରିଯାନ ଚଳାଚଳ ସୁଗମ ହେବ । କୋଲ୍ ଇଣ୍ଡିଆ, ଏନ୍‌ଟିପିସି, ଜିନ୍ଦଲ ଷ୍ଟିଲ ଭଳି ଶିଳ୍ପ ପ୍ରତିଷ୍ଠାନର ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବ । ଅନୁଦାନ ଅର୍ଥ ବିନିଯୋଗରେ ଅନୁଗୋଳ ଜିଲାର ରେଙ୍ଗାଳି, ବନ୍ତ୍ରକୋଟ ଏବଂ ଟାକୁଆରେ ୩ଟି ବାଇପାସ୍ ନିର୍ମାଣ କରାଯିବ । ଏହାଦ୍ୱାରା ଅନୁଗୋଳ ଏବଂ ସମ୍ବଲପୁର ଜିଲାବାସୀ ଉପକୃତ ହେବେ ବୋଲି ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ଭାରତ-ଇଂଲଣ୍ଡ ...

ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ଲେଖାଏ ପାଇଛନ୍ତି । ତେବେ ଗୋଲ ବ୍ୟବଧାନରେ ଇଂଲଣ୍ଡ ପ୍ରଥମ ଏବଂ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି । ଉଭୟ ଦଳ ଏପର୍ଯ୍ୟନ୍ତ ଗୋଲ ବରଣ କରି ନ ଥିବାବେଳେ ଇଂଲଣ୍ଡ ୫ଟି ଏବଂ ଭାରତ ୨ଟି ଗୋଲ ଦେଇଛି । ଫଳରେ ଶେଷ ଗ୍ରୁପ୍ ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି । କାରଣ ୧୯ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଲିଗ୍ ପର୍ଯ୍ୟାୟର ଶେଷ ମ୍ୟାଚ୍ ହିଁ ଏହି ଗ୍ରୁପ୍‌ର ଭାଗ୍ୟ ନିର୍ଦ୍ଧାରଣ କରିବ । ନିୟମ ଅନୁସାରେ ଗ୍ରୁପ୍‌ର ଶୀର୍ଷ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ । ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିବା ଦଳ କ୍ରସ୍ ଓଭର ଖେଳିବ । ଭାରତ ଶେଷ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ୱେଲ୍‌ସକୁ ଭେଟିବ । ତେଣୁ ବୃହତ୍ ବ୍ୟବଧାନରେ ବିଜୟୀ ହୋଇପାରିଲେ ଗ୍ରୁପ୍‌ରେ ଶୀର୍ଷସ୍ଥାନ ହାସଲ କରିପାରିବ । ଅନ୍ୟପକ୍ଷରେ ସେହିଦିନ ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ମୁକାବିଲା ହେବ । ସ୍ପେନ୍ ମଧ୍ୟ ୨ ମ୍ୟାଚ୍‌ରୁ ୩ ପଏଣ୍ଟ ପାଇଛି । ମାତ୍ର ଗୋଲ ବ୍ୟବଧାନ ଦୃଷ୍ଟିରୁ ୩ ନମ୍ବର ସ୍ଥାନରେ ରହିଛି ।

ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା । ଫଳରେ କେବଳ ପ୍ରଥମ କ୍ୱାର୍ଟରରେ ୫ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା । ୭ମ ମିନିଟରେ ୨ଟି, ୮ ମିନିଟରେ ଗୋଟିଏ ଏବଂ ୯ମ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଇଂଲଣ୍ଡ ଏହାର ଫାଇଦା ଉଠାଇ ପାରି ନ ଥିଲା । ଭାରତୀୟ ଡିଫେଣ୍ଡର ଓ ଗୋଲକିପର ପି.ଆର. ଶ୍ରୀଜେଶ ସଫଳତାର ସହ ଇଂଲଣ୍ଡର ଉଦ୍ୟମକୁ ପ୍ରତିହତ କରିଥିଲେ । ୧୨ତମ ମିନିଟରେ ଭାରତ ପାଇଥିବା ପେନାଲ୍ଟି କର୍ନର ମଧ୍ୟ ବେକାର ଯାଇଥିଲା । ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ ୨ଟି ଓ ଭାରତ ୩ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ହୋଇପାରି ନ ଥିଲା । ତୃତୀୟ କ୍ୱାର୍ଟର ଅର୍ଥାତ୍ ୪୦ତମ ମିନିଟରେ ଇଂଲଣ୍ଡର ସୋର୍ସବି ଥୋମାସ, ୫୧ତମ ମିନିଟରେ ଭାରତର ଓଡ଼ିଆ ଖେଳାଳି ଅମିତ ରୋହିଦାସ ଓ ୫୬ତମ ମିନିଟରେ ଜରମନପ୍ରୀତ ସିଂ ଗ୍ରୀନ୍‌କାର୍ଡ ପାଇଥିଲେ । ମ୍ୟାଚ୍ ଶେଷହେବାର ଅନ୍ତିମ କ୍ଷଣରେ ଭାରତ ପାଇଁ ବିପଦ ପରିସ୍ଥିତି ସୃଷ୍ଟି ହୋଇଥିଲା । କାରଣ ୫୯ତମ ମିନିଟରେ ଇଂଲଣ୍ଡକୁ ଏକ ପେନାଲ୍ଟି କର୍ନର ମିଳିଯାଇଥିଲା । ମାତ୍ର ଭାରତୀୟ ରକ୍ଷଣଭାଗଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ବିପଦ ଟଳିଯାଇଥିଲା ଏବଂ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ ।

### ନେପାଳରେ ବିମାନ ...

ସେମାନଙ୍କୁ ମୃତ ଘୋଷଣା କରିଛନ୍ତି । ଦୁର୍ଘଟଣାସ୍ଥଳରୁ ଅଦ୍ୟାବଧି ୬୮ ମୃତଦେହ ଠାବ ହୋଇଥିବା ନେପାଳର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏନ୍) ସୂଚନା ଦେଇଛନ୍ତି । ଆଉ କେହି ବଞ୍ଚିଥିବା ନେଇ କୌଣସି ସୂଚନା ନାହିଁ ବୋଲି ୟେତି ଏୟାରଲାଇନ୍ସ ମୁଖପାତ୍ର ସୁଦର୍ଶନ ବର୍ତ୍ତଉଲା କହିଛନ୍ତି । ପୋଖରାର ପାଗ ଅନୁକୂଳ ଥିଲା । ବିମାନର ଇଞ୍ଜିନ ମଧ୍ୟ ଭଲ ଅବସ୍ଥାରେ ଥିଲା । ତେବେ କେଉଁ କାରଣରୁ ଏତେ ବଡ଼ ଦୁର୍ଘଟଣା ଘଟିଲା ତାହା ଜଣାପଡ଼ିନାହିଁ । ଅନ୍ୟପକ୍ଷେ ଏୟାରକ୍ରାଫ୍ଟ ଲ୍ୟାଣ୍ଡିଂ ଉଦ୍ୟମ କରିବା ପୂର୍ବରୁ ଆକାଶରେ ନେଇଥିବା ବିସ୍ତୃତ ଟର୍ନ ଯୋଗୁ ଏପରି ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ । ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥାଇପାରେ ବୋଲି ମଧ୍ୟ ଅନୁମାନ କରାଯାଉଛି । ଚାଇନାଠାରୁ ଋଣ ନେଇ ନେପାଳ ଏହି ନୂଆ ବିମାନବନ୍ଦର ପ୍ରତିଷ୍ଠା କରିଥିଲା, ଯାହାକି ମାତ୍ର ୨ ସପ୍ତାହ ତଳେ ଲୋକାର୍ପିତ ହୋଇଥିଲା । ନେପାଳର ପ୍ରଚଣ୍ଡ ସରକାର ସୋମବାର ରାଷ୍ଟ୍ରୀୟ ଶୋକ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିସହ ଦୁର୍ଘଟଣାର ତଦନ୍ତ ପାଇଁ ୫ ଜଣିଆ ପ୍ୟାନେଲ ଗଠନ କରିଛନ୍ତି । ଉକ୍ତ ପ୍ୟାନେଲ ୪୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ ବୋଲି ଅର୍ଥମନ୍ତ୍ରୀ ବିଷ୍ଣୁ ପଉଡେଲ ସୂଚନା ଦେଇଛନ୍ତି । ଭାରତର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହି ଦୁର୍ଘଟଣାକୁ ମର୍ମନ୍ତୁଦ ଓ ଦୁର୍ଭାଗ୍ୟଜନକ କହି ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ସ୍ଥାନୀୟ ଅଧିକାରୀମାନଙ୍କ ସହ ଯୋଗାଯୋଗ କରି ସ୍ଥିତି ଉପରେ ନଜର ରଖିଛି । କାଠମାଣ୍ଡୁ ଓ ପୋଖରା ପାଇଁ ଦୁଇଟି ପୃଥକ୍ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି । କାଠମାଣ୍ଡୁ(ଦ୍ୱାରକା ଶର୍ମା): +୯୭୭-୯୮୫୧୧୦୭୦୨୧ ଏବଂ ପୋଖରା(ଲ୍ୟୁଟ୍‌ନାଣ୍ଟ କଲୋନେଲ ଶଶାଙ୍କ ତ୍ରିପାଠୀ): +୯୭୭-୯୮୫୬୦୩୭୬୯୯ରେ ଆବଶ୍ୟକ ସୂଚନା ମିଳିପାରିବ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି ।

# ମଧ୍ୟପ୍ରଦେଶରୁ ୱେବ୍ ଏକ୍ସପର୍ଟ ଗିରଫ

## ଚାକିରି ନାଁରେ ବଡ଼ ଠକେଇ ମାମଲା

- ୨ ସପ୍ତାହ ତଳେ ଗିରଫ ହୋଇଥିଲେ ମାଷ୍ଟରମାଇଣ୍ଡ
- ନକଲି ୱେବ୍‌ସାଇଟ୍ ଖୋଲି ଜାଲ ବିଛାଉଥିଲେ
- ଓଡ଼ିଶାରେ ଠକିଛନ୍ତି ୧୨ ହଜାର ଚାକିରି ଆଶାୟୀ

**ଭୁବନେଶ୍ୱର, ୧୫।୧ (ବ୍ୟୁରୋ)**

ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଗୁଜରାଟ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଆଦି ବିଭିନ୍ନ ରାଜ୍ୟରେ ଜାଲ ବିଛାଇ ପ୍ରାୟ ୫୦ ହଜାର ଚାକିରି ଆଶାୟୀଙ୍କଠାରୁ ବହୁ କୋଟି ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉଜଣେ ଅଭିଯୁକ୍ତଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରିଛି । ସେ ହେଲେ ରତଲମ୍ ଜିଲା ଜାୱରା ସହରର ଅର୍ପିତ୍ ପାଞ୍ଚାଲ୍ । ସେ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି (ଆଇ.ଟି.)ରେ ବିଟେକ୍ କରି ୱେବ୍ ଏକ୍ସପର୍ଟ ଭାବେ କାମ କରୁଥିଲେ । ଅର୍ପିତ୍‌ଙ୍କଠାରୁ ୨ଟି ଲାପଟପ୍ ଓ ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଛି । ତାଙ୍କୁ ଗତ ମଙ୍ଗଳବାର ଗିରଫ କରାଯିବା ପରେ ବୁଧବାର ସ୍ଥାନୀୟ ଜାୱରା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା । ସେଠାରୁ ଅପ୍ରିତ୍‌ଙ୍କୁ ଇଓଡବ୍ଲ୍ୟୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ମାମଲାରେ ଗତ ୨ ସପ୍ତାହ ତଳେ ରାକେଟର ମାଷ୍ଟରମାଇଣ୍ଡ ଜାଫର ଅହମ୍ମଦଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରାଯାଇଥିଲା । ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଇଓଡବ୍ଲ୍ୟୁ ଏସ୍‌ପି ଦିଲୀପ ତ୍ରିପାଠୀ କହିଛନ୍ତି ।

ଉତ୍ତରପ୍ରଦେଶ ଆଲିଗଡ଼ରୁ ଦେଶର ଏହି ବଡ଼ ଠକେଇ ରାକେଟ ଅପରେଶନ ହେଉଥିଲା । ଅଭିଯୁକ୍ତମାନେ ଜୀବନ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା, ଗ୍ରାମୀଣ ସମାଜ ମାନବ ସ୍ୱାସ୍ଥ୍ୟ ସେବା, ଭାରତୀୟ ଜନ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭଳି ୯ଟି ନକଲି ସରକାରୀ ୱେବ୍‌ସାଇଟ୍ ଖୋଲିଥିଲେ । ବିଶ୍ୱାସ ଜନ୍ମାଇବା ପାଇଁ ୱେବ୍‌ସାଇଟ୍‌କୁ ସରକାରୀ ଢାଞ୍ଚାରେ ପ୍ରସ୍ତୁତ କରିଥିଲେ । ୨୦୨୦ରୁ ଖବରକାଗଜ ଜରିଆରେ ନିଯୁକ୍ତି ବିଜ୍ଞାପନ ଦେଇ ଚାକିରି ଆଶାୟୀଙ୍କୁ ଫସାଉଥିଲେ । ଏହି ରାକେଟ୍‌ରେ ଇଞ୍ଜିନିୟର, ୱେବ୍‌ସାଇଟ୍ ଡେଭଲପରଙ୍କୁ ନିଯୁକ୍ତି ଦିଆଯିବା ସହ କଲ୍ ସେଣ୍ଟର ରହିଥିଲା । ପ୍ରତି ଆଶାୟୀଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ଟ୍ରେନିଂ ପାଇଁ ୩ ହଜାରରୁ ୫୦ ହଜାର ଟଙ୍କା ନେଉଥିଲେ । ପୋଲିସ ନଜରରୁ ବର୍ତ୍ତିବା ପାଇଁ ସେମାନେ ଫେକ୍ ବ୍ୟାଙ୍କ ଆକାଉଣ୍ଟ ଓ ଫେକ୍ ସିମ୍ ବ୍ୟବହାର କରି ଠକେଇ କରୁଥିଲେ । ତେବେ ଏନେଇ ଅଭିଯୋଗକ୍ରମେ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ ଗତ ୨୦୨୨ ସେପ୍ଟେମ୍ବର ୧୦ରେ ଏକ ମାମଲା (ନଂ.୧୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତେବେ ଏଯାବତ୍ ତଦନ୍ତରୁ ଜଣାପଡ଼ିଛି, ୪ଟି ୱେବ୍‌ସାଇଟ ମାଧ୍ୟମରେ ଓଡ଼ିଶାରେ ବିଜ୍ଞାପନ ଦିଆଯାଉଥିଲା । ଏହି ରାକେଟ୍ ଓଡ଼ିଶା ଓ ଗୁଜରାଟରେ ୨୨ ହଜାର ଆଶାୟୀଙ୍କୁ ଠକେଇ କରିଥିବାବେଳେ ଏଥିରୁ ଓଡ଼ିଶାରେ କେବଳ ୧୨ ହଜାର ଆଶାୟୀ ରହିଛନ୍ତି । ଗୁଜରାଟ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ କେତେ ଲୋକଙ୍କୁ ଠକେଇ କରାଯାଇଛି ତାହା ଜାଣିବାକୁ ଇଓଡବ୍ଲ୍ୟୁ ପ୍ରୟାସ କରୁଥିବା ସୂଚନା ମିଳିଛି ।


ଅର୍ପିତ୍ ପାଞ୍ଚାଲ୍

# ୫୦ ମିଟର ଘୋଷାରି ନେଲା ଟ୍ରକ୍

- ବାଇକ୍ ଚାଳକ ମୃତ
- ଅଧା ରହିଗଲା ରାମଚଣ୍ଡୀଙ୍କ ଦର୍ଶନ


ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି ।

**ଭୁବନ, ୧୫।୧ (ଡି.ଏନ.ଏ.)**

ମା' ସିଦ୍ଧ ରାମଚଣ୍ଡୀଙ୍କୁ ଦର୍ଶନ କରିବାକୁ ଘରୁ ବାହାରିଥିଲେ ଖୁସିମନରେ । ହେଲେ ରାସ୍ତାରେ ମୃତ୍ୟୁ ରୂପରେ ମାଡ଼ିଆସିଥିବା ଟ୍ରକ୍ ଧକ୍କା ଦେଇ ୫୦ ମିଟର ଯାଏ ଘୋଷାରି ନେଲା । ଫଳରେ ଘଟଣାସ୍ଥଳରେ ଉଡ଼ିଗଲା ବାଇକ୍ ଆରୋହୀଙ୍କ ପ୍ରାଣବାୟୁ ଏବଂ ଅଧା ରହିଗଲା ଦିଅଁ ଦର୍ଶନ । ଢେଙ୍କାନାଳ ଜିଲା ଭୁବନ ଥାନା ଜାତୀୟ ରାଜପଥ ୫୩ରେ ରବିବାର ସକାଳେ ଘଟିଛି ଏଭଳି ଏକ ଦୁଃଖଦ ଦୁର୍ଘଟଣା । ମୃତକ ହେଲେ ଏନ୍‌ଏସିର ୨ନଂ. ୱାର୍ଡ କୋହ୍ଲସାହିର ଦାମୋଦର ସାହୁ (୬୧) । ଦୁର୍ଘଟଣାକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଥିଲା । ଉତ୍ତ୍ୟକ୍ତ ଅଞ୍ଚଳବାସୀ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ । ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା । ସୂଚନାଯୋଗ୍ୟ, ଦାମୋଦର ବାଇକ୍‌ରେ ମା' ରାମଚଣ୍ଡୀଙ୍କ ପୀଠକୁ ଯାଉଥିଲେ । ଘରଠାରୁ ଅନତି ଦୂରରେ ୫୩ନଂ. ଜାତୀୟ ରାଜପଥ ଓଭରବ୍ରିଜ୍ ତଳ ରାସ୍ତାରେ ଏକ ୧୦ ଚକିଆ ଟ୍ରକ୍ ତାଙ୍କୁ ଧକ୍କା ଦେଇ ୫୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା । ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ । ଫଳରେ ବହୁ ଯାନବାହନ ଅଟକି ରହିଥିଲା । ସୂଚନାପାଇ ନଗରପାଳ ଶୁଭେନ୍ଦୁ ସାହୁ, ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଦିନ ସାଢ଼େ ୧୨ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଅନ୍ୟପଟେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି ।

ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, ୫୩ନଂ. ଜାତୀୟ ରାଜପଥ ଦେଇ ବହୁ ଛାତ୍ରୀ ମହିଳା କଲେଜକୁ ଯାଉଛନ୍ତି । ଏହି ବ୍ୟସ୍ତବହୁଳ ସଡ଼କରେ ବେପରୁଆ ଗାଡ଼ିଚାଳନା ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି । ଏ ଦିଗରେ ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଛନ୍ତି ।



ହକି ବିଶ୍ୱକପ୍‌କୁ ଅଧିକ ରଙ୍ଗାରଙ୍ଗ କରିବା ପାଇଁ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଆରମ୍ଭ ହୋଇଥିବା 'ଡଟ୍ ଫେଷ୍ଟ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଉଦ୍‌ଘାଟନ କରୁଛନ୍ତି ।


ଡଟ୍ ଫେଷ୍ଟ୍‌ରେ ବଲିଉଡ୍ ଷ୍ଟାର୍ ଦିଶା ପଟାନୀ ଓ ତାଙ୍କ ଗ୍ରୁପ୍ ନୃତ୍ୟ ପରିବେଷଣ କରୁଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ । ନିର୍ମାଣ, ଜମିଜମା, କଳକାରଖାନା, ଜଳ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ । ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ । ଫେରିବା ବାଟରେ ବନ୍ଧୁଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ ।

**ବୃଷ** ସକାଳୁ ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ । ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ, ଅବଶ୍ୟ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ବିଶେଷ ଅସୁବିଧା ହେବନାହିଁ । ସାଧାରଣ କଥାରେ ସହକର୍ମୀ କ୍ଷୁବ୍ଧ ହୋଇପାରନ୍ତି । ଆକସ୍ମିକ ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି ।

**ମିଥୁନ** ପାରିବାରିକ କ୍ଷେତ୍ରରେ ସତର୍କରେ ଚଳନ୍ତୁ, ନଚେତ୍ ଝମେଲା ଅଧିକ ବଢ଼ିଯାଇପାରେ । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ଜମିଜମା ବାବଦରେ ଖର୍ଚ୍ଚ ପରିମାଣ ଦ୍ୱିଗୁଣା ହୋଇପାରେ । କିଛି ନୂତନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି ଓ ଯାନବାହନରେ ସତର୍କ ରହନ୍ତୁ ।

**କର୍କଟ** ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କରି କାମ କରିବା ଭଲ । ବିଶିଷ୍ଟ ବ୍ୟକ୍ତିଙ୍କ ବଦାନ୍ୟତାରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଓ କଳା,ସାହିତ୍ୟରେ ଉନ୍ନତି କରିବେ । ପରିବହନ, ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେବ । ଆର୍ଥିକ ଦୃଷ୍ଟିକୋଣରୁ ଉପକୃତ ହେବେ ଓ ମନୋରଞ୍ଜନରୁ ପ୍ରଶଂସିତ ହେବେ ।

**ସିଂହ** କର୍ମକ୍ଷେତ୍ର ଭଲ ରହିଲେ ମଧ୍ୟ ପାରିବାରିକ ବିବାଦ କାରଣରୁ ମନ ଅସ୍ଥିର ରହିବ । ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ । ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କିମ୍ବା ସନ୍ତାନଙ୍କ ବିଶୃଙ୍ଖଳିତ କାମ ସକାଶେ ଅପମାନିତ ହୋଇପାରନ୍ତି ।

**କନ୍ୟା** କୌଣସି ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିପାରେ । ଉପରିସ୍ଥଙ୍କ ଆଲୋଚନା ବିଷୟରେ ତାହାଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ଅର୍ଥନୈତିକ,ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ । ବହୁତ ଦିନ ହେଲା ଇଚ୍ଛା କରୁଥିବା ଓ ପାଇପାରି ନ ଥିବା ଜିନିଷଟିର ପ୍ରାପ୍ତିରେ ଖୁସି ହେବେ ।

**ତୁଳା** ଶାରୀରିକ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ । କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ । ଶିଳ୍ପ,ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ । କର୍ମକ୍ଷେତ୍ରରେ ଥିବା ସମସ୍ୟା ସମାଧାନ କରିବାରେ ସଫଳ ହେବେ ।

**ବିଛା** ବିଭିନ୍ନ ପ୍ରକାର ସମସ୍ୟାରେ ପଡ଼ି ମାନସିକ ସ୍ଥିତି ଭଲ ରହି ନ ପାରେ । ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବାର ଆଶଙ୍କା ରହିଛି । କଳା,ସାହିତ୍ୟ, ଚଳଚ୍ଚିତ୍ର,ସଙ୍ଗୀତ ତଥା ସଭା ସମିତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି । ପରିସ୍ଥିତିରେ ପଡ଼ି ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି ।

**ଧନୁ** ଅନ୍ୟମାନଙ୍କ ଘରୋଇ କଥାରେ ଆଲୋଚନା କରି ଅଶାନ୍ତ ଅନୁଭବ କରିପାରନ୍ତି । ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରିବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ । ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ ।

**ମକର** କିଛି ଚିନ୍ତା କରନ୍ତୁ ନାହିଁ ବନ୍ଧୁ ସୁବିଧାରେ କାମଟି କରାଇ ଦେଇ ପାରନ୍ତି । ଶିଳ୍ପ, ବାଣିଜ୍ୟ,ବ୍ୟବସାୟ,ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ । ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଶାରୀରିକ ପରିଶ୍ରମଜନିତ ପୀଡ଼ା ଅନୁଭବ କରିବେ ।

**କୁମ୍ଭ** ଆଜି କଠିନ ଶ୍ରମଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି । ଆଜିର କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ । ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ । ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବାରୁ ଖୁସି ହୋଇପାରନ୍ତି ।

**ମୀନ** ଅତୀତ କଥାକୁ ନେଇ ମନ ଭାରାକ୍ରାନ୍ତ ରହିବା ସହ ପାରିବାରିକ ପ୍ରତିରୋଧ ହେତୁ କାମ ଅଟକି ଯିବ । ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ । ଗତକାଲିର ଆଲୋଚନା ଅନୁଯାୟୀ ଆଜିର ମାଙ୍ଗଳିକ କାମଗୁଡିକ ସବୁ ଠିକ୍‌ଠାକ୍ ହୋଇଯିବ । ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ ।

ଆଜି ମାଘ କୃଷ୍ଣ ନବମୀ ସୋମବାର, ଜାନୁୟାରୀ ୧୬ ତାରିଖ, ଜାତୀୟ ଷ୍ଟାର୍ଟ-ଅପ୍ ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬/୨୭ ଗତେ, ଘ.୦୭/୫୦ ମଧ୍ୟେ, ଘ.୧୦/୫୦ ଗତେ, ଘ.୦୧/୦୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ. ୦୭/୫୦ ଗତେ, ଘ.୦୯/୧୨ ମଧ୍ୟେ ରାହୁକାଳ ।

# 'ଯୁବବର୍ଗ ଦେଶ ବିକାଶର ମୂଳଧନ'

## ସୌରିକ ଯୁବ ମହୋତ୍ସବର ୪ର୍ଥ ସନ୍ଧ୍ୟା

**କାଳିଆପାଣି,୧୫।୧(ଡି.ଏନ.ଏ.):**

ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ କାଳିଆପାଣି ଟାଉନଶିପ୍ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ସୌରିକ ଯୁବ ମହୋତ୍ସବର ରବିବାର ୪ର୍ଥ ସନ୍ଧ୍ୟାରେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ସୌରିକ ଅଞ୍ଚଳର ଯୁବ ମହୋତ୍ସବ ଯୁବବର୍ଗଙ୍କ ପାଇଁ ଏକ ଉଦାହରଣ। ଏହା ରାଜ୍ୟ ଓ ଦେଶର ମୂଳଧନ ସଦୃଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ଦୁର୍ଗା ସାମନ୍ତରାୟ ଯୋଗଦେଇ ଅଞ୍ଚଳର ସୌରିକ ଯୁବ ମହୋତ୍ସବ ଏକ ଆନ୍ଦୋଳନ ପାଲଟିଛି ବୋଲି ପ୍ରକାଶ କରିଥିଲେ। ଅନାବେଲ ଇଣ୍ଡିଆର ନିର୍ଦ୍ଦେଶକ ମୁରଲୀ ରାମଚନ୍ଦ୍ରନ, ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ସଭ୍ୟା ଜେମା ଚାଖି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଜ୍ଞା ହୋତା, କଣ୍ଠଶିଳ୍ପୀ ଅବିନାଶ ଦାସ, ଅନୁଗୋଳୁଆ ବଣ୍ଟି କମେଡିଆନ ଓ ସୁଇଟି ଡ୍ୟାନ୍ସ ଗ୍ରୁପ୍‌ର ନୃତ୍ୟ ଏବଂ ସଙ୍ଗୀତରେ ମହୋତ୍ସବ ମଞ୍ଚ ଦୁଲୁକୁଥିଲା।

### ସୌରିକ ଅଞ୍ଚଳ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତିଯୋଗିତା

ସୌରିକ ଯୁବ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ଯୁବକଙ୍କୁ କ୍ୟାରିୟର କାଉନସେଲିଂ କରିବା ସହ ଦିବ୍ୟାଙ୍ଗଙ୍କୁ ସମାଜରେ ବଞ୍ଚିବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବା ଉପରେ ଦିନତମାମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଖଣି ସଂଲଗ୍ନ ଛାତ୍ରୀଛାତ୍ରଙ୍କ ସହ କାଳିଆପାଣି ହାଇସ୍କୁଲ୍, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହାଗିରି ହାଇସ୍କୁଲ, ଗରାମିଆଁ ହାଇସ୍କୁଲ, ଶ୍ରମଶକ୍ତି ହାଇସ୍କୁଲ, ସୌରିକ ହାଇସ୍କୁଲ, ପିମ୍ପୁଡିଆ ହାଇସ୍କୁଲ ଓ ସରୁଆବିଲ ସ୍କୁଲ୍‌ର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଥମାର୍ଦ୍ଧରେ ମହୋତ୍ସବ ଷ୍ଟେଜ୍‌ରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ସମସ୍ତ ସ୍କୁଲ୍ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଲୋକ ସଂଗୀତ, ଲୋକ ନୃତ୍ୟ, ଆଧୁନିକ ନୃତ୍ୟ, ଓଡ଼ିଶୀ ସହ ବିଭିନ୍ନ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଯେଉଁମାନେ ଭଲ ପ୍ରଦର୍ଶନ କରିଥିଲେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୋଟିଭେଟର ଯଶୋବନ୍ତ ଲାଲ ଯୋଗଦେଇ ସ୍କୁଲ୍, କଲେଜ ଛାତ୍ରୀଛାତ୍ରଙ୍କୁ ଆଗାମୀ ଭବିଷ୍ୟତ ସମ୍ବନ୍ଧରେ ଅବଗତ କରାଇଥିଲେ।

### ଦିବ୍ୟାଙ୍ଗ ସମାଜରେ ଅସହାୟ ନୁହନ୍ତି

ସୌରିକ ଯୁବ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଦିବ୍ୟାଙ୍ଗଙ୍କୁ ସରକାରୀ ସୁବିଧା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟାଟା ଷ୍ଟିଲ୍ ମାଇନିଂର ସବଲ ଅନୁଷ୍ଠାନ ପକ୍ଷରୁ ସୁକିନ୍ଦା ଅଞ୍ଚଳରୁ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗଙ୍କୁ ଏଥିରେ ସାମିଲ କରାଯାଇଥିଲା। କମ୍ପାନୀର ପ୍ରଶାସନିକ ଅଧିକାରୀ ତଥା ମହୋତ୍ସବ ସମ୍ପାଦକ ଗୌତମ ଚକ୍ରବର୍ତ୍ତୀ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହି ଦିବ୍ୟାଙ୍ଗଙ୍କୁ ମହୋତ୍ସବରେ ସାମିଲ କରିଥିଲେ। ଲେବର ୱେଲଫେୟାର କମିଶନର ଶ୍ରୀମୟୀ ମିଶ୍ର, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ମୁରଲୀ ରାମଚନ୍ଦ୍ରନ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ସମସ୍ତ ଯୋଜନା ସମ୍ବନ୍ଧରେ ସଚେତନ କରାଇଥିଲେ। ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅଧିକାରୀ ବ୍ଲକସ୍ତରରୁ ଉପର ପର୍ଯ୍ୟନ୍ତ ରହିଥିବା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସୌରିକ ଯୁବ ମହୋତ୍ସବ ସଂଯୋଜକ ନାରାୟଣ ଚନ୍ଦ୍ର ଧୀର ଓ ବିଦ୍ୟାଧର ପାତ୍ର ପରିଚାଳନା କରିଥିଲେ।



ସୌରିକ ଯୁବ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।



ମହୋତ୍ସବର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

# ସଜେଇ ହେଉଛି ଓଳାଶୁଣୀ ମେଳାପଡ଼ିଆ

**ଚଣ୍ଡିଖୋଲ,୧୫।୧(ଡି.ଏନ୍.ଏ.):**

ଆସନ୍ତା ୧୮ତାରିଖରୁ ଆରମ୍ଭ ହେବ ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା। ଏହା ୧୦ଦିନ ଧରି ଚାଲିବ। ଗତ ୨ବର୍ଷ ଧରି କରୋନା ଯୋଗୁ ମେଳା ବନ୍ଦ ରହିଥିଲା। ଚଳିତ ବର୍ଷ ମେଳାର ଆୟୋଜନ ଯଥେଷ୍ଟ ଆଗରୁ ଆରମ୍ଭ ହୋଇଛି। ଓଳାଶୁଣୀ ପାହାଡ଼ ପାଦଦେଶରେ ଥିବା ମେଳା ପଡ଼ିଆରେ ହଜାରହଜାର ସଂଖ୍ୟାରେ ଅସ୍ଥାୟୀ ଦୋକାନୀ ସେମାନଙ୍କ ଦୋକାନ ସଜା ଆରମ୍ଭ କରିଦେଲେଣି। ମେଳା ଆରମ୍ଭ ହେବାର ୪ଦିନ ପୂର୍ବରୁ ଦୋକାନୀମାନେ ସେମାନଙ୍କ ବ୍ୟବସାୟ କରିବା ପାଇଁ ଅସ୍ଥାୟୀ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ କେତେଜଣ ସାରିଦେଇଥିବା ବେଳେ କେତେକ କରୁଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ବ୍ୟାପକ ସଂଖ୍ୟାରେ ଜନସମାଗମ ହେବାକୁ ଦୃଷ୍ଟିରେ ରଖି ମେଳା ପରିସରକୁ ସମ୍ପୂର୍ଣ୍ଣ ମଦମୁକ୍ତ କରାଯିବା ସହ ଅପରାଧୀଙ୍କ ଗତିବିଧି ଉପରେ ପୋଲିସ କଡ଼ା ନଜର ରଖିବ ବୋଲି ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଯଦି କୌଣସି ଅପରାଧୀ ମେଳାପରିସରକୁ ଆସନ୍ତି ତାଙ୍କୁ ତୁରନ୍ତ ଗିରଫ କରାଯିବ। କେହି ଯଦି ମେଳା ପରିସରରେ ମଦ ପିଇ ବିଶୃଙ୍ଖଳା ସୃଷ୍ଟି କରନ୍ତି ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।



ଓଳାଶୁଣୀ ମେଳା ପଡ଼ିଆରେ ଅସ୍ଥାୟୀ ଦୋକାନ ନିର୍ମାଣ ଚାଲିଛି।

# ୧୩ ବିଦେଶୀଙ୍କ ସହ ୧୩୮୦ ପର୍ଯ୍ୟଟକ

## ଖୋଲିଲା ଭିତରକନିକା

**ରାଜନଗର, ୧୫।୧(ଡି.ଏନ.ଏ.)**

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ରବିବାରଠାରୁ ଖୋଲିଛି। ବଉଳା କୁମ୍ଭୀରଙ୍କ ଗଣନା ପାଇଁ ଚଳିତମାସ ୪ ତାରିଖଠାରୁ ୧୪ ତାରିଖ ଯାଏ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିଲା। ଭିତରକନିକା ଜାତୀୟ ଉଦ୍ୟାନ ଖୋଲିବା ପରେ ପ୍ରଥମଦିନରେ ପର୍ଯ୍ୟଟକଙ୍କ ଭିଡ ଲାଗିଛି। ପ୍ରଥମ ଦିନରେ ୧୩ଜଣ ବିଦେଶୀ ପର୍ଯ୍ୟଟକଙ୍କ ସହ ମୋଟ ୧୩୮୦ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଏହି ୧୩ଜଣ ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ ୨ଜଣ ଜର୍ମାନର ପର୍ଯ୍ୟଟକ ହୋଇଥିବା ବେଳେ ଅନ୍ୟ ୧୧ଜଣ ୟୁରୋପ ମହାଦେଶର ବିଭିନ୍ନ ଦେଶରୁ ଆସିଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି। ୨ଜଣ ଜର୍ମାନୀ ପର୍ଯ୍ୟଟକ ଦିନରେ ଭିତରକନିକାର ଶୋଭା ଉପଭୋଗ କରି ଫେରି ଯାଇଥିବା ବେଳେ ୧୧ଜଣ ୟୁରୋପ ମହାଦେଶର ପର୍ଯ୍ୟଟକମାନେ ଭିତରକନିକାର ହିରେନ ହାଉସ୍‌ରେ ରାତ୍ରିଯାପନ କରିଛନ୍ତି। ପ୍ରଥମ ଦିନରେ ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ୪୮୨ ପର୍ଯ୍ୟଟକ ଭିତରକନିକା ଆସିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୧୯ଟି ବୋଟରେ ୨୨୭ ପର୍ଯ୍ୟଟକ, ଖୋଳା ଏଣ୍ଟ୍ରି ପଏଣ୍ଟ ଦେଇ ୫୮ଟି ବୋଟରେ ୫୪୫ ପର୍ଯ୍ୟଟକ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୨ଟି ବୋଟରେ ୧୨୬ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି।


ଭିତରକନିକାରେ ବିଦେଶୀ ପର୍ଯ୍ୟଟକମାନେ।

# ବିଧାୟକଙ୍କ ଗାଡ଼ିରେ ପିଟିହୋଇ ବାଇକ୍ ଆରୋହୀ ଗୁରୁତର

**ଚଣ୍ଡିଖୋଲ,୧୫।୧(ଡି.ଏନ୍.ଏ.):**

ଯାଜପୁର ଜିଲା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଗାଡ଼ି ପଛରେ ପିଟିହୋଇ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଶନିବାର ରାତିରେ ଏହି ଘଟଣା ଘଟିଛି। ବିଧାୟକ ଚମ୍ପାପୁରଠାରୁ ଏକ କାର୍ଯ୍ୟକ୍ରମରୁ ଆସି ୧୬ନଂ. ଜାତୀୟ ରାଜପଥର ବନ୍ଧାଲୋ ଛକ ନିକଟରେ ଠିଆ ହୋଇଥିବାବେଳେ ତାଙ୍କ ଗାଡ଼ି ପଛପଟେ ଜଣେ ବାଇକ୍ ଆରୋହୀ ଧକ୍କା ହୋଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ବିଧାୟକ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ବାଇକ୍ ଆରୋହୀଙ୍କ ଘର ଧର୍ମଶାଳା ଥାନା ଅନ୍ତର୍ଗତ ସୁଭଦ୍ରାପୁର ଅଞ୍ଚଳରେ। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡ଼ିଛି। ବିଧାୟକଙ୍କ ଗାଡ଼ିର ପଛପଟ ମାଡ଼ ହୋଇ ଅଳ୍ପ ଭାଙ୍ଗିଯାଇଛି। ସେଭଳି ବିଶେଷ କ୍ଷତି କାହାର ହୋଇନାହିଁ। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁସାରେ, ଏକ ବସ୍ ବାଇକ ଆରୋହୀଙ୍କୁ ସାଇଡ୍ ମାରିବାରୁ ସେ ଭାରସାମ୍ୟ ହରାଇ ଆସି ବିଧାୟକଙ୍କ ଗାଡ଼ିରେ ପିଟି ହୋଇଯାଇଥିଲେ। ଏ ସମ୍ପର୍କରେ ବଡ଼ଚଣା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ପାରମ୍ପରିକ ନୃତ୍ୟ ସଙ୍ଗୀତରେ ଝୁମିଲେ ଆଦିବାସୀ





ମହାକାଳପଡ଼ା ଆଦିବାସୀ ଅଧ୍ୟୁଷିତ ୧୨ନମ୍ବର ଗାଁରେ ମକର ଉତ୍ସବ ଅବସରରେ ମହିଳାମାନଙ୍କ ଦ୍ୱାରା ତୀର ଚାଳନା, ନୃତ୍ୟ।

## ମା' ଧରିତ୍ରୀ ଆଦିବାସୀ ୟୁଥ୍ କ୍ଲବର ୩୨ତମ ମକର ଉତ୍ସବ

- ମହିଳାଙ୍କ ତୀର ଚାଳନା

**ମହାକାଳପଡ଼ା,୧୫।୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଖରିନାସୀ ପଞ୍ଚାୟତ ୧୨ ନମ୍ବର ଆଦିବାସୀ ଗାଁରେ ମକର ଉତ୍ସବ ଅବସରରେ ମା' ଧରିତ୍ରୀ ଆଦିବାସୀ ୟୁଥ୍ କ୍ଲବ ଆନୁକୂଲ୍ୟରେ ୩୨ ତମ ମକର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଁର ଆବାଳ ବୃଦ୍ଧବନିତା ମିଳିତ ହୋଇ ନୃତ୍ୟ ସଙ୍ଗୀତ, ବାଦ୍ୟ, ଢୋଲ, ନିଶାନ ଆଦି ତାଳେ ତାଳେ ରାଗରୁଷା, ଅଭିମାନକୁ ଭୁଲି ହାତରେ ହାତ ଛନ୍ଦି ଆଦିବାସୀ ସଙ୍ଗୀତରେ ଝୁମିଥିଲେ। ସେମାନଙ୍କ ଇଷ୍ଟ ଦେବତା ମା' ରଙ୍ଗବୁରୁଙ୍କୁ ପୂଜାର୍ଚ୍ଚନା କରାଯାଇ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗାଁର ଓ ପରିବାରର ମଙ୍ଗଳ ପାଇଁ ଇଷ୍ଟ ଦେବତାଙ୍କ ନିକଟରେ ମୁଣ୍ଡିଆ ମାରି ଆର୍ଶୀବାଦ ଭିକ୍ଷା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ମହିଳାପୁରୁଷ ତୀର ଚାଳନା, ପୂର୍ଣ୍ଣ କଳସ ଦୌଡ, ଦଉଡ଼ି ଧରି ଉପରକୁ ଉଠିବା, ସନ୍ତରଣ, ବିଭିନ୍ନ ଦୌଡ଼ ପ୍ରତିଯୋଗିତା, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ତର୍କ ଓ ବିତର୍କ ପ୍ରତିଯୋଗିତା ଭଳି ୩୩ରୁ ଅଧିକ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ କ୍ଲବ ପକ୍ଷରୁ ପୁରସ୍କାର ପ୍ରଦାନ କରାଯିବ। ଏହା ରବିବାର ଆରମ୍ଭ ହୋଇ ସୋମବାର ଶେଷ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି। ଧରିତ୍ରୀ ଆଦିବାସୀ ୟୁଥ୍ କ୍ଲବ୍ ସଭାପତି ଦୀନବନ୍ଧୁ ମୁର୍ମୁ , ଉପସଭାପତି ଗୋପବନ୍ଧୁ ହେମ୍ବ୍ରମ, ସମ୍ପାଦକ ଭାସ୍କର ମୁର୍ମୁ , ଲକ୍ଷ୍ମଣ ହାଁସଦା, କାଣ୍ଡନ ହାଁସଦା, ମକର ହେମ୍ବ୍ରମ, ପୂର୍ଣ୍ଣ ଚନ୍ଦ୍ର ହାଁସଦା, ଗଣେଶ ମାରାଣ୍ଡି, ଭୀମସେନ ହାଁସଦା, ସାଲଖୁ ମୁର୍ମୁ, ଚଣ୍ଡ ମୁର୍ମୁଙ୍କ ସମେତ ବହୁ ଯୁବକ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଭିଷେକ


@ ଚନ୍ଦନ


@ କାର୍ତ୍ତିକ


@ ଶାଶ୍ୱତ



@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



# କାଗଜପତ୍ରରେ ଧାନକିଣା

**ନୟାଗଡ଼ ଅଫିସ,୧୫।୧**

ନୟାଗଡ଼ ଜିଲାରେ ଫଲସ୍ ଏଣ୍ଟ୍ରି କରାଯାଇ କାଗଜପତ୍ରରେ ଧାନ କିଣା ଚାଲିଥିବା ଅଭିଯୋଗ ଉଠିଛି। ଟୋକନରେ ଥିବା ଟାର୍ଗେଟର ଧାନ ଚାଷୀ ପାଖରେ ନ ଥିଲେ ହେଁ ମିଲର ଫନ୍ଦି ଫିକର କରି ଚାଷୀ ଓ ପ୍ୟାକ୍ସ ସମ୍ପାଦକଙ୍କୁ ଧରାଧରି କରି କାଗଜପତ୍ରରେ ଧାନ କିଣି ଚାଲିଛି। ଏଭଳିଆ ଅନିୟମିତତା ଅନେକ ପ୍ୟାକ୍ସରେ ଅବାଧରେ ଚାଲିଛି। ଏହି ଜାଲିଆତିରେ ଚାଷୀ ଓ ସମ୍ପାଦକ କୁଇଣ୍ଟାଲ ପିଛା ୨୦୦ ଲେଖାଏ ୪୦୦ ଟଙ୍କା ପାଉଛନ୍ତି। ସ୍ଥାନେ ସ୍ଥାନେ ଚାଷୀ ଓ ସମ୍ପାଦକ ୧୦୦ ଲେଖାଏଁ ୨୦୦ ଟଙ୍କା ରୋଗଜାର କରୁଛନ୍ତି। ମିଲର ବିନା ଖର୍ଚ୍ଚରେ ୧୭୦୦ରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରି ଚାଲଛନ୍ତି। ଜିଲାରେ ଚାଲିଥିବା ଠକେଇ ନେଇ ଅତର୍କିତ ଚଢ଼ାଉ ଜିଲା ଯୋଗାଣ ବିଭାଗ ଅଥବା ଜିଲା ପ୍ରଶାସନ କରୁ ନ ଥିବାରୁ ଜାଲିଆତି ବଢ଼ି ଚାଲିଛି। ଧାନ କିଣାରେ ସ୍ୱଚ୍ଛତା ନ ଥିବାରୁ ଅସନ୍ତୋଷ ବଢ଼ି ଚାଲିଛି। ମିଲରଙ୍କ ଏଭଳିଆ କାରନାମା ପଦାକୁ ଆସିବା ପରେ ରାଜ୍ୟସ୍ତରୀୟ ସ୍କ୍ୱାର୍ଡ ତଦନ୍ତ ପାଇଁ ଦାବି ଉଠିଛି।

ଅଭିଯୋଗ ଅନୁସାରେ, ଜିଲାରେ ଧାନ କିଣାରେ କଟନିଛଟନି ଓ ମିଲରଙ୍କ ମନମାନି ଯୋଗୁ ଚାଷୀ ଆନ୍ଦୋଳନ ଥମୁ ନାହିଁ। ଧାନକିଣା ମାନ୍ଦା ହେବା ପରେ ସମ୍ବଲପୁର ମିଲରଙ୍କୁ ସରକାର ସାମିଲ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ୪ ଜଣ ମିଲର ଆସି ବ୍ୟାଙ୍କ ଗ୍ୟାରେଣ୍ଟି ଦେଇ ସାରିଲେଣି। ଏଭଳିସ୍ଥଳେ ନୟାଗଡ଼ ମିଲରମାନେ ଭୟଭୀତ ହୋଇ ଧାନକିଣାରେ ତ୍ୱରାନ୍ୱିତ କରିଛନ୍ତି। କିଛିଦିନର ଧାନ କିଣାକୁ ଅନୁଧ୍ୟାନ କଲେ ଜାଲିଆତି ଜଳଜଳ ହୋଇ ଦିଶୁଛି। ଜିଲାର ଖଣ୍ଡପଡ଼ା ବ୍ଲକର କିଆଝର ପ୍ୟାକ୍ସରେ ୬୪ ଜଣ ଚାଷୀଙ୍କଠାରୁ ୨୮୦୮ କୁଇଣ୍ଟାଲ ଧାନ ମିଲର କିଣିଛନ୍ତି। ସେହିପରି ଶିଖରପୁର ପ୍ୟାକ୍ସରେ ୭୧ ଚାଷୀଙ୍କ ଠାରୁ ୨୮୬୯ କୁଇଣ୍ଟାଲ, ନୟାଗଡ଼ ବ୍ଲକର ବିରୁଡା ମର୍ଦ୍ଦରାଜପୁର ପ୍ୟାକ୍ସରେ ୪୩ ଚାଷୀ ୨୧୪୮ କୁଇଣ୍ଟାଲ ଧାନ ବିକିଛନ୍ତି। ପୁଣି ନୟାଗଡ଼ ପ୍ୟାକ୍ସରେ ୯୪ ଜଣ ଚାଷୀ ୩୫୨୧ କୁଇଣ୍ଟାଲ, ବାଲୁଗାଁ ପ୍ୟାକ୍ସରେ ୧୧୮ ଚାଷୀ ୫ ହଜାର ୧୨୨ କୁଇଣ୍ଟାଲ ଧାନ ବିକିଛନ୍ତି। ସେହିଭଳି ଓଡ଼ଗାଁ ବ୍ଲକ ପଞ୍ଚରିଡା ମାନପୁରରେ ୭୫ ଚାଷୀ ୨୬୩୧ କୁଇଣ୍ଟାଲ, ପାଣ୍ଡେରୀପଡା ପ୍ୟାକ୍ସରେ ୧୪୪ ଚାଷୀଙ୍କର ୪୫୮୩ କୁଇଣ୍ଟାଲ, କୁରାଳ ପ୍ୟାକ୍ସରେ ୧୨୯ ଚାଷୀଙ୍କର ୪୧୨୧ କୁଇଣ୍ଟାଲ, କୋମଣ୍ଡ ପ୍ୟାକ୍ସରେ ୧୨୮ ଚାଷୀଙ୍କର ୪୩୩୯ କୁଇଣ୍ଟାଲ ଧାନ କିଣା ହୋଇଛି। ହରିହରପୁର ପ୍ୟାକ୍ସରେ ୧୦୧ ଚାଷୀ ୬୧୪୦ କୁଇଣ୍ଟାଲ, ବଡପୁଟ ପ୍ୟାକ୍ସରେ ୯୩ ଚାଷୀ ୩୪୬୩ କୁଇଣ୍ଟାଲ, ରଣପୁର ବ୍ଲକରେ ତାରିଆ ପ୍ୟାକ୍ସରେ ୨୫୨ ଚାଷୀଙ୍କର ୮୯୪୯ କୁଇଣ୍ଟାଲ ଧାନ କିଣା ହୋଇଛି। ଏଭଳି କିଛି ପ୍ୟାକ୍ସର ଧାନ କିଣାକୁ ଅନୁଧ୍ୟାନ କଲେ ସନ୍ଦେହ ଘେରକୁ ଆସୁଥିବା ଅଭିଯୋଗ ହୋଇଆସୁଛି। ଜଣେ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି , ମୋ ଗାଁରେ ଜଣେ ଚାଷୀଙ୍କର ଟୋକନରେ ୩୦ କୁଇଣ୍ଟାଲ ଧାନ ଟାର୍ଗେଟ ଆସିଥିଲା। ଜମି ଭାଗ ଦେଇଥିବାରୁ ୧୦ କୁଇଣ୍ଟାଲ ଧାନ ପାଖରେ ଥିଲା। ତେବେ କାଗଜପତ୍ରରେ ୩୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। କାଗଜପତ୍ରରେ ଅଧିକ ୨୦ କୁଇଣ୍ଟାଲ ଧାନ କିଣା ପାଇଁ କୁଇଣ୍ଟାଲ ପିଛା ୧୦୦ ଲେଖାଏ ଆଗୁଆ ଦିଆଯାଇଛି। ଆକାଉଣ୍ଟକୁ ଟଙ୍କା ଆସିଲେ ୨୦ କୁଇଣ୍ଟାଲ ଧାନର ଟଙ୍କା ମିଲରଙ୍କୁ ଦିଆଯିବ ବୋଲି ଚାଷୀ ପ୍ରତିଶ୍ରୁତି ଦେଇଛନ୍ତି। ମିଲର ପ୍ୟାକ୍ସ ସମ୍ପାଦକଙ୍କୁ ପୁଣି ୧୦୦ ଟଙ୍କା ଲେଖାଏ ୨୦ କୁଇଣ୍ଟାଲର ପ୍ରାପ୍ୟ ଦେଇ ସାରିଛନ୍ତି। କେତେଗୋଟି ପ୍ୟାକ୍ସରେ ୨୦୦ ଟଙ୍କା ଲେଖାଏ କୁଇଣ୍ଟାଲ ପିଛା ଦିଆଯାଇଛି। ଏହି କାରବାର ପାଇଁ ରାକେଟ କାମ କରୁଛି। ମିଲର କୁହୁଛନ୍ତି, ଆମେ ତଳ ଲେବୁଲରୁ ଉପର ସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ କଥା ବୁଝୁଛୁ। କିଛି ଅସୁବିଧା ହେବନି। ଚାଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବନି। ଆପଣମାନେ ଭୟ କରନ୍ତୁ ନାହିଁ। ଏଆରସିଏସ୍ ହାଡୁବନ୍ଧୁ ମହାକୁଡ଼ କୁହନ୍ତି, ଫଲସ୍ ଏଣ୍ଟ୍ରି ସମ୍ପର୍କରେ ଅଭିଯୋଗ ମିଳୁନି। ଅଭିଯୋଗ ମିଳିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲା ଯୋଗାଣ ଅଧିକାରୀ ତିଳୋତମା ପ୍ରଧାନଙ୍କୁ ପଚାରିବାରେ ଫଲସ୍ ଏଣ୍ଟ୍ରିରେ ଧାନ କିଣା ହେଉଥିବା ଅଭିଯୋଗ ଆସିନି। ତେବେ ଆପଣଙ୍କଠାରୁ ଶୁଣିବା ପରେ ଏ ଦିଗରେ ଚଢ଼ାଉ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ପଚାରିବାରେ ମିଲରଙ୍କର ନାଁରେ ବହୁ ପ୍ରକାରର ଅଭିଯୋଗ ଆସୁଛି। ଏପରି ଅଭିଯୋଗ ମଳି ନ ଥିଲେ ହେଁ ଏହାକୁ ପ୍ରଶାସନ ଅନୁଧ୍ୟାନ କରୁଛି। ଠିକଣା ସମୟରେ ଠିକଣା ପଦକ୍ଷେପ ନିଆଯିବ। ଧାନକିଣାରେ ସ୍ୱଚ୍ଛତା ରକ୍ଷା ପାଇଁ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛି ବୋଲି ସେ କହିଛନ୍ତି।

**ଫଲସ ଏଣ୍ଟ୍ରି ରୋଜଗାର ଯୋଗାଉଛି**

- ଟୋକନର ଟାର୍ଗେଟ ଧାନ ଚାଷୀଙ୍କ ପାଖରେ ନାହିଁ
- ଚାଷୀ ଓ ସମ୍ପାଦକ ୨୦୦ ରୁ ୪୦୦ଟଙ୍କା ପାଉଛନ୍ତି
- ବିନା ଖର୍ଚ୍ଚରେ ମିଲର ୧୭ଶହରୁ ଊର୍ଦ୍ଧ୍ୱ ଲୁଟ୍ କରୁଛନ୍ତି
- ଧାନ ମିଲରେ ଚଢ଼ାଉ ନ ଥିବାରୁ ସ୍ୱଚ୍ଛତା ରହୁନି
- ରାଜ୍ୟ ସ୍ତରୀୟ ସ୍କ୍ୱାଡ୍ ଚଢ଼ାଉ ପାଇଁ ଦାବି

## ଖଣ୍ଡପଡ଼ାରେ ପରିବର୍ତ୍ତନ ପାଇଁ ସଂକଳ୍ପ

**ଭାଜପାର ବନ୍ଧୁମିଳନ**

ଭାପୁର,୧୫।୧(ଡି.ଏନ.ଏ.): ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଭାପୁର ବ୍ଲକରେ ଅଭିଳାଷ ପଣ୍ଡାଙ୍କ ଆବାହକତ୍ୱରେ ଭାଜପାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଯାଇଛି। ଏଥିରେ ଖଣ୍ଡପଡ଼ାର ପରିବର୍ତ୍ତନ ପାଇଁ ସଂକଳ୍ପ ନିଆଯାଇଥିଲା। ଏଥିରେ ୪ଶହ ନୂଆ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ପଥରଚକଡ଼ା ପଞ୍ଚାୟତସ୍ଥିତ ମା' ନାରାୟଣ ଦେବୀ ପୀଠରେ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧାପକ ବଳରାମ ପଣ୍ଡା ସଭାପତିତ୍ୱ କରିଥିଲେ। ଭାଜପା ଯୁବ ନେତା ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ଜିଲା ସଭାପତି ପ୍ରଦୀପ୍ତ ପଟ୍ଟନାୟକ, ଭାପୁର ମଣ୍ଡଳ ଯୁବ ସଭାପତି ସୁରେଶ ଚନ୍ଦ୍ର ରାଉତ, ଅନନ୍ତ ବେହେରା, ପଥରଚକଡ଼ା ପଞ୍ଚାୟତର ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ଦାସ, ବାଇଗଣିଆ ପଞ୍ଚାୟତର ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ଲେଙ୍କା ଯୋଗ ଦେଇଥିଲେ। ଏହା ସହ ଧାନଚକଡ଼ା ପଞ୍ଚାୟତର ପୂର୍ବତନ ଭାଜପା ସମିତି ସଭ୍ୟ ସଞ୍ଜୁ ମହାନ୍ତି, ବାଇଗଣିଆ ରବି ପ୍ରଧାନ ଓ କରବର ବଳଭଦ୍ର ମଲ୍ଲିକ ପଞ୍ଚାୟତର ସମିତିସଭ୍ୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକର ଭାଜପା ମଣ୍ଡଳ ସଭାପତି ଭରତ ବିଶ୍ୱାଳ, କଣ୍ଟିଲୋ ମଣ୍ଡଳ ସଭାପତି ହିମାଂଶୁ ଖଟୁଆ, ଦାମୋଦର କର ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତସ୍ତରୀୟ ଲଢୁଆ ନେତୃତ୍ୱଙ୍କୁ ନେଇ ଆଗାମୀଦିନରେ ପରିବର୍ତ୍ତନ ପାଇଁ ଆହ୍ୱାନ ଦିଆଯାଇଥିଲା।

## ମେଧାବୃତ୍ତିରେ ଆରାଧ୍ୟା, ସତ୍ୟଜିତ୍ ପ୍ରଥମ ସ୍ଥାନରେ

**ଖଣ୍ଡପଡ଼ା ବ୍ଲକ : ୩ୟ, ୫ମ ଶ୍ରେଣୀ ମେଧାବୃତ୍ତି ଫଳ ପ୍ରକାଶିତ**

ଖଣ୍ଡପଡା,୧୫।୧(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ବିଦ୍ୟାଳୟ (୩ୟ ଓ ୫ମ ଶ୍ରେଣୀ) ମେଧାବୃତ୍ତି ଓ ଗରିବ ମେଧାବୃତ୍ତି ପରୀକ୍ଷା ୨୦୨୨ର ଫଳ ପ୍ରକାଶିତ ହୋଇଛି। ଏଥିରେ ଉଭୟ ଶ୍ରେଣୀରେ ୭ ଜଣ ମେଧା ଛାତ୍ରୀଛାତ୍ର ଓ ୭ ଜଣ ଗରିବ ମେଧା ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏହି ପ୍ରରିପ୍ରେକ୍ଷୀରେ ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କଣ୍ଟିଲୋ ବାଳିକା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଆରାଧ୍ୟା ସାହୁ ପ୍ରଥମ ହୋଇଥିବା ବେଳେ ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ଆଦ୍ୟାଶା ମହାଲିକ, ଶାଶ୍ୱତ କୁମାର ମହାରଣା, ସାଇ ସୁଧାଂଶୁ ଲେଙ୍କା, ବିଶ୍ୱସ୍ୱତା ବାରିକ, ସ୍ୱାଗତିକା ସାହୁ ଓ ଆଦ୍ୟା ରଥ ବିବେଚିତ ହୋଇଛନ୍ତି। ସେହିପରି ୫ମ ଶ୍ରେଣୀ ମେଧାବୃତ୍ତିରେ ନୀଳକଣ୍ଠ ପ୍ରସାଦ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସତ୍ୟଜିତ ବେହେରା ପ୍ରଥମ ହୋଇଥିବା ବେଳେ ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ବିଶ୍ୱଜିତ ପଢିହାରୀ, ଦିବ୍ୟଶକ୍ତି ପଣ୍ଡା, ଅଭିଷେକ ମହାନ୍ତି, ବିଶ୍ୱ ବନ୍ଦିତା ସାହୁ, ଆଶିଷ ସ୍ମୃତି ରଞ୍ଜନ ସାହୁ ଓ ସମ୍ପିତ ଦାସ ବିବେଚିତ ହୋଇଛନ୍ତି।

## ଅନୁଦାନ ସତ୍ତ୍ୱେ ଲଡୁବାବାଙ୍କ ବିକାଶ କାର୍ଯ୍ୟ ଅଗ୍ରଗତି ହେଉନି

**ଶରଣକୁଳ,୧୫।୧(ଡି.ଏନ.ଏ.)**



ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ମନ୍ଦିରର ବିକାଶ ମୂଳକ କାର୍ଯ୍ୟ ପାଇଁ ଅନୁଦାନ ମିଳିଥିଲେ ହେଁ କାମର ଅଗ୍ରଗତି ହେଉନାହିଁ। ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ ଲଡୁବାବାଙ୍କ ମନ୍ଦିରର ଉନ୍ନତି ନିମନ୍ତେ ୮ମାସ ତଳେ ଲଡୁବାବାଙ୍କ ମନ୍ଦିର ପରିସର ମଧ୍ୟରେ ରୋଷେଇ ଘର ନିର୍ମାଣ ନିମନ୍ତେ ୫ ଲକ୍ଷ ୮,୭୪୮ଟଙ୍କା, ଲଡୁବାବାଙ୍କ ପୁଷ୍କରିଣୀ ପାହାଚ ଟାଇଲ୍ ପକାଇବା ଲାଗି ୫ ଲକ୍ଷ ୮୫ ହଜାର ୩୩୩୫ଟଙ୍କା, ଆବର୍ଜନା କୁଣ୍ଡ ନିମନ୍ତେ ୩୧,୯୩୧ଟଙ୍କା, ସେବାୟତଙ୍କ ବିଶ୍ରାମ କକ୍ଷ ପାଇଁ ୪ଲକ୍ଷ ୨୨୦୫୦ଟଙ୍କା, ଭୋଗଘର ନିମନ୍ତେ ୫ଲକ୍ଷ ଟଙ୍କା, ରୋଷଘର ନିମନ୍ତେ ୫ଲକ୍ଷ ୩୯,୯୩୬ଟଙ୍କା ସ୍ପେସାଲ ପ୍ରୋବ୍ଲେମ୍ ଫଣ୍ଡରୁ ଦିଆଯାଇଛି। ହେଲେ ଅଦ୍ୟାବଧି କାମର ଅଗ୍ରଗତି ହେଉ ନ ଥିବାରୁ ଶରଣକୁଳ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଧାୟକ ପ୍ରଧାନଙ୍କୁ ପଚାରିବାରେ ଅଦ୍ୟାବଧି କାର୍ଯ୍ୟ ନ ହୋଇଥିବା ଶୁଣି କ୍ଷୋଭ ପ୍ରକାଶ କରିବା ସହ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି।

## ଦଶପଲ୍ଲା କପ୍ ଫୁଟବଲ, ନୀତା ଟିମ୍ ଚାମ୍ପିୟନ

**ଦଶପଲ୍ଲା,୧୫ ୧(ଡି ଏନ ଏ )**

ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଖେଳ ମହିଳା ଦଳ କଳିଙ୍ଗ ଫୁଟବଲ ଏକାଡେମୀ ସହ ନୀତା ଫୁଟବଲ ଏକାଡେମୀର ହୋଇଥିଲା। ଉଭୟ ଦଳ ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତିୟାର୍ଦ୍ଧରେ ନୀତା ଏକାଡେମୀର ୧୧ ନଂ. ଜର୍ସି ଖେଳାଳି ଇପ୍ସିତା ରାଉତ ଗୋଟିଏ ଗୋଲ ଦେଇ ଦଳକୁ ଚାମ୍ପିୟନ କରାଇଥିଲେ। ରେଫରୀ ଭାବେ ରବୀନ୍ଦ୍ର କୁମାର ନାୟକ ଖେଳ ପରିଚାଳନା କରିଥିଲେ। ଅତିଥି ଭାବରେ ଦଶପଲ୍ଲା ଏନ୍ଏସି ଅଧ୍ୟକ୍ଷା ଇ.ପୁନମ୍ ପ୍ରିୟଦର୍ଶିନୀ ଏବଂ ସମସ୍ତ ନିର୍ବାଚିତ କାଉନସିଲର ଯୋଗ ଦେଇଥିଲେ।

## ନାଲି, ହଳଦିଆ ବତି ଗାଡିର ଅପବ୍ୟବହାର

**ନୟାଗଡ଼ ଅଫିସ,୧୫।୧**



ନୟାଗଡ଼ ଜିଲାରେ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରି ଜିଲାର ଜିଲାପାଳ, ଅତିରିକ୍ତ ତହସିଲଦାର, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ବିଡିଓ, ପୋଲିସ ଅଧିକାରୀ, ବ୍ଲକ, ଏନ୍ଏସି ଓ ମ୍ୟୁନିସିପାଲିଟି ଚେୟାରମ୍ୟାନ ନାଲି ଓ ହଳଦିଆ ବତି ଲାଗିଥିବା ଗାଡିକୁ ଚଳାଚଳ କରି ଅପବ୍ୟବହାର କରୁଛନ୍ତି। ଘରୁ ଅଫିସ ଓ ଅଫିସରୁ ଘରକୁ ଯାଉଥିବାବେଳେ ଏଭଳି ଗାଡି ବ୍ୟବହାର ଜିଲାପାଳଙ୍କ ପରି ଅଧିକାରୀମାନେ କରୁଛନ୍ତି। ସରକାରୀ ନିର୍ଦ୍ଦେଶକୁ ଶୀତଳଭଣ୍ଡାରକୁ ଫୋପାଡି ଦେଇଛନ୍ତି। ନାଲି, ହଳଦିଆ ଓ ବିଭିନ୍ନ ବତିର ଗାଡି ବ୍ୟବହାର ପ୍ରସଙ୍ଗ ସୁପ୍ରିମୀକୋର୍ଟରେ ପହଞ୍ଚିବା ପରେ କେନ୍ଦ୍ର ସରକାର ଲଗାମ ଦେଇଥିଲେ। କେନ୍ଦ୍ର ସରକାରଙ୍କ ନୋଟିଫିକେଶନ ନଂ. ଜିଏସ୍ଆର ନଂ. ୪୨୩/୧।୫।୧୭ ଓ ନୋଟିଫିକେଶନ ନମ୍ବର ଏସ୍‌ଓ ୫୨(ଇ)/୧୧।୫।୨୦୦୨, ଓଡ଼ିଶା ସରକାରଙ୍କ ବାଣିଜ୍ୟ ପରିବହନ ବିଭାଗ ନୋଟିଫିକେଶନ ନଂ. ୩୮୯୭/୧।୬।୨୦୧୭ ଅନୁସାରେ

**ପ୍ରଶାସନିକ ଅଧିକାରୀ ସରକାରୀ ନିର୍ଦ୍ଦେଶ ମାନୁନାହାନ୍ତି**

ଗାଡିରେ ନାଲି, ହଳଦିଆ ପରି ବତି ବ୍ୟବହାର ଉପରେ କଟକଣା ଜାରି ହୋଇଛି। କେବଳ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ବିଚାରପତି, ବାଚସ୍ପତି, କ୍ୟାବିନେଟ ମନ୍ତ୍ରୀ, ଉଚ୍ଚ ନ୍ୟାୟାଳୟର ବିଚାରପତି, ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ପ୍ରମୁଖ ଲଗାଇ ପାରିବେ। ଏଥିରେ ପୁଣି କଟକଣା କରାଯାଇ କିଏ କେଉଁ ବତି ଲଗାଇବେ ସେନେଇ ବ୍ୟବସ୍ଥା ରହିଛି। ତେବେ ଏ ନେଇ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଜିଲାରେ ପ୍ରତ୍ୟେହ ମାଳ ମାଳ ବତି ଥିବା ଗାଡି ଘୂରି ବୁଲୁଛି। ଏ ନେଇ ସୂଚନା ଅଧିକାର କର୍ମୀ ଜୟନ୍ତ ଦାସ କୁହନ୍ତି, ମାଜିଷ୍ଟ୍ରେଟ ପାୱାରରେ ଯିବା ବେଳେ ଜିଲାପାଳ, ତହସିଲଦାର, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ପରି ଅଧିକାରୀ କଟକଟା ନିୟମ ଅନୁସାରେ ବତି ଗାଡି ବ୍ୟବହାର କରି ପାରିବେ। ତେବେ ସବୁ ସମୟରେ ବ୍ୟବହାର କରିପାରିବେ ନାହିଁ। ମଝିରେ ଅଭିଯୋଗ ପରେ ଏହା ଉପରେ ଲଗାମ ଲାଗିଥିଲା। ତେବେ ଏବେ ପୁଣି କଟକଣା କେହି ମାନୁନାହାନ୍ତି। ଏ ନେଇ କୋର୍ଟର ଆଶ୍ରୟ ନେବାକୁ ପଡିବ ବୋଲି ସେ କହିଛନ୍ତି। ଏ ନେଇ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କୁହନ୍ତି, ନାଲି, ହଳଦିଆ ବତି ଗାଡି ପରି ବିଭିନ୍ନ ବତିର ଅପବ୍ୟବହାରକୁ ଆମେ ବିରୋଧ କରୁଛୁ। ଏହାର ଉଚ୍ଛେଦ ଦାବିରେ ଆମର ପ୍ରାୟସ ଆରମ୍ଭ ହୋଇଛି ବୋଲି ସୂଚନା ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଭିଷେକ



@ ଚନ୍ଦନ



@ କାର୍ତ୍ତିକ



@ ଶାଶ୍ୱତ




@ ଶୁଭମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କର




ବିଜେଡି ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ନେତାମାନେ।

**ଖଣ୍ଡପଡ଼ାରେ ବିଜେଡିର ପ୍ରତିଷ୍ଠା ଦିବସ**

**ଭାପୁର, ୧୫।୧ (ଡି.ଏନ.ଏ.)**

ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ନିର୍ବାଚନମଣ୍ଡଳୀର ନିର୍ବାଚିତ ଜନପ୍ରତିନିଧି, ବହୁ ଛାମୁଆଁ ନେତା ଓ କର୍ମୀ ଯୋଗଦେବା ସହ ଦଳୀୟ ସଙ୍ଗଠନକୁ ମଜବୁତ କରିବା ସହ ଲୋକଙ୍କ ନିକଟରେ ଉତ୍ତରଦାୟୀ ପାଇଁ ମତବ୍ୟକ୍ତ କରିଥିଲେ। ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ସ୍ୱାଗତ ଭାଷଣ ରଖିଥିବା ବେଳେ, ଜିଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ଧର୍ମେନ୍ଦ୍ର କୁମାର ଧଳ, ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ମିଶ୍ର, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଦଳ ସଙ୍ଗଠିତ ହୋଇ ନିର୍ବାଚନ ଲଢୁଥିବା ବେଳେ ଆଗାମୀଦିନରେ ଛାମୁଆଁ ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବାକୁ ପ୍ରମୁଖ କର୍ମୀଙ୍କୁ ସମ୍ବୋଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଏନ୍ଏସି ଉପାଧ୍ୟକ୍ଷ ମିହିର କୁମାର ମିଶ୍ର, ଖଣ୍ଡପଡ଼ା ବ୍ଲକ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ବ୍ଲକ ମହିଳା ସଭାପତି ମିନତୀ ସାହୁ, ଏନ୍ଏସି ମହିଳା ସଭାପତି ସୁପ୍ରିୟା ଦାଶ, ଭାପୁର ବ୍ଲକ ଯୁବ ବିଜେଡି ସଭାପତି ସୁଜିତ କୁମାର ବାରିକ, ଛାତ୍ର ବିଜେଡି ସଭାପତି ରଞ୍ଜନ କୁମାର ସ୍ୱାଇଁ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଶଶିଭୂଷଣ ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଲୋକଙ୍କ ନିକଟରେ ସରକାରୀ ଯୋଜନାର ପ୍ରଚାର ପ୍ରସାର ଦିଗରେ କର୍ମୀଙ୍କୁ ସମ୍ବୋଧିତ କରିଥିଲେ। ବିଧାୟକଙ୍କ ଭାପୁର ବ୍ଲକ ପ୍ରତିନିଧି ତଥା ବରିଷ୍ଠ ସଙ୍ଗଠକ ଜିତେନ୍ଦ୍ର କୁମାର ରଣସିଂହ ଶେଷରେ ଧନ୍ୟବାଦ ଦେଇଥିଲେ।



ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ -ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ। -ଶ୍ରୀଅରବିନ୍ଦ

# ଭିଡ଼ ବିପଦ

ଭାରତର ମହାନଗରୀରେ ଟ୍ରାଫିକ୍ ଜାମ୍ ଓ ଲୋକଙ୍କ ଭିଡ଼ ଅସମ୍ଭାଳ ସ୍ତରରେ ପହଞ୍ଚିଥିବା ବିଷୟରେ ସର୍ବଦା ଆମେ ଦେଖିବାକୁ ପାଉଥିଲୁ। ଏବେ ଓଡ଼ିଶା ଭଳି ରାଜ୍ୟରେ ମଧ୍ୟ ଜନ ଓ ଯାନ ଭିଡ଼ ଅନେକ ସ୍ଥାନରେ ଅସମ୍ଭାଳ ସ୍ଥିତି ସୃଷ୍ଟି କଲାଣି। କୋଭିଡ୍-୧୯ ଯୋଗୁ ବିଗତ ଦୁଇବର୍ଷ ଧରି ଲୋକଙ୍କ ଯାତାୟାତ କମିଯାଇଥିଲା। କରୋନାର ପ୍ରାଦୁର୍ଭାବ କମିବା ପରେ ଏବେ ଯାନିଯାତ୍ରା, ମହୋତ୍ସବଗୁଡ଼ିକରେ ଅଧିକ ଉତ୍ସାହ ଦେଖାଦେଇଥିବାରୁ ଭିଡ଼ ବୃଦ୍ଧି ପାଉଛି। ଏପରି କି ଗାଁଗଣ୍ଡାରେ ଥିବା ପୂଜାସ୍ଥଳୀଗୁଡ଼ିକ ଲୋକାରଣ୍ୟ ହୋଇପଡୁଛି। ପର୍ଯ୍ୟଟନସ୍ଥଳୀ ହେଉ ବା ଧର୍ମପୀଠକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ରହିଲେ ତାହା ରାଜ୍ୟ ରାଜକୋଷକୁ ସମୃଦ୍ଧ କରିଥାଏ। କିନ୍ତୁ ତାହାକୁ ବ୍ୟବସ୍ଥିତ କରାଯିବା ଦାୟିତ୍ୱ ପୋଲିସ ଓ ପ୍ରଶାସନର ରହିବା ନିତାନ୍ତ ଆବଶ୍ୟକ। ଉତ୍ସବ ବା ମହୋତ୍ସବ ପୂର୍ବରୁ ଲୋକଙ୍କ ଭିଡ଼ କିଭଳି ହେବ ଓ ତାହାକୁ କେଉଁ ପ୍ରକାରରେ ପରିଚାଳନା କରିହେବ, ସେହି ଦିଗରେ ଗୋଇନ୍ଦା ସବିଶେଷ ତଥ୍ୟ ସଂଗ୍ରହ କରିଥାଏ। ସମ୍ଭବତଃ ସେହି ବ୍ୟବସ୍ଥା ବାରମ୍ବାର ବିଫଳ ହେଉଥିବାରୁ ଅନେକ ସ୍ଥାନରେ ଅଘଟଣ କରୁଛି। ୧୪ ଜାନୁୟାରୀ ୨୦୨୩ରେ କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ସିଂହନାଥ ମନ୍ଦିର ଦର୍ଶନ ପାଇଁ ଯାଉଥିବା ପ୍ରାୟ ଦୁଇ ଲକ୍ଷ ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଦଳାଚକଟାରେ ମୃତ୍ୟୁ ଓ ଅନେକ ଆହତ ହେବା ଘଟଣା ସଦ୍ୟ ଦୃଷ୍ଟାନ୍ତ ଭାବେ ଉଭା ହୋଇଛି। ଏହାର ଦିନକ ପରେ ଅର୍ଥାତ୍ ୧୫ ଜାନୁୟାରୀରେ ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ କରାଯାଇ ନ ପାରିବାରୁ ୨ ଜଣ ବେହୋସ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ବିଷୟ ପଦାକୁ ଆସିଛି। ସେଠାରେ ବାରିକେଡ୍ ବ୍ୟବସ୍ଥା କରାଯାଇ ଯେତେ ପଦକ୍ଷେପ ନିଆଗଲେ ମଧ୍ୟ ତାହା ବ୍ୟବସ୍ଥିତ ହୋଇପାରୁ ନାହିଁ। ଅନେକ ଶ୍ରଦ୍ଧାଳୁଙ୍କ କହିବା ଅନୁଯାୟୀ ବରଂ ଅତ୍ୟଧିକ ପ୍ରଶାସନିକ ହସ୍ତକ୍ଷେପ, ବାରିକେଡ୍ ଆଦି ବ୍ୟବସ୍ଥା ଏବଂ ଅଧିକ ପୋଲିସ ନିୟୋଜନ ହୋଇ ପରିସ୍ଥିତି ବିଗିଡ଼ିଲା ଭଳି ମନେହେଉଛି। ପୂର୍ବରୁ ଶ୍ରଦ୍ଧାଳୁଙ୍କ ଭିଡ଼ ବେଶି ଥିଲେ ମଧ୍ୟ କାହିଁ କେଜାଣି ଦର୍ଶନ ସୁରୁଖୁରୁରେ ହେଉଥିଲା। ଶ୍ରୀମନ୍ଦିରର ସବୁ ଦିଗକୁ ପ୍ରଶାସନ ନିୟନ୍ତ୍ରଣ କରୁଥିବା ବେଳେ ଏହାସବୁ ଶୃଙ୍ଖଳିତ ଭାବେ ହେଉଛି କି ନାହିଁ, ତାହା ସୁନିଶ୍ଚିତ କରାଯିବା ଦରକାର।

**ଆଜିର ସମୟରେ 'ଭିଡ଼ ନିୟନ୍ତ୍ରଣ' ଶବ୍ଦ ପଛୁଆ ଚିନ୍ତାଧାରା ହୋଇଗଲାଣି। ଏବର ଆବଶ୍ୟକତା ହେଉଛି 'ଭିଡ଼ ପରିଚାଳନା'। ବାସ୍ତବରେ ସୁରକ୍ଷାବାହିନୀକୁ ଭିଡ଼ ପରିଚାଳନା ଲାଗି ଲୋକଙ୍କ ନିରାପତ୍ତାକୁ କିଭଳି ପ୍ରାଧାନ୍ୟ ଦିଆଯିବା ଉଚିତ, ତାହା ଉପରେ ଗୁରୁତ୍ୱ ଦେବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି।**

ଅନ୍ୟପକ୍ଷେ ସିଂହନାଥ ପୀଠରେ ମକର ମେଳା ସମୟରେ ଅନେକ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। କୋଭିଡ୍-୧୯ ଯୋଗୁ ଏହି ପୀଠକୁ ଦୁଇ ବର୍ଷ ଧରି ଲୋକଙ୍କ ଗମନାଗମନ ନ ଥିବାରୁ ଚଳିତବର୍ଷ ଅତ୍ୟଧିକ ଶ୍ରଦ୍ଧାଳୁ ଏକ ସମୟରେ 'ଟି' ସେତୁରେ ପଶିଯାଇଥିଲେ। ଉଲ୍ଲେଖଯୋଗ୍ୟ, ୨୦ ଡିସେମ୍ବର ୨୦୨୧ରେ କଟକ ଜିଲା ବାଙ୍କୀ ବୈଦେଶ୍ୱରରୁ ବଡ଼ମ୍ବା ଗୋପୀନାଥପୁରକୁ ଏବଂ ମହାନଦୀ ମଧ୍ୟରେ ଥିବା ସିଂହନାଥ ଦେବ ପୀଠକୁ ସଂଯୋଗ କରୁଥିବା 'ଟି' ବ୍ରିଜ୍ ଉଦ୍‌ଘାଟିତ ହୋଇଥିଲା। ପୂର୍ବରୁ ଶ୍ରଦ୍ଧାଳୁମାନେ ନଦୀ ମଧ୍ୟ ଦେଇ ଚଲା ବାଟରେ ମନ୍ଦିରକୁ ଯିବାଆସିବା କରୁଥିଲେ। ତେବେ 'ଟି' ସେତୁ ନିର୍ମାଣ ପରେ ଗମନାଗମନ କରିବା ସହଜ ହୋଇଥିଲା। ହେଲେ ଏକସମୟରେ ଅତ୍ୟଧିକ ଶ୍ରଦ୍ଧାଳୁ ତାହାକୁ ବ୍ୟବହାର କରିବାରୁ ଦଳାଚକଟା ହେଲା। ମହିଳା ଓ ପିଲାମାନେ ଏହାଦ୍ୱାରା ବେଶି ପ୍ରଭାବିତ ହୋଇଥିବା ଦୃଶ୍ୟ ଗଣମାଧ୍ୟମରୁ ଦେଖିବାକୁ ମିଳିଛି।

ଗତବର୍ଷ ଅକ୍ଟୋବର ୩୦ରେ ଗୁଜରାଟର ମୋର୍ବି ଝୁଲା ପୋଲ ଦୁର୍ଘଟଣାରେ ୧୩୫ ଜଣଙ୍କ ମୃତ୍ୟୁ କଥା ଅନେକଙ୍କ ମନେଥିବ। ସ୍ଥାନୀୟ ପ୍ରଶାସନ ଏତେ ଲୋକଙ୍କୁ ଏକସଙ୍ଗେ ବ୍ରିଜ୍ ଉପରେ ଯିବାଲାଗି ଅନୁମତି ଦେବା ଭଳି ଦାୟିତ୍ୱହୀନତା ଯୋଗୁ ବଡ଼ ଅଘଟଣ ଘଟି ଯାଇଥିଲା। ସେହିଭଳି ଭାବେ 'ଟି' ବ୍ରିଜ୍ ଉପରେ ଭିଡ଼ ନିୟନ୍ତ୍ରଣ କରୁଥିବା ପୋଲିସ ଓ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଦେଖିବାକୁ ଗଲେ ଆଜିର ସମୟରେ 'ଭିଡ଼ ନିୟନ୍ତ୍ରଣ' ଶବ୍ଦ ପଛୁଆ ଚିନ୍ତାଧାରା ହୋଇଗଲାଣି। ଏବର ଆବଶ୍ୟକତା ହେଉଛି 'ଭିଡ଼ ପରିଚାଳନା'। ପୋଲିସକୁ ପୂର୍ବଭଳି ଭିଡ଼ ନିୟନ୍ତ୍ରଣ କରିବା ସକାଶେ ପ୍ରଶିକ୍ଷଣ ଦିଆଯାଉଛି। ବାସ୍ତବରେ ସୁରକ୍ଷାବାହିନୀକୁ ଭିଡ଼ ପରିଚାଳନା ଲାଗି ଲୋକଙ୍କ ନିରାପତ୍ତାକୁ କିଭଳି ପ୍ରାଧାନ୍ୟ ଦିଆଯିବା ଉଚିତ, ତାହା ଉପରେ ଗୁରୁତ୍ୱ ଦେବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ଯଦି 'ଟି' ବ୍ରିଜ୍‌କୁ ଦେଖାଯାଏ ପୋଲିସ ଓ ଗୋଇନ୍ଦା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ପ୍ରଥମେ ସେଥିରେ ସମୁଦାୟ କେତେ ଲୋକ ଧରିବାର କ୍ଷମତା ରହିଛି ଓ ମେଳାର ପ୍ରାରମ୍ଭିକ ପର୍ଯ୍ୟାୟରେ କେତେ ଶ୍ରଦ୍ଧାଳୁ ତାହା ଭିତରକୁ ପ୍ରବେଶ କରିଛନ୍ତି, ତାହାର ଆକଳନ କରିବା କଥା। ସେଥିପ୍ରତି ଦୃଷ୍ଟି ଦିଆ ନ ଯାଇ ଭିଡ଼ ନିୟନ୍ତ୍ରଣ ପାଇଁ ସୁରକ୍ଷା କର୍ମଚାରୀ 'ଅନ୍ଧାରରେ ବାଡ଼ି ବୁଲାଇବା' ଭଳି ପଦକ୍ଷେପ ନେବାରୁ ଅତ୍ୟଧିକ ଲୋକ ଯେତେବେଳେ ହୋଇଗଲେ ସେତେବେଳେ ସେମାନଙ୍କ ଅକଲ ଗୁଡୁମ୍ ହୋଇଗଲା। ଅନ୍ୟପକ୍ଷେ ଲୋକେ ମଧ୍ୟ ନିଜ ନିରାପତ୍ତାକୁ ନେଇ ସଚେତନ ରହିବା ଦରକାର। ଅତ୍ୟଧିକ ଭିଡ଼ ସ୍ଥାନକୁ ଯାଉଥିବା ବେଳେ ଚାରିଆଡ଼କୁ ନଜର ନ ରଖିଲେ ଅଘଟଣରେ ଫସିଯିବାର ଆଶଙ୍କା ରହିଛି। ଏଭଳି ପ୍ରଚ୍ଛଦପଟରେ ବିପର୍ଯ୍ୟୟ ପରିଚାଳନା ବୈଜ୍ଞାନିକମାନଙ୍କ ସହିତ ପ୍ରଶାସନ ସମନ୍ୱୟ ରକ୍ଷା କରି ପଦକ୍ଷେପ ନେଇପାରିଲେ ହୁଏତ ଭିଡ଼ଜନିତ ଦୁର୍ଘଟଣାକୁ ଅନେକାଂଶରେ ରୋକାଯାଇପାରନ୍ତା।

# ଏ ଆନନ୍ଦ ସମସ୍ତଙ୍କ ପାଇଁ ନୁହେଁ



ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ ଗୀତ ଓ ଭୋଜିଭାତର ଆସର, ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଭିତରେ ଇଂଲିଶ୍ ନବବର୍ଷ ୨୦୨୩କୁ ସମସ୍ତେ ସ୍ୱାଗତ ଜଣାଇଛନ୍ତି। କେବଳ ନୂଆବର୍ଷ କାହିଁକି, ବିଭିନ୍ନ ପର୍ବପର୍ବାଣି, ପାରିବାରିକ ଉତ୍ସବରେ ଥିଲାବାଲା ଲୋକ ସର୍ବଦା ଜାକଜମକରେ ପାଳନ କରିଥା'ନ୍ତି। ଅଧିକାଂଶ କେମିତି ସତ୍ ବା ଅସତ୍ ଉପାୟରେ ଅର୍ଜିତ ଟଙ୍କା ଖର୍ଚ୍ଚ କରିବାକୁ ବାଟ ପାଆନ୍ତି ନାହିଁ। ସେହିପରି କେନ୍ଦ୍ର ସରକାର ବା ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ, ଉତ୍ସବ ଟିକସଦାତାଙ୍କ ଅର୍ଥରେ ଅତ୍ୟନ୍ତ ଧୁମ୍‌ଧାମ୍‌ରେ ପାଳନ କରନ୍ତି। ଏସବୁ ଅନାବଶ୍ୟକ ବୋଲି ଆମେ କହୁନାହୁଁ। ଏହା ଆବଶ୍ୟକ। ଜଣେ ନିଜ ଜୀବନକୁ ଅନ୍ୟର କ୍ଷତି ନକରି ସତ୍ ଉପାୟରେ ଖୁସି ଓ ଆନନ୍ଦରେ କଟାଇବା ପାଇଁ ଚେଷ୍ଟା କରିବା ଉଚିତ୍। କିନ୍ତୁ ନିଜେ ଖୁସି ଓ ଆନନ୍ଦରେ ରହିବାବେଳେ, ଯେଉଁମାନେ ଦୁଃଖ, ଯନ୍ତ୍ରଣା, ଦାରିଦ୍ର୍ୟ, କ୍ଷୁଧାରେ ଅତ୍ୟନ୍ତ କଷ୍ଟରେ ଜୀବନଯାପନ କରୁଛନ୍ତି, ଓଳିଏ ଖାଇଲେ ଓଳିଏ ଉପାସରେ ରହୁଛନ୍ତି; ତାଙ୍କ କଥା ଭୁଲିଯିବା ଅନୁଚିତ୍। ସେମାନେ କିପରି ଏକ ସରସ, ସୁନ୍ଦର ତଥା ଗୁଣାତ୍ମକ ଜୀବନ ବିତାଇପାରିବେ, ସେଥିପ୍ରତି ଧ୍ୟାନ ଦେବା ଉଚିତ। କେହି କହିପାରିବେ ନାହିଁ ଯେ ତାଙ୍କର ଭବିଷ୍ୟତ ବଂଶଧର ସବୁଦିନେ ଖୁସିରେ ଜୀବନ ବିତାଇବେ ବୋଲି। କଥାରେ ଅଛି- ''ଦୁଃଖ ସୁଖ ନୁହେଁ ଚିର ସହଚର ସଭିଙ୍କର ଅଛି କ୍ଷୟ, ଆଜିଯା' ବଦନ ହରଷରେ ପୂର୍ଣ୍ଣ କାଲିକୁ ବିଷାଦମୟ।'' ଆଜି ଯିଏ ରିକ୍ସା ଟାଣୁଛି ବା ମୂଲିଆ କାମ କରୁଛି ତା'ର ପିଲା କାଲି ବଡ଼ ପଦବୀରେ ଅଧିଷ୍ଠିତ ହେଲାବେଳେ, ଧନୀ ବା ବଡ଼ ପଦବୀରେ ଅଧିଷ୍ଠିତ ଲୋକର ପିଲା ସମାଜରେ ପ୍ରତିଷ୍ଠିତ ହୋଇପାରୁନି। ସମାଜ ଯେତେବେଳେ କଳୁଷିତ ହେଉଛି, ସାମାଜିକ ଅସ୍ଥିରତା ଦେଖାଦେଇଛି; ଜାତି, ଧର୍ମ, ରାଜନୀତି ନାମରେ ଘରେ ଘରେ ବାଦ ବିବାଦ ଦେଖାଦେଇଛି, ସେହି ସମୟରେ ଧନ, କ୍ଷମତା, ଯଶ ତଥା ପ୍ରତିପତ୍ତି ଆମକୁ ଓ ଆମ ପିଲାଙ୍କୁ ସୁରକ୍ଷା ଦେଇପାରିବ ନାହିଁ।

ଆମେ ଆନନ୍ଦରେ କିଛି ପାଳନ କଲାବେଳେ କିଛି ଲୋକଙ୍କ କଥା ଭାବିବା ଉଚିତ। ଯେଉଁମାନେ ଘର ନ ଥିବାରୁ ରାସ୍ତାରେ ବା ପ୍ଲାଟ୍‌ଫର୍ମରେ ବା ଗଛମୂଳେ ଶୋଉଛନ୍ତି ଏବଂ ବସ୍ତ୍ର ଅଭାବରୁ ଅର୍ଦ୍ଧନଗ୍ନ ଭାବେ ଜୀବନ ବିତାଉଛନ୍ତି; ଯେଉଁ ମା'ମାନେ ଅଭାବରୁ ପିଲାଙ୍କୁ ବିକ୍ରି କରୁଛନ୍ତି; ଯେଉଁମାନେ ଭୋକରେ ନିଦ ଯାଉଛନ୍ତି; ଯେଉଁ ପିଲାଟି ଜନ୍ମରୁ ତା'ର ବାପା ବା ମା'କୁ ବା ଉଭୟଙ୍କୁ ହରାଉଛି; ଯେଉଁ ଝିଅ ବା ମହିଳା ଯୌନ ନିର୍ଯାତନା, ଦୁଷ୍କର୍ମ ବା ଗଣଦୁଷ୍କର୍ମର ଶିକାର ହେଉଛି; ଯେଉଁ ମହିଳା ପାରିବାରିକ ହିଂସା ବା ସ୍ୱାମୀ ଦ୍ୱାରା ନିର୍ଯାତିତ ହେଉଛି; ଯେଉଁ ମହିଳାଟି ବିବାହର ଅଳ୍ପ ଦିନରେ ସ୍ୱାମୀକୁ ହରାଉଛି, ଯେଉଁ ପରିବାର ଦୁର୍ଘଟଣା ବା କୌଣସି କାରଣରୁ ନିଶ୍ଚିହ୍ନ ହୋଇଯାଉଛି; ଯେଉଁ ପରିବାର ଦାରିଦ୍ର୍ୟ, କ୍ଷୁଧା, ଅନାହାର ସହି ନପାରି ସମସ୍ତେ ଆତ୍ମହତ୍ୟା କରୁଛନ୍ତି; ବାର୍ଦ୍ଧକ୍ୟ ଅବସ୍ଥାରେ ଯେଉଁ ଲୋକ ନିଜ ପିଲାଙ୍କ ଦ୍ୱାରା ନିର୍ଯାତିତ ହେଉଛନ୍ତି ବା ସବୁ ଥାଇ ମଧ୍ୟ ଜରାଶ୍ରମରେ ଜୀବନ ବିତାଉଛନ୍ତି ବା ଦୁରାରୋଗ୍ୟରେ ପଡ଼ି ଛଟପଟ ହେଉଛି ଏବଂ ମୃତ୍ୟୁର ଆଗମନକୁ ଅପେକ୍ଷା କରି ରହିଛି; ଅର୍ଥାଭାବରୁ ଯେଉଁ ପିଲାଟି ଅଧାରୁ ପାଠପଢ଼ା ବନ୍ଦ କରୁଛି; ଯେଉଁ ରୋଗୀଟି ଅର୍ଥାଭାବରୁ ଚିକିତ୍ସାପ୍ରାପ୍ତ ହେଉନି ବା ସମ୍ପତ୍ତିବାଡ଼ି ବିକ୍ରି କରିବାକୁ ପଡୁଛି ବା ଦୁରାରୋଗ୍ୟରେ ପଡି ମୃତ୍ୟୁକୁ ଅପେକ୍ଷା କରି ରହିଛି। ଅତ୍ୟନ୍ତ ଚିନ୍ତାର ବିଷୟ ହେଉଛି, ମଣିଷ ଗୋଟିଏ ପଟରେ ସବୁଠାରୁ ଅଧିକ ସ୍ନେହୀ, ଦୟାବାନ୍, ପରୋପକାରୀ ହେଲାବେଳେ ଆଉ ଗୋଟିଏ ପଟେ ଅତ୍ୟନ୍ତ ହିଂସ୍ର, ସ୍ୱାର୍ଥପର, କ୍ରୂର, ନିଷ୍ଠୁର, ପ୍ରତିହିଂସା ପରାୟଣ। ପୁରାଣ, ଇତିହାସରୁ ଆମେ ଶିଖିଛେ କିପରି କ୍ଷମତା ପାଇଁ ଭାଇ ଭାଇକୁ, ପୁଅ ବାପାକୁ ନିର୍ଯାତନା ଦେଇଥାଏ ବା ହତ୍ୟା କରିଥାଏ। ପୁନଶ୍ଚ ଗରିବଟି ଯେତେବେଳେ ଧନୀ, କ୍ଷମତାଶାଳୀ ହେଉଛି ସେ ପ୍ରଥମେ ନିଜ ଲୋକ ବା ସମ୍ପର୍କୀୟଠାରୁ ଦୂରେଇଯାଉଛି।



ମିଳିତ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ ଅନୁସାରେ ଭାରତରେ ୨୦୧୯-୨୧ରେ ବହୁମୁଖୀ ଦାରିଦ୍ର୍ୟ ହାର ୧୬.୪%, ଅର୍ଥାତ୍ ୨୨.୮ କୋଟି ଉତ୍କଟ ଦାରିଦ୍ର୍ୟରେ ଜର୍ଜରିତ। ଏପରିକି ଭାରତ ସରକାରଙ୍କ ନୀତି ଆୟୋଗ ଅନୁସାରେ ଏହା ୨୫.୧%। ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ପ୍ରାୟ ୧.୭୭ ନିୟୁତ ବାସହୀନ ଅଛନ୍ତି। ସେଥିମଧ୍ୟରୁ ପ୍ରାୟ ୫୨% ଦେଶର ସହରାଞ୍ଚଳରେ ବାସ କରନ୍ତି। ଭାରତରେ ବିଶ୍ୱରେ ସର୍ବାଧିକ ଆଧୁନିକ କ୍ରୀତଦାସ ଅଛନ୍ତି, ଯାହାର ସଂଖ୍ୟା ୧.୪ କୋଟିରୁ ୧.୮ କୋଟି ହେବ। ନେଦରଲାଣ୍ଡର ଜନସଂଖ୍ୟା ଅପେକ୍ଷା ଭାରତରେ ଆଧୁନିକ କ୍ରୀତଦାସ ଅଧିକ। ଭାରତରେ ପୁଷ୍ଟିହୀନତାର ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ୨୦୨୧ରେ ୨୨.୪୩ କୋଟି ହୋଇଥିଲାବେଳେ ୯୭.୩୩ କୋଟି ବା ୭୦.୫% ଭାରତୀୟ ସ୍ୱାସ୍ଥ୍ୟକର ଖାଦ୍ୟ ପାଇବାରୁ ବଞ୍ଚିତ। ୨୦୨୧ରେ ମହିଳାଙ୍କ ବିରୋଧରେ ଅପରାଧ ମାମଲା ୪,୨୮,୨୭୮କୁ ବୃଦ୍ଧି ପାଇଛି। ୨୦୨୧ରେ ଦେଶରେ ମୋଟ ୩୧,୬୭୭ ବଳାତ୍କାର ମାମଲା ରୁଜୁ ହୋଇଛି। ସେହିପରି କରୋନା ମହାମାରୀ ଯୋଗୁ କୋଟି କୋଟି ଲୋକ କ୍ଷତିଗ୍ରସ୍ତ ହେଲାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ବିଶ୍ୱରେ ୧.୪୮ କୋଟି ଏବଂ ଭାରତରେ ୪୭ ଲକ୍ଷ ଲୋକ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁବରଣ କରିଥିବା ପରିବାରର ଦୁଃଖ କଥା ସରକାର ତଥା ଧନିକ ଶ୍ରେଣୀ ଲୋକ କେବେ ଭାବୁଛନ୍ତିକି? 'ଆପେ ବଞ୍ଚିଲେ ବାପର ନାଁ' ବା 'ଯୋହି ଯିତା ଓହି ସିକନ୍ଦର' ନୀତିରେ ଥିଲାବାଲା ଭାବୁଛନ୍ତି କେତେ ଅଧିକ ଧନୀ ହେବେ ବା ସମ୍ପଦ ଠୁଳ କରିବେ। ସରକାର ଗ୍ଲାସ ଖାଲି ବା ଗରିବଙ୍କ କଥା ଭୁଲିଯାଇ ଗ୍ଲାସ ଅଧାପୁରା ବା ଧନିକଙ୍କ ସାଫଲ୍ୟ କଥା କହି ଦେଶ ଓ ଜନସାଧାରଣଙ୍କ ବିକାଶ ହେଉଛି ବୋଲି କହୁଛନ୍ତି।

କିନ୍ତୁ ଅନ୍ୟର ଦୁଃଖ ପ୍ରତି ସମବେଦନା ନ ଜଣାଇବା, ସମ୍ବେଦନହୀନ ହେବା, ଅନ୍ୟର ସମସ୍ୟା, ଦୁଃଖ ଯନ୍ତ୍ରଣା ଓ ଦାରିଦ୍ର୍ୟ ସମାଧାନ କରିବା ପାଇଁ ପ୍ରୟାସ ନ କରିବା ଦୁଃଖର ବିଷୟ। ବେଶୀ ଦୁଃଖର ବିଷୟ, ସରକାର ଉଦାସୀନ ହେବା ଓ ଭୋଟ ପାଇଁ ଟିକସଦାତାଙ୍କ ଅର୍ଥରେ ଅହରହ ଆତ୍ମ ପ୍ରଚାରରେ ଲିପ୍ତ ରହିବା। ଯଦି ଗାନ୍ଧିଜୀଙ୍କ କଥା ଆମେ ବିଚାର କରିବା, ତେବେ ୧ ଲକ୍ଷ ଲୋକରୁ ଯଦି ଜଣେ ଖରାପ ସ୍ଥିତିରେ ଥାଏ, ତେବେ ସରକାର ସେହି ଗୋଟିଏ ଲୋକର ଦୁଃଖ କିପରି ଦୂର ହେବ ସେହି କଥା ଚିନ୍ତା କରିବା ଉଚିତ। କିନ୍ତୁ ସରକାର କେତେବେଳେ 'ଅଚ୍ଛେ ଦିନ୍ ତ' ଆଉ କେତେବେଳେ 'ଅମୃତ କାଳ' ତ ଆଉ କେତେବେଳେ ସାଧୀନତାର ଅମୃତ ମହୋତ୍ସବ କଥା କହୁଛନ୍ତି। ଏସବୁ କ'ଣ ସମାଜର ଗରିବ, ନିଷ୍ପେଷିତ ଜନତାଙ୍କ ପ୍ରତି ଅପମାନ ନୁହେଁ ! ଆମ ମତରେ, ଆମ ଦେଶରେ ଯେତିକି ସମ୍ପଦ ଅଛି; ଯଦି ତାହାର ସୁଷମ ବଣ୍ଟନ ହୁଅନ୍ତା, ଧନୀ, ଶିଳ୍ପପତିମାନେ ଆବଶ୍ୟକ ଟିକସ ଦିଅନ୍ତି, ତେବେ ଲୋକଙ୍କ ଅନେକ ସମସ୍ୟା ଦୂର ହୁଅନ୍ତା।

ମୋ: ୯୪୩୭୨୦୮୭୬୨
SKMOHAPATRA67@GMAIL.COM

# ମାଟି ବନ୍ଧ୍ୟା ହେଉଛି



ଡ. ବିଜୟ କେତନ ପଟ୍ଟନାୟକ

ଏକ ସୁସ୍ଥ ପରିସଂସ୍ଥା ନିମନ୍ତେ ମୃତ୍ତିକାର ସ୍ୱାସ୍ଥ୍ୟ ଓ ସୁପରିଚାଳନା ଏକାନ୍ତ ଜରୁରୀ। ବିଗତ କିଛିଦିନ ହେଲା 'ଈଶା' ଯୋଗସଂସ୍ଥାର ପ୍ରତିଷ୍ଠାତା ସଦ୍‌ଗୁରୁଙ୍କର ଆହ୍ୱାନ ଓ ସୂଚନା ବାରମ୍ବାର ଦେଶର ବିଭିନ୍ନ ଇଲେକ୍ଟ୍ରୋନିକ୍ ଓ ପ୍ରିଣ୍ଟ ମିଡିଆରେ ପ୍ରସାରିତ ହେଉଛି 'ମାଟିକୁ ପ୍ରଦୂଷଣଜନିତ କ୍ଷୟ କ୍ଷତିରୁ ରକ୍ଷା କରିବା ପାଇଁ ଓ ମାଟିର ସ୍ୱାସ୍ଥ୍ୟ ବିଷୟରେ ସମସ୍ତଙ୍କୁ ସଚେତନ କରାଇବା ପାଇଁ। ସଦ୍‌ଗୁରୁଙ୍କର ଆହ୍ୱାନ ହେଲା, ଆସନ୍ତା ୧୦୦ଦିନ ପର୍ଯ୍ୟନ୍ତ ଆମେ ପରସ୍ପରକୁ ସୁପ୍ରଭାତ ଓ ସୁସନ୍ଧ୍ୟା କହି ସମ୍ବୋଧିବା ପରିବର୍ତ୍ତେ, ସମ୍ବୋଧନ କରିବା 'ମାଟି ବଞ୍ଚାଅ'।

ମୃତ୍ତିକା ଅବକ୍ଷୟ ଓ ମାଟିର ସ୍ୱାସ୍ଥ୍ୟରେ ଅବନତି କ୍ଷିପ୍ର ଗତିରେ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱବ୍ୟାପୀ ଜନସଂଖ୍ୟା ବୃଦ୍ଧି ଏହା ପଛର ମୂଳକାରଣ। ୧୯୫୦ରେ ବିଶ୍ୱର ଜନସଂଖ୍ୟା ୨୫୦କୋଟି ଥିଲା ବେଳେ, ଗତ ୭୦ ବର୍ଷରେ ପ୍ରାୟ ତିନିଗୁଣାରୁ ଅଧିକ ବୃଦ୍ଧିପାଇ ୨୦୨୨ରେ ପାଖାପାଖି ୮୦୦ କୋଟିରେ ପହଞ୍ଚିଛି। ଭାରତର ଜନସଂଖ୍ୟା ୧୯୫୦ରେ ୩୬କୋଟି ଥିଲାବେଳେ ୨୦୨୨ ବେଳକୁ ଏହା ୧୪୦ କୋଟିରେ ପହଞ୍ଚିଛି। ଅନ୍ୟ ଦିଗରୁ ବିଚାର କଲେ ଆମ ଦେଶରେ ଥିବା ଜମିର ଆୟତନ ପୃଥିବୀର ମୋଟ ଭୂଭାଗର ମାତ୍ର ୨.୪ ପ୍ରତିଶତ। ଏତିକି ଜମିରେ ଆମେ ପୃଥିବୀର ଲୋକସଂଖ୍ୟାର ୧୭.୫ ପ୍ରତିଶତ ଏବଂ ୧୫ ପ୍ରତିଶତରୁ ଅଧିକ ଗାଈ, ଛେଳି, ମଇଁଷି ଆଦି ଗୃହପାଳିତ ପଶୁଙ୍କୁ ପାଳନ କରୁଛେ। ୧୯୫୧ରେ ଦେଶରେ ମୁଣ୍ଡପିଛା ଚାଷଜମିର ପରିମାଣ ୦.୪୮ ହେକ୍ଟର ଥିଲାବେଳେ ୨୦୧୯ ବେଳକୁ ଏହି ପରିମାଣ କମି ଆସି ୦.୧୨ ହେକ୍ଟରରେ ପହଞ୍ଚିଛି ଏବଂ ୨୦୩୫ ବେଳକୁ ମୁଣ୍ଡପିଛା ଚାଷଜମିର ଆୟତନ ୦.୦୮ ହେକ୍ଟରକୁ କମିଯିବ ବୋଲି ପ୍ରକ୍ଷେପଣ କରାଯାଉଛି। ବିଶ୍ୱର ମୁଣ୍ଡପିଛା ଚାଷଜମି ପରିମାଣର ଏହା ୪୦ ଶତାଂଶ ମାତ୍ର। ସ୍ୱାଭାବିକ ଭାବେ ଏହି ପ୍ରଶ୍ନ ଉଠିବ, ଆମେ ଦେଶବାସୀଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା କିପରି? ଗାଈ, ଗୋରୁଙ୍କ ପାଇଁ ଚାରଣ ଜମି ଆସିବ କେଉଁଠୁ?

ବର୍ଦ୍ଧିତ ଜନସଂଖ୍ୟାକୁ ଅତିରିକ୍ତ ଖାଦ୍ୟ ଯୋଗାଣ ନିମନ୍ତେ ଆମେ ଅଧିକ ଜଙ୍ଗଲ କାଟି ଚାଷଜମିରେ ପରିଣତ କରୁଛେ। ଅନ୍ୟ ପକ୍ଷରେ ଚାଷଜମିକୁ ମଧ୍ୟ ଆମେ ଗୃହନିର୍ମାଣ, ସହର ବଜାର, ରାସ୍ତାଘାଟ ନିର୍ମାଣ ପାଇଁ ବ୍ୟବହାର କରୁଛେ। ଚାଷଜମିରେ ଲଗାଏତ ଚାଷ, ଅର୍ଥାତ୍ ମାଟିକୁ ବିରାମ ନ ଦେଇ ଦୋ ଫସଲି, ତିନି ଫସଲି କୃଷି କରୁଛେ। ସେହି ଅନୁସାରେ ଅଧିକ ଜଳସେଚନ କରୁଛେ। ଅଧିକ ଅମଳ ଆଶାରେ ରାସାୟନିକ ସାର ପ୍ରୟୋଗ କରୁଛେ। ଫସଲକୁ ରୋଗପୋକରୁ ରକ୍ଷା କରିବା ପାଇଁ ବିଷାକ୍ତ କୀଟନାଶକ ବିନିଯୋଗ କରୁଛେ। ରାସାୟନିକ ସାର ପ୍ରୟୋଗ କଲେ, ପ୍ରଥମ ପର୍ଯ୍ୟାୟରେ ମାଟିର ଉତ୍ପାଦିକା ଶକ୍ତି ଯଥେଷ୍ଟ ବଢ଼ିଯାଏ। କିନ୍ତୁ କ୍ରମାଗତ ଭାବେ ତିନିବର୍ଷରୁ ଅଧିକ ବ୍ୟବହାର କଲେ ମାଟିର ବନ୍ଧ୍ୟାତ୍ୱ ବୃଦ୍ଧିପାଏ ଏବଂ ଉର୍ବରତା ହ୍ରାସ ପାଏ। ଗଭୀର 'ବୋରୱେଲ' ଜମିରେ ବସାଇ ଭୂତଳ ଜଳକୁ ଉତ୍ତୋଳନ କରି ଅତ୍ୟଧିକ ଜଳସେଚନ କରିବା ଦ୍ୱାରା ମାଟିର ଉପର ଅଂଶ କ୍ରମଶଃ ଶୁଷ୍କ ହୋଇଯାଏ। ହାଇବ୍ରିଡ୍ ବିହନ ଓ ଅଧିକ ଅମଳକ୍ଷମ ବିହନର ବହୁଳ ବ୍ୟବହାର ପ୍ରାକୃତିକ ଜୈବ ବିବିଧତାକୁ ନଷ୍ଟ କରିବା ସହ, ଏଥିରୁ ଉତ୍ପନ୍ନ ହେଉଥିବା ଉଦ୍ଭିଦ କୀଟପତଙ୍ଗ ଓ ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଅଧିକ। କୀଟନାଶକ ମଧ୍ୟରେ କ୍ଲୋରିନଯୁକ୍ତ ହାଇଡ୍ରୋକାର୍ବନ ମୁଖ୍ୟ। ବିଶେଷଭାବେ ଡିଡିଟି, ବିଏଚ୍‌ସି, ଏଣ୍ଡ୍ରିନ୍, ଆଲଡ୍ରିନ୍ ଓ ମାଲାଥିଆନ ଆଦି କୀଟନାଶକର କିଛିଅଂଶ ମୃତ୍ତିକାରେ ଥିବା କ୍ଷୁଦ୍ର କଣିକା ଦ୍ୱାରା ଗୃହୀତ ହୋଇଥାଏ। ମାଟି ଭିତରେ କୀଟନାଶକର ଛିଟା ଖୁବ୍ ମନ୍ଥର ଗତିରେ କ୍ଷୟପ୍ରାପ୍ତ ହୁଏ। କିନ୍ତୁ ଖାଦ୍ୟ ଶୃଙ୍ଖଳର ବିଭିନ୍ନ ସ୍ତରରେ ଏହାର ଜୈବିକ ବିଶାଳନ ଘଟିଥାଏ। ଉପରୋକ୍ତ କାରଣରୁ ଧୀରେ ଧୀରେ ମାଟିର ଉପରି ଭାଗ ଢିଲା, ହାଲୁକା ଓ ବାଲିଆ ହୋଇଯାଏ। ଶୁଷ୍କ ଓ ପତିତ ଜମିରେ କ୍ରମଶଃ ମରୁଭୂମୀକରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଲାଗେ। ମାଟି କ୍ରମଶଃ ବନ୍ଧ୍ୟା ହୋଇଯାଏ। ଅନୁର୍ବର ହୋଇଯାଏ।



କୃଷିର ବିସ୍ତାର ପାଇଁ ଅବକ୍ଷୟିତ ଜଙ୍ଗଲ ଜମି ଓ ଚାରଣଭୂମିକୁ ଆବାଦ କରା ଯାଉଥିବାରୁ ମାଟିର ଉପରିଭାଗ ଅନାବୃତ ହୋଇପଡ଼େ। ଫଳରେ ଖରା, ବର୍ଷା ଆଦି ବହୁବିଧ ପ୍ରାକୃତିକ ପ୍ରକ୍ରିୟା ମାଟିର ଆଣ୍ଟ ନଷ୍ଟ କରି ତାକୁ ହୁଗୁଳା କରିଦିଏ। ବର୍ଷାଦିନେ ବୃଷ୍ଟି ଜଳ ସହିତ ଏହି ଶିଥିଳ ମାଟି ଧୋଇ ହୋଇଯାଏ। ନଦୀନାଳରେ ମିଶି ତାକୁ ପୋତି ପକାଏ। ଜୋରରେ ପବନ ବହିଲେ ମାଟିର ଉପର ହାଲୁକା ଅଂଶ ସ୍ଥାନାନ୍ତରିତ ହୋଇଯାଏ। ଏହି ପ୍ରକ୍ରିୟା ମୃତ୍ତିକା କ୍ଷୟକୁ ତ୍ୱରାନ୍ୱିତ କରେ ଏବଂ ମାଟିର ଅନୁର୍ବରତା ବୃଦ୍ଧି ପାଏ। ଭାରତରେ ପ୍ରତିବର୍ଷ ପ୍ରାୟ ୫୩୦୦ ନିୟୁତ ଟନ୍ ଉପର ଉର୍ବରମାଟି ମୃତ୍ତିକା କ୍ଷୟ କାରଣରୁ ନଷ୍ଟ ହୋଇଯାଏ।

ଅହମଦାବାଦସ୍ଥିତ 'ମହାକାଶ ପ୍ରୟୋଗ କେନ୍ଦ୍ର' ତରଫରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆମ ଦେଶର ମୋଟ ୩୨୮ ମିଲିୟନ ହେକ୍ଟର ଭୌଗୋଳିକ ଆୟତନ ମଧ୍ୟରୁ ପ୍ରାୟ ୩୨ ଶତାଂଶ ଅର୍ଥାତ୍ ୧୦୫ ମିଲିୟନ ହେକ୍ଟର ଜମିରେ ଅବକ୍ଷୟମୁଖୀ ପ୍ରକ୍ରିୟା ତ୍ୱରାନ୍ୱିତ ହେବାରେ ଲାଗିଛି। ତନ୍ମଧ୍ୟରୁ ୮୧.୪ ମିଲିୟନ ବା ୮୧୪ ଲକ୍ଷ ହେକ୍ଟର ଜମି ମରୁଭୂମିରେ ପରିଣତ ହୋଇସାରିଲାଣି। ଉକ୍ତ ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି, ଦେଶର ଯେଉଁ ପାଞ୍ଚଗୋଟି ରାଜ୍ୟ ମୃତ୍ତିକା ଅବକ୍ଷୟ ହେତୁ ମରୁଡ଼ି ପ୍ରବଣତା ଆଡ଼କୁ ଗତି କରୁଛି, ତନ୍ମଧ୍ୟରେ ରାଜସ୍ଥାନ ପ୍ରଥମ। ଏହା ପଛକୁ କ୍ରମାନ୍ୱୟରେ ଗୁଜରାଟ, ମହାରାଷ୍ଟ୍ର ଓ ଜମ୍ମୁ କଶ୍ମୀରରେ ସର୍ବାଧିକ ଜମି ଶୁଷ୍କ ହୋଇ ସାରିଲାଣି। ଓଡ଼ିଶାର ସ୍ଥାନ ପଞ୍ଚମ। ଆମ ରାଜ୍ୟରେ ରହିଥିବା ଶୁଷ୍କ, ଅର୍ଦ୍ଧଶୁଷ୍କ ଓ ପତିତ ଜମିର ଆୟତନ ୫୪,୬୯୩ ବର୍ଗ କିଲୋମିଟର। ଯାହା ରାଜ୍ୟର ଭୌଗୋଳିକ ଆୟତନର ଏକ ତୃତୀୟାଂଶରୁ ସାମାନ୍ୟ ଅଧିକ। ଓଡ଼ିଶାରେ ମଧ୍ୟ ବର୍ଷକୁ ୩୫୦ ନିୟୁତ ଟନ୍ ଉପର ମାଟି ଧୋଇ ହୋଇଯାଏ ବା ମୃତ୍ତିକା କ୍ଷୟ ଘଟି ନଷ୍ଟ ହୋଇଯାଏ। ଭୂପୃଷ୍ଠର ବହିରାବରଣରେ ମାତ୍ର ୧୩ରୁ ୨୫ ସେଣ୍ଟିମିଟର ଜୈବିକ ଅଣୁସାରଯୁକ୍ତ ମାଟି ରହିଛି। ଅଥଚ ଗୋଟିଏ ସେଣ୍ଟିମିଟର ଉପରମାଟି ତିଆରି ହେବା ପାଇଁ ଅନ୍ୟୂନ ୨୦୦ବର୍ଷ ଏବଂ ସ୍ଥଳ ବିଶେଷରେ ୩୦୦ ବର୍ଷ ମଧ୍ୟ ଲାଗିଯାଇପାରେ।

ଭୂପୃଷ୍ଠରେ ଜୀବନର ଅଭ୍ୟୁଦୟ ଓ ପରିପୋଷଣ ନିମନ୍ତେ ମାଟି ହିଁ ଭିତ୍ତିଭୂମି ଯୋଗାଇଥାଏ। ମାଟିରୁ ଶସ୍ୟ, ଶସ୍ୟରୁ ଆହାର, ଆହାରରୁ ଜୀବନ ରକ୍ଷା। ଦେଶର ଅଗଣିତ ଜନତାଙ୍କୁ ପୁଷ୍ଟିକର ଆହାର ଯୋଗାଇ ଖାଦ୍ୟ ସୁରକ୍ଷା ହାସଲ କରିବାକୁ ହେଲେ ମାଟିର ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା ପ୍ରାଥମିକ ଆବଶ୍ୟକତା। ମାଟିର ସୁରକ୍ଷା ହିଁ ଖାଦ୍ୟ ସୁରକ୍ଷା ଓ ଜୀବନ ଜୀବିକାର ସୁରକ୍ଷା କବଚ।

**ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଜାଗମରା, ଭୁବନେଶ୍ୱର**
**ମୋ-୯୪୩୭୦୦୦୯୦୪**

## ଏଇ ଭାରତରେ

ପରିସଂସ୍ଥାର ସୁରକ୍ଷା ଦୃଷ୍ଟିକୋଣରୁ ଅନେକ ବ୍ୟକ୍ତି ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ହେଲେ ବେଙ୍ଗାଲୁରୁର ଡିଜାଇନ୍ କନ୍‌ସଲ୍‌ଟାଣ୍ଟ ଗ୍ରାସି ଏଲିଜାବେଥ୍‌ଙ୍କ ନିଆରା ପଦକ୍ଷେପ ପ୍ରଶଂସନୀୟ। ଗ୍ରାସି ପୁରୁଣା କାଠ ସଂଗ୍ରହ କରି ସେଥିରେ ଇଣ୍ଟେରିୟର୍ ଡିଜାଇନ କରୁଛନ୍ତି। ଏହା ସହ ପୁରୁଣା କାଠରୁ ଆକର୍ଷଣୀୟ ତଥା ପରିବେଶ ଉପଯୋଗୀ ଫର୍ନିଚର ତିଆରି କରୁଛନ୍ତି। ସେ ବେଙ୍ଗାଲୁରୁରେ ପୁରୁଣା କାଠ ବ୍ୟବହାର କରି ୩୫-୪୦ଟି ଘର ଡିଜାଇନ କରିସାରିଲେଣି। ଘରର କବାଟ, ଝରକା ଏବଂ କିଚେନ କ୍ୟାବିନେଟ, ଚେୟାର, ଟେବୁଲ ଆଦି ତାଙ୍କ ଡିଜାଇନ୍‌ର ଆକର୍ଷଣ ପାଲଟିଛି। ନୂଆ କାଠ ଅପେକ୍ଷା ଏହା ୨୫-୩୦ ପ୍ରତିଶତ ଶସ୍ତା ହେଉଛି। ଗ୍ରାସି ପୁରୁଣା ଶାଳ, ଶାଗୁଆନ, ପଣସ ଆଦି କାଠ ସଂଗ୍ରହ କରି କାମରେ ଲଗାଉଛନ୍ତି। ସେ ଉକ୍ତ ଡିଜାଇନ କାର୍ଯ୍ୟ ଦୁଇ ଦଶନ୍ଧି ହେଲା କରିଆସୁଛନ୍ତି। ପୁରୁଣା କାଠକୁ ପଲିସ କରି ନୂତନ ରୂପ ଦେବାରେ ସେ କାରିଗରମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦେଉଛନ୍ତି। ପୁରୁଣା କାଠ ବ୍ୟବହାର କରାଗଲେ ଜଙ୍ଗଲ ଧ୍ୱଂସକୁ କିଛି ମାତ୍ରାରେ ରୋକାଯାଇ ପାରିବ ବୋଲି କହନ୍ତି ୫୩ ବର୍ଷୀୟ ଗ୍ରାସି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜାନୁୟାରୀ ୧୯୯୮

- ଜାତିସଂଘର ଉପମହାସଚିବ ଭାବେ କାନାଡାର ଲୁଇସ ଫ୍ରେଚେଟ୍‌ଙ୍କୁ ନିଯୁକ୍ତି।
- ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବର୍ଷୀୟାନ ଗାନ୍ଧିବାଦୀ ନେତା ସ୍ୱାଧୀନତା ସଂଗ୍ରାମୀ 'ଭାରତ ରତ୍ନ' ଗୁଲ୍‌ଜାରିଲାଲ୍ ନନ୍ଦାଙ୍କ ୯୯ ବର୍ଷ ବୟସରେ ପରଲୋକ।
- ତାଇୱାନ ରାଜଧାନୀ ତାଇପେର ଉପକଣ୍ଠ ଚୁନଘୋଠାରେ ଏକ ୫ ମହଲା ବିଶିଷ୍ଟ ନର୍ସିଂହୋମ୍‌ରେ ଅଗ୍ନିକାଣ୍ଡ ଘଟି ୧୧ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଭାର ବହି ପଡ଼ିଥିଲା ଥକି
ନାମ ତା'ର ନ ପଡ଼ିଲା ମନେ
ଶୁଣିଲା କି ନ ଶୁଣିଲା ହୋଇ
ଚାଲିଗଲା ଧୀରେ ରାଧୁ ଭୋଇ
ମରିଯାଏ ପଡ଼ିଶାରୁ ଜଣେ
ନାମ ତାରନ ପଡଇ ମନେ!
-(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | 1 | | | | | |
| | | 3 | 6 | | | | | |
| 8 | 4 | | | | | | | 7 |
| | | | 9 | | | 1 | 2 | 5 |
| 4 | | 2 | | 8 | | | | |
| | | | 3 | | | | | |
| | | | 8 | | | | 5 | |
| 5 | | | | | | 9 | 7 | 3 |
| 7 | | | | | 1 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 6 | 1 | 7 | 8 | 2 | 5 | 9 |
| 7 | 1 | 5 | 9 | 4 | 2 | 3 | 6 | 8 |
| 2 | 8 | 9 | 3 | 6 | 5 | 4 | 7 | 1 |
| 5 | 7 | 3 | 8 | 1 | 9 | 6 | 4 | 2 |
| 8 | 4 | 2 | 6 | 3 | 7 | 1 | 9 | 5 |
| 6 | 9 | 1 | 2 | 5 | 4 | 7 | 8 | 3 |
| 1 | 5 | 4 | 7 | 8 | 3 | 9 | 2 | 6 |
| 3 | 2 | 8 | 4 | 9 | 6 | 5 | 1 | 7 |
| 9 | 6 | 7 | 5 | 2 | 1 | 8 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ଚାଉଳ

ମହାଶୟ,

ରାଜ୍ୟ ଓ କେନ୍ଦ୍ର ସରକାର ତଦନୁରୂପ ମାଗଣା ଚାଉଳ ଦେବାର ଘୋଷଣା କରିଛନ୍ତି। ପ୍ରଶ୍ନ ଉଠୁଛି ଏହିପରି ମାଗଣା ଚାଉଳ ଦେଇ ସରକାର କେତେଦିନ ଏମିତି ଲୋକଙ୍କୁ ଠକି ଚାଲିବେ। ଦରଦାମ୍ ହୁ ହୁ ହୋଇ ବଢ଼ିଚାଲିଥିବା ବେଳେ ଖାଲି ମାଗଣା ଚାଉଳରେ କ'ଣ ଲୋକେ ଚଳିଯିବେ? ଯଦି ସରକାର ଲୋକଙ୍କ ପାଇଁ କାନ୍ଦୁଛନ୍ତି ତେବେ ଡାଲି, ଚିନି ଓ ତେଲ ମାଗଣାରେ ଯୋଗାନ୍ତୁ। ଏଇ ମାଗଣା ଚାଉଳ ଯୋଗାଇ ସରକାର ଲୋକଙ୍କୁ ତ ପଙ୍ଗୁ କରିସାରିଲେଣି। ଜମିବାଡ଼ି ସବୁ ପଡ଼ିଆ ପଡ଼ି ଲାଣି। ଚିନି, ମୁଢ଼ି ଓ ଚୁଡ଼ାରେ ଟିକସ ବସେଇ ଲୋକଙ୍କୁ ତ ଶୋଷଣ କରୁଛନ୍ତି। ସେଥିରେ ପୁଣି ଖାଲି ମାଗଣା ଚାଉଳ। ତେବେ କିପରି କାମଧନ୍ଦା ପାଇ ରୋଜଗାରକ୍ଷମ ହେବେ ସେଥିପାଇଁ ଯୋଗାଡ଼ ନ କରି ଲୋକଙ୍କୁ ଏ ମାଗଣା ଚାଉଳରେ ଆଉ ଶୋଷଣ ନ କରନ୍ତୁ।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବୈରାଗୀ ଚରଣ ବିଶ୍ୱାଳଙ୍କ ପୁଣ୍ୟତିଥି

ଧର୍ମଶାଳା,୧୫।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳିଙ୍ଗ କ୍ଲବ ପରିସରରେ ବୈରାଗୀ ଚରଣ ବିଶ୍ୱାଳଙ୍କ ୧୪ତମ ପୁଣ୍ୟତିଥି ରବିବାର ପାଳିତ ହୋଇଯାଇଛି। ବୈରାଗୀ ଚରଣ ବିଶ୍ୱାଳ ସ୍ମୃତି କମିଟି ସଭାପତି କିଷାନ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ଅତିଥିଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପାଢ଼ୀ, ରସୁଲପୁର ବ୍ଲକ ପ୍ରାକ୍ତନ ଅଧକ୍ଷ ଡା. ରୁଦ୍ରନାରାୟଣ ପୃଷ୍ଟି, ଧର୍ମଶାଳା ପାହାଡ, ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳ ଯୋଗଦେଇ ବିଶ୍ୱାଳଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ କର୍ମମୟ ଜୀବନ, ଶିକ୍ଷକତା, ରାଜନୀତି, ବହୁ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାରେ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ସାହୁ, ଇଂ. ବିଶ୍ୱଜିତ ମହାନ୍ତି, ମହିଳା କଲେଜ ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲ, ବସନ୍ତ ପରିଡ଼ା ଓ ଦେବେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ମୃତି କମିଟି ପକ୍ଷରୁ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ ଓ ଦଳିତ ନେତା ହରିହର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱାଳଙ୍କ ଜୀବନୀ ଉପରେ ଅନୁଷ୍ଠିତ ଆନ୍ତଃବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖବରଦାତା ଅଖିଳ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ମିହିର କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ଘରକରଣା ସାମଗ୍ରୀ କିଣିବାକୁ ଭିଡ଼




ବରୁଣେଶ୍ୱର ମେଳା ପଡ଼ିଆରେ ଲୋକଙ୍କ ଗହଳି।

- ୨ୟ ଦିନରେ ବରୁଣେଶ୍ୱର ମେଳା
- ଆରମ୍ଭ ହେଲା ପଲ୍ଲିଶ୍ରୀ ମେଳା

ପ୍ରୀତିପୁର,୧୫।୧(ଡି.ଏନ୍.ଏ.): ବରୁଣେଶ୍ୱର ମେଳା ରବିବାର ୨ୟ ଦିନରେ ପହଞ୍ଚିଥିବା ବେଳେ ମେଳା ବୁଲିବାକୁ ହଜାରହଜାର ସଂଖ୍ୟାରେ ଜନସାଧାରଣଙ୍କ ସୁଅ ଛୁଟିଛି। ମେଳାରେ ଘର କରଣା ସାମଗ୍ରୀ କିଣିବାକୁ ମହିଳାମାନେ ବିଭିନ୍ନ ଷ୍ଟଲ୍‌ରେ ଭିଡ଼ ଜମାଉଛନ୍ତି। ଏହି ଅବସରରେ ମେଳା ପଡ଼ିଆ ମଧ୍ୟରେ ବିଞ୍ଝାରପୁର ବ୍ଲକ ପ୍ରଶାସନ ଦ୍ୱାରା ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀଙ୍କ ସହିତ ବ୍ଲକ ଅଧକ୍ଷା ରଞ୍ଜିତା ଦାସ, ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଜୋନସଭ୍ୟ ନନ୍ଦକିଶୋର ସାମଲ, ସଭ୍ୟା ନିନାରାଣୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ଷ୍ଟଲ୍ ଖୋଲାଯାଇଛି। ଗୋଷ୍ଠୀ ସଦସ୍ୟାମାନେ ନିଜ ଉତ୍ପାଦିତ ସାମଗ୍ରୀମାନ ଏଠାରେ ବିକ୍ରି କରୁଛନ୍ତି। ସେହିପରି ରାଜ୍ୟ ବାହାରୁ ଆସି ଏହି ମେଳାରେ ପସରା ମେଲାଇଥିବା ଶୀତ ବସ୍ତ୍ର, ରାଜସ୍ଥାନୀ ଚୁଡି ଓ କପ୍ ପ୍ଲେଟ୍ ଦୋକାନରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିବାବେଳେ ଛୋଟଛୋଟ ପିଲାମାନେ ଚକ୍ରି ଦୋଳି ନିକଟରେ ଭିଡ ଜମାଉଥିବା ଦେଖାଯାଇଛି। ମନ୍ତ୍ରୀ ମଲ୍ଲିକ ଦିନତମାମ ବରୁଣେଶ୍ୱର ଠାରେ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି। ବ୍ଲକ ଅଧକ୍ଷା କେତେଜଣ ମହିଳା ସରପଞ୍ଚ ଓ ଜିଲାପରିଷଦ ସଭ୍ୟାଙ୍କ ସହ ବୁଲି ମେଳାକୁ ଉପଭୋଗ କରୁଥିବା ଘଟଣା ତାଙ୍କ ସମର୍ଥକଙ୍କୁ ଉତ୍ସାହିତ କରିଛି। ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜିତ୍ କୁମାର ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ବାହିନୀ ଗାଡ଼ିମୋଟର ଯାତାୟାତ ନିୟନ୍ତ୍ରଣ କରିବା ସହିତ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ତତ୍ପର ଥିବା ଦେଖାଯାଇଛି।

## ବରୁଣେଶ୍ୱର ମହୋତ୍ସବ ଉଦ୍‌ଘାଟିତ

ପ୍ରୀତିପୁର,୧୫।୧(ଡି.ଏନ୍.ଏ.): ବରୁଣେଶ୍ୱର ପୀଠରେ ରବିବାର ବରୁଣେଶ୍ୱର ମହୋତ୍ସବ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ମନ୍ତ୍ରୀ ପ୍ରମିଳା ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ବରୀ ବିଧାୟିକା ସୁନନ୍ଦା ଦାସ, ବିଞ୍ଝାରପୁର ବ୍ଲକ ଅଧକ୍ଷା ରଞ୍ଜିତା ଦାସ, ଉପାଧକ୍ଷ ସେକ୍ ଏର୍ସାଦ, ବରୁଣେଶ୍ୱର ମେଳା କମିଟି ସଭାପତି ତଥା ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ସମିତି ସଭ୍ୟା ଲଭ୍‌ଲିରାଣୀ ନାୟକ, ବରୁଣେଶ୍ୱର ଉନ୍ନୟନ ପରିଷଦ ସଭାପତି ହେମେନ୍ଦ୍ର ସାମଲ, ସମ୍ପାଦକ ବଟକୃଷ୍ଣ ନାୟକ ଓ ଆବାହକ ରବୀନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଏହାର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରୁ ଅତିଥିଙ୍କୁ ଏକ ବିଶାଳ ମୋଟର ସାଇକେଲ ରାଲିରେ ମଇନ୍ଦାଛକଠାରୁ ସଭାସ୍ଥଳ ନିକଟକୁ ଆଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବହୁ ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ଜିଲାପରିଷଦ ସଦସ୍ୟମାନେ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବରୁଣେଶ୍ୱର ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

## ରାଜ୍ୟପାଳଙ୍କ ଦ୍ୱାରା ଗୋକର୍ଣ୍ଣିକା ସମ୍ପାଦକ ସମ୍ବର୍ଦ୍ଧିତ



ଧର୍ମଶାଳା,୧୫।୧(ଡି.ଏନ.ଏ.): ଧର୍ମଶାଳା ଅଞ୍ଚଳରୁ ୪୫ ବର୍ଷ ଧରି ପ୍ରକାଶ ପାଉଥିବା ଗୋକର୍ଣ୍ଣିକା ସାହିତ୍ୟ ପତ୍ରିକାର ସମ୍ପାଦକ ରମାକାନ୍ତ ଜେନାଙ୍କୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୧ତମ ଜୟନ୍ତୀରେ ବାଲେଶ୍ୱରଠାରେ ସମ୍ବର୍ଦ୍ଧିତ କାରାଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଗୋକର୍ଣ୍ଣିକା ସମ୍ପାଦକ ଜେନାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅତିଥିଭାବେ ପ୍ରଫେସର ଡ. ବିଜୟ କୁମାର ସିଂ ଓ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇଥିଲେ। ସମ୍ପାଦକ ଦୀପକ ବୋଷ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଯୁଗ୍ମ ସମ୍ପାଦକ ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## କବାଡ଼ି, ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ




ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଯାଜପୁର ଟାଉନ,୧୫।୧(ଡି.ଏନ.ଏ.): ଯାଜପୁର ବ୍ଲକ ପ୍ରଶାସନ ଦ୍ୱାରା ୩ଦିନ ଧରି ଚାଲିଥିବା କବାଡ଼ି ଓ ଭଲିବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭଲିବଲ୍‌ରେ ବିଚିତ୍ରପୁର ଚାମ୍ପିୟନ ହୋଇଥିବାବେଳେ ସିମିଳିଆ ରନର୍ସ ଅପ୍ ହୋଇଛି। ବିଚିତ୍ରପୁର ୧୫ ଗୋଲ୍ ଦେଇଥିଲା ବେଳେ ସିମିଳିଆ ୮ ଗୋଲ୍ ଦେଇଥିଲା। କବାଡ଼ି ପ୍ରତିଯୋଗିତାରେ ମାଳଆନନ୍ଦପୁର ଚାମ୍ପିୟନ ହୋଇଥିବାବେଳେ ଭୁବନେଶ୍ୱରପୁର ରନର୍ସ ଅପ୍ ହୋଇଛି। ମାଳଆନନ୍ଦପୁର ୫୬ ପଏଣ୍ଟ ପାଇଥିଲାବେଳେ ଭୁବନେଶ୍ୱରପୁର ୩୩ ପଏଣ୍ଟ ପାଇଛି। କବାଡ଼ି ପ୍ରତିଯୋଗିତାକୁ ଦିନେଶ କୁମାର ଗୌଡ଼ା ପରିଚାଳନା କରିଥିଲେ। ଫୁଟ୍‌ବଲ୍ ପ୍ରତିଯୋଗିତାରେ ବିଚିତ୍ରପୁର କ୍ୟାପ୍‌ଟେନ୍ ଚିରଞ୍ଜୀବ ପାଣିଗ୍ରାହୀ ଟ୍ରଫି ନେଇଥିବା ବେଳେ ସିମିଳିଆ କ୍ୟାପ୍‌ଟେନ୍ ଶ୍ୟାମସୁନ୍ଦର ବେହେରା ରନର୍ସ ଅପ୍ ଟ୍ରଫି ନେଇଥିଲେ। କବାଡ଼ିରେ ମାଳଆନନ୍ଦପୁର କ୍ୟାପ୍‌ଟେନ୍ ବିଶ୍ୱଭୂଷଣ କବି ଟ୍ରଫି ଅଳଙ୍କୃତ କରିଥିବା ବେଳେ ଭୁବନେଶ୍ୱରପୁର କ୍ୟାପ୍‌ଟେନ୍ ରଞ୍ଜିତ ବେହେରା ରନ୍‌ର୍ସ ଅପ୍ ଟ୍ରଫି ଗହଣ କରିଥିଲେ। ଭଲିବଲ୍‌ରେ ବେଷ୍ଟ ଅଫ୍ ଆଟାକ୍‌ର ବିଶ୍ୱନାଥ ରାଉତ, ବେଷ୍ଟ ଅଫ୍ ଡିଫେନ୍ସର ସଚିତାନନ୍ଦ, କବାଡ଼ିରେ ବେଷ୍ଟ ଅଫ୍ ପ୍ଲେୟାର ଦାସୁ ଦଳାଇ, ବେଷ୍ଟଅଫ୍ ରାଡର ଚକ୍ରଧର ବିଶ୍ୱାଳଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଶୋକ ଦାସ ଫାଉଣ୍ଡେଶନ ସଚିବ ଭବପ୍ରସାଦ ଦାସ, ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇ ଭଲି ଓ କବାଡ଼ି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଟିମ୍‌କୁ ଚାମ୍ପିୟନ ଏବଂ ରନ୍‌ର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ପଞ୍ଚାୟତ ସମିତିର ବିଭିନ୍ନ ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ଓପିଟିସିଏଲ୍‌ର ଜମି ଅଧିଗ୍ରହଣକୁ ବିରୋଧ

### ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ ଗ୍ରାମବାସୀଙ୍କ ଦାବି

ଚଣ୍ଡିଖୋଲ,୧୫।୧(ଡି.ଏନ୍.ଏ.): ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ସୁଙ୍ଗୁଡ଼ା ପଞ୍ଚାୟତର ନୂଆସୁଙ୍ଗୁଡ଼ା ଗ୍ରାମରେ ଓପିଟିସିଏଲ୍ ପକ୍ଷରୁ ବିଦ୍ୟୁତ୍ ଗ୍ରୀଡ୍ ରହିଛି। ଏହି ଗ୍ରୀଡ୍‌କୁ ସମ୍ପ୍ରସାରଣ ପାଇଁ ଦର୍ପଣ ତହସିଲ ତରଫରୁ ସର୍ବସାଧାରଣ ନୋଟିସ୍ ପ୍ରକାଶନ ପରେ ସୁଙ୍ଗୁଡ଼ା ପଞ୍ଚାୟତ ତରଫରୁ ଏହାକୁ ବିରୋଧ କରାଯାଇଛି। ଗତ ମାସ ୨୦ ତାରିଖରେ ଦର୍ପଣ ତହସିଲଦାର ସୁଙ୍ଗୁଡ଼ା ସରପଞ୍ଚଙ୍କ ଜରିଆରେ ଜଣାଇଛନ୍ତି କି, ସୁଙ୍ଗୁଡ଼ା ମୌଜାର ୨୮୩ ନଂ. ଖାତା ଓ ୧୬୩୨ ନଂ.ପ୍ଲଟରୁ ଅଧିକ ୬୪ ଡିସିମିଲ ୨କଡି ଅଧିଗ୍ରହଣ କରିବାକୁ ଓପିଟିସିଏଲ୍ ଆବେଦନ କରିଛି। ଉକ୍ତ ଖାତାଟି ରକ୍ଷିତ ହୋଇଥିବାରୁ ତାହାକୁ ପରିବର୍ତ୍ତନ କରାଯାଇ ଅନାବାଦୀ ଯୋଗ୍ୟ ଖାତରେ ରେକର୍ଡ କରିବା ପାଇଁ ଆବଶ୍ୟକ ପଡୁଛି। ସେଥିପାଇଁ ଲିଜ୍ ସୂତ୍ରେ ନେବା ପାଇଁ ଓଡ଼ିଶା ଶକ୍ତି ସଂଚାର ନିଗମ ଆବେଦନ କରିଥିବା ତହସିଲଦାର ଜଣାଇଛନ୍ତି।

ଏନେଇ ଗ୍ରାମବାସୀଙ୍କ କହିବା କଥା ହେଲା ସୁଙ୍ଗୁଡ଼ା ମୌଜା ଏ ପର୍ଯ୍ୟନ୍ତ ବନ୍ଦୋବସ୍ତ କିମ୍ବା ଚକବନ୍ଦୀ ହୋଇ ପାରିଲାନାହିଁ। ୧୪୫ ବର୍ଷ ପୂର୍ବେ ହାଇଲେଭଲ କେନାଲ ଖନନ ହେବାରୁ ମୂଳ ସୁଙ୍ଗୁଡ଼ା ଗ୍ରାମବାସୀ ବିସ୍ଥାପିତ ହୋଇ ଜାତୀୟ ରାଜପଥ କଡ଼ରେ ନୂଆସୁଙ୍ଗୁଡ଼ା ଗ୍ରାମରେ ବସବାସ କରିଥିଲେ, ଯାହାର ବର୍ତ୍ତମାନ ଲୋକ ସଂଖ୍ୟା ୧୫ଶହ ହେବ। ଅତୀତରେ ଏହି ଗ୍ରାମର ଗୋଚର ଜମିକୁ ସରକାର ବିଭିନ୍ନ ସଂଗଠନ ଓ ସରକାରୀ ସଂସ୍ଥାକୁ ପ୍ରଦାନ କରିଛନ୍ତି। ଏଠାରେ ହାଉସିଂବୋର୍ଡ ମାର୍କେଟ, ଆର୍‌ଟିଓ, ସରକାରୀ ପ୍ରୋଜେକ୍ଟ ସ୍କୁଲ୍, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟ, ବିଦ୍ୟୁତ ଗ୍ରୀଡ୍, ଗୋଶାଳା, ପଞ୍ଚାୟତ ଅଫିସ୍, ପୋଲିସ ଫାଣ୍ଡି, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସ୍ଥାପନ କରିବା ପରେ ବହୁ ଜମିକୁ ରାସ୍ତାରେ ପରିଣତ କରିଛନ୍ତି। ଏବେ ଗ୍ରାମ୍ୟ ଶ୍ମଶାନ କରିବାକୁ ସ୍ଥାନ ନାହିଁ। ତେଣୁ ତୁରନ୍ତ ଗ୍ରୀଡ୍ ସମ୍ପ୍ରସାରଣ କାର୍ଯ୍ୟ ବନ୍ଦ କରିବାକୁ ଗ୍ରାମବାସୀଙ୍କ ତରଫରୁ ଦର୍ପଣ ତହସିଲଦାର ଓ ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଗ୍ରାମର ପିଲାମାନେ ଖେଳପଡ଼ିଆ ନ ଥିବାରୁ ଖେଳି ପାରୁନାହାନ୍ତି। ଗୋରୁ ଚରିବା ପାଇଁ ସ୍ଥାନ ଅଭାବରୁ ଅସୁବିଧା ଭୋଗୁଛନ୍ତି। ଏହାକୁ ରାଜସ୍ୱ ଗ୍ରାମ କରିବାକୁ ଆମେମାନେ ଦୀର୍ଘ ଦିନ ହେବ ଦାବି କରି ଆସୁଥିବାବେଳେ ଅଦ୍ୟାବଧି ପଡ଼ା ଗ୍ରାମରେ ସୀମିତ ହୋଇ ରହିଛି ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ପାଇଛୁ। ସରକାରୀସ୍ତରରେ ଏ ଦିଗରେ ନିଷ୍ପତ୍ତି ନିଆଯିବ।

## ରାଜ୍ୟସ୍ତରୀୟ ଭଲିବଲ: ଭଦ୍ରକ ଚାମ୍ପିୟନ

ରସୁଲପୁର,୧୫।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ୧୭ତମ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଠାରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ନେହରୁ ଷ୍ଟାଡିୟମ ଭଦ୍ରକ ପ୍ରତିପକ୍ଷ ଜଗତ୍‌ସିଂହପୁର ଭଲି ଦଳକୁ ୩-୧ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଗତି କ୍ଲବ ଓ ଇଏସ୍‌ପିଏମ୍ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ଲିଗ୍ ପର୍ଯ୍ୟାୟରେ ଅନୁଷ୍ଠିତ ଖେଳରେ ଯୋଗଦେଇଥିବା ୬ ଦଳକୁ ୨ ଗ୍ରୁପରେ ବିଭକ୍ତ କରାଯାଇଥିଲା। ଜଗତ୍‌ସିଂହପୁର ଓ ଭଦ୍ରକ ଦଳ ଗ୍ରୁପ୍ ଚାମ୍ପିୟନ ହୋଇ ଫାଇନାଲ ଖେଳିବାକୁ ମନୋନୀତ ହୋଇଥିଲେ। ଟ୍ରଫି ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦିନେଶ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠିତ ବ୍ୟବସାୟୀ ପଙ୍କଜ ସାହୁ, ଦିଲୀପ ପୃଷ୍ଟି, ଯୁବନେତା ରାଜେନ୍ଦ୍ର ମଲିକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। କ୍ରୀଡ଼ାବିତ୍ ଅମର ସାହୁ, ସିଦ୍ଧାର୍ଥ ଶଙ୍କର ରଥ ଓ ଆୟୋଜକ ଉଭୟ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଖେଳ ପରିଚାଳନା କରିଥିଲେ।




ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ଯୁବନେତୃତ୍ୱ, ଗୋଷ୍ଠୀ ବିକାଶ ତାଲିମ ଉଦ୍‌ଯାପିତ

ଯାଜପୁର ଟାଉନ,୧୫।୧(ଡି.ଏନ୍.ଏ.): ନେହେରୁ ଯୁବକେନ୍ଦ୍ର ଯାଜପୁର ଆନୁକୂଲ୍ୟରେ ୧୨ ଜାନୁୟାରୀରୁ ଚାଲିଥିବା ୩ ଦିନିଆ ଯୁବନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଯାଜପୁର ସଦରମହକୁମାସ୍ଥିତ ଗଣେଶ ମଣ୍ଡପଠାରେ ଯୁବ ଦିବସ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିରଜା ମହିଳା ମହାବିଦ୍ୟାଳୟ ଅଧକ୍ଷ ଅଖିଳେଶ ରଞ୍ଜନ ପାଢ଼ୀ ଯୋଗଦେଇ ଯୁବକମାନେ ରାଷ୍ଟ୍ରର ମେରୁଦଣ୍ଡ ବୋଲି ଅଭିବ୍ୟକ୍ତ କରିବା ସହ ଯୁବଗୋଷ୍ଠୀ ସମାଜ ପ୍ରତି ଥିବା ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଦ୍ୱିତୀୟ ଦିବସରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ ଯୋଗଦେଇ ଯୁବତୀଯୁବକ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ବକ୍ତବ୍ୟ ରଖିଥିଲେ। ଜିଲାର ସମସ୍ତ ବ୍ଲକରୁ ୪୦ ଯୁବତୀଯୁବକ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି କୁମରବର ଦାସ ଉଦ୍‌ଯାପନୀ ସଭାରେ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବିରଞ୍ଚିନାରାୟଣ ଦାସ, ବିଜୟ କୁମାର ଦାସ, ହୃଷୀକେଶ ପଣ୍ଡା ଏବଂ ଅଶୋକ କୁମାର ଦାସ ଯୋଗ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ବାସୁଦେବ ଦାସ ସମସ୍ତ ଅତିଥି ଓ ତାଲିମାର୍ଥୀଙ୍କୁ ସ୍ୱାଗତ ସମ୍ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ।

## ସଡ଼କ ସୁରକ୍ଷା ସପ୍ତାହ

ବାଲିଚନ୍ଦ୍ରପୁର,୧୫।୧(ସ୍ୱ.ପ୍ର.) ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବାଲିଚନ୍ଦ୍ରପୁର ବଜାରରେ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି। ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ପୋଲିସ ବାହିନୀ, ସ୍ଥାନୀୟ ସାମାଜିକକର୍ମୀମାନେ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରାଇବା ସହ ଗୋଲାପଫୁଲ, ଚକୋଲେଟ୍ ବଣ୍ଟନ କରିଥିଲେ। ଏସ୍‌ଆଇ ଶଶିଭୂଷଣ ପରିଡ଼ା, ବିନତି ଦାସ, ଏଏସ୍‌ଆଇ ଗିରିଶ୍ ମହାନ୍ତି, ବାଲିଚନ୍ଦ୍ରପୁର ବଣିକ ସଂଘ ପକ୍ଷରୁ ଅଜୟ ବିଶ୍ୱାଳ, ବ୍ୟବସାୟୀ ବିଜୟ ସାହୁ, ପ୍ରାକ୍ତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଗ୍ରାହକ ସଚେତନତା ଶିବିର

ରସୁଲପୁର,୧୫।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅଞ୍ଚଳର ଅଗ୍ରଣୀ ଭାରତ ଗ୍ୟାସ ବିତରକ ସଂସ୍ଥା ବନଦୁର୍ଗା ଏଜେନ୍ସି ପକ୍ଷରୁ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁରଠାରେ ଗ୍ରାହକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଉପଭୋକ୍ତାଙ୍କୁ ଗ୍ୟାସର ସୁରକ୍ଷିତ ବ୍ୟବହାର, ଚୁଲା ଓ ଟାଙ୍କିର ଯତ୍ନ, ରେଗୁଲେଟରକୁ ଠିକ୍ ଭାବରେ ସଂଯୋଗ କରିବାର ଉପାୟ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉଜ୍ଜ୍ୱଳା ଯୋଜନାର ସାମିଲ ହିତାଧିକାରୀ ଗ୍ୟାସ ବ୍ୟବହାରରେ ସମ୍ମୁଖିନ ହେଉଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ୟାସ ବିତରକ ପକ୍ଷରୁ ଏସ୍‌ଡିପି ପ୍ରଫୁଲ୍ଲ ମହାନ୍ତି, ରଞ୍ଜନ ସାହୁ, ଶଙ୍କର୍ଷଣ ସାହୁ ପ୍ରମୁଖ ସମ୍ବଳ ବ୍ୟକ୍ତି ଭାବରେ ଯୋଗଦେଇ ଗ୍ରାହକଙ୍କ ସମସ୍ୟା ସମାଧାନ କରିଥିଲେ। ବିତରକ ସଂସ୍ଥା ପକ୍ଷରୁ ଉପଭୋକ୍ତାଙ୍କ ମାଗଣାରେ ଗ୍ୟାସ ଚୁଲା ମରାମତି କରାଯାଇଥିଲା।

## ବ୍ଲୁମୁନ୍ କ୍ରିକେଟ୍ କ୍ଲବ୍ ଚାମ୍ପିୟନ

### ଡିସିବି ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଯାଜପୁର ରୋଡ୍, ୧୫।୧(ଡି.ଏନ୍.ଏ.) ଯାଜପୁର ରୋଡ ନରସିଂହ ଚୌଧୁରୀ (ଏନ୍‌ସି) ହାଇସ୍କୁଲ ଖେଳ ପଡ଼ିଆରେ ରବିବାର ଡିସିବି(ଦେବାଶିଷ, ଚନ୍ଦନ ଓ ବିକାଶ) ମୋମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଯାଜପୁର ପୌର ପରିଷଦର ପୂର୍ବତନ ନଗରପାଳ ଭବପ୍ରସାଦ ଦାସ ମୁଖ୍ୟଅତିଥି, ପ୍ରୀତିରଞ୍ଜନ ସାହି, ରାକେଶ ରାଉତ ଓ ମୃତ୍ୟୁଞ୍ଜୟ ଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଫାଇନାଲ ମ୍ୟାଚରେ ବ୍ଲୁମୁନ୍ କ୍ରିକେଟ୍ କ୍ଲବ୍ ୨୭ ରନ ବ୍ୟବଧାନରେ ମା' ମଙ୍ଗଳା କ୍ରିକେଟ୍ କ୍ଲବ୍‌କୁ ହରାଇ ଚାମ୍ପିୟନ ହୋଇଛି। ମା' ମଙ୍ଗଳା କ୍ରିକେଟ୍ କ୍ଲବ୍ ଟସ୍ ଜିଣି ପ୍ରଥମେ ବ୍ଲୁମୁନ୍ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ବ୍ଲୁମୁନ୍ ଦଳ ନିର୍ଦ୍ଧାରିତ ଓଭରରେ ୯ ୱିକେଟ୍ ହରାଇ ୧୬୭ ରନ୍ କରିଥିବାବେଳେ ଏହାର ଜବାବରେ ମା' ମଙ୍ଗଳା ଦଳ ୧୪୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ମା' ମଙ୍ଗଳା କ୍ରିକେଟ୍ କ୍ଲବ୍‌ର ସୁଦର୍ଶନ ମହାନ୍ତିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଏବଂ ବ୍ଲୁମୁନ୍ ଦଳର ମୁନା ବାରିକଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚ୍‌କୁ ସୁଶାନ୍ତ ଜେନା ଏବଂ ବାବୁ ଦାସ ପରିଚାଳନା କରିଥିଲେ। ଶୁକ୍ରବାରଠାରୁ ଅନୁଷ୍ଠିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହରେ କୋରେଇ ବିଧାୟକ ଅଶୋକ ବଳ ମୁଖ୍ୟଅତିଥି, ବ୍ୟାସନଗର ପୌର ପରିଷଦର ଉପାଧକ୍ଷ ସୁବାସ ଚନ୍ଦ୍ର ବଳ, ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି ଓ ସବିତା ରାଉତ, ଧରିତ୍ରୀର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା, ସାମାଜିକ କର୍ମୀ ରବିନାରାୟଣ ପୁହାଣ, ବିଜେଡିର ଜିଲା ସମ୍ପାଦକ ଅଭୟ ପତି, ଯାଜପୁର ରୋଡ ଥାନା ଆଇଆଇସି ଉପେନ୍ଦ୍ର କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

GOVERNMENT OF ODISHA
DEPARTMENT OF WATER RESOURCES
**Office of the Superintending Engineer**
**Chheligada Head Works Division**
At/PO: Mahendragada, Via: Chandragiri,
Dist: Gajapati, Odisha, PIN-761017
e-mail: eechwd@gmail.com
No.A-1017: No.38, Dated 9.1.23

**1st corrigendum to e-procurement Notice No. SE-CHWD-05/2022-23.**

(i) The date and time of availability of bid documents in the portal may be read as 17.01.2023 to 30.01.2023 up to 5.00 PM in place of 10.01.2023 to 23.01.2023 up to 5.00 PM.
(ii) Last date / time for receipt of bids in the portal may be read as 30.01.2023 up to 5.00 PM in place of 23.01.2023 up to 5.00 PM.
(iii) Date of opening of bid may be read as 01.02.2023 at 11.30 AM in place of 24.01.2023 at 11.30 AM.
(iv) A transparent lottery system on 31.01.2023 at 11.30 AM may be read as 03.02.2023 at 11.30 AM.
(v) Further clarification of bid may be read as 17.01.2023 to 24.01.2023 in place of 10.01.2023 to 17.01.2023 during office hours.
(vi) All other terms & conditions remained unaltered.

Sd./- Superintending Engineer
Chheligada Head Works Division
Mahendragada (Gajapati)
OIPR-32109/11/0011/2223

**ଚୂନବେଲାରୀରେ ଗୀତାଯଜ୍ଞ**

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଉପକଣ୍ଠ ଚୂନବେଲାରୀ ମହାବୀର କଲୋନୀରେ ରବିବାର ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲୋନୀର ମହିଳା ଓ ପୁରୁଷ ମାନେ ଭାଗ ନେଇଥିଲେ। ତ୍ରିନାଥ ମନ୍ଦିର ପରିସରରେ ମୁରବି କୁମରବର ବିଶ୍ୱାଳ, ଅମରେଶ୍ୱର ବିଶ୍ୱାଳ, ଚିତ୍ରସେନ ଦଳାଇ, ରମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯଜ୍ଞର ଆୟୋଜନ କରିଥିଲେ। ଏନେଇ ଶନିବାର ସୂର୍ଯ୍ୟପୂଜା, ଭାଗବତ ଓ ଗୀତା ପାଠ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରବିବାର ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା।ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଉତ୍ପାଦିକା ମହାସଂଘର କାର୍ଯ୍ୟ ଦେଖିଲେ ଏମ୍‌ପି



ବିରିଡି,୧୫।୧(ଡି.ଏନ.ଏ): ବିରିଡି ବ୍ଲକ ଅଗ୍ରଣୀ ଗୌରୀଦେବୀ ଉତ୍ପାଦିକା ମହାସଂଘର କାର୍ଯ୍ୟାଳୁ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ରବିବାର ସନ୍ଧ୍ୟାରେ ବୁଲି ଦେଖିଛନ୍ତି। ସଂଘ ସଭାନେତ୍ରୀ ସ୍ୱର୍ଣ୍ଣଲତା ସେଠୀ, ସମ୍ପାଦିକା ସୋହାନା ଆଫ୍ରୋଜ, କୋଷାଧକ୍ଷା ସମିତି ସଭ୍ୟା କଳ୍ପନା ପଶାୟତଙ୍କ ଏହି ଅବସରରେ ଉପସ୍ଥିତ ରହି ସ୍କୁଲ ଡ୍ରେସ ସମେତ ଅନ୍ୟାନ୍ୟ ବସ୍ତ୍ର କିପରି ତିଆରି କରାଯାଉଛି ତାହା ବୁଲାଇ ଦେଖାଇଥିଲେ। ଉପରୋକ୍ତ ସାମଗ୍ରୀକୁ ଓର୍‌ମାସ, ଜୀବିକା ମିଶନ, ଓ ମିଶନ ଶକ୍ତି ଦ୍ୱାରା ବିଭିନ୍ନ ଜିଲା ପଠାଯାଇ ଷ୍ଟଲ ଲଗାଯାଇ ବିକ୍ରି କରାଯାଉଛି ବୋଲି ମହାସଂଘର କର୍ମକର୍ତ୍ତା ଏମ୍‌ପି ମଲ୍ଲିକଙ୍କୁ କହିଥିଲେ। ପରେ ମହାସଂଘ ପକ୍ଷରୁ ଏମପିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏମପିଙ୍କ ସହ ବ୍ଲକ ଅଧକ୍ଷା ମମତା ପାତ୍ର, ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ବିଜେଡି ଯୁବନେତା ଦେବୀପ୍ରସାଦ ତ୍ରିପାଠୀ, ନେତ୍ରାନନ୍ଦ ପାତ୍ର, ନୃସିଂହ କୁମାର ଦାଶ, ବିଜେଡି ସଭାପତି ରବୀନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜ୍ୟସ୍ତରୀୟ ମିନି ମାରାଥନରେ ୨୭୬ ପ୍ରତିଯୋଗୀ

ରଘୁନାଥପୁର,୧୫।୧(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ନିକଟସ୍ଥ ମାଘମେଳା ପଡ଼ିଆରେ ସ୍ୱେଚ୍ଛାସେବୀ ସଂସ୍ଥା ସମାଜ ବିକାଶ ମିଶନ ପକ୍ଷରୁ ୧୦ମ ବାର୍ଷିକ ରାଜ୍ୟସ୍ତରୀୟ ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭୬ ଜଣ ଅଂଶଗ୍ରହଣ କରିଥିଲେ। ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ଶିକ୍ଷକ ବାବାଜୀ ଚରଣ ସାହୁ ସଭାପତିତ୍ୱ କରିଥିଲେ। ହିନ୍ଦୁ ଜାଗରଣ ମଞ୍ଚର ସଭାପତି ତନ୍ମୟ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଯୁବପିଢ଼ିଙ୍କୁ ଖେଳାଳି ଭାବେ ଗଢ଼ିତୋଳିବା ହେଉଛି ଏହି ମାରାଥନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ବିରଞ୍ଚି ନାରାୟଣ ମହାନ୍ତି ମୁଖ୍ୟବକ୍ତା, ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରାନ୍ତୀୟ ସଭ୍ୟ ବିଜୟ କୁମାର ରାଉତରାୟ, ନିତ୍ୟାନନ୍ଦ ସାହୁ, ଶିକ୍ଷକ ପ୍ରଦୀପ୍ତ ଆଚାର୍ଯ୍ୟ ଓ ସାମାଜିକ କର୍ମୀ ଗୋବିନ୍ଦ ଓଝା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କନିଷ୍ଠ, କିଶୋର ଓ ବରିଷ୍ଠଙ୍କୁ ନେଇ ୩ ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ଅବସରରେ ୪୪ ଜଣ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଏଥିସହ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବୀକା ଖୁଲଣା ବାରିକଙ୍କୁ ନିଃସ୍ୱାର୍ଥପର ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱେଚ୍ଛାସେବୀ ସଂସ୍ଥାର ସମ୍ପାଦକ ସରିତ କୁମାର ମହାପାତ୍ର ଓ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ। ହେମନ୍ତ ସାହୁ ଅତିଥି ପରିଚୟ, ଯୋଗାନନ୍ଦ ବୋଷ ସ୍ୱାଗତ ଭାଷଣ ଓ ସଂସ୍ଥାର ସମ୍ପାଦକ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ‘ଜଗତ୍‌ସିଂହପୁର ଅନୁଗୋଳ ମଧ୍ୟରେ ନବକୃଷ୍ଣ ଥିଲେ ସମ୍ପର୍କର ସେତୁ’

ଜଗତ୍‌ସିଂହପୁର ଅଫିସ, ୧୫।୧



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଜଗତ୍‌ସିଂହପୁରରେ ରବିବାରଠାରୁ ଏକକାଳୀନ ଜିଲା ମହୋତ୍ସବ କଲ୍ଲୋଳ, ପୁସ୍ତକ, ଆଧୁନିକ କୃଷି ଯନ୍ତ୍ରପାତି ଓ ପଲ୍ଲିଶ୍ରୀ ମେଳା ଷ୍ଟାଡିୟମରେ ଆରମ୍ଭ ହୋଇଛି। ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଜିଲାର ଗାରିମାମୟ ଇତିହାସ ବଖାଣିଥିଲେ। ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଓଡ଼ିଶାର ପ୍ରଥମ ତଥା ଆଦର୍ଶ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ଜଗତ୍‌ସିଂହପୁରରେ ସତ। କିନ୍ତୁ ମୃତ୍ୟୁ ଅନୁଗୋଳର ବାଜିରାଉତ ଛାତ୍ରାବାସରେ ହୋଇଥିଲା। ନବକୃଷ୍ଣଙ୍କ ସହଧର୍ମିଣୀ ମାଳତୀ ଚୌଧୁରୀ ମଧ୍ୟ ଶେଷ ପର୍ଯ୍ୟନ୍ତ ଅନୁଗୋଳରେ କାଟିଛନ୍ତି। ତେଣୁ ଜଗତ୍‌ସିଂହପୁର ଓ ଅନୁଗୋଳ ଜିଲା ମଧ୍ୟରେ ନବକୃଷ୍ଣ ହେଉଛନ୍ତି ସମ୍ପର୍କର ସେତୁ। କେବଳ ଏତିକି ନୁହେଁ, ଜଗତ୍‌ସିଂହପୁରରେ ସାରଳା ଦାସ, ଶ୍ରୀରାମ ଦାସଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିତ୍ୱ ଜନ୍ମ ନେଇଛନ୍ତି। କଳା କ୍ଷେତ୍ରରେ ମଧ୍ୟ ଜିଲା ଆଗରେ। ଶିକ୍ଷା କ୍ଷେତ୍ରରେ ଏହି

## ଜିଲା ମହୋତ୍ସବ କଲ୍ଲୋଳ, ପୁସ୍ତକ ମେଳା ଆରମ୍ଭ

ଜିଲା ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ଅଛି । ଖୋର୍ଦ୍ଧା ଜିଲା ପ୍ରଥମ। କିନ୍ତୁ ରାଜଧାନୀ ଭୁବନେଶ୍ୱର ଖୋର୍ଦ୍ଧା ଜିଲାରେ ନ ଥିଲେ ଜଗତ୍‌ସିଂହପୁର ପ୍ରଥମ ସ୍ଥାନରେ ଥାଆନ୍ତା ।

୧୯୯୩ରେ ବିଜୁ ବାବୁଙ୍କ ଯୋଗୁ ରାଜ୍ୟରେ ୧୩ରୁ ୩୦ ଜିଲା ହୋଇଥିଲା। ଜଗତ୍‌ସିଂହପୁର ଓ ଅନୁଗୋଳ ଜିଲା ଏକସଙ୍ଗେ ଜନ୍ମ ନେଇଥିଲା। ଜଗତ୍‌ସିଂହପୁର ଜନ୍ମ ନେବାଠାରୁ ଆଜି ପର୍ଯ୍ୟନ୍ତ ଅନେକ ବାତ୍ୟା ଓ ଦୁର୍ବିପାକର ଶିକାର ହୋଇଛି । ଏହା ସତ୍ତ୍ୱେ ଜିଲାର ଅଗ୍ରଗତି କିପରି ରହିଛି ତାହା ଜିଲାବାସୀ ଜାଣିବା ଜରୁରୀ ବୋଲି ଉପ ବାଚସ୍ପତି ସିଂହ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମଧ୍ୟ ଜିଲାର ଗାରିମା ବଖାଣିଥିଲେ । ସେ କହିଥିଲେ ଜିଲାରେ ମତ୍ସ୍ୟ, ପ୍ରାଣୀ ଓ ପାଣି ଆଦି ସମ୍ପଦ ଭରପୁର ଅଛି । ନଅଙ୍କ ଦୁର୍ଭିକ୍ଷ ସମୟରେ ଜିଲାରେ ମାଛଗାଁ ଓ ତାଳଦଣ୍ଡା କେନାଲ ଖୋଳାଯାଇଥିଲା । ଜିଲାର ଏକପଟେ ସୁନାବ୍ୟା ମହାନଦୀ ଓ ଆରପଟେ ଦେବୀ ପ୍ରବାହିତ । ୪୦ କିଲୋମିଟର କୋଷ୍ଟାଲ ଲାଇନ୍ ରହିଛି । ସ୍ୱର୍ଗତ ବିଷ୍ଣୁ ଦାସଙ୍କୁ ସ୍ମରଣ କରି କହିଥିଲେ ସେ ନ ଥିଲେ ଜଗତ୍‌ସିଂହପୁର ଜିଲା ହୋଇପାରି ନ ଥାନ୍ତା କି ଆଜି ଏଭଳି ଉତ୍ସବ ଦେଖିବାର ସୁଯୋଗ ମିଳି ନ ଥାନ୍ତା। ଏହି ଅବସରରେ ମହୋତ୍ସବ ଆୟୋଜନରେ କେତେକ ତ୍ରୁଟି ଥିବା ଦର୍ଶାଇଥିଲେ। ବିଶେଷକରି ସକାଳେ କରାଯାଇଥିବା ଶୋଭାଯାତ୍ରାରୁ ଏହା ବାରି ହୋଇ ପଡ଼ିଥିଲା। ଏସବୁ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଥିଲେ। ଉତ୍ସବରେ ଜିଲାପାଳ ପାରୁଲ ପଟୱାରି ପୌରୋହିତ୍ୟ କରିଥିବା ବେଳେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜିଲା ପରିଷଦ ସଭାପତି ମନୋଜ ଭୋଇ, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, କାହ୍ନୁ ଚରଣ ଧୀର, ଚିନ୍ମୟୀ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ୨ମାଛଧରା ବୋଟ୍ ନିଖୋଜ

## ୧୩ ମତ୍ସ୍ୟଜୀବୀଙ୍କ ପତ୍ତା ମିଳୁନି

ପାରାଦୀପ,୧୫।୧(ସ୍ୱ.ପ୍ର.)

ପାରାଦୀପ ମାଛଧରାବନ୍ଦର ପରିସରରୁ ସମୁଦ୍ରକୁ ଯାଇଥିବା ଦୁଇଟି ମାଛଧରା ବୋଟ ରବିବାର ନିଖୋଜ ହୋଇଯାଇଛି। ସେମାନଙ୍କୁ ଉଦ୍ଧାର ପାଇଁ ମତ୍ସ୍ୟବିଭାଗ ପକ୍ଷରୁ ରାତିରେ କୋଷ୍ଟଗାର୍ଡ ଓ ମେରାଇନ ପୋଲିସକୁ ଚିଠି (ନଂ-୧୫୭/୧୫-୦୧-୨୩)ଯୋଗେ ଅନୁରୋଧ କରିଛନ୍ତି। ଏଥିରେ ଦର୍ଶାଯାଇଛି, ୨ଟି ବୋଟ୍ ସମୁଦ୍ରର ୮୮ ନଟିକାଲ ମାଇଲ (୧୫୮କିମି)ଦୂରରେ ନିଖୋଜ ହୋଇଯାଇଛି। ସେଥିରେ ଥିବା ଡ୍ରାଇଭର ଅଶୋକ ମିର୍ଦ୍ଧାଙ୍କ ସୂଚନା ଅନୁସାରେ ୧୩ଜଣ ମତ୍ସ୍ୟଜୀବୀଙ୍କ ପତ୍ତା ମିଳୁନି । ଏବେ ସମ୍ପୃକ୍ତ ଡ୍ରାଇଭରଙ୍କ ସହ ଆଉ କୌଣସି ଯୋଗାଯୋଗ ହୋଇପାରୁନାହିଁ। ସେଥିପାଇଁ କୋଷ୍ଟଗାର୍ଡ ପାରାଦୀପ ଠାରୁ ଉତ୍ତର ପୂର୍ବ ସମୁଦ୍ର ସୀମାରେ ପାଟ୍ରୋଲିଂ ଜାହାଜ ଜରିଆରେ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ଶେଷ ଖବର ଅନୁସାରେ କୋଷ୍ଟଗାର୍ଡର ଏକ ଜାହାଜ ନିଖୋଜ ବୋଟ ସନ୍ଧାନରେ ଯାଇଛି।

# ପାରାଦୀପ ବିଜେଡିରେ ଗୋଷ୍ଠୀ କନ୍ଦଳ

କୁଜଙ୍ଗ/ରାହାମା,୧୫।୧(ଡି.ଏନ୍.ଏ.)

ପାରାଦୀପ ବିଧାୟକ ସମ୍ବିତ କୁମାର ରାଉତରାୟଙ୍କୁ ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ କିଶୋର ଜେନାଙ୍କ ୩୦୦ରୁ ଊର୍ଦ୍ଧ୍ୱ ସମର୍ଥକ ବିରୋଧ କରିଛନ୍ତି। ଫଳରେ ପାରାଦୀପ ବିଜେଡିର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି। କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ଅନ୍ତର୍ଗତ ସାଇମଣ୍ଡପରେ ଏନେଇ ରବିବାର ଏକ ବୈଠକ ଆୟୋଜନ କରାଯାଇଛି। ବିଶ୍ୱନାଥ ପାଣି ଏହାର ନେତୃତ୍ୱ ନେଇ କହିଛନ୍ତି, ୨୦୧୯ ନିର୍ବାଚନ ପୂର୍ବରୁ ପ୍ରମୋଦଙ୍କ ସହ ବହୁ ସମର୍ଥକ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ସେମାନଙ୍କ ସମର୍ଥନ ଯୋଗୁ ସମ୍ବିତ ରାଉତରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇ ବିଧାୟକ ହୋଇଥିଲେ। ମାତ୍ର ପରେ ଅଣବିଜେଡିରୁ ଆସିଥିବା ନେତା ଓ କର୍ମୀଙ୍କୁ ରାଉତରାୟ

## ବିଧାୟକଙ୍କୁ ବିରୋଧ

ଭୁଲି ଯାଇଛନ୍ତି। ସେମାନଙ୍କୁ କୌଣସି କାର୍ଯ୍ୟରେ ପଚାରୁ ନାହାନ୍ତି କି ସହଯୋଗ ଲୋଡୁନାହାନ୍ତି। ୨୦୨୧ରେ ପ୍ରମୋଦଙ୍କ ଉପସ୍ଥିତିରେ ତାଙ୍କ ସମର୍ଥନମାନେ ବିଧାୟକଙ୍କୁ ଡାକି ଏବିଷୟରେ ଆଲୋଚନା କରିଥିଲେ।

ସେତେବେଳେ ବିଧାୟକ ରାଉତରାୟ ପ୍ରତିଶ୍ରୁତି ଦେଇ କହିଥିଲେ, ନୂଆ ଓ ପୁରୁଣା ମଧ୍ୟରେ କୌଣସି ବାଛ ବିଚାର ରହିବ ନାହିଁ, ସମସ୍ତେ ମିଳିମିଶି ଦଳ ପାଇଁ କାର୍ଯ୍ୟ କରିବେ। ହେଲେ ଏହା କେବଳ ପ୍ରତିଶ୍ରୁତିରେ ରହିଗଲା। ପୂର୍ବପରି ପ୍ରମୋଦଙ୍କ ସମର୍ଥକମାନେ ଦଳରେ ଅଲୋଡା ହୋଇ ରହିଛନ୍ତି। ପାରାଦୀପ ନିର୍ବାଚନ ମଣ୍ଡଳୀରେ ଏବେ ରାସ୍ତା ଘାଟ ସବୁ ନଷ୍ଟ ହୋଇଯାଇଥିବା ବେଳେ ବିଧାୟକ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଫଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆସିଛି। ଏନେଇ ଆଗାମୀ ଦିନରେ ବିଧାୟକଙ୍କ ବିରୋଧରେ ଅସନ୍ତୁଷ୍ଟ କର୍ମୀମାନେ ଏକାଠି ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଆଗାମୀ ସାଧାରଣ ନିର୍ବାଚନରେ ପ୍ରମୋଦଙ୍କୁ କିପରି ଦଳୀୟ ଟିକେଟ ମିଳିବ ସେନେଇ ଉଦ୍ୟମ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳ, ଫତେପୁରର ପୂର୍ବତନ ସରପଞ୍ଚ ସାଗର ପ୍ରଧାନ, କୋଳର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତ୍ ପାଲ, ସୌମ୍ୟରଞ୍ଜନ ରାଉତ, ଅନ୍ତର୍ଯାମୀ ପରିଡ଼ା, କୈଳାସ ନନ୍ଦ, ଗଣ୍ଡକୀପୁର ସମିତି ସଭ୍ୟ ଆଶୀଷ ସାମଲ ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ବିଧାୟକ ରାଉତରାୟଙ୍କ ସହ ମୋବାଇଲ୍ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସଂଯୋଗ ହୋଇ ପାରି ନ ଥିଲା।

## ମାତୃଭାଷାର ସମୃଦ୍ଧି ନିମନ୍ତେ ଉଦ୍ୟମ କରିଥିଲେ ଫକୀର ମୋହନ

ପାରାଦୀପ,୧୫।୧(ସ୍ୱ.ପ୍ର.)

ପାରାଦୀପ ନୂଆବଜାରସ୍ଥିତ କଳା, ସଂସ୍କୃତି ସଙ୍ଗଠନ ସୂର୍ଯ୍ୟମୁଖୀ ପରିସରରେ ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୦ରୁ ଅଧିକ କବୟିତ୍ରୀ ଓ କବି ଯୋଗ ଦେଇଥିଲେ। ସୂର୍ଯ୍ୟମୁଖୀ ସମ୍ପାଦିକା ହିରାମଣୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଗୋଲାପରାଣୀ ସାହୁ, ପ୍ରେମଲତା ବାରିକ ପ୍ରମୁଖ ଯୋଗ ଦେଇ ବ୍ୟାସକବିଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଓଡିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ନିରନ୍ତର ପ୍ରୟାସ କରିଥିଲେ ବୋଲି ଅତିଥିମାନେ କହିଥିଲେ।

## ହିନ୍ଦୀ ଅନୁବାଦ ପୁସ୍ତକ ଉନ୍ମୋଚନ କଲେ ରାଜ୍ୟପାଳ



ବାଲିକୁଦା,୧୫।୧(ସ୍ୱ.ପ୍ର.)

ହିନ୍ଦୀ ସାହିତ୍ୟିକ ତଥା ରାଜ୍ୟ ଓ ଜାତୀୟ ପୁରସ୍କାରପାପ୍ତ କୃତି ଶିକ୍ଷକ ଡ. ବିଷ୍ଣୁ ଚରଣ ସ୍ୱାଇଁଙ୍କ ହିନ୍ଦୀ ଅନୁବାଦ ପୁସ୍ତକ ‘ସତ୍ୟକା ସନ୍ଧାନ’କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚନ ହୋଇଛି। ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଏହି ପୁସ୍ତକ ଓଡ଼ିଆରେ ଲେଖାଯାଇଥିଲା। ଏହାକୁ ଦାସ ହିନ୍ଦୀ ଭାଷାରେ ଅନୁବାଦ କରିଛନ୍ତି। ରାଜଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପରେ ଡ. ସ୍ୱାଇଁ ତାଙ୍କ ଦ୍ୱାରା ରଚିତ ପୁସ୍ତକ ‘ଉତ୍କଳ କେ ମହାନ ବ୍ୟକ୍ତିତ୍ୱ’କୁ ସେ ରାଜ୍ୟପାଳଙ୍କୁ ଉପହାର ସ୍ୱରୂପ ଦେଇଥିଲେ। ଏହି ଉତ୍ସବରେ ସତ୍ୟକା ସନ୍ଧାନ ପୁସ୍ତକର ମୂଳ ରଚୟିତା ବରଦାଙ୍କ ସମେତ ପୁସ୍ତକର ପ୍ରକାଶିକା ତଥା ନାରୀ ସୁରକ୍ଷା ପତ୍ରିକାର ସମ୍ପାଦିକା ଲଳିତା ଶତପଥୀ, ଆଇନଜୀବୀ କମଳାକାନ୍ତକର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀ ବିବେକାନନ୍ଦ ଥିଲେ ସେବା, ତ୍ୟାଗର ପ୍ରତୀକ




କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ବିରିଡି,୧୫।୧(ଡି.ଏନ.ଏ)

ନେହେରୁ ଯୁବ କେନ୍ଦ୍ର ଜଗତ୍‌ସିଂହପୁର ପକ୍ଷରୁ ବିରିଡି ବ୍ଲକ ମଙ୍ଗୁଳି ବସୁମାତା ଆନୁକୂଲ୍ୟରେ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ୧୬୦ତମ ଜୟନ୍ତୀ ସ୍ଥାନୀୟ ମଙ୍ଗୁଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଆଚାର୍ଯ୍ୟ ମିତାଞ୍ଜଳୀ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମଇଁଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ରଞ୍ଜନ ଦାଶ ଯୋଗ ଦେଇ ସ୍ୱାମୀ ବିବେକା ନନ୍ଦ ସେବା ଓ ତ୍ୟାଗର ପ୍ରତୀକ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବସୁମାତାର ସମ୍ପାଦକ ଗୟାଧର ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁ ବିଦ୍ୟା ମନ୍ଦିରର ୧୦ମ ଶ୍ରେଣୀ ଛାତ୍ରୀ ଟିକିଲି କାଣ୍ଡିଙ୍କୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନରେ ତୃତୀୟ ହୋଇଥିବାରୁ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗୟାଧର ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଏରସମା, ୧୫।୧(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ କୋଠି ହାଟରୁ ସାଇଁତୋଳ ଗ୍ରାମକୁ ସଂଯୋଗ କରୁଥିବା ଢଳେଇ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର କୋଠି ଛକ ନିକଟରୁ ଏକ ଆରଡି ରାସ୍ତା ଏରସମା ପଞ୍ଚାୟତର ସାଇଁତୋଳ ଗ୍ରାମକୁ ସଂଯୋଗ କରିଛି । ଏହି ରାସ୍ତା ଉପରେ କୃଷ୍ଣଚନ୍ଦ୍ରପୁର, ଏରସମା, ପଳିକଣ୍ଡା, ଜପା ପଞ୍ଚାୟତ ଅନ୍ତର୍ଗତ ୨୫ ଗ୍ରାମର ଲୋକେ ନିର୍ଭରଶୀଳ। ଏଥିସହ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରିସିଂହ, ବେଡ଼ଁଲ, ପାଟସୁରା, ଅଲଣା, ତୁରୁଖା ଓ ଅଲଣାଭାସ ଆଦି ଗ୍ରାମର ଲୋକେ ଏହି ରାସ୍ତା ଦେଇ କୋଠି ହାଟକୁ ଯାତାୟାତ କରିଥାନ୍ତି। ମାତ୍ର ଉକ୍ତ ରାସ୍ତା ଦୀର୍ଘ ବର୍ଷ ହେଲା ଖାଲ ଖମାରେ ଭରି ରହିଛି। ଏହାର ପୁନରୁଦ୍ଧାର ପାଇଁ ଲୋକେ ବାରମ୍ବାର ଦାବି କରିଆସୁଥିଲେ। ଏହାପରେ ଚଳିତ ମାସ



ଢଳେଇ ରାସ୍ତା କାମ୍ ଚାଲିଛି।

ପ୍ରଥମ ସପ୍ତାହରୁ ଆରଡି ବିଭାଗ ପକ୍ଷରୁ ରାସ୍ତାକୁ ଢଳେଇ କରାଯାଉଛି। କିନ୍ତୁ ରାସ୍ତା ନିର୍ମାଣରେ ବ୍ୟବହାର କରାଯାଉଥିବା ସିମେଣ୍ଟ ଧୂଳି ପରି ଉଡିଯାଉଛି ବୋଲି କାଣିପଦା ଓରେଇଶାଳ ଗ୍ରାମ କମିଟିର ସଭାପତି ଭକ୍ତ ଚରଣ ବେଉରା, ସମ୍ପାଦକ ଶୁକଦେବ ସ୍ୱାଇଁ, ବଳରାମ ସେଠୀ, ରାଜ କିଶୋର ମହାରଣା, ବ୍ରହ୍ମାନନ୍ଦ ଲେଙ୍କା, ପ୍ରତାପ କୁମାର ସେଠୀ, ନାରାୟଣ ବିଶ୍ୱାଳ ପ୍ରମୁଖ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନବ ନିର୍ମିତ ରାସ୍ତାରେ ପାଣି ପଡିଲେ ଗାଡିକୁ ଧୂଳିପାଣି ଛିଟ୍ କୁଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଅଭିଯୋଗ ହେବା ପରେ ସମ୍ପୃକ୍ତ ଠିକାଦାର ଅଧାରୁ କାମ ବନ୍ଦ କରିଦେବାରୁ ରାସ୍ତା ଉଭୟ ପାର୍ଶ୍ୱରେ ଖାଲ ରହିଛି। ଏଥିରେ ପଡିବା ଯୋଗୁ ଲୋକେ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମୋହନ ଲାଲ ଘୋଷଙ୍କୁ ପଚାରିବାରେ,ବିଭାଗ ପକ୍ଷରୁ ଉକ୍ତ ସିମେଣ୍ଟ ବ୍ୟବହାର କରିବା ପାଇଁ ଧାର୍ଯ୍ୟ କରାଯାଇଛି। ତାହା ନିମ୍ନ ମାନର ନୁହେଁ ବୋଲି ସେ କହିଛନ୍ତି। ଏହାର ତଦନ୍ତ କରି ଉଚ୍ଚ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### କୋଠି ହାଟରୁ ସାଇଁତୋଳ ଢଳେଇ ରାସ୍ତା

- ବ୍ୟବହୃତ ସିମେଣ୍ଟ ଧୂଳି ପରି ଉଡ଼ିଯାଉଛି
- ୨୫ ଗାଁର ଲୋକେ ନିର୍ଭରଶୀଳ

# ବ୍ୟବସାୟୀ, ଅଟୋ ଚାଳକ, ଲୋକେ ସମର୍ଥନ ଜଣାଇଲେ

- ଡାକ୍ତର ପଦବୀ ପୁରଣ ଦାବିରେ ଧାରଣା ୩ୟ ଦିନରେ
- ରାଧାନାଥ ରଥ ହସ୍ପିଟାଲ

ରାଜକନିକା,୧୫।୧ (ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକର ଓଳାଭରଠାରେ ଥିବା ରାଧାନାଥ ରଥ ହସ୍ପିଟାଲ ସମ୍ମୁଖରେ ସ୍ଥାୟୀ ଡାକ୍ତର ନିଯୁକ୍ତିକୁ ନେଇ ୧୩ ତାରିଖରୁ ଆରମ୍ଭ ହୋଇଥିବା ଧାରଣା ୩ୟ ଦିନରେ ପହଞ୍ଚିଛି। ଧାରଣାକୁ ସମର୍ଥନ ଜଣାଇ ସ୍ଥାନୀୟ ବ୍ୟବସାୟୀ, ଅଟୋ ଚାଳକ ଓ ଜନସାଧାରଣ ଧାରଣାସ୍ଥଳରେ ବସିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ବୟୋବୃଦ୍ଧ କସ୍ତୁରୀ ବାୟୀ(୯୨) ହାତରେ ବାଡିଧରି ଆସି ଧାରଣାରେ ସାମିଲ ହେବା ଆଲୋଡନ ସୃଷ୍ଟି କରିବା ସହ ଧାରଣାକାରୀଙ୍କ ମନୋବଳକୁ ଦ୍ୱିଗୁଣିତ କରିଛି। ଧାରଣାସ୍ଥଳକୁ ପ୍ରଶାସନିକ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେହି ପହଞ୍ଚି ନାହାନ୍ତି। କଂଗ୍ରେସ ବ୍ଲକ ସଭାପତି ମଙ୍ଗୁଳି ବେହେରାଙ୍କ ନେତୃତ୍ୱରେ ଏକାଧିକ କର୍ମୀ ଧାରଣାରେ ସାମିଲ ହୋଇଥିଲେ। ଧାରଣାର ପ୍ରଥମ ଦିନରେ ସିଡିଏମ୍‌ଓଙ୍କ ନିର୍ଦ୍ଦେଶରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଧାରଣସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା କରି ବିଫଳ ହୋଇଥିଲେ।

ସୂଚନାଯୋଗ୍ୟ ରାଜକନିକା ବ୍ଲକର ବ୍ୟବସାୟ ପେଣ୍ଠସ୍ଥଳ ଓଳାଭର। ଓଳାଭର ଅଞ୍ଚଳରେ ଅଞ୍ଚଳବାସୀଙ୍କ ଉଦ୍ୟମରେ ୧୯୫୦ ମସିହାରୁ ସ୍ଥାପିତ ଡ. ରାଧାନାଥ ରଥ ହସ୍ପିଟାଲ। ଏହି ହସ୍ପିଟାଲ କାଳକ୍ରମେ ସରକାରୀ ହସ୍ପିଟାଲର ମାନ୍ୟତା ପାଇ ୨୦ ଶଯ୍ୟା ବିଶିଷ୍ଟରେ ପରିଣତ ହୋଇଛି। ତେବେ ଏହି ହସ୍ପିଟାଲ ଉପରେ ୧୫ ପଞ୍ଚାୟତର ଅଧିବାସୀ ନିର୍ଭର କରୁଛନ୍ତି। ହେଲେ ଦୀର୍ଘଦିନ ହେବ ଏଠାରେ ସ୍ଥାୟୀ ଡାକ୍ତର ନାହାନ୍ତି। ଧାରଣାକାରୀଙ୍କ ଅଭିଯୋଗ ମୁତାବକ ସରକାର କେବଳ ନାମକୁ ମାତ୍ର ସରକାରୀ ମାନ୍ୟତା ଦେଇ ସମସ୍ତ ଦାୟିତ୍ୱ ଭୁଲିଯାଇ ଅଞ୍ଚଳକୁ ଉପେକ୍ଷା କରିଛନ୍ତି। ଆମେ ସାଧାରଣ ଗରିବ ଗୁରୁବା ମୌଳିକ ସୁବିଧା ସ୍ୱାସ୍ଥ୍ୟ ସେବା ପାଇପାରୁନାହୁଁ। ସମଗ୍ର ଅଞ୍ଚଳର ସ୍ୱାର୍ଥ ସାଧନ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଧାରଣାରତ ଖବରଦାତା ସୁଶାନ୍ତ ନାୟକ ଓ ଅନ୍ୟମାନେ କହିଛନ୍ତି। ସ୍ଥାୟୀ ଡାକ୍ତର ନିଯୁକ୍ତି ନ ହେବାଯାଏ ଧାରଣା ଚାଲିବ ବୋଲି ଚେତାବନୀ ଦେଇଛନ୍ତି। ତେବେ ୩ୟ ଦିନ ଧାରଣାରତ ଖବରଦାତା ସୁଶାନ୍ତଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ମଧ୍ୟ ସେ ବସି ରହିଥିବା ଦେଖିବାକୁ ମିଳିଛି। ଓଳାଭର ଅଟୋ ଚାଳକ ସଂଘର ଏକାଧିକ ସଦସ୍ୟ ଅପରାହ୍ଣରେ ଧାରଣାକୁ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ଆଜି ନାଗରିକ ମଞ୍ଚ ପକ୍ଷରୁ ଏହି ଧାରଣାକୁ ସମର୍ଥନ କରି ସନ୍ଧ୍ୟାରେ ମଞ୍ଚର ସଭାପତି ଧନେଶ୍ୱର ରାଉତ ଓ ସହ ସମ୍ପାଦକ ସହଦେବ ସିଂହ ସାମିଲ ହୋଇଥିଲେ। ସେହିପରି ବଳରାମପୁର ପଞ୍ଚାୟତର ସମିତି ସଭ୍ୟ ନିଜ ସମର୍ଥକଙ୍କୁ ସାଙ୍ଗରେ ନେଇ ଧାରଣାରେ ଯୋଗ ଦେଇଥିଲେ। ଓଳାଭର ଷ୍ଟୋର ଆସୋସିଏସନ, ବ୍ୟବସାୟୀ ସଂଘ, ଓଳାଭର ଯୁବକ ସଂଘ ପକ୍ଷରୁ ଏହି ଧାରଣାକୁ ନୈତିକ ସମର୍ଥନ ଜଣାଇଛନ୍ତି। ସେହିପରି ଓଳାଭର ଉଚ୍ଚ ବିଦ୍ୟାଳୟର ୨୦୧୬ ବ୍ୟାଚର ଛାତ୍ରୀଛାତ୍ରମାନେ ନୈତିକତାର ସହ ଧାରଣାରେ ସାମିଲ ହୋଇ ସମର୍ଥନ ଜଣାଇ ବସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳର ପୀତାମ୍ବର ନାଥ, ନିମାଇଁ ନାୟକ, ଦେବେନ୍ଦ୍ର ନାୟକ, ସମୀର ମଲିକ, ମହନି ମଲିକ, ରାଜେଶ ନାୟକ, ସମୀର ପରିଡା, ଦେବେନ୍ଦ୍ର କୁମାର ଦାସ, ସ୍ୱୟଂ ବାରିକ, ରତିକାନ୍ତ ନାୟକ, ଦୋଳଗୋବିନ୍ଦ ନାୟକ, ଅମୂଲ୍ୟ ବାରିକ, ପ୍ରଭାତ ବେହେରା, ସଦାନନ୍ଦ ସାହୁ, ପରମେଶ୍ୱର ସାହୁ, ଦିଲୀପ ସାମଲ, ସୁକାନ୍ତ ନାୟକ ପ୍ରମୁଖ ଧାରଣାସ୍ଥଳରେ ବସିଥିବା ଦେଖିବାକୁ ମିଳିଛି।

GOVERNMENT OF ODISHA
DEPARTMENT OF WATER RESOURCES
**Office of the Superintending Engineer**
**Chheligada Head Works Division**
At/PO: Mahendragada, Via: Chandragiri,
Dist: Gajapati, Odisha, PIN-761017
e-mail: eechwd@gmail.com
No.A-1017: No.38, Dated 9.1.23

**1st corrigendum to e-procurement Notice No. SE-CHWD-05/2022-23.**

(i) The date and time of availability of bid documents in the portal may be read as 17.01.2023 to 30.01.2023 up to 5.00 PM in place of 10.01.2023 to 23.01.2023 up to 5.00 PM.
(ii) Last date / time for receipt of bids in the portal may be read as 30.01.2023 up to 5.00 PM in place of 23.01.2023 up to 5.00 PM.
(iii) Date of opening of bid may be read as 01.02.2023 at 11.30 AM in place of 24.01.2023 at 11.30 AM.
(iv) A transparent lottery system on 31.01.2023 at 11.30 AM may be read as 03.02.2023 at 11.30 AM.
(v) Further clarification of bid may be read as 17.01.2023 to 24.01.2023 in place of 10.01.2023 to 17.01.2023 during office hours.
(vi) All other terms & conditions remained unaltered.

Sd./- Superintending Engineer
Chheligada Head Works Division
Mahendragada (Gajapati)
OIPR-32109/11/0011/2223

## ସଂକ୍ଷେପରେ

### ଖଣ୍ଡପଡ଼ା ବ୍ଲକର ୪ ବିଦ୍ୟାଳୟକୁ ଶ୍ରେଷ୍ଠ ସ୍କୁଲ ମାନ୍ୟତା

**ଖଣ୍ଡପଡ଼ା,୧୫।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ୪ଟି ବିଦ୍ୟାଳୟକୁ ଶିକ୍ଷା ବିଭାଗ ପକ୍ଷରୁ ଶ୍ରେଷ୍ଠ ସ୍କୁଲ୍‌ର ମାନ୍ୟତା ପ୍ରଦାନ କରାଯାଇଛି। ଗତ ୨୦୨୨ ମାଟ୍ରିକ୍ ପରୀକ୍ଷାରେ ଶ୍ରେଷ୍ଠ ଫଳ ପ୍ରଦର୍ଶନ କରିଥିବା ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ ମର୍ଦ୍ଦରାଜପୁର, ବାପୁଜୀ ବିଦ୍ୟାପୀଠ ରୟତ ଡୋଲମରା ପଞ୍ଚାୟତ ଓ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଗୁଣ୍ଡୁଣିକୁ ଶ୍ରେଷ୍ଠ ସ୍କୁଲର ମାନ୍ୟତା ପ୍ରଦାନ କରାଯାଇଥିବା ବ୍ଲକ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁଙ୍କଠାରୁ ପ୍ରକାଶ। ଶ୍ରେଷ୍ଠ ସ୍କୁଲର ମାନ୍ୟତା ପାଇଥିବା ଏହି ୪ ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ପୁରସ୍କାର ରାଶି ସ୍ୱରୂପ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ମହାଯଜ୍ଞ ସମ୍ପନ୍ନ

**ଖଣ୍ଡପଡ଼ା,୧୫।୧(ସ୍ୱ.ପ୍ର.):** ବିଶ୍ୱ କଲ୍ୟାଣାର୍ଥେ ଗତ ୬ ତାରିଖଠାରୁ ସଙ୍କଟ ମୋଚନ ହନୁମାନ ପୀଠରେ କିଆଝର ପଞ୍ଚାୟତ ଅନ୍ତର୍ଗତ ଗୋଚ୍ଛାବାରୀ ରାମଦୟା ପରିଷଦ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ୨୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ମକରମେଳା ଶନିବାର ମକର ସଂକ୍ରାନ୍ତି ତିଥିରେ ସମାପନ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟହ ସକାଳ ୬ରୁ ସାଢେ ୭ଟା ପର୍ଯ୍ୟନ୍ତ ସୂର୍ଯ୍ୟ ପୂଜା ଓ ପୂର୍ବାହ୍ନ ୮ରୁ ୧୨ଟା ପର୍ଯ୍ୟନ୍ତ ଶ୍ରୀରାମ ଚରିତ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ବ୍ୟାସ ପଣ୍ଡିତ ସୁବାସ ଚନ୍ଦ୍ର ଶତପଥୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ରବିବାର ଯଜ୍ଞ ପୂର୍ଣ୍ଣାହୁତିରେ ଗ୍ରାମବାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କର୍ମାଚାର୍ଯ୍ୟ ଭାବେ ନାରାୟଣ ମିଶ୍ର, ବ୍ୟାସ ଭାବେ ଜିତେନ୍ଦ୍ର ତ୍ରିପାଠୀ, କର୍ତ୍ତା ଭାବେ ପଞ୍ଚୁ ମହାଖୁଡ ସସ୍ତ୍ରୀକ ଯୋଗଦେଇ ଆହୁତି ପ୍ରଦାନ କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଦାଶ, କୃଷ୍ଣଚନ୍ଦ୍ର କର ପ୍ରମୁଖ ପରିଚାଳନା କରିଥିଲେ।

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ବାଇକ୍: ଜଣେ ମୃତ

ଖଲ୍ଲିକୋଟ,୧୫।୧(ଡି.ଏନ.ଏ.): ଖଲ୍ଲିକୋଟ ଥାନା ନିକଟରେ ଭାରସାମ୍ୟ ହରାଇ ଗୋଟିଏ ବିଦ୍ୟୁତ୍ ଖୁଣ୍ଟକୁ ବାଇକ୍ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ୧୧ଟାରେ ଏକ ବାଇକ୍ ଯୋଗେ ୨ ଜଣ ଯୁବକ ଖଲ୍ଲିକୋଟରୁ କେଶପୁର ଯାଉଥିବା ସମୟରେ ହଠାତ ଭାରସାମ୍ୟ ହରାଇ ଥାନା ନିକଟ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲେ। ଯାହାଫଳରେ ଦୁଇ ଯୁବକ ତଳେ ପଡ଼ି ଗୁରୁତର ହୋଇଥିଲେ। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବକଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ବାଇକ ଆରୋହୀ ପିଣ୍ଟୁ ଦାସ(୨୪)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣେ ଗୋପା ଦାସ(୨୨) ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

### ଜୀବନକୁ ବ୍ୟାପକ ଓ ପରିମାର୍ଜିତ କରେ ସାହିତ୍ୟ

**ଚିକିଟି,୧୫।୧(ଡି.ଏନ.ଏ.):** ଭାଷା ଗୋଟିଏ ଜାତିର ପ୍ରାଣଶକ୍ତି। ଭାଷାକୁ ନେଇ ରଚିତ ହୁଏ ସାହିତ୍ୟ। ଏହି ସାହିତ୍ୟ ଜୀବନକୁ ବ୍ୟାପକ ଓ ପରିମାର୍ଜିତ କରିଥାଏ । ଗଞ୍ଜାମ ଜିଲା ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ନବାଗତ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଓ ଆଲୋଚନାଚକ୍ରରେ ଅତିଥିମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଭାବାନୀ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଅଲେଖ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗ ମୁଖ୍ୟ ଡକ୍ଟର ସଞ୍ଜୟ କୁମାର ପଣ୍ଡା, ଅଧ୍ୟାପକ ଡକ୍ଟର ବିଶ୍ୱନାଥ ପାଣିଗ୍ରାହୀ, ଭରତ ପତି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଅଶୋକ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରକାଶ ବେହେରା ଓ ସାଥୀ ସୁଦକ୍ଷା ବେହେରା, ସୋନାଲି ପାଢ଼ୀ ପ୍ରମୁଖ ବିଦ୍ୟାର୍ଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଛାତ୍ର ନୃସିଂହ ଚରଣ ପାଢ଼ୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁଦାନ ଆବଶ୍ୟକତା ପୂରଣ କରିପାରୁନି

## ୬ ବର୍ଷ ପରେ ମିନି ଷ୍ଟାଡିୟମ ଉଦ୍‌ଘାଟିତ

**ଖଣ୍ଡପଡ଼ା,୧୫।୧(ସ୍ୱ.ପ୍ର.)**

ଦୀର୍ଘବର୍ଷ ପରେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଲଟନ ପଡିଆକୁ ରାଜ୍ୟ ସରକାରଙ୍କ ସ୍ୱଳ୍ପ ଅନୁଦାନ ଅର୍ଥ ବ୍ୟୟରେ ମାନ୍ୟତା ମିଳିଥିବା ମିନି ଷ୍ଟାଡିୟମକୁ ଉଦ୍‌ଘାଟନ କରାଯାଇଛି। ସୂଚନାଯୋଗ୍ୟ, କ୍ରୀଡାର ବିକାଶ ପାଇଁ ୨୦୧୬ ଡିସେମ୍ବର ୧୩ରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ପଲଟନ ପଡିଆରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ପଲଟନ ପଡିଆକୁ ଏକ ମିନିଷ୍ଟାଡିୟମରେ ପରିଣତ କରିବାକୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ୬ବର୍ଷ ପରେ ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁଙ୍କ ଅଧ୍ୟକ୍ଷତାରେ ପଲଟନ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗଦେଇ ମିନି ଷ୍ଟାଡିୟମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ,ସରପଞ୍ଚ ଶ୍ରୀୟାରାଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ସୀମିତ ପରିମାଣର ଅନୁଦାନରେ ପଡିଆର ଉନ୍ନତୀକରଣ ହୋଇପାରି ନ ଥିବାରୁ କ୍ରୀଡ଼ାପ୍ରେମୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ୨୫ ଲକ୍ଷ ଟଙ୍କାର ଅନୁଦାନ ପଡ଼ିଆର ଆବଶ୍ୟକ ଉନ୍ନତୀକରଣ ପୂରଣ କରିବାରେ ଅସମ୍ଭବ ହୋଇପଡିଛି। ତେବେ ଏହି ଅର୍ଥରେ ପଡ଼ିଆ ମଧ୍ୟରେ ଏକ ଗୃହ ନିର୍ମାଣ, ପ୍ରବେଶ ତୋରଣ (ଗେଟ୍) ସହ ଦକ୍ଷିଣ ପାର୍ଶ୍ୱର ୩୨୦ ଫୁଟ ସୁରକ୍ଷା ପ୍ରାଚୀର ମଧ୍ୟରୁ ମାତ୍ର ୧୬୦ ଫୁଟ ପ୍ରାଚୀର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ତେବେ ଅନ୍ୟ ୩ ପାର୍ଶ୍ୱ ପ୍ରାଚୀର(ପ୍ରାୟ ୪୮୦ ଫୁଟ ଲମ୍ବ) ସହ ଅବଶିଷ୍ଟ ଦକ୍ଷିଣ ପାର୍ଶ୍ୱ ୧୬୦ ଫୁଟ ଲମ୍ବର ପ୍ରାଚୀର ନ ଥିବାରୁ ପଡ଼ିଆର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅବସରରେ ଇଟାମାଟି ଓ ବାଇଗୁଣିଆ ଫୁଟବଲ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଇଟାମାଟି ଦଳ ବାଇଗୁଣିଆ ଫୁଟବଲ ଟିମ୍‌କୁ ୨-୦ରେ ପରାଜିତ କରି ବିଜୟୀ ହୋଇଥିଲା। ଏହି ଖେଳକୁ ସୁବାସ ଚନ୍ଦ୍ର ବେହେରା ପରିଚାଳନା କରିଥିବା ବେଳେ ଲାଇନରେ କୈଳାସ ଚନ୍ଦ୍ର ପ୍ରଧାନ ଓ ବାପି ମହାନ୍ତି ସହଯୋଗ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

# ସଡ଼କ ସୁରକ୍ଷା ସପ୍ତାହରେ ସଚେତନତା ରଥ ଗଡ଼ିଲା

**ନୟାଗଡ଼ ଅଫିସ,୧୫।୧**

ସଡ଼କ ସୁରକ୍ଷା ସପ୍ତାହ ଅବସରରେ ନୟାଗଡ଼ ଜିଲାରେ ରବିବାରଠାରୁ ସଡ଼କ ସୁରକ୍ଷା ରଥର ପରିକ୍ରମା ଆରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହାକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଉଦ୍‌ଘାଟନ କରିବା ପରେ ଏଲଇଡି ସଂଲଗ୍ନ ରଥ ସଚେତନତା ଆରମ୍ଭ କରିଛି। ଜିଲାର ସବୁ ଗାଁକୁ ଏହି ରଥ ଗଡିବାର ରହିଛି। ଜାନୁୟାରୀ ୧୧ରୁ ୧୭ ପର୍ଯ୍ୟନ୍ତ ଏହି ସପ୍ତାହ ହେବାକୁ ଥିବାବେଳେ ବିଳମ୍ବରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଚେତନତା କରାଯାଇ ବେଆଇନ ଗାଡି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ, ଆରଟିଓ ପ୍ରଶାନ୍ତ କୁମାର ପରିଡା, ଏମ୍‌ଭିଆଇ ପଞ୍ଚାନନ ମିଶ୍ର, ଘରୋଇ ବସ ମାଲିକ ସଂଘ ସଭାପତି, ଡ୍ରାଇଭର ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ରବୀନ୍ଦ୍ରନାଥ ସାହୁ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ଏପ୍ରିଲ ୫ରେ ଦିଲ୍ଲୀ ଚାଲ

- ଶ୍ରମିକ, ଚାଷୀର ୧୫ ଦଫା ଦାବି
- ନୟାଗଡ଼ରେ ସିଆଇଟିୟୁର ଆହ୍ୱାନ

**ନୟାଗଡ଼ ଅଫିସ,୧୫।୧**

ସିଆଇଟିୟୁ, ଓଡ଼ିଶା କୃଷକ ସଭା ଓ କ୍ଷେତ ମଜଦୁର ୟୁନିୟନର ନୟାଗଡ଼ ଜିଲା କମିଟି ପକ୍ଷରୁ ଏପ୍ରିଲ ୫ରେ ଦିଲ୍ଲୀ ଅଭିଯାନକୁ ସଫଳ କରିବାକୁ ନୟାଗଡ଼ ଟ୍ରାଫିକ ଛକରେ ଏକ ଖୋଲା ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍କିମ ଶ୍ରମିକଙ୍କୁ ସରକାରୀ ମାନ୍ୟତା, ଶ୍ରମିକଙ୍କ ମାସିକ ମଜୁରୀ ସର୍ବନିମ୍ନ ୨୬ ହଜାର ଟଙ୍କା, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ପ୍ରତ୍ୟାହାର, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ ୨୦୦ ଦିନର କାମ ସହ ମଜୁରୀ ବ୍ୟବସ୍ଥା, ଚାଷୀ ଫସଲର ସହାୟକ ଦର ନିଶ୍ଚିତ କରାଇବା, ଧାନ କୁଇଣ୍ଟାଲ ୩ ହଜାର କରାଇବା ପରି ଚାଷୀ ଓ ଶ୍ରମିକର ୧୫ ଦଫା ଦାବି ପୂରଣ ନେଇ ଆନ୍ଦୋଳନ ହେବ। ଏ ଅବସରରେ ବରିଷ୍ଠ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, କ୍ଷେତ ମୁଲିଆ ନେତା ଶରତ ଚନ୍ଦ୍ର ବେହେରା, କୃଷକ ନେତା ଗୋଲଖ ବିହାରୀ ମୁଦୁଲିଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀର ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନିତ୍ୟାନନ୍ଦ ପରିଡା, ଦୁଃଶାସନ ଜେନା, ସୁରେଶ ଚନ୍ଦ୍ର ସ୍ୱାଇଁ, ନିରଞ୍ଜନ ରାଉତରାୟ, ଗଣେଶ୍ୱର ନାୟକ, ପବିତ୍ର ଇନ୍ଦ୍ରଜିତ୍, ଜ୍ୟୋତିପ୍ରଭା ଜେନା, ସଞ୍ଜୁକ୍ତା ସେଠୀ, ସବ୍ୟସାଚୀ ସେନାପତି, ଜୟନ୍ତୀ ଦାଶ ପ୍ରମୁଖ ଚାଷୀ ଓ ଶ୍ରମିକ ନେତା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି, ରାଜ୍ୟ ସରକାରଙ୍କର ଭାଜପା ଗୋଡାଣିଆ ମୁଖା ଖୋଲିବାକୁ ବକ୍ତାମାନେ ଭାସଣ ରଖିଥିଲେ। ଅନ୍ୟପକ୍ଷେ ଏପ୍ରିଲ ୫ରେ ଆନ୍ଦୋଳନକୁ ସଫଳ କରିବାକୁ ଜିଲାର ଚାଷୀ ଓ ଶ୍ରମିକଙ୍କ ସହଯୋଗ ଲୋଡିଥିଲେ।


ଆଲୋଚନା ସଭାରେ ଉପସ୍ଥିତ ଅତିଥି।

## ଗଞ୍ଜେଇ ଜବତ, ୪ ଗିରଫ

**ବ୍ରହ୍ମପୁର ଅଫିସ,୧୫।୧**

ଏକ କାର ଭିତରେ କନ୍ଧମାଳରୁ ପୁରୀ ଓ କୋଲକାତାକୁ ଗଞ୍ଜେଇ ଚାଲାଣ କରୁଥିବା ୪ ଜଣଙ୍କୁ ଆସିକାରୁ ଗିରଫ କରିଛି ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ। ସେମାନଙ୍କ ନିକଟରୁ ୧୫୫ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ସମ୍ପୃକ୍ତ କାରକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ ଜିଲା ଓଡଗାଁ ଥାନା ରଗାଡିମଡର କୃଷ୍ଣ ପାତ୍ର, ପୁରୀ ଜିଲା ରାମଚଣ୍ଡି ଥାନା ଅନ୍ତର୍ଗତ କବିରାଜପୁରର ବବୁଲ ବେହେରା ଓ ତପନ ନାୟକ ଏବଂ କାର ଚାଳକ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଝୋଲାସାହିର ପିଣ୍ଟୁ ନାୟକ। ରବିବାର କନ୍ଧମାଳ ଜିଲାରୁ ଗଞ୍ଜେଇ ଧରି କାରରେ ୪ ଜଣ ଯୁବକ ଯାଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ଏହାପରେ ଅବକାରୀ ଗୁଇନ୍ଦା ବିଭାଗର ଇନ୍ସପେକ୍ଟର ହୃଦୟଚନ୍ଦ୍ର ସାମନ୍ତ ଓ ତାଙ୍କ ଟିମ ଆସିକା କାଳଷଣ୍ଡପୁର ଛକରେ ଯାଞ୍ଚ ଆରମ୍ଭ କରିଥିଲେ। ଏହି ସମୟରେ ବ୍ରହ୍ମପୁରରୁ ଆସିକା ପଟକୁ ଯାଉଥିବା କାର(ନଂ ଓଆର-୦୭-ଆର-୧୦୧୦)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା।

# ସମ୍ବଲପୁରରେ ନୟାଗଡ଼ର ୮ ମିଲର

## ନୟାଗଡ଼ରୁ ଧାନ ନ କିଣିବାକୁ ପ୍ରୟାସ ଚାଲିଛି

**ନୟାଗଡ଼ ଅଫିସ,୧୫।୧**

ନୟାଗଡ଼ ଜିଲାରେ ଧାନକିଣା ମାନ୍ଦା ହେବା ପରେ ସରକାର ସମ୍ବଲପୁର ଜିଲାର ମିଲରଙ୍କୁ ଧାନ କିଣାରେ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳିସ୍ଥଳେ ୪ ଜଣ ସମ୍ବଲପୁର ମିଲର ନୟାଗଡ଼ ଆସି ଶନିବାର ବ୍ୟାଙ୍କ ଗ୍ୟାରେଣ୍ଟି କାଗଜାତ ଜିଲା ଯୋଗାଣ ବିଭାଗରେ ଦାଖଲ କରିଛନ୍ତି। ସୋମବାର ପୁଣି ୧୬ ମିଲର ଧାନକିଣାରେ ସାମିଲ ହେବା ପାଇଁ କାଗଜାତ ଦାଖଲ କରିବାର ଅଛି। ସମ୍ବଲପୁର ମିଲର ନୟାଗଡ଼ରେ ପହଞ୍ଚିବା ପରେ ନୟାଗଡ଼ ମିଲରଙ୍କ ଟେନଶନ ବଢ଼ିଛି। ୮ ଜଣିଆ ମିଲର ରବିବାର ସମ୍ବଲପୁର ଯାଇ ନୟାଗଡ଼ ଧାନ କିଣାରେ ସାମିଲ ହେବାକୁ ଯାଉଥିବା ୧୬ ମିଲରଙ୍କୁ ବୁଝାଶୁଝା, ଧମକ ଚମକ କରି ଯେନତେନ ପ୍ରକାରେଣ ନ ଆସିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହାରି ପଛରେ ରାଜନୈତିକ ଚାପ ବି ବଢୁଛି। ନୟାଗଡ଼ ଜିଲାରେ ଧାନ କିଣା ଠିକ ପର୍ଯ୍ୟାୟକୁ ଆସିଥିବାବେଳେ ସମ୍ବଲପୁର ମିଲରଙ୍କୁ ଆଣିବା ଠିକ୍ ନୁହେଁ ବୋଲି କେତେଜଣ ମିଲର ଯୁକ୍ତି ବାଢୁଛନ୍ତି। ସମ୍ବଲପୁର ମିଲର ନୟାଗଡ଼ରେ ଧାନ କିଣିଲେ ୨ ଜିଲାର ମିଲରଙ୍କ ମଧ୍ୟରେ ବିବାଦ ହୋଇପାରେ ବୋଲି ଆଶଙ୍କା ଉପୁଜିଲାଣି। ନୟାଗଡ଼ ମିଲରଙ୍କ କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କଲେ କିଛି ମିଲର ବ୍ଲାକ ଲିଷ୍ଟ ହୋଇପାରନ୍ତି ବୋଲି ଜଣାପଡୁଛି। ଏ ନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ପଚାରିବାରେ ସମ୍ବଲପୁର ମିଲର ଜିଲାରେ ଧାନ କିଣିବା ନିଶ୍ଚିତ ହୋଇଯାଇଛି। ପ୍ରଶାସନ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଧାନକିଣାରେ ସମ୍ବଲପୁର ମିଲରଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

# ଆର୍ଯ୍ୟ ସମାଜ ପକ୍ଷରୁ ପୂଜ୍ୟପୂଜା ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୧୫।୧(ସ୍ୱ.ପ୍ର.)**

ମକର ସଂକ୍ରାନ୍ତି ଅବସରରେ କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁସାହୁପାଟଣା ଆର୍ଯ୍ୟ ସମାଜ ପକ୍ଷରୁ ପୂଜ୍ୟପୂଜା ସମ୍ବର୍ଦ୍ଧନା ଉତ୍ସବରେ ଗ୍ରାମର ବହୁ ବୟସାଧିକ୍ୟ ବ୍ୟକ୍ତି ଯୋଗ ଦେଇଥିବା ବେଳେ ସେମାନଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜବନ୍ଧୁ ମିଶ୍ର ଅଧ୍ୟକ୍ଷତା କରି ସମାଜରେ ଗୁରୁଜନ ବ୍ୟକ୍ତିବିଶେଷଙ୍କୁ ଏଭଳି ସମ୍ମାନିତ କରାଯାଉଥିବାରୁ ଏହା ଏକ ସୁସ୍ଥ ପରମ୍ପରା ସମାଜରେ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଥିଲେ। ଉପସ୍ଥିତ ବରିଷ୍ଠ ନାଗରିକମାନେ ସେମାନଙ୍କର ଅନୁଭୂତି ଓ ଚିନ୍ତାଧାରା ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଶେଷରେ ସ୍ୱର୍ଗତ ବ୍ରଜବନ୍ଧୁ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆର୍ଯ୍ୟ ସମାଜ ପକ୍ଷରୁ ଆୟୋଜକ ଦିଲୀପ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବଳରାମ ସାହୁ, ବନମାଳୀ ସାହୁ, ଅଶୋକ କୁମାର ସାହୁ, ଅଖିଳ କୁମାର ସାହୁ, ନକୁଳ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ପୂଜ୍ୟପୂଜା ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ।

# ବେଆଇନ ବାଲିଘାଟ ଉପରେ ଚଢ଼ାଉ



## ବାଲି ବୋଝେଇ ହାଇୱା ଜବତ

**ନୟାଗଡ଼ ଅଫିସ,୧୫।୧**

ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ଼ ତହସିଲଦାର ଭିକାରୀ ସାହୁଙ୍କ ନେତୃତ୍ୱରେ ରବିବାର ରାତିରେ ଖଣ୍ଡପଡ଼ା ତହସିଲର ବିଭିନ୍ନ ବାଲିଘାଟ ଉପରେ ଚଢ଼ାଉ ହୋଇଛି। ମହାନଦୀର କଣ୍ଟିଲୋ ଓ ସିଦ୍ଧାମୂଳା ବାଲିଘାଟ ଉପରେ ଚଢ଼ାଉ କରାଯାଇ ବେଆଇନ ଭାବେ ବାଲି ଉଠାଣ ସମୟରେ ଏକ ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି। ନୟାଗଡ଼ ତହସିଲଦାରଙ୍କୁ ଏହି ଚଢ଼ାଉରେ ଦଶପଲ୍ଲା ଓ ନୂଆଗାଁ ତହସିଲଦାର ସହଯୋଗ କରିଥିଲେ। ଖଣ୍ଡପଡ଼ା ତହସିଲରେ ସମ୍ପୃକ୍ତ ବାଲିଘାଟ ଉପରେ ୨ ଥର ଚଢ଼ାଉ କରାଯାଇଥିବାରୁ ସ୍ଥାନୀୟ ତହସିଲଦାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

# ସଙ୍କଳ୍ପ ସାହିତ୍ୟ ଅନୁଷ୍ଠାନର ମକର ମିଳନ

**ଦଶପଲ୍ଲା,୧୫।୧( ଡି.ଏନ.ଏ.)**

ସଙ୍କଳ୍ପ ସାହିତ୍ୟ ଅନୁଷ୍ଠାନ ଦଶପଲ୍ଲା ପକ୍ଷରୁ ମକର ସଂକ୍ରାନ୍ତି ପର୍ବରେ ମକର ମିଳନ ଏବଂ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଦଶପଲ୍ଲା ରାଧାମୋହନ ଜୀଉ ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବ୍ୟାସ କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ଜେଲ ଡିଆଜି ଗୋଲକ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସଭାପତି, ବରିଷ୍ଠ ନାଗରିକ ମଞ୍ଚର ସଭାପତି, ସାହିତ୍ୟିକ ତଥା ଅବସରପ୍ରାପ୍ତ ଡା. ବୈଦ୍ୟନାଥ ସାହୁ ପ୍ରମୁଖ ମକର ମିଳନର ତାତ୍ପର୍ଯ୍ୟ ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସୁରେନ୍ଦ୍ର ମିଶ୍ର, କିଶୋର ଦଳବେହେରା, ରବୀନ୍ଦ୍ରନାଥ ମିଶ୍ର, ମୁରଲୀଧର ମହାରଣା, ପ୍ରାଣକୃଷ୍ଣ ବେହେରା, ଗୋଲକ ବିହାରୀ ମହାନ୍ତି, ପ୍ରଭାତ କୁମାର ସାହୁ, ଚୈତନ୍ୟ ରାଉତ, ରାଜେନ୍ଦ୍ର କୁମାର ସାହୁ, ଅନ୍ତର୍ଯ୍ୟାମୀ ଭୂୟାଁ, କବୟିତ୍ରୀ ସୁପ୍ରିୟା ଶ୍ରୀଚନ୍ଦନ, ଇସାନା ସ୍ୱସ୍ତିକ, ଦିବ୍ୟଜ୍ୟୋତି ସମେତ ବହୁ କବି, କବୟିତ୍ରୀ କବିତା ପାଠ କରିଥିଲେ। ଉତ୍ସବରେ ସମସ୍ତଙ୍କୁ ମକର ଚାଉଳ ବଣ୍ଟନ କରାଯାଇଥିଲା। ପରମ୍ପରାକୁ ସୁଦୃଢ଼ କରାଯିବା ପାଇଁ ଆହ୍ୱାନ କରାଯାଇଥିଲା। ଶେଷରେ ଅନୁଷ୍ଠାନ ସମ୍ପାଦକ ତଥା ଖବରଦାତା ପ୍ରକାଶ କୁମାର ପାଣି ଧନ୍ୟବାଦ ଦେଇଥିଲେ।


ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ ଅବସରରେ ଯୋଗଦାନ କରିଥିବା କବୟିତ୍ରୀ, କବି।

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer
Chheligada Head Works Division
At/PO: Mahendragada, Via: Chandragiri,
Dist: Gajapati, Odisha, PIN-761017
e-mail: eechwd@gmail.com
No.A-1017: No.38, Dated 9.1.23

1st corrigendum to e-procurement Notice
No. SE-CHWD-05/2022-23.

(i) The date and time of availability of bid documents in the portal may be read as 17.01.2023 to 30.01.2023 up to 5.00 PM in place of 10.01.2023 to 23.01.2023 up to 5.00 PM.
(ii) Last date / time for receipt of bids in the portal may be read as 30.01.2023 up to 5.00 PM in place of 23.01.2023 up to 5.00 PM.
(iii) Date of opening of bid may be read as 01.02.2023 at 11.30 AM in place of 24.01.2023 at 11.30 AM.
(iv) A transparent lottery system on 31.01.2023 at 11.30 AM may be read as 03.02.2023 at 11.30 AM.
(v) Further clarification of bid may be read as 17.01.2023 to 24.01.2023 in place of 10.01.2023 to 17.01.2023 during office hours.
(vi) All other terms & conditions remained unaltered.

Sd./- Superintending Engineer
Chheligada Head Works Division
Mahendragada (Gajapati)
OIPR-32109/11/0011/2223

## ସଂକ୍ଷେପରେ

### ମହାପୁରୁଷ ହାଡ଼ି ଦାସ ଜୟନ୍ତୀ

ଛତିଆ,୧୫।୧(ଡି.ଏନ.ଏ.): ବଡ଼ଚଣା ବ୍ଲକ ଛତିଆ ନିକଟସ୍ଥ ଚମ୍ପାପୁରଠାରେ ମାଳିକା ରଚୟିତା ମହାପୁରୁଷ ହାଡ଼ି ଦାସଙ୍କ ୨୫୧ତମ ଜୟନ୍ତୀ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେଉଛି। ଶନିବାର ସକାଳୁ ଆଧ୍ୟାତ୍ମିକ ପରିବେଶରେ ମହାଯଜ୍ଞ ଆରମ୍ଭ ହୋଇଥିଲା। ଜୟନ୍ତୀ ମହୋତ୍ସବ ଉଦ୍‌ଘାଟନୀ ସଭାରେ ହାଡ଼ି ଦାସ ଜୟନ୍ତୀ କମିଟି ସଭାପତି ତଥା ଛତିଆ ବଟ ମଣିମା ପ୍ରଦ୍ୟୁମ୍ନ କୁମାର ଦାସ ସଭାପତିତ୍ୱ କରିଥିଲା ବେଳେ ଦିଲୀପ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟି ଉପସଭାପତି ଧ୍ରୁବଚରଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ଅସୀମା ନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ସ୍ୱାମୀ ସତ୍ୟ ଚୈତନ୍ୟ ମହାରାଜ, ବାବାଜି ବିଶ୍ୱନାଥ ଦାସ, ବାବାଜି ଜ୍ଞାନାନନ୍ଦ ଦାସ, ବାବାଜି ବିଜୟାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ମହାପୁରୁଷଙ୍କ ଦିବ୍ୟବାଣୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ପରେ ପ୍ରବଚନ, ଭଜନ ଓ ନାମ ସଙ୍କୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବରୀ,୧୫।୧(ଡି.ଏନ୍.ଏ.): ବରୀ ବ୍ଲକ୍ ଅଧୀନ ରତ୍ନଗିରି ପଞ୍ଚାୟତ ରାଉତସାହି ଗ୍ରାମର ସୁବାସିନୀ ରାଉତଙ୍କ ରବିବାର ପରଲୋକ



ହୋଇଯାଇଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମ ପରାୟଣା ମହିଳା ଥିଲେ। ତାଙ୍କର ଅମାୟିକ ବ୍ୟକ୍ତିତ୍ୱ ଏବଂ ସ୍ଥାନୀୟ ଲୋକଙ୍କ ସହ ସମ୍ପର୍କ ତାଙ୍କୁ ଏହି ଗ୍ରାମରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ। ଅନ୍ୟ ଦୁଇ ପୁଅ ହେମନ୍ତ ଓ ସତ୍ୟବାନଙ୍କ ସହ ଝିଅ, ଜ୍ୱାଇଁ , ନାତି ନାତୁଣୀ, ବନ୍ଧୁ ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ।

### ବରଗଡ ଧନୁଯାତ୍ରାରେ ଲେଖକଙ୍କୁ ସମ୍ବର୍ଦ୍ଧନା

ଯାଜପୁର ରୋଡ,୧୫।୧(ଡି.ଏନ.ଏ.): ବରଗଡ଼ ଧନୁଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ଯାଜପୁର ରୋଡର ସାହିତ୍ୟିକ ମାୟାଧର ନାୟକଙ୍କୁ ଦରବାର ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ନାୟକଙ୍କ ଦ୍ୱାରା ଲିଖିତ ମହାଭାରତ କୁରୁକ୍ଷେତ୍ର ଯୁଦ୍ଧଭୂମି ପୁସ୍ତକ କୃଷ୍ଣ ବଳରାମଙ୍କୁ ଅର୍ପଣ କରାଯାଇଥିଲା। ଏ ଯୁଦ୍ଧଭୂମି କେବେ କର୍ମଭୂମିରେ ପରିଣତ ହେବ ଏବଂ ଏ କର୍ମଭୂମି କେବେ ଜନସାଧାରଣଙ୍କ ଧର୍ମଭୂମିରେ ବିବର୍ତ୍ତିତ ହେବ ବୋଲି ନାୟକ ମଞ୍ଚରେ ମତବ୍ୟକ୍ତ କରିଥିଲେ।

# ବିକାଶଠାରୁ ବିନାଶ ବଳି ପଡୁଛି

■ ପ୍ରତିବାଦ ହେଉଛି, ପ୍ରତିକାର ନାହିଁ
■ ବ୍ୟାସସରୋବରକୁ ନେଇ ସ୍ୱର ଉତ୍ତୋଳନ କଲେ ବିଜେଡି କାଉନସିଲର

ଯାଜପୁରର ଅଫିସ,୧୫।୧

ଯାଜପୁର ଜିଲାରେ ଯେଉଁ ପରିମାଣରେ ବିକାଶ ହେଉଛି ତାହାର ବହୁ ଗୁଣ ଅଧିକ ବିନାଶ ହେବାରେ ଲାଗିଛି। ଶିଳ୍ପ, ଖଣି, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି ଭଳି କେତେକ କ୍ଷେତ୍ରକୁ ଅବଲୋକନ କଲେ ଏହା ଜଳଜଳ ହୋଇ ଦିଶୁଛି। ଉପରୋକ୍ତ ବିଭାଗଗୁଡିକୁ ବର୍ଷକୁ ବର୍ଷ ଆଶାନୁରୂପ ଅନୁଦାନ ଆସୁଥିବାବେଳେ ଠିକାଦାରି ରାଜନୀତି ବିକାଶର ଧାରାକୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି । ଏହାସହ ଜିଲା ପ୍ରଶାସନର ସ୍ଥାଣୁତା ବିକାଶରେ ବାଧକ ସାଜିଛି ବୋଲି ମତପ୍ରକାଶ ପାଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ସୁକିନ୍ଦା ଖଣି ଅଞ୍ଚଳ ପାଇଁ ଯାଜପୁରକୁ ସମୃଦ୍ଧ ଜିଲା ଭାବେ ଗଣତି କରାଯାଉଛି। କିନ୍ତୁ ସେହି ତୁଳନାରେ ନିୟମିତ ସ୍ଥାନୀୟ ନିଯୁକ୍ତ ନିରାଶାଜନକ ରହିଛି । ଏବେ ବି ଜିଲାରେ ୫୦ ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ବେକାର ରହିଛନ୍ତି । ସର୍ବାଧିକ ଅଣଓଡ଼ିଆ ଠିକାସଂସ୍ଥାଙ୍କ ଜରିଆରେ ଚାଲିଥିବା ଶିଳ୍ପ କାରଖାନାଗୁଡ଼ିକରେ ରାଜ୍ୟ ବାହାର ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ନିଜ ଇଚ୍ଛାରେ ଶ୍ରମିକଙ୍କୁ ଛଟେଇ ଏବଂ ପରେ ଅଶାନ୍ତି ଜିଲାର ଶାନ୍ତ ବାତାବରଣକୁ କଳୁଷିତ କରୁଛି। ଏହା ବିରୋଧରେ କେହି ସ୍ୱର ଉତ୍ତୋଳନ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ସ୍ଥାନୀୟ ନେତୃବର୍ଗ ନୀରବ। ଏକାଧିକ ସଙ୍ଗଠନ ରହିଥିଲେ ବି କାହା ସ୍ୱାର୍ଥରେ ପ୍ରତିବାଦ କରାଯାଉନାହିଁ ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଯଦି କାଁ ଭାଁ କୌଣସି ସଙ୍ଗଠନ ପକ୍ଷରୁ ସ୍ଥାନୀୟ ନିଯୁକ୍ତିକୁ ନେଇ ଥରେ ଆନ୍ଦୋଳନ ହେଉଛି ପରବର୍ତ୍ତୀ ସମୟରେ ସେମାନଙ୍କ ଦେଖା ମିଳେ ନାହିଁ। ଫଳରେ ଶିଳ୍ପ ଓ ଖଣି କମ୍ପାନୀଗଡ଼ିକଙ୍କ ମନମାନି ଏତେ ବଢିଛି ଯେ ସେମାନେ ଆଉ କାହାରିକୁ ଖାତିର କରୁନାହାନ୍ତି ବୋଲି ମତପ୍ରକାଶ ପାଉଛି।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହି ଜିଲା ବହୁ ପଛରେ ରହିଛି । ବିଶେଷଜ୍ଞ ଡାକ୍ତର ପଦବୀ ଅଭାବ ଏହାକୁ ଦ୍ୱିଗୁଣିତ କରିଛି । ବେସରକାରୀ ଭାବେ ପ୍ରାୟ ଦେଢଲକ୍ଷ ଲୋକ ସଂଖ୍ୟା ବିଶିଷ୍ଟ ଯାଜପୁର ରୋଡ୍ ସହରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ପ୍ରତିଶ୍ରୁତି ପ୍ରାୟ ଏକ ଦଶନ୍ଧି କାଳ ଅତିକ୍ରାନ୍ତ ହୋଇ ସାରିଛି। ଏହାର ସୁଯୋଗରେ ପ୍ରାୟ ଔଷଧ ଦୋକାନଗୁଡିକ ବେସରକାରୀ ଡାକ୍ତରଖାନାରେ ପରିଣତ ହୋଇଛି। ଏକ ସୁପରସ୍ପେଶାଲିଟି ଡାକ୍ତରଖାନା ପାଇଁ କେହି ଲୋକପ୍ରତିନିଧି ଚେଷ୍ଟା କରୁନାହାନ୍ତି ।

ପର୍ଯ୍ୟଟନ କ୍ଷେତ୍ରରେ ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବରର ବିକାଶ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏବେ ଏନ୍‌ଜିଟି ଜାଲରେ ପଡିଛି। ତେଣୁ ଆଗକୁ ପ୍ରାୟ ୭୦୦ ବର୍ଷର ପୁରୁଣା ବ୍ୟାସ ସରୋବର




ଯାଜପୁର ଜିଲା ମାନଚିତ୍ର ।

ମେଳା ଅନୁଷ୍ଠିତ ହେବା ନେଇ ଆଶଙ୍କା ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ବ୍ୟାସନଗର ପୌର ପରିଷଦର ବିଜେଡି କାଉନସିଲର ପାର୍ଥସାରଥି ନାୟକ ବ୍ୟାସ ସରୋବର ମେଳା କିମ୍ବା ବ୍ୟାସ ସରୋବର ବିକାଶ କାର୍ଯ୍ୟକୁ ବନ୍ଦ କରିବା ପଛରେ ଥିବା ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସେ ବିଜେଡିରୁ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏହାବାଦ ରତ୍ନଗିରି, ଉଦୟଗିରି, ଲଳିତଗିରି, ଲାଙ୍ଗୁଡି, ଓଳାଶୁଣି, ମହାବିନାୟକ, ଚଣ୍ଡିମନ୍ଦିର, ହାତିଆଶୁଣି, ଦେଉଳି ଆଦି ପର୍ଯ୍ୟଟନସ୍ଥଳୀର ବିକାଶ କାଯର୍‌ୟ ଆଶାନୁରୂପ ହୋଇପାରିନାହିଁ।

ଖଣି ପ୍ରଭାବିତ ସୁକିନ୍ଦା ଅଞ୍ଚଳ ସମେତ ଦାନଗଦି, ବଡ଼ଚଣା, ଧର୍ମଶାଳା, ରସୁଲପୁର, ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ଲୋକଙ୍କ ପାଇଁ ୮ଟି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଚାଲିଛି। ଏଥିପାଇଁ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ରହିଛି। ଅଣଓଡ଼ିଆ ଠିକାସଂସ୍ଥାଗୁଡିକୁ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ହେଲେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଫଳରେ ସ୍ୱଚ୍ଛ ପାନୀୟ ଜଳ ପାଇବା ଜିଲାବାସୀଙ୍କ ପାଇଁ କଷ୍ଟକର ହୋଇଛି। ଏହାସହ ୨୦୧୧-୧୨ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିବା ପାର୍ବତୀ ଗିରି ମେଗା ଉଠା ଜଳସେଚନ ଯୋଜନାରେ ନିର୍ମାଣାଧୀନ ୧୨ଟି ଉଠା ଜଳସେଚନ ପ୍ରକଳ୍ପରୁ ଗୋଟିଏ ବି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇ ପାରିନାହିଁ।

ଚଣ୍ଡୀଖୋଲ-ଦୁବୁରୀ ୫୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବାରୁ ଏହା ମରଣଯନ୍ତା ପାଲଟିଛି। ପ୍ରାୟ ପ୍ରତ୍ୟେକ ମାସ ୨ ରୁ ୩ ଜଣଙ୍କ ଦୁର୍ଘଟଣାରେ ଜୀବନ ଯାଉଛି। ଏହିସବୁ ଅବହେଳାଗୁଡ଼ିକର ସମାଧାନ କରିବାକୁ ଜିଲା ପ୍ରଶାସନ ପାଖରେ ସମୟ ନ ଥିବା ମନେ ହେଉଛି। ତେଣୁ ମିଳିତ ମଞ୍ଚ, ନାଗରିକ କମିଟି ଆଦି ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ପ୍ରସ୍ତୁତି ଚାଲିଥିବା ଜଣାପଡିଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, ବ୍ୟାସ ସରୋବର ଏବଂ ଜାତୀୟ ରାଜପଥ ମାମଲା ଏନ୍‌ଜିଟିରେ ବିଚାରାଧୀନ ରହିଛି। ତଥାପି କେତେକାଂଶରେ କାମ ଚାଲିଛି। ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହେବା ସ୍ଥିତିରେ ରହିଛି। ମେଗା ଉଠାଜଳସେଚନ ପ୍ରକଳ୍ପ କାମ ସମ୍ପର୍କରେ ତାଙ୍କ ଧାରଣା ନାହିଁ, ରିପୋର୍ଟ ଦେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲ ଆଲୁମ୍ନି କ୍ରିକେଟ୍ କପ୍ ଉଦ୍‌ଘାଟିତ

ଯାଜପୁର ରୋଡ,୧୫।୧(ଡି.ଏନ.ଏ.): ବ୍ୟାସନଗର ସହର ଉପକଣ୍ଠ ପଞ୍ଚାୟତ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆଲୁମ୍ନି କ୍ରିକେଟ୍ କପ୍ ଶନିବାର ଆରମ୍ଭ ହୋଇଛି। ଆରାଧ୍ୟା ଦେବୀ ମା ହିଙ୍ଗୁଳାଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ମଶାଲ ଶୋଭାଯାତ୍ରା ଏବଂ ଏକତା ରାଲି ମା ହିଙ୍ଗୁଳାଙ୍କ ପୀଠରୁ ବାହାରି ଲକ୍ଷ୍ମୀନଗର ଗ୍ରାମର ମା ଦୁର୍ଗାଙ୍କ ପୀଠ ଏବଂ ସେଠାରୁ ବିଦ୍ୟାଳୟ ଅଭିମୁଖେ ପହଞ୍ଚିଥିଲା। ସମସ୍ତ ୩୫ଟି ବ୍ୟାଚ୍‌ର ଛାତ୍ରମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବପ୍ରକାଶ ସାହୁ ଫିତା କାଟି କ୍ରିକେଟ୍ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଏହାପରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ରୀଡ଼ା ପତାକା ଉତ୍ତୋଳନ କରିବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ପୁରାତନ ଛାତ୍ରମାନେ ଶିକ୍ଷକମାନଙ୍କୁ ମଞ୍ଚ ଉପରକୁ ପାଛୋଟି ନେବା ସହିତ ଉତ୍ତରୀୟ, ଫୁଲତୋଡ଼ା ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ପୂର୍ବ ସୂଚୀ ଅନୁଯାୟୀ ମ୍ୟାଚ୍ ଆରମ୍ଭ ହୋଇଥିଲା। ବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ଯଦୁନାଥ ତ୍ରିପାଠୀ, ହଳଧର ପଣ୍ଡା, ଲକ୍ଷ୍ମୀଧର ପାଣିଗ୍ରାହୀ, ଶିକ୍ଷକ କାଳନ୍ଦୀ ଭଞ୍ଜ, ବେଣୁଧର ରଣା ଏବଂ ପୁରାତନ ଛାତ୍ର ସଂସଦ ପକ୍ଷରୁ ସଂଯୋଜକ ଆଲେକଜାଣ୍ଡାର ଦାସ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଜଳଧର ଜେନା, ଅଞ୍ଜନ ସାମଲ, କାହ୍ନୁଚରଣ ରଣା, ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବ୍ରହ୍ମବରଦା ବ୍ରାହ୍ମଣୀ ସେତୁରେ ଜମୁଛି ବାଲି, ବଢୁଛି ଦୁର୍ଘଟଣା



ବ୍ରାହ୍ମଣୀ ସେତୁରେ ଜମି ରହିଥିବା ବାଲି।

ବ୍ରହ୍ମବରଦା,୧୫।୧(ଡି.ଏନ.ଏ.): ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ଓ ମହେଶ୍ୱପୁର ପଞ୍ଚାୟତରେ ଲଘୁଖଣିଜ୍ୟ ପରିବହନ ସମୟରେ ମହେଶ୍ୱରପୁର ପଞ୍ଚାୟତସ୍ଥିତ ବ୍ରାହ୍ମଣୀ ସେତୁ ଉପରେ ଚାଖଣ୍ଡେ ମୋଟ ବହଳର ବାଲି ଜମି ହୋଇ ରହିଛି। ଫଳରେ ସେତୁ ଉପରେ ବାଇକ୍ ଓ ସାଇକେଲ ଚାଳକ ଯାତାୟାତ କରୁଥିବା ସମୟରେ ବାଲି ଉଡ଼ି ଆଖିରେ ପଡ଼ିବାରୁ ଦୁର୍ଘଟଣା ଘଟୁଛି। ବ୍ରହ୍ମବରଦା, ମହେଶ୍ୱରପୁର ଓ ବନ୍ଧଡ଼ିହ ଅଞ୍ଚଳ ଦେଇ ଯାଇଥିବା ବ୍ରାହ୍ମଣୀ ନଦୀରେ ବେଆଇନ ବାଲିଘାଟରୁ ବାଲି ଉତ୍ତୋଳନ କରାଯାଇ ଜିଲା ବାହାରକୁ ଚାଲାଣ କରାଯାଉଛି। ଫଳରେ ସରକାର ଏଠାରୁ ବିପୁଳ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏଥିସହିତ ଭାରିଯାନ ଯାତାୟାତ ଫଳରେ ରାସ୍ତା ଫାଟି ଆଁ କଲାଣି। ଭାରିଯାନରେ ଆବଶ୍ୟକତାଠାରୁ ଅତ୍ୟଧିକ ପରିମାଣ ବାଲି ପରିବହନ ହେବା ଫଳରେ ରାସ୍ତା ଉପରେ ବାଲି ଗଦା ହେଉଛି। ରାସ୍ତାକଡ଼ରେ ଥିବା ଜଳଖିଆ ଦୋକାନଗୁଡ଼ିକରେ ବାଲି ଉଡ଼ି ପଡୁଛି। ଦିନରେ ଭାରିଯାନ ଯାତାୟାତ ଫଳରେ ରାସ୍ତା ଜାମ ହେବାର ମଧ୍ୟ ଦେଖିବାକୁ ମିଳୁଛି। ବାଲି ପରିବହନ କରୁଥିବା ଭାରିଯାନର ଚାଳକଙ୍କ ଖାମଖିଆଲ ମନୋଭାବ ଯୋଗୁ ରାସ୍ତା ଉପରେ ହେଉ କି ସେତୁ ଉପରେ ହେଉ ବାଲି ପଡୁଛି। ସେତୁ ଉପରେ ପଡ଼ିଥିବା ବାଲିକୁ ପ୍ରଶାସନ ପକ୍ଷରୁ ସଫା କରାଯାଉନାହିଁ। ଯଦ୍ୱାରା ବାଇକ୍ ଓ ସାଇକେଲ ଆରୋହୀ ଅଧିକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି।

ଏଣୁ ବାଲି ପରିବହନ କରୁଥିବା ଯାନବାହନ ବାଲିକୁ ଘୋଡ଼ାଇ ନେବା ଏବଂ ଓଭର ଲୋଡିଂ ପରିବହନ ବନ୍ଦ କରିବାକୁ ଦାବି ହୋଇଛି। ଏହା ନ ହେଲେ ଆଗକୁ ଦୁର୍ଘଟଣା ବଢିବା ଆଶଙ୍କାକୁ ଆଡ଼େଇ ଦିଆଯାଇ ନ ପାରେ। ତତ୍‌ସହିତ ଦିନ ସମୟରେ ବାଲି ପରିବହନ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ଦିଗରେ ରସୁଲପୁର ତହସିଲଦାର ଦୃଷ୍ଟିଦେବାକୁ ସେମାନେ ଅନୁରୋଧ କରିଛନ୍ତି।

### ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ଆଲୁମ୍ନି ବୈଠକ

ଯାଜପୁର ରୋଡ,୧୫।୧(ଡି.ଏନ.ଏ.): ବ୍ୟାସନଗର ସହର ଉପକଣ୍ଠ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ ଲକ୍ଷ୍ମୀନଗରର ଆଲୁମିନି ନିମନ୍ତେ ବୁଧବାର ଏକ ପ୍ରସ୍ତୁତି ବୈଠକ ମା' ହିଙ୍ଗୁଳା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଦ୍ୟାଳୟର ୧୯୮୭ ଠାରୁ ୨୦୨୨ ପର୍ଯ୍ୟନ୍ତ ମୋଟ ୩୫ ବ୍ୟାଚ ମଧ୍ୟରୁ ୩୨ ବ୍ୟାଚକୁ ନେଇ ଜାନୁୟାରୀ ୧୪ ଓ ୧୫ ଦିବାରାତ୍ର କ୍ରିକେଟ ମ୍ୟାଚ୍ ହେବାକୁ ସ୍ଥିରିକୃତ ହୋଇଛି । ଗୁରୁବାର ଯୁବ ଦିବସ ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଆଲୁମିନି ଟ୍ରଫି ଉନ୍ମୋଚନ ଏବଂ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଲୁମିନି ତରଫରୁ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରସ୍ତୁତି ବୈଠକରେ ବିଦ୍ୟାଳୟର ପୁରାତନ ଛାତ୍ର ଅଧ୍ୟାପକ ପ୍ରଶାନ୍ତ ରାଉତରାୟ, ଶିକ୍ଷକ ପ୍ରଦୀପ୍ତ ବିଶ୍ୱାଳ, ନାଣ୍ଡୁଚରଣ ସାହୁ, ମଦନ ମୋହନ ବେହେରା, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ପାଢୀ, ଆଲେକଜ୍ୟାଣ୍ଡର ଦାସ, ଅକ୍ଷୟ ସାହୁ, ଅଭିମନ୍ୟୁ ବ୍ରହ୍ମ, ସତ୍ୟାନନ୍ଦ ସାହୁ, ରାଜକିଶୋର ସାହୁ, ରମାକାନ୍ତ ବେହେରା, ମୁରଲୀଧର ପାଢୀ, ନାରାୟଣ ପଣ୍ଡା, ପ୍ରକାଶ ସାହୁ, ବିକାଶ ସାହୁ, ଜିତେନ୍ଦ୍ର ବେହେରା, ଧରଣୀଧର ସାହୁ, ଲକ୍ଷ୍ମୀଧର ସାହୁ, ଉମେଶ ଦାସ, ରଜତ ନାୟକ, ଦୁର୍ଗାପ୍ରସାଦ ରଥ, ପ୍ରକାଶ ବିଶ୍ୱାଳ, ଦେବେନ୍ଦ୍ର ପ୍ରସାଦ ସ୍ୱାଇଁ, ବିଭୁସୁନ୍ଦର ବିଶ୍ୱାଳ ପ୍ରମୁଖ ସଦସ୍ୟ ଉପସ୍ଥିତ ରହିଥିଲେ ।

## ଅସହାୟ ସବିତାଙ୍କୁ ସାତସପନ ସରକାରୀ ସହାୟତା



କାଏମା,୧୫।୧(ଡି.ଏନ.ଏ.) : ଗରିବ ବିଧବାଙ୍କୁ ସରକାରୀ ସହାୟତା ଯୋଜନାରେ ସାମିଲ କରିବାକୁ ସରକାର ଗୁରୁତ୍ୱାରୋପ କରୁଛନ୍ତି। କିନ୍ତୁ ଏଥିରୁ ସବିତାଙ୍କ ଅସହାୟ ପରିବାର ବଞ୍ଚିତ ହୋଇଛନ୍ତି। ଧର୍ମଶାଳା ବ୍ଲକ ବଡକାଏମା ପଞ୍ଚାୟତର ଗୋଗଳ ଗ୍ରାମର ଅସହାୟ ବିଧବା ସବିତା ସାମଲଙ୍କ ଛୋଟ ପୁଅ ଓ ଝିଅଙ୍କୁ ନେଇ ତେଲଲୁଣର ସଂସାର। ଆଜକୁ ୧ ବର୍ଷ ୮ ମାସ ହେବ ସ୍ୱାମୀ ନରେନ୍ଦ୍ର ସାମଲଙ୍କ ପରଲୋକ ହୋଇ ସାରିଛି । କିନ୍ତୁ ପ୍ରଶାସନିକ କଳର ଅବହେଳାରୁ ସେ ଆଜି ପର୍ଯ୍ୟନ୍ତ ବିଧବା ଭତ୍ତା ପାଇ ନାହାନ୍ତି। ନରେନ୍ଦ୍ର ଟ୍ରକରେ ହେଲପର କାମ କରି ମାସିକ ୪ହଜାର ଟଙ୍କା ପାଉଥିଲେ ଏବଂ ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ । କିନ୍ତୁ ଭାଗ୍ୟର ବିଡମ୍ବନା ଏମିତି ହେଲା ଯେ ଗାଡ଼ିରେ ଯିବା ସମୟରେ ଅସୁସ୍ଥ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ଏବେ ସବିତାଙ୍କ ଜମି ଖଣ୍ଡେ ନାହିଁ। ପାହାଡ଼ ପାଦଦେଶରେ ଭଙ୍ଗା କୁଡିଆରେ ଦୟନୀୟ ଅବସ୍ଥାରେ ରହୁଛନ୍ତି। ଘର ଖଣ୍ଡେ କରିବାକୁ ସକ୍ଷମ ହୋଇପାରି ନ ଥିଲେ ନରେନ୍ଦ୍ର। ସବିତା ମାଗିଯାଚି ପରିବାର ପ୍ରତିପୋଷଣ କରୁଥିବା କହିଛନ୍ତି । ନରେନ୍ଦ୍ରଙ୍କ ମୃତ୍ୟୁ ପରେ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ମିଳି ନ ଥିବା ସବିତା ଅଭିଯୋଗ କରିଛନ୍ତି । ହେଲେ ପୂର୍ବତନ ସରପଞ୍ଚ ଏହାକୁ ମିଥ୍ୟା ବୋଲି କହି ତାଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଦିଆଯାଇଛି ବୋଲି କହିଛନ୍ତି। କିଛି ଦିନ ପୂର୍ବରୁ ଅସହାୟ ବନ୍ଧୁ ସଙ୍ଗଠନ ପକ୍ଷରୁ ଏ ବିଷୟର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପହଞ୍ଚି ଆବଶ୍ୟକ କାଗଜ ପତ୍ର ଯାଞ୍ଚ କରିବା ସହ ଯଥା ଶୀଘ୍ର ସରକାରୀ ସହାୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିବା ସବିତା କହିଛନ୍ତି ।

## ଅନ୍ୱେଷଣ ଥିଏଟର ଗ୍ରୁପ୍‌ର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୧୫।୧(ଡି.ଏନ.ଏ.): ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍‌ର ଚତୁର୍ଥ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ସମାରୋହ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ଯାଜପୁର ହେଉଛି କଳା, ଐତିହ୍ୟ, ସଂସ୍କୃତିର ମାଟି ବୋଲି ପ୍ରକାଶ କରିବା ସହ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜକୁ ଧନ୍ୟ ମନେ କରୁଛି ବୋଲି କହିଥିଲେ। ଅତିଥି ଭାବେ ଯାଜପୁର ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ ଅନ୍ୱେଷଣ ଥିଏଟର ଗ୍ରୁପର କାର୍ଯ୍ୟକୁ ପ୍ରଶଂସା କରିଥିଲେ।

ଅନ୍ୟତମ ଅତିଥିଭାବେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ସଭାପତି ତଥା ଅନୁଷ୍ଠାନର ଉପଦେଷ୍ଟା ହରିହର ସ୍ୱାଇଁ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନ ସଭାପତି ବୃନ୍ଦାବନ ମିଶ୍ର ସମସ୍ତଙ୍କୁ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ସ୍ୱାଗତ କରିବା ସହିତ ଅନୁଷ୍ଠାନକୁ ଆଗକୁ ନେବାକୁ ସହଯୋଗ କାମନା କରିଥିଲେ। ସମ୍ପାଦକ ଅଭିମନ୍ୟୁ ମିଶ୍ର ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସଭାପତି, ସମ୍ପାଦକ ଓ ଅନ୍ୟ ସଦସ୍ୟ ମା'ବିରଜାଙ୍କ ଆଜ୍ଞାମାଳ ଏକ ଶୋଭାଯାତ୍ରାରେ ଆଣି ଗୌତମ ବୁଦ୍ଧ ସଂସ୍କୃତି ଭବନରେ ପହଞ୍ଚି ମା'ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ କବିତା ଆସର କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିଥିଲେ। ଯାଜପୁରର ବହୁ ପ୍ରତିଷ୍ଠିତ କବି ଓ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ପରେ ସଦସ୍ୟା ମୋନାଲିସା ଓଝା ଓ ତାଙ୍କ ସାଥୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ସନ୍ଧ୍ୟାରେ ସଚେତନତା ପାଇଁ ନାଟକ 'ନିଶା' ଯାହାର କାହାଣୀ ମଞ୍ଚସ୍ଥ ହୋଇଥିଲା। ନାଟକରେ ଅନୁଷ୍ଠାନର କଳାକାରମାନେ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ଅନୁଷ୍ଠାନର ସାଂସ୍କୃତିକ ଅଧ୍ୟକ୍ଷ ସାଜିଦ ଅହେମଦ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ର ଅନୁଷ୍ଠାନ ସମ୍ପର୍କରେ ବକ୍ତବ୍ୟ ଦେବା ସହିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଏନ୍‌ଏଚ୍ କଡ଼ରେ ଲାଗୁଛି ଘରୋଇ ପ୍ରଚାରପତ୍ର

■ ଲକ୍ଷ୍ୟଭ୍ରଷ୍ଟ ହେଉଛନ୍ତି ଚାଳକ
■ ହେଉନି କାର୍ଯ୍ୟାନୁଷ୍ଠାନ

ରସୁଲପୁର,୧୫।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅଞ୍ଚଳ ଦେଇ ୨ ଜାତୀୟ ରାଜପଥ(ଏନ୍‌ଏଚ୍) ୧୬ ଓ ୨୦ ନମ୍ବର ଅତିକ୍ରମ କରିଛି। ମାତ୍ର ଏହି ୨ ରାଜପଥ କଡ଼ରେ ବେଆଇନ ଭାବେ ଘରୋଇ ପଚାରପତ୍ର ଲାଗୁଛି। ଫଳରେ ରାଜପଥର ଉଭୟ ପାର୍ଶ୍ୱସ୍ଥ ସ୍ଥାନଗୁଡିକ ଘରୋଇ ପ୍ରଚାରପତ୍ରରେ ଜବରଦଖଲ ହୋଇଛି। ରାଜପଥ କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଖାଲି ସ୍ଥାନଗୁଡ଼ିକରେ ମାଳମାଳ ଘରୋଇ ପ୍ରଚାରପତ୍ର ଲାଗିଥିବା ଦୃଶ୍ୟମାନ ହେଉଛି। ରାଜନେତା, ସଂଗଠକ, ବ୍ୟବସାୟିକ ପ୍ରତିଷ୍ଠାନର ପ୍ରଚାର ପାଇଁ ବ୍ୟାନର ଓ ହୋର୍ଡିଂ ଲଗାଯାଉଛି। ଏହିଭଳି ସ୍ଥିତି ଗାଡ଼ି ଚାଳକଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି। ରାସ୍ତା ପାର୍ଶ୍ୱର ବଡ଼ ବ୍ୟାନର ଓ ହୋର୍ଡିଂଗୁଡିକ ଚାଳକଙ୍କ ଲକ୍ଷ୍ୟଭ୍ରଷ୍ଟ କରୁଛି। ରାତିରେ ବ୍ୟାନରର ତୈଳ ଫଟୋ ଚିତ୍ର ଉପରେ ଗାଡ଼ିର ଆଲୋକ ପଡ଼ିଲେ ପ୍ରତିଫଳ ସୃଷ୍ଟି ହେଉଛି, ଯଦ୍ୱାରା ଚାଳକମାନେ ଗାଡ଼ି ଚଳାଇବାରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗାଡ଼ିମୋଟର ଗୁଡିକ ଦୁର୍ଘଟଣାର ସମ୍ମୁଖୀନ ହେବା ଢେର ସମ୍ଭାବନା ରହିଛି। ଏ ଦିଗରେ ପ୍ରଶାସନର ନୀରବତାରୁ ଘରୋଇ ବିଜ୍ଞାପନଦାତା ବେଶ୍ ଫାଇଦା ଉଠାଉଛନ୍ତି। ତେଣୁ ବେଆଇନ ଭାବରେ ଲାଗିଥିବା ହୋର୍ଡିଂଗୁଡ଼ିକୁ ତୁରନ୍ତ ହଟାଇବା ସହ ଆଇନ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ସୂଚନା ମୁତାବକ, ୧୬ ନଂ. ଜାତୀୟ ରାଜପଥର ବାରବାଟୀଠାରୁ ଖଣ୍ଡିତର ଓ ୨୦ ନଂ. ଜାତୀୟ ରାଜପଥର କୁଆଖିଆଠାରୁ ହରିପୁର ବାଜର ପର୍ଯ୍ୟନ୍ତ ବ୍ଲକ ପରିସୀମା ରହିଛି। ୧୬ ନଂ. ଜାତୀୟ ରାଜପଥ ଉପରିସ୍ଥ ଏହି ଅଞ୍ଚଳ ମଧ୍ୟରେ ବାରବାଟୀ, ଗୋପାଳପୁର, ମୂଳାପାଳ, ଦୁର୍ଗାପୁର, କୁଆଖିଆ ବାଜର, ସତ୍‌ସଙ୍ଗ ବିହାର ଭଳି ସ୍ଥାନରେ ଛୋଟବଡ଼ ବଜାରମାନ ରହିଛି। ରାଜପଥ ଓ ଆପ୍ରୋଚ୍ ରାସ୍ତାର ଉଭୟ ପାର୍ଶ୍ୱରେ ରାଜପଥ ନିର୍ମାଣ ଓ ମରାମତି ଦାୟିତ୍ୱରେ ଥିବା କମ୍ପାନୀ ପକ୍ଷରୁ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଏଥିସକାଶେ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକୁ ଘରୋଇ ପ୍ରଚାରପତ୍ର ଲଗାଇବାରେ ବ୍ୟବହାର କରାଯାଉଛି। ବିଶେଷକରି ନବବର୍ଷ-୨୦୨୩ ସକାଶେ ବିଭିନ୍ନ



ରାଜନୈତିକ ଦଳର ନେତା ସେମାନଙ୍କ ଶୁଭେଚ୍ଛା ବାର୍ତ୍ତା ସମ୍ବଳିତ ବ୍ୟାନର ଏଠାରେ ଲଗାଇଛନ୍ତି। ଅନ୍ୟପକ୍ଷରେ ୨୦ ନଂ. ଜାତୀୟ ରାଜପଥର କୁଆଖିଆ ବଜାର, ସାରଙ୍ଗପୁର, ମୁଗୁପାଳ, ଗୋବିନ୍ଦପୁର, ହରିପୁର ଆଦି ସ୍ଥାନରେ ଏକାଧିକ ବ୍ୟାନର ଓ ହୋର୍ଡିଂ ଲଗାଯାଇଥିବା ଦେଖାଯାଉଛି। ଏନେଇ ରାଜପଥ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇ ନ ଥିବା ଜଣାଯାଇଛି। ବିନା ଅନୁମତିରେ ରାଜପଥ ଉପରିସ୍ଥ କୌଣସି ସ୍ଥାନ ଅଥବା ପାର୍ଶ୍ୱସ୍ଥ କୌଣସି ଜମିକୁ ବ୍ୟବହାର ଦଣ୍ଡନୀୟ ଅପରାଧ ବୋଲି କହୁଯାଉଛି। ହେଲେ ବିନା ଅନୁମତିରେ ଲୋକେ କିପରି ଏସବୁକୁ ବ୍ୟବହାର କରୁଛନ୍ତି ତହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀ ଜେ.ପି. ବର୍ମାଙ୍କୁ ପଚାରିବାରେ ରାଜପଥ କଡ଼ରେ କୌଣସି ପ୍ରଚାର ପତ୍ର ଲାଗିବା ଏକ ବେଆଇନ କାର୍ଯ୍ୟ। ଏ ଦିଗରେ ସ୍ଥାନୀୟ ପୋଲିସ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହିତ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ ଲୋକାଲ ଥାନାକୁ ଚିଠି ଜରିଆରେ ଅବଗତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ ମତ ରଖିଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି।

## ଆଳିକୁ ହରାଇ ପାରାଦୀପ ବିଜୟୀ

ରାଜନଗର, (ଡି.ଏନ.ଏ.): ମଦନପୁର ଯକ୍ଷ ପଡିଆରେ ରବିବାରଠାରୁ ରାଜ୍ୟସ୍ତରୀୟ ମଦନପୁର ମହାବୀର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମହାବୀର ୟୁଥ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍ଘାଟନୀ ମ୍ୟାଚରେ ଡାଇମଣ୍ଡ କ୍ରିକେଟ କ୍ଲବ ପାରାଦୀପ ୪ ଉଇକେଟରେ ଖରାଖାଇ ଆଳି ଟିମ୍‌କୁ ହରାଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଆଳି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୯ରନ କରିଥିଲା। ଜବାବରେ ପିସିଏ ପାରାଦୀପ ୧୯.୩ ଓଭରରେ ୬ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ସାରଦା ପ୍ରସାଦ ରାଉତ ଏହି ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିଥିଲେ।

## ସଂକ୍ଷେପରେ

### ମୂଳସାହିକୁ ହରାଇ କଳାପାହାଡ଼ ଚାମ୍ପିୟନ
**ତୃତୀୟ ରୁଦ୍ର ଶାଲିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଆଳି,୧୫।୧(ଡି.ଏନ.ଏ.): ଆଳି ଲୋକାପଡା ଗାଁର ଯୁବ ସାମାଜିକ କର୍ମୀ ରାକେଶ ରାୟ ତାଙ୍କ ଝିଅ ଶାଲିନୀ ଓ ପୁଅ ରୁଦ୍ରଙ୍କ ଜନ୍ମଦିନ ଉପଲକ୍ଷେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ଆୟୋଜନ କରିଥିବା ୩ୟ ରୁଦ୍ର ଶାଲିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହୋଇଛି। ଆଳି ବ୍ଲକ ଦେମାଳ ପଞ୍ଚାୟତର ମା' ଖରାଖାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମିଲବଜାର ଖେଳ ପଡିଆଠାରେ ୩ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ରବିବାର ମୂଳସାଇ କ୍ରିକେଟ ଟିମ ଓ କଳାପାହାଡ଼ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ମୂଳସାଇ କ୍ରିକେଟ ଟିମ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୭ ଉଇକେଟ ହରାଇ ୮୩ ରନ ସଂଗ୍ରହ କରିଥିଲା। ଜବାବରେ କଳାପାହାଡ଼ କ୍ରିକେଟ ଟିମ ୫ ଓଭରରେ ବିନା ଉଇକେଟ ବିନିମୟରେ ୮୬ ରନ କରି ଚାମ୍ପିୟନ ହୋଇଛି। ଅନୁଷ୍ଠିତ ଉତ୍ସବରେ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ସମ୍ମାନିତ ଅତିଥି କୃଷ୍ଣଚନ୍ଦ୍ର ପରିଡା, ଅବସର ପ୍ରାପ୍ତ ସୈନିକ ପ୍ରଫୁଲ୍ଲ ରାୟ ଯୋଗ ଦେଇଥିଲେ। ଅତିଥିମାନେ କଳାପାହାଡ଼ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ୧୫୦୦୦ ଟଙ୍କା ପ୍ରଦାନ କରିଥିବା ବେଳେ ମୂଳସାଇ ଟିମ୍‌କୁ ରନର୍ସଅପ ଟ୍ରଫି ସହ ୧୦୦୦୦ ଟଙ୍କା ପ୍ରଦାନ କରାଯାଇଛି। ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫଦି ସିରିଜ ରାଜୁ ଖାଁ ବିବେଚିତ ହୋଇଥିବା ବେଳେ ବେଷ୍ଟ ସିକ୍ସର ନିରଞ୍ଜନ ପଲାଇ( ମିଟୁ), ବ୍ୟାଟ୍ସ ମ୍ୟାନ ମୂଳସାଇର ପିନୁ, ବେଷ୍ଟ ବୋଲର ନରେନ୍ଦ୍ର ପାଣିଗ୍ରାହୀ, ଟୁର୍ଣ୍ଣାମେଣ୍ଟର ଡିସିପ୍ଲିନ ଟିମ ଭାବେ ବେଡା ସ୍ପୋର୍ଟିଂ କ୍ଲବ ହୋଇଥିବା ବେଳେ ଆଳି ବାଦଲ ବୁକ ଷ୍ଟୋର ପକ୍ଷରୁ ଟ୍ରଫି ପ୍ରଦାନ କରା ଯାଇଥିଲା। ମ୍ୟାଚକୁ ଅମ୍ପାୟାର ଭାବେ ମନୋଜ ସିଂ ଓ ରଞ୍ଜନ କୁମାର ଗୋଛାୟତ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଏମକେସିସିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

### ବାଲ୍ଲାବାବାକୁ ହରାଇ ସୋଲାର ଚାମ୍ପିୟନ
**ବିସିଏମ୍ , ସିଦ୍ଧାର୍ଥ କପ୍**

ପାଟକୁରା, ୧୫।୧(ଡି.ଏନ.ଏ.): ଗରଦପୁର ବ୍ଲକ ତଳକୁସମା ଖେଳ ପଡିଆରେ ବିଟିଏମ୍ କ୍ଲବ ପକ୍ଷରୁ ବି ସି ମହାନ୍ତି ଓ ସିଦ୍ଧାର୍ଥ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। ରବିବାର ଫାଇନାଲ ମ୍ୟାଚରେ ବାଲ୍ଲାବାବା ଟିମ କେନ୍ଦ୍ରାପଡ଼ା ସହ ସୋଲାର କଟକ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳରେ ପ୍ରଥମେ ବାଲ୍ଲାବାବା ଟିମ ଟସ୍ ଜିତି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭର ଖେଳି ୮ ଉଇକେଟ ହରାଇ ୧୩୦ ରନ୍ କରିଥିଲା। ଜବାବରେ ସୋଲାର ଟିମ୍ ୧୭ ଓଭର ୩ ଟି ବଲ ଖେଳି ୬ ଉଇକେଟ ହରାଇ ୧୩୧ ରନ୍ କରି ଚାମ୍ପିୟନ ହୋଇଛି। ତେବେ ଏ ନେଇ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ସରପଞ୍ଚ ଅଜୟ ଦାସଙ୍କ ସଭାପତିତ୍ୱରେ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହେନ୍ଦ୍ର ଦାସ, ଅଶୋକ ପଣ୍ଡା, ତଳକୁସମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ଆଦିକନ୍ଦ ଲେଙ୍କା ପ୍ରମୁଖ ଯୋଗଦେଇ ରନର୍ସ କପ୍, ମାନ୍ ଅଫ୍ ମ୍ୟାଚ ଓ ମାନ ଅଫ୍ ଟୁର୍ଣ୍ଣାମେଣ୍ଟ କପ୍ ପ୍ରଦାନ କରିଥିଲେ। ଏହି ଖେଳରେ ସୋଲାର ଟିମ୍‌ର ସ୍ୱରାଜ ମହାରଣା ମ୍ୟାନ ଅଫ୍ ମ୍ୟାଚ ହୋଇଥିବା ବେଳେ ଟିମ୍‌ର ସୁଶାନ୍ତ ନାୟକ ମ୍ୟାନ ଅଫ୍ ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ଖେଳକୁ ଅମ୍ପାୟାର ସନିଲି ଦେଓ ଓ ହରିହର ଓଝା ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ମକର ମହୋତ୍ସବ ଉଦ୍ଘାଟିତ

ମାର୍ଶାଘାଇ, ୧୫।୧(ଡି.ଏନ.ଏ.): ଦ୍ୱୀପାଞ୍ଚଳ କେନ୍ଦ୍ରାପଡ଼ା ଜିଲା ସ୍ତରୀୟ ମକର ମହୋତ୍ସବ ତ୍ରିକୋଣଭୂମି ବିକାଶ ପରିଷଦର ଆନୁକୂଲ୍ୟରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପକ୍ଷଟ ଗାଁଠାରେ ଉଦ୍ଘାଟିତ ହୋଇଯାଇଛି। ବିକାଶ ପରିଷଦର ସଭାପତି ମୃତ୍ୟୁଞ୍ଜୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ମୁଖ୍ୟବକ୍ତା ଭାବେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସଞ୍ଜୟ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ପ୍ରମୁଖ ଯୋଗ ଦେଇଥିଲେ।

# ଟମାଟୋର ଅଭାବୀ ବିକ୍ରି ଆରମ୍ଭ

କେନ୍ଦ୍ରାପଡ଼ା ଅଫିସ, ୧୫।୧



- ବେପାରୀ ଆଣୁଛନ୍ତି ୩, ବିକୁଛନ୍ତି ୬ ଟଙ୍କା
- ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନାହିଁ
- କ୍ଷୁଦ୍ର ଶିଳ୍ପ ଲାଗି ସହଯୋଗ ମିଳୁନି

ଦୁଇ ମାସ ପୂର୍ବେ କେନ୍ଦ୍ରାପଡ଼ା ଜିଲାରେ ଟମାଟୋ ଦର ଆକାଶଛୁଆଁ ଥିଲା। ବଜାରରେ କେଜି ପ୍ରତି ୫୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିଲା। ଏବେ ଏହାର ଅଭାବୀ ବିକ୍ରି ଆରମ୍ଭ ହୋଇଛି। କେଜି ପ୍ରତି ମାତ୍ର ୩ ଟଙ୍କାରେ ଚାଷୀ କ୍ଷେତରେ ବେପାରୀଙ୍କୁ ବିକୁଛନ୍ତି। ହାଟକୁ ଆଣି ଗଦା କଲେ ମଧ୍ୟ ବିକ୍ରି ହେଉନି। ହାଟରେ ୬ରୁ ୧୦ ଟଙ୍କା ମଧ୍ୟରେ ବ୍ୟବସାୟୀ ବିକ୍ରି କରୁଛନ୍ତି। ଏପରି କି ହାଟ ଶେଷ ବେଳକୁ ଟମାଟୋ ବିକ୍ରି ନ ହେବାରୁ ବ୍ୟବସାୟୀ ଛାଡି ଚାଲିଯାଉଥିବା ଦେଖାଯାଇଛି। ଅପରପକ୍ଷରେ ଜିଲାରେ ଫସଲ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନାହିଁ। ସରକାରୀ ମଣ୍ଡି ନ ଥିବାରୁ ଟମାଟୋ ଦର ଶସ୍ତା ହେବାରୁ ହୀନସ୍ତା ହେଉଥିବା ସ୍ଥାନୀୟ ଚାଷୀ ମତ ଦେଇଛନ୍ତି। ସେହିପରି ଟମାଟୋ ସସ୍ ପରି କ୍ଷୁଦ୍ର ଶିଳ୍ପ ପାଇଁ ଆଶାୟୀ ଯୁବ ଶିଳ୍ପୋଦ୍ୟୋଗୀ ଋଣ ପାଇବାକୁ ସକ୍ଷମ ହେଉ ନ ଥିବା ମତ ମିଳିଛି।

ଡେରାବିଶ ବ୍ଲକ ନହଙ୍ଗ ଗାଁର ଟମାଟୋ ଚାଷୀ ରତିକାନ୍ତ ସାହୁ କହିଛନ୍ତି, ଚଳିତ ବର୍ଷ ଟମାଟୋ ଫସଲ ଭଲ ହୋଇଛି। ତେବେ ବିକ୍ରିକୁ ନେଇ ସମସ୍ତ ଚାଷୀ ଅଡୁଆରେ ପଡିଛନ୍ତି। ବଜାରରେ କେଜି ପ୍ରତି ୬ ଟଙ୍କା ବିକ୍ରି ହେଉଥିବା ବେଳେ ଗ୍ରାମ ବେପାରୀ କୁଇଣ୍ଟାଲ ପ୍ରତି ମାତ୍ର ୩୦୦ ଟଙ୍କା ଦେଉଛନ୍ତି। ଅଧିକ ପରିମାଣର ଅମଳକୁ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ବିକ୍ରି ପାଇଁ ବାଧ ହେଉଛୁ। ଚଳିତ ଥର ଚାଷରୁ ପ୍ରାୟ ୧୦ ହଜାର ଟଙ୍କା କ୍ଷତି ହେବ ବୋଲି ସେ ଆକଳନ କରିଛନ୍ତି। ପଟ୍ଟାମୁଣ୍ଡାଇର ବୀରେନ କୁମାର ଦାସ କହିଛନ୍ତି, ଜିଲାରେ ପ୍ରାୟ ୩୦,୦୦୦ରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଚାଷୀ ଟମାଟୋ ଚାଷ କରିଥିଲେ। ଏତେ ପରିମାଣରେ ଫସଲ ଉତ୍ପାଦନ ପରେ ଜିଲାରେ ଶୀତଳଭଣ୍ଡାର ନ ଥିବାରୁ ସଂରକ୍ଷିତ ରଖାଯାଇ ପାରୁନାହିଁ। ସେହିପରି ସରକାରୀ ମଣ୍ଡି ନ ଥିବାରୁ ଟମାଟୋର ଦର ବହୁତ କମ୍ ହେଉଛି। ଏହାର ନିରାକରଣ ହୋଇପାରିଲେ ରାଜ୍ୟ ସରକାରଙ୍କ ପନିପରିବା ଦରର ସଫଳ ମୁକାବିଲା ହୋଇପାରିବ। ଯୁବ ଶିଳ୍ପୋଦ୍ୟୋଗୀ ରତନଲାଲ ସାମଲ କହିଛନ୍ତି, ଜିଲାରେ ଟମାଟୋ ଓ ଆଳୁ ଉତ୍ପାଦନ ସମୟରେ ଅଭାବୀ ବିକ୍ରି ହେଉଛି। ଏହାକୁ ଲକ୍ଷ୍ୟ କରି ଟମାଟୋ ସସ୍ ଓ ଆଳୁ ଚିପ୍ସର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ୨ବର୍ଷ ହେବ ବିଭିନ୍ନ ବ୍ୟାଙ୍କ ଓ ଜିଲା ଶିଳ୍ପ କେନ୍ଦ୍ର ସହ ଯୋଗାଯୋଗ ରଖାଯାଇଛି। ଜିଲା ଶିଳ୍ପ କେନ୍ଦ୍ର ଓ ବ୍ୟାଙ୍କ ସମୂହର ସମନ୍ୱୟ ନ ଥିବାରୁ ଏହି କୃଷିଭିତ୍ତିକ ଶିଳ୍ପ ଅଦ୍ୟାବଧି ପ୍ରତିଷ୍ଠା ହୋଇ ପାରି ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ କହିଛନ୍ତି, ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ତେବେ ଏଥିପାଇଁ ସରକାରୀ ସହଯୋଗ ମିଳୁନାହିଁ। ଅର୍ଥକରୀ ଫସଲଠାରୁ ଆରମ୍ଭ କରି ପାରମ୍ପରିକ ଧାନ ଚାଷରେ ବହୁ ପରିବର୍ତ୍ତନ ଆସିଲାଣି। ତେବେ ଚାଷୀଙ୍କ ପାଇଁ ଉନ୍ନତମାନର ବିହନ ସହ ତାଲିମର ବ୍ୟବସ୍ଥା ନାହିଁ। ଚାଷୀ ଏବେ ସରକାରୀ ସହଯୋଗ ବିନା ପାରମ୍ପରିକ ଭାବେ ଚାଷ କରୁଛି। ଉତ୍ପାଦିତ ଫସଲ ବାହାର ଜିଲା ବା ରାଜ୍ୟକୁ ଯାଇପାରୁନାହିଁ। ଶୀତଳଭଣ୍ଡାର ନିର୍ମାଣ, ଫୁଡ ପ୍ରୋସେସିଂ ୟୁନିଟ ସ୍ଥାପନ ଓ ସରକାରୀ ମଣ୍ଡି ସହାୟତାରେ ଏହି ସମସ୍ୟାର ସମାଧାନ ହୋଇପାରିବ। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଗ୍ରାମୀଣ ଶୀତଳଭଣ୍ଡାର ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ନିକଟରେ କେନ୍ଦ୍ରାପଡ଼ା ବ୍ଲକ ଚନ୍ଦନପୁରଠାରେ ଏକ ସୌରଚାଳିତ ଶୀତଳଭଣ୍ଡାର ଉଦ୍ଘାଟନ ହୋଇଛି। ଚାଷୀ ନିଜ ଘରେ ଶୀତଳ ଭଣ୍ଡାର ନିର୍ମାଣ କଲେ ୫୦ ପ୍ରତିଶତ ରିହାତି ଅନୁଦାନ ମିଳିଯାଉଛି।

# ତୃଣମୂଳ ବିକାଶକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି



ବିଜେଡି ପ୍ରତିଷ୍ଠା ଦିବସ ସଭାରେ ଉପସ୍ଥିତ ନେତା ଓ କର୍ମୀମାନେ।

କେନ୍ଦ୍ରାପଡ଼ା ଅଫିସ, ୧୫।୧

ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ତୃଣମୂଳସ୍ତରରେ ପହଞ୍ଚିଛି। ମୌଳିକ ସମସ୍ୟାର ସମାଧାନକୁ କେବଳ ବିଜେଡି ହିଁ ଗୁରୁତ୍ୱ ଦେଇଛି। ଜନ୍ମଠାରୁ ମଶାଣୀ ପର୍ଯ୍ୟନ୍ତ ଆବଶ୍ୟକତାକୁ ଦୀର୍ଘ ୨୩ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି। ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ଦେଶ ବିଦେଶରେ ରାଜ୍ୟର ଗାରିମା ବୃଦ୍ଧି ପାଇଛି। ଓଡ଼ିଶାକୁ କେତେକ କ୍ଷେତ୍ରରେ ଅନ୍ୟମାନେ ରୋଲ ମଡେଲ କରିଛନ୍ତି। କେନ୍ଦ୍ରାପଡ଼ା ପାଇଁ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ଅଛି। ଉନ୍ନୟନ ଯୋଜନା ପ୍ରଣୟନ ସହ ଅର୍ଥ ମଞ୍ଜୁର କରୁଛନ୍ତି। ଫଳରେ ଜିଲାର ବିକାଶ ଦ୍ରୁତଗତିରେ ହେଉଛି ବୋଲି ବିଜେଡିର ୨୬ ତମ ପ୍ରତିଷ୍ଠା ଦିବସ ପୂର୍ତ୍ତି ଉତ୍ସବରେ ନେତାମାନେ କର୍ମୀଙ୍କୁ ଉତ୍ସାହିତ କରିଛନ୍ତି। ସହରର ଇଚ୍ଛାପୁରସ୍ଥିତ ମାଉସୀ ମା' ମନ୍ଦିର ପରିସରରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ରବିବାର ପାଳନ ହୋଇଛି। ବରିଷ୍ଠ ନେତା ଦେବଦାସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଶଶିଭୂଷଣ ବେହେରା ଓ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇଥିଲେ। ସେମାନେ ସଙ୍ଗଠନକୁ ସୁଦୃଢ଼ କରିବା ଓ ରାଜ୍ୟ ସରକାରଙ୍କ ଯୋଜନାର ସଫଳତାକୁ ଘରେ ଘରେ ପହଞ୍ଚାଇବା ପାଇଁ ମତ ରଖିଥିଲେ। ଏହି ଅବସରରେ ସେମାନେ କେନ୍ଦ୍ର ସରକାରର ରାଜ୍ୟ ପ୍ରତି ବିଦ୍ୱେଷକୁ ଉଜାଗର କରିଥିଲେ। ବିଭିନ୍ନ ଉନ୍ନୟନ ଯୋଜନାର ଅର୍ଥକୁ କେନ୍ଦ୍ର ସରକାର କାଟି ଦେଉଥିବାରୁ ରାଜ୍ୟ ସରକାରଙ୍କୁ ଏସବୁ ଭରଣା ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରୁବାକୁ ପଡୁଥିବା ବେଳେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ଉନ୍ନୟନ ଯୋଜନା ସମ୍ପର୍କରେ ମତ ରଖିଥିଲେ। ସହର ସୌନ୍ଦର୍ଯ୍ୟକରଣଠାରୁ ଗ୍ରାମାଞ୍ଚଳ ବିକାଶ ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଥିବା ଦର୍ଶାଇ ଥିଲେ। ବ୍ଲକ ବିଜେଡି ସଭାପତି ଆଲୋକ ସାହୁ ସଭାକୁ ପରିଚାଳନା କରିଥିଲେ। ସଭାରେ ନିର୍ବାଚନମଣ୍ଡଳୀର ସମସ୍ତ ଲୋକପ୍ରତିନିଧି ଓ କର୍ମୀ ଉପସ୍ଥିତ ଥିଲେ।

# ୨ ଘରୁ ସୁନାଗହଣା, ଟଙ୍କା ଚୋରି

ଆଳି,୧୫।୧(ଡି.ଏନ.ଏ.)


ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

**ପୋଲିସ, ସାଇଣ୍ଟିଫିକ୍, ସନ୍ଧାନୀ କୁକୁରର ମିଳିତ ତଦନ୍ତ**

ଆଳି ଥାନା ଅଞ୍ଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଶନିବାର ରାତିରେ ବାଳକାଟି ଗାଁରେ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କୁ ବାହାର ପଟରୁ ବନ୍ଦ କରି ଚୋରି କରାଯାଇଥିବା ବେଳେ ଆଉ ଏକ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଚୋରିର ଶୀକାର ହୋଇଥିବା ୨ ପରିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନାରେ ଅନନ୍ତ ଚରଣ ବେହେରା କରିଥିବା ଅଭିଯୋଗ ମୁତାବକ, ତାଙ୍କ ସାନ ବୋଉ ଉତରା ମାସେ ହେବ କଟକରେ ରହୁଥିବା ତାଙ୍କ ପୁଅ ପାଖକୁ ଯାଇଥିଲେ। ଘରେ କେହି ରହୁ ନ ଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ପଶି ୨ଟି ଗଡ଼ରେଜ ତାଡ଼ି ଥିଲେ। ଗୋଟିଏ ଗଡ଼ରେଜରେ ଥିବା ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ୨୨ ହଜାର ଟଙ୍କା ଲୁଟି ନେଇଛନ୍ତି। ଜରୁରୀ କାଗଜ ପତ୍ର ଥିବା ବାକ୍ସଗୁଡିକୁ ଘରଠାରୁ ୩୦୦ ମିଟର ଦୂରରେ ନେଇ ଫିଙ୍ଗି ଦେଇଛନ୍ତି। ସେହିପରି ଦୁର୍ବୃତ୍ତମାନେ ଶ୍ରୀନିବାସଙ୍କ ଘର ପରିବାର ଲୋକ ଶୋଇଥିବା ବେଳେ ସେମାନଙ୍କୁ ବାହାର ପଟରୁ ବନ୍ଦ କରି ଗୋଟିଏ ରୁମର ତାଲା ଭାଙ୍ଗି ସେହି ଘରେ ଥିବା ବାକ୍ସଗୁଡିକୁ ଘର ନିକଟରେ ଥିବା ବିଲରେ ଫିଙ୍ଗି ଦେଇଥିଲେ। ଝିଅ ବାହାଘର ନିମନ୍ତେ ରଖିଥିବା ନଗଦ ୩୦ ହଜାର ଟଙ୍କା ସହ ସୁନା ହାର, ମଙ୍ଗଳସୂତ୍ର, ଚୁଡି, କାନଫୁଲ ଆଦି ସବୁକିଛି ଲୁଟି ନେଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ନଂ. ୬୫/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନଙ୍କୁ ଧରିବା ନିମନ୍ତେ ସାଇଣ୍ଟିଫିକ ଟିମ ସହିତ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରୁ ତଥ୍ୟ ସଂଗ୍ରହ କରିଥିବା ବେଳେ ସନ୍ଧାନୀ କୁକୁର ଚୋରି ହୋଇଥିବା ଘରୁ ବାହାରି ବିଲ ପଟରେ ପଡ଼ିଥିବା ବାକ୍ସ ନିକଟକୁ ଯାଇଥିଲା। ବିଲ ପଟରେ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ଯାଇ କୁକୁର ଅଟକି ଯାଇଥିଲା। ପୋଲିସ ତଦନ୍ତ ପରେ ଦୁର୍ବୃତ୍ତଙ୍କ ସନ୍ଧାନ ପାଇପାରିନି।

### ଆକା କ୍ଲବ ସେମି ଫାଇନାଲରେ
**ରାଜ୍ୟସ୍ତରୀୟ ଶରତ କୁମାର ଦେବ ମେମୋରିଆଲ ଫୁଟବଲ**

ଆଳି,୧୫।୧(ଡି.ଏନ.ଏ.)

ଆଳି ଆଥଲେଟିକ ଆସୋସିଏଶନ୍ ପକ୍ଷରୁ ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ୧୬ତମ ରାଜ୍ୟସ୍ତରୀୟ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଯାଇଛି। ଆଳି ଆଥଲେଟିକ ଆସୋସିଏଶନର ସମ୍ପାଦକ ବିଜୟା ନନ୍ଦ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଓ ଜିଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି ଯୋଗ ଦେଇଥିଲେ। ଉଦ୍ଘାଟନ ମ୍ୟାଚ କଟକର ଆକା କ୍ଲବ ଓ ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ କ୍ଲବ ମଧ୍ୟରେ ହୋଇଥିଲା। ଖେଳରେ ଫ୍ରେଣ୍ଡ୍ସ ପରଡ଼ାଇଜକୁ ୧-୦ ଗୋଲରେ ହରାଇ ଆକା କ୍ଲବ ସେମି ଫାଇନାଲରେ ପ୍ରବେଶ କରିଛି। ଏହି ଖେଳକୁ ରେଫରୀ ଭାବେ ସୁବ୍ରତ ପୁରୋହିତ, ପ୍ରିୟବ୍ରତ ବାହିନୀପତି ପ୍ରମୁଖ ପରିଚାଳନା କରିଥିଲେ।


କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଉଳପଡ଼ାରେ ଥିବା ଗଜେଶ୍ୱର ବିଦ୍ୟାପୀଠର ୧୯୯୮ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ମାର୍ଶାଘାଇ ନିକଟ ଗୋଜବାୟାଣୀ ପୀଠରେ ରବିବାର ଆୟୋଜିତ ବନ୍ଧୁମିଳନ।

# ୧୭ରେ କେନ୍ଦ୍ରାପଡ଼ା ବନ୍ଦ ଡାକରା

- ସିଟି ହସ୍ପିଟାଲ ପାଇଁ ଦାବି ତେଜିଲା
- ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ନେଇ ଉଠିଲା ପ୍ରଶ୍ନ

କେନ୍ଦ୍ରାପଡ଼ା ଅଫିସ, ୧୫।୧

କେନ୍ଦ୍ରାପଡ଼ା ସହରର ଖଡିଅଙ୍ଗସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଛି। ସହରର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଦାବି ପୂରଣ ପାଇଁ ଆସନ୍ତା ୧୭ ତାରିଖରେ କେନ୍ଦ୍ରାପଡ଼ା ବନ୍ଦ ଡାକରା ଦିଆଯାଇଛି। ବାରମ୍ବାର ବୈଠକ ସହ ସହର, ଆଖପାଖ ପଞ୍ଚାୟତରେ ବାଇକ୍ ରାଲି କରାଯାଉଛି। ସେହିପରି କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କେନ୍ଦ୍ରାପଡ଼ା ବନ୍ଦ ଡାକରାକୁ ଜିଲା କଂଗ୍ରେସ ସମର୍ଥନ ଯୋଗାଇବ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷରେ ସହରସ୍ଥ ଖଡିଅଙ୍ଗ ଗାଁର ସାମାଜିକ କର୍ମୀ କ୍ଷିତୀଶ କୁମାର ସିଂହଙ୍କୁ ସୂଚନା ଅଧିକାର ଅନୁଯାୟୀ ୨୦୨୨ ଜୁନ ୨୬ରେ ମିଳିଥିବା ତଥ୍ୟ (ପତ୍ର ସଂଖ୍ୟା- ୬୨୦୧)ରେ ସିଡିଏମ୍ଓ ଦର୍ଶାଇଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପାଇଁ କୌଣସି ବିଭାଗୀୟ ଚିଠି ହୋଇନାହିଁ। ତେବେ ୯ ତାରିଖରେ ଖଡିଅଙ୍ଗସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟକୁ ୩ କି.ମି. ଦୂର ଶାମଗୁଡିଆକୁ ସ୍ଥାନାନ୍ତର ହୋଇଛି। ସ୍ଥାନାନ୍ତର ପରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମିକୁ ସିଟି ହସ୍ପିଟାଲରେ ପରିଣତ ପାଇଁ କେନ୍ଦ୍ରାପଡ଼ା ମେଡିକାଲ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲା ପ୍ରଶାସନକୁ ୬ ତାରିଖରେ ଦିଆଯାଇଥିଲା। ଏ ସମ୍ପର୍କରେ କମିଟି କର୍ମକର୍ତ୍ତା ପ୍ରଫୁଲ୍ଲ କୁମାର ସାହୁ, ହିବଜୁର ରହେମାନ, ସଲିମ ଖାନ, ମନୋଜ କୁମାର ସିଂହ ପ୍ରମୁଖ କହିଛନ୍ତି, ଏଠାରେ ଏବେ ୬୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ସହର ମଝିରେ ସିଟି ହସ୍ପିଟାଲ ନ ଥିବାରୁ ବହୁ ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏହାବ୍ୟତୀତ ଶାମଗୁଡିଆରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପାଇଁ କୌଣସି ପ୍ରସ୍ତୁତି ନାହିଁ। ସେହିସ୍ଥାନରେ ମାତୃ ଓ ଶିଶୁ ମଙ୍ଗଳ ଚିକିତ୍ସା କେନ୍ଦ୍ର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଞ୍ଜୁରୀ ସହ ଅର୍ଥ ବ୍ୟବସ୍ଥା ହୋଇଥିଲା। କେଉଁ ପରିସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହେଲା, ସେ ସମ୍ପର୍କରେ ଜିଲା ପ୍ରଶାସନ ନୀରବ ରହିଛି।

# ମେଗା ଫାଇନାଲରେ କେନ୍ଦ୍ରାପଡ଼ାକୁ ହରାଇ ଭଦ୍ରକ ବିଜୟୀ

**ସର୍ବଭାରତୀୟ ସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ରାଜନଗର, ୧୫।୧(ଡି.ଏନ.ଏ.)

ରାଜନଗର ବ୍ଲକ ବଡପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟସ୍ତରୀୟ ୪୧ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ମେଗା ଫାଇନାଲ ବିସିସି କେନ୍ଦ୍ରାପଡ଼ା ଏବଂ ପୋଲିସ ଟିମ୍ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଟିମ୍ ଭଦ୍ରକ ୪ ଉଇକେଟରେ ବିସିସି କେନ୍ଦ୍ରାପଡା ହରାଇ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଛି। ଟସ୍ ଜିତି ବିସିସି କେନ୍ଦ୍ରାପଡା ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୮ଓଭରରୁ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ କରିଥିଲା। ଜବାବରେ ଭଦ୍ରକ ପୋଲିସ ଟିମ୍ ୧୫.୩ ଓଭରରେ ୬ ଉଇକେଟ ହରାଇ ୧୦୪ ରନ କରି ବିଜୟ ଲାଭ କରିଥିଲା। ଭଦ୍ରକର ଚିତ୍ତ ରଞ୍ଜନ ପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ କ୍ଷମା ସାଗର ବଳଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଡେରା ସରପଞ୍ଚ ନିରଞ୍ଜନ ରାଉତ, ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୁବାସ ଚନ୍ଦ୍ର ପ୍ରଧାନ ଓ ବଂଶୀଧର ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ ପ୍ରକାଶ ସେଠୀ, ହଳଧର ପ୍ରଧାନ ସ୍କୋରର ଭାବେ ଓ ବିଜୟ ବଳ, ରମେଶ ଚନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ପଲ୍ଲିଶ୍ରୀ ଯୁବକ ସଂଘର ସଭାପତି ଅଭିମନ୍ୟୁ ପ୍ରଧାନ, ସମ୍ପାଦକ ଅଭିମନ୍ୟୁ ପ୍ରତିହାରୀ, କୋଷାଧ୍ୟକ୍ଷ ତପନ ପରିଡାଙ୍କ ସହ ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।

# ଓଳକଣା ମେଳଣ ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଡେରାବିଶ, ୧୫।୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ପ୍ରସିଦ୍ଧ ଓଳକଣା ମେଳଣ ମାର୍ଚ୍ଚ ୬ରେ ଅନୁଷ୍ଠିତ ହେବ। ଏହି ମେଳଣ ପାଇଁ ସମନ୍ୱୟ କମିଟି ପକ୍ଷରୁ ରବିବାର ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ାସ୍ଥିତ ମା' ବାସୁଳେଇଙ୍କ ପୀଠରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ଉପସଭାପତି ବିଜୟ କୁମାର ମଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମ୍ପାଦକ ସାରଦା ପ୍ରଧାନ ଯୋଗଦେଇ ଉପସ୍ଥିତ ଥିବା ସମସ୍ତ ଠାକୁରବାଡି ସେବକ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇବା ସହ ଚଳିତବର୍ଷ ମେଳଣକୁ କିପରି ଶୃଙ୍ଖଳିତ କରାଯିବ ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଉଭୟ ଜିଲା ପ୍ରଶାସନର ସହଯୋଗରେ ମେଳଣକୁ ଅଧିକ ସରସ ସୁନ୍ଦର କରିବାକୁ ସମ୍ପାଦକ ପ୍ରଧାନ ମତ ରଖିଥିଲେ। ବରିଷ୍ଠ ସେବକ ପ୍ରତିନିଧି ମକର ଚନ୍ଦ୍ର ପ୍ରଧାନ, ଅଧିକାରୀ ସୁଧାକର ଦାସ, କରୁଣାକର କର ଓ ରତିକାନ୍ତ ସାମଲଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ରଜନୀକାନ୍ତ ମହାନ୍ତି, ପ୍ରଦୀପ୍ତ କୁମାର ସାମଲ, ଅସିତ୍ କୁମାର ଦାସ, ଦେବଦତ୍ତ ସାମଲ, ମହେଶ୍ୱର ମହାନ୍ତି, ମନୋରଞ୍ଜନ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

# ବେକାର ଯୁବକଙ୍କୁ ନିଯୁକ୍ତି ଦେବାକୁ ଗୁରୁତ୍ୱ

ଡେରାବିଶ, ୧୫।୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ଶ୍ରମିକ ସଙ୍ଗଠନର ଡେରାବିଶ ବ୍ଲକ କମିଟିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଙ୍ଗଠନର ପ୍ରତ୍ୟେକ ବ୍ଲକରେ ଶାଖା କମିଟି ଗଠନ କରାଯାଇଥିବା ବେଳେ ଡେରାବିଶ ବ୍ଲକ କମିଟିର ସଭାପତି ଅକ୍ଷୟ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦର ଜିଲା ସଭାପତି ଫକୀର ଚରଣ ବେହେରା, କାଉପଡ଼ା ସରପଞ୍ଚ ପ୍ରତାପ କୁମାର ବେହେରା, ସମିତିସଭ୍ୟାଙ୍କ ପ୍ରତିନିଧି ରଞ୍ଜନ କୁମାର ମଲିକ, ପରିଷଦର ଜିଲା ସମ୍ପାଦକ ଅଲେଖ ଚନ୍ଦ୍ର ନାୟକ, ଉପସଭାପତି ଜବାହାରଲାଲ ଓଝା, ଜିଲା କୃଷକ ନେତା ରବୀନ୍ଦ୍ର ନାଥ ସ୍ୱାଇଁ ଯୋଗ ଦେଇଥିଲେ। ନିରାକାର ମହାରଣା ମଞ୍ଚ ସଂଯୋଜନା କରିଥିଲେ।

ମହାକାଳପଡ଼ାଠାରେ ଏକ ଇସ୍ପାତ କାରଖାନା ନିର୍ମାଣ ହେବାକୁ ଯାଉଛି । ଏହି କାରଖାନାରେ ସ୍ଥାନୀୟ କେନ୍ଦ୍ରାପଡ଼ା ଜିଲାର ଅଣକୁଶଳୀ, କୁଶଳୀ ଓ ବୈଷୟିକ ଡିଗ୍ରୀଧାରୀ ଯୁବକମାନଙ୍କୁ ନିଯୁକ୍ତି ଦେବାକୁ ଏହି ସଙ୍ଗଠନ କାର୍ଯ୍ୟ କରୁଥିବା ବେଳେ ଏହାକୁ ମଜବୁତ କରିବା ପାଇଁ ପ୍ରତି ବ୍ଲକରେ ବୈଠକ ହେଉଥିବା ସଭାପତି ବେହେରା କହିଥିଲେ । ମୁଖ୍ୟ ଅତିଥି ସେଠୀ ଜିଲାର ଶିକ୍ଷିତ ବେକାର ଯୁବକମାନଙ୍କୁ ନିଯୁକ୍ତି ଦେବା ସମୟରେ କେନ୍ଦ୍ରାପଡ଼ାବାସୀଙ୍କୁ ଅଗ୍ରାଧିକାର ଦେବାକୁ ଶିଳ୍ପ ମନ୍ତ୍ରୀ ଓ ସଚିବଙ୍କ ସହ ସଙ୍ଗଠନର କର୍ମକର୍ତ୍ତା ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଜିଲାର ଶିକ୍ଷିତ ବେକାରଙ୍କୁ ଅସ୍ଥାୟୀ ନିଯୁକ୍ତି ଦେଇ ନିର୍ମାଣ କାର୍ଯ୍ୟ ସରିବା ପରେ ଛଟେଇ କରା ନ ଯାଇ ସ୍ଥାୟୀ ଭାବେ ରଖିବା ପାଇଁ ମଧ୍ୟ ଦାବି ରଖିବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ କେନ୍ଦ୍ରାପଡ଼ା ଜିଲାର ବେକାର ଯୁବକଙ୍କୁ ଅଗ୍ରାଧିକାର ଭାବେ ନିଯୁକ୍ତ କରାଗଲେ ସେମାନେ ଦାଦନ ଖଟିବାକୁ ଯିବେନି ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଶିବ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଙ୍ଗଠନର ମୁଖ୍ୟ ସଂଯୋଜିକା ମମତା ସେଠୀ, ତରୁଣ ରଞ୍ଜନ ପ୍ରଧାନ, ସନ୍ତୋଷ ପୋଥାଳ, ଶ୍ରୀୟା ରଥ, ସୁଚିସ୍ମିତା ନାୟକ, ସୁକାନ୍ତ ମଲିକ, ଗିତାଞ୍ଜଳି ନାଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ଶ୍ରମିକ ସଙ୍ଗଠନ ବୈଠକ**



ଡେରାବିଶଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ୮୦ କି.ମି. ସାଇକେଲ ଯାତ୍ରାକଲେ ଡାକ୍ତର



**ସୋରଡ଼ା, ୧୫।୧ (ଡି.ଏନ୍.ଏ):** ଯୁବ ସମାଜକୁ ବାର୍ତ୍ତା ଦେବା ପାଇଁ ରବିବାର ସ୍ଥାନୀୟ ସରକାରୀ ଡାକ୍ତରଖାନାର ଡାକ୍ତର ସନ୍ତୋଷ କୁମାର ପଣ୍ଡା ନିଜ ବାସଭବନ ବ୍ରହ୍ମପୁର କୋଠରୀସାହି ୩ୟ ଲାଇନରୁ ୮୦ କିମି ସାଇକେଲରେ ଆସି ସୋରଡ଼ା ଡାକ୍ତରଖାନାରେ ପହଞ୍ଚିଥିଲେ। ସକାଳ ୭ଟାରୁ ଯାତ୍ରା ଆରମ୍ଭକରି ମଧାହ୍ନ ୧୨ ଟାରେ ପହଞ୍ଚିଛନ୍ତି। ଆଜିର ଦିନରେ ଯୁବ ସମାଜ ନିଜକୁ ଫିଟ ରଖିବାକୁ ହେଲେ ପ୍ରତ୍ୟକ ଦିନ ସାଇକେଲ ଚାଳନ କରିବା ସହ ସନ୍ତୁଳିତ ଆହାର ସାଙ୍ଗକୁ ମନକୁ ସଦା ସର୍ବଦା ପ୍ରଫୁଲ୍ଲିତ ରଖିବାକୁ କହିଛନ୍ତି।

### ଆଇଆଇସିଙ୍କ ନାମରେ ଫେକ୍ ଆକାଉଣ୍ଟ ଖୋଲି ଠକେଇ

**ସୋରଡ଼ା, ୧୫।୧ (ଡି.ଏନ୍.ଏ):** ସୋରଡା ବ୍ଲକ ନୂଆଁଗଡ଼ ଗ୍ରାମର ଜିତେନ୍ଦ୍ର ଦାସଙ୍କ ଫେସବୁକ ଆକାଉଣ୍ଟକୁ କବିସୂର୍ଯ୍ୟନଗର ଥାନା ଆଇଆଇସି ପ୍ରଭାତ ସାହୁଙ୍କ ନାମରେ ଏକ ମେସେଜ ଆସିଥିଲା। ସେଥିରେ ଲେଖାଥିଲା ମୋର ଜଣେ ସାଙ୍ଗ ସିଆରପିଏଫରେ କାର୍ଯ୍ୟ କରୁଛି। ତା'ର ବଦଳି ହୋଇଯାଇଛି। ତେଣୁ ଭୁବନେଶ୍ୱରରେ ଥିବା ସମସ୍ତ ଆସବାବ ପତ୍ର ସେ ବିକ୍ରି କରିଦେବ। ଫ୍ରିଜ, କୁଲର, କମ୍ପ୍ୟୁଟର, ସୋଫା ଇତ୍ୟାଦି ଯଦି ତୁମେ କିଣିବାକୁ ଚାହୁଁଛ ଚେଷ୍ଟାକର। ଗୁରୁବାର ଜିତେନ୍ଦ୍ରଙ୍କୁ ଆଇଆଇସି ଶ୍ରୀ ସାହୁ ଙ୍କ ଫଟୋ ଥିବା ହ୍ୱାଟସ୍ ଆପ୍ ନମ୍ବରରେ ପୁଣି ଏକ ମେସେଜ ଆସିଥିଲା। ଏଥିରେ ଜିତେନ୍ଦ୍ର ବିଶ୍ୱାସ କରିଥିଲେ। ଅନ୍ୟ ଏକ ନମ୍ବରରୁ କ୍ୟୁଆର କୋଡ଼ ଆସିଲା ୬୧୦୦୦ ଦେବାକୁ। ଜିତେନ୍ଦ୍ର ବିଶ୍ୱାସ କରି ୬୧୦୦୦ ଟଙ୍କା ଦେଇଦେଇଥିଲେ। ଏ ନେଇ ସେ ଆଇଆଇସି ସାହୁଙ୍କୁ ଜଣାଇବା ପରେ ଏହା ଏକ ଫ୍ରଡ୍ ଆକାଉଣ୍ଟ ବୋଲି ଜାଣିବାକୁ ପାଇଥିଲେ। ତେବେ ଆଇଆଇସି କହିଛନ୍ତି ମୋ ନାମରେ କେହି ବ୍ୟକ୍ତି ଫେକ୍ ଆକାଉଣ୍ଟ ଖୋଲି ଗତ କିଛିଦିନ ହେବ ଏପରି ଫ୍ରେଣ୍ଡ ରିକୁଏଷ୍ଟ ବିଭିନ୍ନ ଲୋକଙ୍କ ନିକଟକୁ ପଠାଉଛି ଓ ଠକାମି କରିବାକୁ ଚେଷ୍ଟା କରୁଛି। ଏହାର ଖୋଳତାଡ଼ ହେବା।

### ଟ୍ରକରୁ ଡିଜେଲ ଚୋରି

**ଗଞ୍ଜାମ,୧୫।୧(ଡି.ଏନ.ଏ.):** ଗଞ୍ଜାମ ଥାନା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ପୁଇଁତୋଳା ଛକରୁ ଦୁଇଟି ଟ୍ରକରୁ କେହି ଦୁର୍ବୃତ୍ତ ପ୍ରାୟ ୭୦୦ ଲିଟରରୁ ଉର୍ଦ୍ଧ୍ୱ ଡିଜେଲ ଚୋରି କରି ନେଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ବଡ଼ବିଲରୁ ଗୋପାଳପୁର ଯାଉଥିବା ଟ୍ରକ (ନଂ ଓଡି ୦୭କ୍ୟୁ ୪୯୪୫) ଏବଂ ଟାଟାରୁ ବିଶାଖାପାଟଣା ଯାଉଥିବା ଟ୍ରକ (ନଂ ଏପି ୩୯ ଟିସି ୭୮୯୯) ପୁଇଁତୋଳା ଛକରେ ଗାଡି ରଖି ଦୁଇ ଡ୍ରାଇଭର ପ୍ରଶାନ୍ତ କୁମାର ବାରିକ ଓ କେ ନାଗ ବାଳକୃଷ୍ଣ ବିଶ୍ରାମ ନେଇଥିଲେ। କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ତେଲ ଚୋରି କରି ଚମ୍ପଟ ମାରିଛି। ଗଞ୍ଜାମ ବ୍ଲକ ପୁଇଁତୋଳା ଡ୍ରାଇଭର ସଂଘ ଉପସଭାପତି ଧରଣୀ ଧର ସାହୁଙ୍କୁ ଉଭୟ ଡ୍ରାଇଭର ପ୍ରଥମେ ଅବଗତ କରିବା ପରେ ଥାନାରେ ଲିଖିତ ଏତଲା ଦିଆଯାଇଛି।

# ପ୍ରତି ମୁହୂର୍ତ୍ତରେ ବିପଦର ଭୟ

## ଜନବସତି ଉପରେ ୧୧ କେଭି ତାର

**ଜଗନ୍ନାଥପ୍ରସାଦ,୧୫।୧(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ବ୍ଲକ ଅଧୀନ ଚୋପରା ଜନବହୁଳ ଅଞ୍ଚଳରେ ବିଦ୍ୟୁତ ସରବରାହ ସ୍ଥିତି ଅତି ଦୟନୀୟ ସ୍ଥିତିରେ ରହିଛି। ଛାମୁଣ୍ଡା ପଞ୍ଚାୟତ ଚୋପରା ଗ୍ରାମ ନୂଆସାହି ଜନବସତି ଉପରେ ୧୧ କେଭି ବିଦ୍ୟୁତ ତାର ବିପଦପୂର୍ଣ୍ଣ ଭାବେ ଝୁଲିରହିଛି। ତେଣୁ ପ୍ରତି ମୁହୂର୍ତ୍ତରେ ବିପଦର ଭୟ ସୃଷ୍ଟି ହୋଇଛି। ବିଦ୍ୟୁତ୍ ବିଭାଗର ଟାଳଟୁଳ ନୀତି ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ ସେବା ପ୍ରଦାନ ଆଳରେ ଧନଜୀବନ ବିପଦ ମଧ୍ୟକୁ ଠେଲି ହୋଇଯାଇଛି। ୭ ବର୍ଷ ତଳେ ଗୋବିନ୍ଦ ଗୌଡ଼ ନାମକ ଜଣେ ବୃଦ୍ଧଙ୍କ ବିଦ୍ୟୁତ ତାର ସଂସ୍ପର୍ଶରେ ଜୀବନ ଚାଲି ଯାଇଥିବା ବେଳେ କିଛି ବର୍ଷ ପୂର୍ବେ ଉକ୍ତ ସାହିର ଡାକ ବେହେରା, କୃଷ୍ଣ ପ୍ରଧାନ ସମାନ ଢଙ୍ଗରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ବର୍ତ୍ତମାନ ସାହିରେ ୮୦ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏ ନେଇ ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଛି। ହେଲେ ଏହାର ପ୍ରତିକାର ଦିଗରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଆଶୁ ପଦକ୍ଷେପ



ଜନବସତି ଉପରେ ବିଦ୍ୟୁତ ତାର।

ନିଆଯାଉ ନାହିଁ। ବିଦ୍ୟୁତ ସରବରାହ କାର୍ଯ୍ୟ ବର୍ତ୍ତମାନ ଟାଟା କମ୍ପାନୀ ହାତକୁ ନେବା ଅବଧି ଦୁଇ ବର୍ଷ ବିତି ସାରିଲାଣି। ମାତ୍ର ସେବାରେ କିଛି ଆଖିଦୃଶିଆ ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ।

ଟାଟା ପାୱାର ବର୍ତ୍ତମାନ ଉପଭୋକ୍ତାଙ୍କ ନାଁରେ ଥିବା ବକେୟା ବିଲକୁ ଆଦାୟ କରିବାରେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଯେଉଁ ଗ୍ରାହକଙ୍କ ଅଭିଯୋଗ ପାଇଁ ଏକ ରେଜିଷ୍ଟର ମେଣ୍ଟେନ କରିବା କଥା ତାହା ହେଉନଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ନିୟମାନୁଯାୟୀ, କମ୍ପାନୀ ସହ ଚୁକ୍ତି ବେଳେ ନିରନ୍ତର ବିଦ୍ୟୁତ ସେବା, ଜନବସତି, ଛକ ବଜାର, ସହରାଞ୍ଚଳ ଆଦି ସ୍ଥାନରେ ସୁରକ୍ଷିତ ବିଦ୍ୟୁତ ସଞ୍ଚାଳନ, ବିଦ୍ୟୁତ ଚୋରିକୁ ରୋକିବା ପାଇଁ ବିଦ୍ୟୁତକୁ କେବୁଲିଂ କରିବା, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, ହାଟ, ବଜାର, ଜଙ୍ଗଲ, କୃଷିକ୍ଷେତ ଆଦି ସ୍ଥାନରେ ସୁରକ୍ଷିତ ବିଦ୍ୟୁତ ସରବରାହକୁ ଗୁରୁତ୍ୱ ଦିଆଯିବାକୁ ନିୟମ ରହିଛି। ହେଲେ ଏ ଦିଗରେ ଟାଟା ପାୱାର ଆଦୌ ଯତ୍ନବାନ ରହିଥିବା ଭଳି ମନେ ହେଉନାହିଁ। ବଜାର ଅଞ୍ଚଳରେ ବିଦ୍ୟୁତ ତାର ତଳେ ବହୁ ଜନବସତି ଗଢି ଉଠିଲାଣି। କେବଳ ଚୋପରା ନୁହେଁ ହେଡ୍ କ୍ୱାଟର ଜଗନ୍ନାଥପ୍ରସାଦ ଅଞ୍ଚଳରେ ୩୩କେଭି ବିଦ୍ୟୁତ ତାର ବଜାର ମୁଖ୍ୟ ମା' କରଣ୍ଡେଇ ମନ୍ଦିରଠାରୁ ବଜାର ମଧ ଭାଗ ଯାଏଁ ବିଦ୍ୟୁତ ତାର ଛାତ ଉପର ଦେଇ ଯାଇଛି। ଉକ୍ତ ଘରେ ବସବାସ କରୁଥିବା ଜନସାଧାରଣ ଛାତ ଉପରକୁ ଆସିଲେ ସେମାନଙ୍କ ଜୀବନ ପ୍ରତି ଭୟ ରହୁଛି। ଏହାର ପ୍ରତିକାର ପାଇଁ ବାରମ୍ବାର ବିଭାଗର ଦୃଷ୍ଟି ଆକର୍ଷଣ କରାଯାଉଛି। ଜନବସତି ସ୍ଥାନରେ ବିଦ୍ୟୁତ ତାରଗୁଡ଼ିକୁ କେବୁଲିଂ କରିବାକୁ ନିୟମ ରହିଛି। ତାକୁ ବିଭାଗ ପକ୍ଷରୁ ଆଦୌ କାର୍ଯ୍ୟକାରୀ କରାଯାଉ ନାହିଁ। ଏହିଭଳି ତ୍ରୁଟି ବିଚ୍ୟୁତି ସର୍ବଦା ବିଭାଗୀୟ ଅଧିକାରୀଙ୍କ ନଜରରେ ପଡୁଛି। ହେଲେ ସେଥିରେ ସୁଧାର ଆଣିବାରେ ବିଭାଗ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉ ନାହିଁ। ଜଗନ୍ନାଥପ୍ରସାଦ ସେକ୍ସନ ସହକାରୀ ଯନ୍ତ୍ରୀ ସତ୍ୟାନନ୍ଦ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ବିପଦସଙ୍କୁଳ ଅବସ୍ଥାରେ ଝୁଲୁଥିବା ତାରଗୁଡ଼ିକୁ କିଭଳି କେବୁଲ କରାଯିବ ଆଉ ଅନ୍ୟାନ୍ୟ ସମସ୍ୟା ଉପରେ ଉଚ୍ଚ ପଦାଧିକାରୀଙ୍କ ସହ ଯୋଗାଯୋଗ କରି ତୁରନ୍ତ ସମାଧାନ କରାଯିବ।

# ଓଡ଼ିଆ ଯୁବକଙ୍କୁ ଗିରଫ କଲା ମୁମ୍ବାଇ ପୋଲିସ

## ଭାଜପା ନେତାଙ୍କୁ ସୋସିଆଲ ମିଡିଆରେ ଧମକ

**ପାରଳାଖେମୁଣ୍ଡି, ୧୫।୧ (ଡି.ଏନ୍.ଏ)**

ଭାଜପା ନେତା ଓ ମନ୍ତ୍ରୀଙ୍କୁ ଧମକପୂର୍ଣ୍ଣ ମେସେଜ ଓ କଲ୍ କରିବା ଅଭିଯୋଗରେ ମୁମ୍ବାଇ ପୋଲିସ ଜଣେ ଓଡ଼ିଆ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗଜପତି ଜିଲା ସେରଙ୍ଗ ଥାନା ଖଜୁରୀପଦା ଫାଣ୍ଡି ଅନ୍ତର୍ଗତ କେ.ଝାଲରସିଂ ଗାଁର ଆଶିଷ ପରିଛା।

ଗତ କିଛିଦିନ ପୂର୍ବରୁ ଆଶିଷ ଉତ୍ତରପ୍ରଦେଶ, ହରିୟାଣା ଓ ମହାରାଷ୍ଟ୍ରର ବହୁ ଭାଜପା ନେତା ଓ ମନ୍ତ୍ରୀମାନଙ୍କୁ ସୋସିଆଲ ମିଡ଼ିଆ ମଧ୍ୟମରେ ହତ୍ୟା ଧମକପୂର୍ଣ୍ଣ ମେସେଜ ସହ କଲ କରିଥିଲେ, ଯାହାକୁ ନେଇ ମୁମ୍ବାଇ ବାଙ୍ଗୁରୁ ଲିଙ୍କରୋଡ଼ ଥାନାରେ ଗତ ୫ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ମୁମ୍ବାଇ ପୋଲିସ ଗତ ୭ ତାରିଖ ଗାଁକୁ ଯାଇ ଯୁବକକୁ ୩ ଦିନ ରଖି ପଚରାଉଚରା କରିବା ସହ ତାଙ୍କଠାରୁ ମୋବାଇଲ ଜବତ କରିଛି। ଯୁବକଙ୍କୁ ଗତ ୧୨ ତାରିଖରେ ପାରଳାଖେମୁଣ୍ଡି ସିଜେଏମ କୋର୍ଟରେ ହାଜର କରିଥିଲା ମୁମ୍ବାଇ ପୋଲିସ। ଅଧିକ ତଦନ୍ତ ପାଇଁ ଆଶିଷଙ୍କୁ ରିମାଣ୍ଡରରେ ନେଇଛି ମୁମ୍ବାଇ ପୋଲିସ। ଏ ନେଇ ସେରଙ୍ଗ ପୋଲିସ କହିଛି, ବିଭିନ୍ନ ସମୟରେ ମହାରାଷ୍ଟ୍ର, ହରିୟାଣା, ଇତ୍ୟାଦି ଅଞ୍ଚଳର ଭାଜପା ନେତାଙ୍କୁ ଧମକପୂର୍ଣ୍ଣ ମେସେଜ ଦେଉଥିଲା ଆଶିଷ। ମୁମ୍ବାଇ ପୋଲିସ ଟ୍ରାକ୍ କରି ଆସିବା ସମୟରେ ଜୀବନ୍ତ କର ନାମକ ଜଣେ ବ୍ୟକ୍ତି ମୋବାଇଲଟି ବ୍ୟବହାର କରୁଥିବା ଜାଣିବାକୁ ପାଇଥିଲା। ଜୀବନ୍ତଙ୍କୁ ପଚରାଉଚରା ସମୟରେ ମୋବାଇଲ ସିମକାର୍ଡ ତାଙ୍କୁ ଆଶିଷ ଆଣିଦେଇଥିବା କହିଥିଲା। ତେବେ ମୁମ୍ବାଇ ପୋଲିସ ଆଶିଷଙ୍କୁ ପଚରାଉଚରା କରି ତାଙ୍କୁ ଗିରଫ କରି ପାରଳାଖେମୁଣ୍ଡି ସିଜେଏମ କୋର୍ଟରେ ହାଜର କରାଇବା ସହ ରିମାଣ୍ଡରେ ନେଇଥିବା ସେରଙ୍ଗ ଥାନା ଅଧିକାରୀ ଅଶୋକ ହାଂସଦା ସୂଚନା ଦେଇଛନ୍ତି।

# ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ପାଇଁ ମହୀଶୂର ଯାତ୍ରା



କାର୍ଯ୍ୟକ୍ରମରେ ଭାଗ ନେବାକୁ ଯାଉଥିବା ଦଳ।

**ଫୁଲବାଣୀ ଅଫିସ, ୧୫।୧**

ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକର ସେଶ୍ରାଗାଁ ଦଳ ମହୀଶୂର ଯାତ୍ରା କରିଛି। ଏହି ଉପଲକ୍ଷେ ଫୁଲବାଣୀ ନେହରୁ ଯୁବ କେନ୍ଦ୍ର ଓ ବାଲିଗୁଡା ସିଆରପିଏଫ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପ୍ରେସ କ୍ଲବରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏଥିରେ ଜିଲା ନେହରୁ ଯୁବ କେନ୍ଦ୍ର ଅଧିକାରୀ ନଭନିତ କୁମାର ଅଧ୍ୟକ୍ଷତା କରିଥିଲେ। ଗାୟକ ଅସିତ୍ କୁମାର ନନ୍ଦ, ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଟିମ୍‌କୁ ସ୍ୱାଗତ କରିଥିଲେ। ମହୀଶୂରରେ ଏହି କାର୍ଯ୍ୟକ୍ରମ ଆସନ୍ତା ୧୮ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟିମ୍‌ରେ ଏସ୍କର୍ଟ ଭାବରେ ସିଆର୍‌ପିଏଫ୍‌ର ଲିଲି ଭୋଇ ଯାଉଛନ୍ତି। ନେହରୁ ଯୁବ କେନ୍ଦ୍ରର ସତ୍ୟବାନ୍ ଦଳବେହେରା, ମେଘା ରାଣୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁମଣ୍ଡଳ ପଞ୍ଚାୟତ ହେବ ପରଳମୁକ୍ତ

**ବେଗୁନିଆପଡ଼ା,୧୫।୧**

ପରଳ ମୁକ୍ତ ହେବ ସୁମଣ୍ଡଳ ପଞ୍ଚାୟତ। ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କ ପ୍ରଚେଷ୍ଟାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର କରାଯାଇ ଅଞ୍ଚଳର ଲୋକଙ୍କୁ ସଂପୂର୍ଣ୍ଣ ପରଳମୁକ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ ଗ୍ରାମ ପଞ୍ଚାୟତ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ପରୀକ୍ଷା ଶିବିର ରବିବାର ଆୟୋଜନ ହୋଇଛି। ଉକ୍ତ ଶିବିରକୁ ସରପଞ୍ଚ ଶିବଶଙ୍କର ବାରିକ, ସମିତି ସଭ୍ୟ ସନ୍ତୋଷ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ଏମବିକେ ସୁଜାତା ପ୍ରଧାନ, ଗୋଷ୍ଠୀ ସଂଯୋଜିକା ପୁଷ୍ପାଞ୍ଜଳି ମହାନ୍ତି ଓ ସୁମଣ୍ଡଳ ଗ୍ରାମ ପଞ୍ଚାୟତର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିରେ



ଚକ୍ଷୁ ଚିକିତ୍ସା ଶିବିର।

ସମସ୍ତ ପ୍ରକାର ଚକ୍ଷୁର ପରୀକ୍ଷା ନିଃଶୁଳ୍କ ଭାବେ କରାଯାଇଛି। ମୋଟ ୮୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୧୬ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। ମୋଟ ୩୧ ଜଣଙ୍କୁ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିବା ବେଳେ ୩୧ ଜଣଙ୍କୁ ଅସ୍ତ୍ରୋପଚାର ସହ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଛି। ସେହିପରି ମୋଟ ୨୧ ଜଣଙ୍କର ଗ୍ଲୁକୋମା ଚକ୍ଷୁ ପରୀକ୍ଷା କରାଯାଇ ଫଟୋ ସଂଗ୍ରହ କରାଯାଇଛି। ୯ ଜଣଙ୍କର ରେଟିନା ଚେକ୍ ମଧ୍ୟ କରାଯାଇଥିବା ସୂଚନା ମିଳିଛି। ଏଥିରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

### ନାବାଳିକା ଅପହରଣ ମାମଲାରେ ଆଉ ଜଣେ ଗିରଫ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୫।୧**

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ଦୁଇ ନାବାଳିକାଙ୍କୁ ଅପହରଣ ଏବଂ ବଳାତ୍କାର କରିବା ଘଟଣାରେ ପୋଲିସ ରବିବାର ଆଉ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ମୋଟ ଗିରଫ ସଂଖ୍ୟା ୨ରେ ପହଞ୍ଚିଛି। ଆଉ ଜଣେ ଏବେ ବି ଫେରାର ଅଛନ୍ତି। ପୋଲିସ ତାଙ୍କୁ ଗିରଫ କରିବା ଲାଗି ପ୍ରୟାସ ଜାରି ରଖିଛି। ଗିରଫ ଯୁବକ ଜଣକ ହେଲେ କାଳିଆ ଓରଫ ଆକାଶ ଦିଗାଲ। ପୂର୍ବରୁ ଗିରଫ ହୋଇଥିବା ଯୁବକ ହେଲେ ଗାଡି ଡ୍ରାଇଭର ଖଜୁରୀପଡା ଥାନା ଦାଦପାଙ୍କୁ ଗ୍ରାମର ଜ୍ୟୋତିରଞ୍ଜନ ଦିଗାଲ। ସୁଚନାଯୋଗ୍ୟ ଖଜୁରୀପଡ଼ା ଥାନା ଅଞ୍ଚଳର ଦୁଇ ଯୁବକ ଫିରିଙ୍ଗିଆ ଥାନା ଅଞ୍ଚଳର ଦୁଇ ନାବାଳିକାଙ୍କୁ ବଜାରରୁ ଅପହରଣ କରି ନେଇ ମୂଜଗୁଦାରୀକୁ ନେଇ ଯାଇଥିଲେ। ସେଠାରେ ସେମାନେ ବଳାତ୍କାର କରିଥିଲେ। ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।

# ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚିତ




ସଭାରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ବୃନ୍ଦ।

**ଦିଗପହଣ୍ଡି,୧୫।୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ସରକାରୀ ହାଇସ୍କୁଲର ପ୍ରସ୍ତାବିତ ହୀରକ ଜୟନ୍ତୀ ମହୋତ୍ସବର ଲୋଗୋ ଉନ୍ମୋଚିତ ହୋଇଯାଇଛି। ହୀରକ ଜୟନ୍ତୀ ପରିଚାଳନା କମିଟିର ସଭାପତି ଡ଼.ବାଳକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ପାଢ଼ୀ ଲୋଗୋ ଉନ୍ମୋଚନ କରିଥିଲେ। ମହନ୍ତ ପଦ୍ମଲୋଚନ ରାମାନୁଜ ଦାସ, କିଶୋର ଚନ୍ଦ୍ର ପାଢ଼ୀ, ହାଇସ୍କୁଲ ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ହୀରକ ଜୟନ୍ତୀ ପାଳନ କମିଟିର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ବକ୍ସି, ଉପସଭାପତି ରାଜେନ୍ଦ୍ର ପ୍ରସାଦ ପାଠୀ, ସମ୍ପାଦକ ପିତାମ୍ବର ଗୌଡ଼, ରାଜେନ୍ଦ୍ର ଗୌଡ଼, ରବିଚନ୍ଦ୍ର ଗୌଡ଼, କୋଷାଧ୍ୟକ୍ଷ ଆନନ୍ଦ ରାଓ ପୃଷ୍ଟି, ଇ.ଦିଲ୍ଲୀପ କୁମାର ପାତ୍ର, ସ୍ମରଣିକା ସମ୍ପାଦକ ଡ଼.ଅନନ୍ତ ରାମ କର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**ଆର.ଉଦୟଗିରି, ୧୫।୧(ଡି.ଏନ.ଏ.)**

ଗଜପତି ଜିଲା ମୋହନା ବ୍ଲକରେ ଗତ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା ମୋହନା ମହୋତ୍ସବ। ଏହି ଦୁଇଦିନିଆ ଉତ୍ସବରେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ଉନ୍ନତି କାମନା ସହ ନିଜ ବିଭାଗ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ଘୋଷଣା କରିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ଅନ୍ୟତମ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଗଜପତି ଜିଲାର ମୋହନା ବ୍ଲକକୁ ଗୁରୁତ୍ୱ ଦେବା ସହ ଅଧିକ ଆର୍ଥିକ ଅନୁଦାନ ଦେଇଥିବା ପ୍ରକାଶ କରିଥିଲେ। ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ଏଠାରେ ଥିବା ପର୍ଯ୍ୟଟନ ସ୍ଥଳଗୁଡିକୁ ଗୁରୁତ୍ୱ ଦେଇ ତାହାର ଶୋଭା ବର୍ଦ୍ଧନ କରିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ତାହାର ପାରିପାର୍ଶ୍ୱିକ ସ୍ଥିତି ଉନ୍ନତି କରିବା ପାଇଁ ଦାବି କରିଥିଲେ। ଏହା ସହ ଅତିରିକ୍ତ



ସାଂସ୍କୃତିକ କାର୍ଯ୍ୟକ୍ରମ।

ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଦ୍ୱିତୀୟ ଦିବସର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସରକାର ମହିଳା ସଶକ୍ତୀକରଣ ସହ କ୍ରୀଡା ପ୍ରତି ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ଆର. ଉଦୟଗିରି ଉପ-ଆରକ୍ଷୀ ଅଧୀକ୍ଷକ ଦିଲ୍ଲୀପ କୁମାର ନାୟକ ଏହି ଅଞ୍ଚଳରେ ଭାଇଚାରା ଥିବା ଦର୍ଶକଙ୍କୁ ଦେଖି ବିଭୋର ହୋଇ ପ୍ରକାଶ କରିବା ସହ ନିଜ ଗୀତ ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ମୋହନା ମହୋତ୍ସବରେ ଏମ୍‌ପି ପ୍ରତିନିଧି ଜଗବନ୍ଧୁ ଦାସ, ମୋହନା ଥାନାଧିକାରୀ ପ୍ରଶାନ୍ତ କୁମାର ନିସିକା, ଜିଲା ପରିଷଦ ସଭ୍ୟ ସୁନୀଲ ବିଷୋୟୀ, ଚନ୍ଦ୍ର କୁମାର ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ବାଲ୍ମୀନା ଅଧିକାରୀ, ବଣିକ ସଂଘ ସଭାପତି ମନୋଜ କୁମାର ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ କୁନ୍ତଳା ମଳିକ ପ୍ରମୁଖ ଉପସ୍ଥିତ ରହି ବ୍ଲକ ପ୍ରଶାସନ ସହ ଜିଲା ପ୍ରଶାସନକୁ ସାଧୁବାଦ ଜଣାଇଥିଲେ। ମୋହନା ଜିଲା ପରିଷଦ ସଭ୍ୟ ଚନ୍ଦ୍ର କୁମାର ମଳିକ ପ୍ରଦର୍ଶିତ କରିଥିବା ଆଦିବାସୀଙ୍କ ପୂର୍ବ ପରମ୍ପରା ଲୋକନାଟ୍ୟ ଉଚ୍ଚକୋଟୀର ହୋଇଥିବାରୁ ପ୍ରଶାସନ ପୁରସ୍କୃତ କରିଥିଲା।

# ନିଆଁଲିଭା କୌଶଳ ଶିବିର

**ସୋରଡ଼ା, ୧୫।୧ (ଡି.ଏନ୍.ଏ)**

ସୋରଡ଼ା ଅଗ୍ନିଶମ ବିଭାଗର ଅଗ୍ନି ନିର୍ବାପକ ଶିବିର ସ୍ଥାନୀୟ ସରକାରୀ ଡାକ୍ତରଖାନା ପରିସରରେ ରବିବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧିକାରୀ ପ୍ରଦୀପ କୁମାର ସ୍ୱାଇଁ ଓ ମିଥୁନ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ନିଆଁଲିଭା କୌଶଳ ଶିବିରରେ ଡାକ୍ତର ଦିଲୀପ ନାୟକ, ଫାର୍ମାସିଷ୍ଟ ସୁନୀଲ କୁମାର ସାମନ୍ତରାୟଙ୍କ ସମେତ ସମସ୍ତ କର୍ମଚାରୀ, ଆଶା କର୍ମୀ, ରୋଗୀ ସମ୍ପର୍କୀୟ ଉପସ୍ଥିତ ଥିଲେ। ହଟାତ କେଉଁଠି ନିଆଁ ଲାଗିଗଲେ ଭୟଭୀତ ନ ହୋଇ କିପରି ତାହାକୁ ଆୟତ୍ତକୁ ଅଣାଯିବ ସେ ନେଇ କୌଶଳ ଶିଖାଇଥିଲେ।

# ଘୁମୁସର ଜିଲା ଦାବିରେ ଶୋଭାଯାତ୍ରା




ଶୋଭାଯାତ୍ରାରେ ସାମିଲ ହୋଇଥିବା କର୍ମକର୍ତ୍ତା।

**ଭଞ୍ଜନଗର, ୧୫।୧(ଡି.ଏନ.ଏ)**

ଘୁମୁସର ଜିଲା ଦାବି ନେଇ ରବିବାର ମଧ୍ୟାହ୍ନରେ ଘୁମୁସର ଲେଖିକା ସଂସଦ ପକ୍ଷରୁ ଭଞ୍ଜନଗର ଏନଏସିରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାକୁ ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା, ଶିକ୍ଷୟିତ୍ରୀ, ଲେଖିକା, ଛାତ୍ରୀ, ମହିଳା, ବ୍ୟବସାୟୀ ପ୍ରମୁଖ ସାମିଲ ଥିଲେ। ଲେଖିକା ସଂସଦର ସଭାନେତ୍ରୀ ରୀତାରାଣୀ ମହାପାତ୍ର, ସମ୍ପାଦିକା ଡ. ନଳିନୀପ୍ରଭା ଦାସ, ସଭ୍ୟା ସୁଜାତା ସିଂ, ଡ. ଗାୟତ୍ରୀ ସାହୁ, ଗୀତାଞ୍ଜଳି ତ୍ରିପାଠୀ, ଦୀପ୍ତିମୟୀ ଶତପଥୀ, ରଶ୍ମିତା ସାହୁ, ସବିତା ପଣ୍ଡା, ବି.ପି ସେନାପତି, ପ୍ରଭାତି ମଞ୍ଜରୀ ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସୋମବାର ଭଞ୍ଜନଗର ଗସ୍ତରେ ଆସିବାକୁ ଥିବା ଜିଲାପାଳଙ୍କୁ ସଂସଦ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବ।

# ୨୦୨୨ରେ ୮୦୦ ମାମଲା

**ବୁଗୁଡ଼ା,୧୫।୧(ଡି.ଏନ.ଏ.)**

- ବୁଗୁଡା ଥାନାରେ ଅପରାଧ ସମୀକ୍ଷା
- ସର୍ବକାଳୀନ ରେକର୍ଡ ଭଙ୍ଗ

ଗଞ୍ଜାମ ପୋଲିସ ଜିଲା ଅନ୍ତର୍ଗତ ବୁଗୁଡ଼ା ଥାନା ମାମଲା ରୁଜୁ କ୍ଷେତ୍ରରେ ଜିଲାରେ ଚତୁର୍ଥ ସ୍ଥାନରେ ରହିଛି। ୨୦୨୨ରେ ଏହି ଥାନାରେ ରୁଜୁ ହୋଇଥିବା ୮୦୦ଟି ମାମଲା ସର୍ବକାଳୀନ ରେକର୍ଡ ଭଙ୍ଗ କରିଛି। ବିଗତ ୨୦୨୧ରେ ୭୦୧ ମାମଲା ଏବଂ ୨୦୨୦ରେ ୪୦୧ଟି ମାମଲା ରୁଜୁ ହୋଇଥିଲା। ତେବେ ୨୦୨୨ରେ ରୁଜୁ ହୋଇଥିବା ୮୦୦ ମାମଲା ମଧ୍ୟରୁ ୩ଟି ହତ୍ୟା, ଗୋଟିଏ ଡକାୟତି, ୬ଟି ଚୋରି ଓ ୫ଟି ସିନ୍ଧି ଚୋରି, ୩ଟି ଲୁଟପାଟ, ୭ଟି ଠକେଇ, ୩ଟି ବଳାତ୍କାର, ୩୩ଟି ମୋଟରଯାନ ଦୁର୍ଘଟଣା, ୧୨ଟି ଜୁଆ ଖେଳ, ୧୧ଟି ଯୌତୁକ ଜନିତ ମାମଲା, ୫ଟି ଦାଦାବଟି ଆଦାୟ ମାମଲା, ୧୨୭ଟି ମଦ ଧରପଗଡ଼, ୨ଟି ଗଞ୍ଜେଇ ଧରପଗଡ, ୨୯ଟି ହତ୍ୟା ଉଦ୍ୟମ ମାମଲା, ୩୨ଟି ଅପମୃତ୍ୟୁ ମାମଲା ଏବଂ ୮୨ଟି ପାରିବାରିକ ଗଣ୍ଡଗୋଳ ମାମଲା ଏବଂ ୪୩୯ଟି ଅନ୍ୟାନ୍ୟ ମାମଲା ରହିଛି। ଅପମୃତ୍ୟୁ ମାମଲା ୩୨ଟି ମଧ୍ୟରୁ ୧୨ଟି ପାଣିରେ ବୁଡି, ୨ଟି ଛାତରୁ ପଡ଼ି, ୩ଟି ସାପ କାମୁଡ଼ା, ୧ଟି ବଜ୍ରପାତ, ୬ଟି ଦଉଡି ଦେବା, ୧ଟି ବିଷପାନ ଜନିତ ମୃତ୍ୟୁ ମାମଲା ରହିଥିବା ବେଳେ ୭ଟି ମାମଲାର କାରଣ ଅସ୍ପଷ୍ଟ ରହିଛି। ବୁଗୁଡ଼ା ପୋଲିସ ୧୨୭ଟି ମଦ ଧରପଗଡ଼ ମାମଲାରେ ୧୯୦୩ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଜୁଆଖେଳରୁ ୨ ଲକ୍ଷ ୮୧୦ ଟଙ୍କା ଜବତ କରିଥିବା ଜଣାପଡ଼ିଛି। ପ୍ରକାଶଯୋଗ୍ୟ ଯେ, ଗଞ୍ଜାମ-ନୟାଗଡ ସୀମାରେ ଥିବା ଏହି ଥାନା ଅଧୀନରେ ବାଲିପଦର ଫାଣ୍ଡି ସମେତ ବୁଗୁଡ଼ା ବ୍ଲକର ୨୧ ପଞ୍ଚାୟତ, ଆସିକା ବ୍ଲକର ଗହଙ୍ଗୁ ଏବଂ ଜଗନ୍ନାଥପ୍ରସାଦ ବ୍ଲକର ନିମପଦର ପଞ୍ଚାୟତ ଆଦି ମୋଟ ୨୩ଟି ପଞ୍ଚାୟତ ରହିଛି। ତେବେ ଜନସାଧାରଣଙ୍କ ସହଯୋଗରେ ବୁଗୁଡ଼ା ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ପୋଲିସ ଯଥାସାଧ୍ୟ ପ୍ରୟାସ ଜାରି ରଖିଥିବା ନେଇ ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କ ଠାରୁ ପ୍ରକାଶ ପାଇଛି।




ବୁଗୁଡ଼ା ଥାନା

## ପୁଞ୍ଜି ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** ଭାରତୀୟ ପୁଞ୍ଜି ବଜାରରେ ପଞ୍ଜୀକୃତ ନିବେଶକ କମ୍ପାନୀ ଗୁଡ଼ିକର ବ୍ୟବସାୟୀ ଫଳାଫଳ ଏବଂ ଶେୟାର ବଜାରର ପୁଞ୍ଜିକୁ ନେଇ ନିବେଶକ ମାନେ ବେଶ ଉତ୍ସାହ ଅଛନ୍ତି। ଏପରିକି ଶ୍ରେଷ୍ଠ ୧୦ଟି କମ୍ପାନୀ ମାନଙ୍କ ମଧ୍ୟରୁ ୭ଟି ସଂସ୍ଥା ଗୁଡ଼ିକର ପୁଞ୍ଜି ବଜାରରେ ୧,୦୭,୨୨୪.୮୨ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ୧୦ ଟି ଶ୍ରେଷ୍ଠ କମ୍ପାନୀ ମୂଲ୍ୟବାନ ୭ଟି ବଜାର ମୂଲ୍ୟରେ ରିପୋର୍ଟରେ ଆଇଟି କମ୍ପାନୀ ଇନ୍‌ଫୋସିସ ଏବଂ ଟାଟା କନ୍‌ସଲ୍ଟାନ୍ସ ସର୍ଭିସେସ(ଟିସିଏସ୍) ସଂସ୍ଥାର ଅଧିକ ଲାଭ ହୋଇଛି।

# ଦେଶର ପରବର୍ତ୍ତୀ ଶିଳ୍ପ ହବ୍ ହେବ ଓଡ଼ିଶା

ଭୁବନେଶ୍ୱର,୧୫।୧



ଗତ କିଛି ବର୍ଷ ଓଡ଼ିଶା ଷ୍ଟାର୍ଟଅପ କ୍ଷେତ୍ରରେ ବ୍ୟାପକ ସଫଳତା ହାସଲ କରିଛି। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶା ଦେଶର ପରବର୍ତ୍ତୀ ଶିଳ୍ପ ହବ୍ ହେବ ବୋଲି ରବିବାର ଷ୍ଟାର୍ଟଅପ ମେଳା-୨୦୨୩ରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ ଦେବ ଏଭଳି କିଛି କହିଛନ୍ତି। ବିଶେଷକରି ଓଡ଼ିଶାର ଷ୍ଟାର୍ଟଅପ ପରି ବ୍ୟବସ୍ଥାକୁ ପ୍ରଦର୍ଶନ କରିବା ସହ ଷ୍ଟାର୍ଟଅପ, ନବସୃଜନ ଏବଂ ଔଦ୍ୟୋଗିକତା ଆଡକୁ ଯୁବବର୍ଗଙ୍କୁ ଅନୁପ୍ରେରିତ କରିବା ଲକ୍ଷ୍ୟରେ ଷ୍ଟାର୍ଟଅପ ଓଡ଼ିଶାର ପ୍ରଥମ ପ୍ରୟାସ ଷ୍ଟାର୍ଟଅପ୍ ମେଳା-୨୦୨୩ର ଉଦ୍‌ଘାନଟନୀ ଉତ୍ସବରେ ଯୋଗଦେଇ ଏମ୍‌ଏସ୍‌ଏମଇ ମନ୍ତ୍ରୀ ପ୍ରତାପ ଦେବ କହିଥିଲେ ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଉଚିତ। ଆମେ ଓଡ଼ିଶାରେ ଉଦ୍ୟୋଗୀ ସୃଷ୍ଟି ହେବା ଚାହୁଁଛୁ, ଜାତୀୟସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆମକୁ ବିନିର୍ମାଣ ଆରମ୍ଭ କରିବାକୁ ହେବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଏକ ଲିଖିତ ବିବୃତିରେ କହିଛନ୍ତି, ଷ୍ଟାର୍ଟଅପ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିବା ନେଇ ମୁଁ ଅତ୍ୟନ୍ତ ଆନନ୍ଦିତ। ଷ୍ଟାର୍ଟଅପ ମେଳା ଏକ ବିଶାଳ ପ୍ଲାଟଫର୍ମ ହୋଇଛି, ଯାହା ଆମ ଛାତ୍ରୀଛାତ୍ର, ନବସୃଜନକାରୀ ଏବଂ ଷ୍ଟାର୍ଟଅପଗୁଡ଼ିକୁ ଓଡ଼ିଶାର ଔଦ୍ୟୋଗିକ ଉତ୍ସବ ପ୍ରଦର୍ଶନ କରିବାକୁ ପ୍ରବର୍ତ୍ତାଇବ ଏବଂ ଏହା ତୃଣମୂଳ ଏବଂ ସଂସ୍ଥାଗତ ସ୍ତରରେ ଷ୍ଟାର୍ଟଅପ ସଂସ୍କୃତିକୁ ପ୍ରେରଣା ଯୋଗାଇବ ଓ ସାମଗ୍ରିକ ସଫଳତା କାମନା କରୁଛି। ସେହିଭଳି ଉଦ୍‌ଘାଟନୀ ଅଭିଭାଷଣ ଦେଇ ଡ. ଓମ୍‌କାର ରାୟ କହିଥିଲେ,ଦେଶର ଷ୍ଟାର୍ଟଅପ ପରିବ୍ୟବସ୍ଥାରେ ଶ୍ରେଷ୍ଠ ତିନିଟି ମଧ୍ୟରେ ଓଡ଼ିଶାକୁ ସ୍ଥାନ ଦେବା ଆମ ମୁଖ୍ୟମନ୍ତ୍ରୀଙ୍କର ଦୂରଦୃଷ୍ଟି ରହିଛି। ଷ୍ଟାର୍ଟଅପ ମେଳା ୨୦୨୩ ଆଉ ଏକ ପ୍ରୟାସ ହୋଇଛି, ଯାହାକୁ ଆମେ ସେହି ଲକ୍ଷ୍ୟ ହାସଲ ନିମନ୍ତେ ହାତକୁ ନେଇଛୁ। ସେଠାରେ ଛାତ୍ରୀଛାତ୍ରଙ୍କୁ ଏହି ପରିବ୍ୟବସ୍ଥାର କିଭଳି ସୁଯୋଗ ନିଆଯିବ ଏବଂ ସେମାନଙ୍କ ଚିନ୍ତାଧାରାକୁ ଉତ୍ପାଦରେ ରୂପାନ୍ତରିତ କରାଯାଇପାରିବ, ସେହି ପରାମର୍ଶ ଦିଆଯିବ। ଆମେ ମଧ୍ୟ ପ୍ରଥମ ଥର ପାଇଁ ଅତି ଯତ୍ନର ସହିତ ଶିକ୍ଷାନୁଷ୍ଠାନଗୁଡ଼ିକରୁ ମନୋନୀତ ଛାତ୍ରୀଛାତ୍ରଙ୍କୁ ନେଇ ବ୍ରାଣ୍ଡ୍ ଆମ୍ବାସାଡର ଚିନ୍ତାଧାରା ଆରମ୍ଭ କରିଛୁ।ଅପରପକ୍ଷରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଷ୍ଟାର୍ଟଅପ ପ୍ରୋତ୍ସାହନର କିଭଳି ସୁଯୋଗ ନେଇହେବ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଶାଶ୍ୱତ ମିଶ୍ର ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ଅନେକ ଯୁବବର୍ଗଙ୍କ ମଧ୍ୟରେ ଭ୍ରାନ୍ତ ଧାରଣା ରହିଛି ଯେ ନୂତନ ବ୍ୟବସାୟିକ ପ୍ରୟାସ ହେଉଛି ଏକ ଷ୍ଟାର୍ଟଅପ ଏବଂ ଏହା ସରକାରଙ୍କର ଷ୍ଟାର୍ଟଅପ ପ୍ରୋତ୍ସାହନ ପାଇଁ ଯୋଗ୍ୟତା ରଖୁଛି। ଆମକୁ ବୁଝିବାକୁ ହେବ ଯେ ପ୍ରତ୍ୟେକ ନୂଆ ବ୍ୟବସାୟ ଏକ ଷ୍ଟାର୍ଟଅପ ନୁହେଁ, ଯେକୌଣସି ନୂଆ ବ୍ୟବସାୟ ଯାହା ମୁଖ୍ୟତଃ ବିଜ୍ଞାନ ଓ ପ୍ରଯୁକ୍ତିକୁ ଉପଯୋଗ କରେ, ନୂଆ ନିର୍ମାଣ ପଦ୍ଧତି ଆପଣାଏ, କୌଣସି ବୌଦ୍ଧିକ ସମ୍ପତ୍ତିଗତ ଆଧାରିତ ଉତ୍ପାଦ ହୋଇଥାଏ, ତେବେ ଷ୍ଟାର୍ଟଅପ ନୀତିର ପରିସରଭୁକ୍ତ ହୁଏ। ସାଧାରଣତଃ ସରକାର ଷ୍ଟାର୍ଟଅପଗୁଡ଼ିକୁ ଆର୍ଥିକ ସମର୍ଥନ ଯୋଗାଇ ଦିଅନ୍ତି ଏବଂ ଉକ୍ତ ପାଣ୍ଠିକୁ ବିଚାରବନ୍ତ ଭାବରେ ବିନିଯୋଗ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମିଶ୍ର ମତପ୍ରକାଶ କରିଛନ୍ତି।

## ‘ଅଜନ୍ତା ସୁଜ୍’ର ନୂତନ ଉତ୍ପାଦ



ନୂଆଦିଲ୍ଲୀ,୧୫।୧

ଦେଶର ପ୍ରମୁଖ ଫୁଟ୍‌ୱିୟର ବ୍ରାଣ୍ଡ୍ ‘ଅଜନ୍ତା ସୁଜ୍’ର ନୂତନ ଉତ୍ପାଦ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର ପ୍ରଥମ ସ୍ୱଦେଶୀ ନିର୍ମିତ ସ୍ମାର୍ଟ ସୁ ‘ନାଭିଗେଟର’କୁ ମଧ୍ୟ କମ୍ପାନୀ ବଜାର ପ୍ରବେଶ କରାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ଭାରତୀୟ କ୍ରିକେଟିୟର ସୌରଭ ଗାଙ୍ଗୁଲିଙ୍କ ସମେତ ଇମ୍ପାକ୍ଟୋର ପ୍ରତିଷ୍ଠାତା ତଥା ‘ଅଜନ୍ତା ସୁଜ୍’ର ଏମ୍‌ଡି ସାଗନିକ ବନିକ୍ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଇମ୍ପାକ୍ଟୋର ପ୍ରତିଷ୍ଠାତା ତଥା ‘ଅଜନ୍ତା ସୁଜ୍’ର ଏମ୍‌ଡି ସାଗନିକ ବନିକ୍ କହିଛନ୍ତି, ବର୍ଷ ବର୍ଷ ଧରି ଅଜନ୍ତା ଗ୍ରାହକଙ୍କ ଇଚ୍ଛା ଏବଂ ପସନ୍ଦ ଅନୁଯାୟୀ ସାମଗ୍ରୀ ଉପଲବ୍ଧ କରାଇଥାଏ। ବିଶେଷକରି ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି କମ୍ପାନୀ ସର୍ବଦା ନୂତନ ଉତ୍ପାଦ ବିକଶିତ କରିଥାଏ। ଏପରିକି ଜଣେ ସାଧାରଣ ବ୍ୟକ୍ତି ଯେଭଳି ଜଣେ ଆଥଲେଟ ହୋଇପାରିବେ, ସେହି ପ୍ରେରଣା ଯୋଗାଇବାକୁ ଇମ୍ପାକ୍ଟୋ ଲାଇନ ବିକଶିତ କରାଯାଇଛି।

## ରୁଙ୍ଗ୍‌ଟା ମାଇନ୍‌ସ ପକ୍ଷରୁ ପାର୍ଟନର୍ସ ମିଟ୍

ଭୁବନେଶ୍ୱର,୧୫।୧

ଦେଶର ପ୍ରମୁଖ ଟିଏମ୍‌ଟି ବାର୍ ନିର୍ମାତା ରୁଙ୍ଗ୍‌ଟା ମାଇନ୍‌ସ ଲିମିଟେଡ୍ ପକ୍ଷରୁ ନିକଟରେ ଏକ ପାର୍ଟନର୍ସ ମିଟ୍‌ର ଆୟୋଜନ କରାଯାଇଥିଲା। ଉକ୍ତ ମିଟ୍‌ରେ କଟକ, ଯାଜପୁର, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଅନୁଗୋଳ ଓ ଢେଙ୍କାନାଳର ୧୪୦ରୁ ଅଧିକ ଡିଲର ପାର୍ଟନର ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍ (ବିକ୍ରି ଓ ମାର୍କେଟିଂ) ର ମୁଖ୍ୟ ଅରବିନ୍ଦ କୁମାର କହିଛନ୍ତି, ଏକ ଉତ୍ତମ ଭବିଷ୍ୟତ ପାଇଁ ଉଦ୍ୟମ କରିବାକୁ ସେ ସେମାନଙ୍କୁ ଉତ୍ସାହିତ କରିଥିବା ବେଳେ ଉଲ୍ଲେଖନୀୟ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବା ଲାଗି ଅଭିନବ ଚିନ୍ତାଧାରା ଜରିଆରେ ସେମାନଙ୍କୁ ଉତ୍ସାହିତ କରିଛନ୍ତି। ଏପରିକି କୁମାର କମ୍ପାନୀର ଲକ୍ଷ୍ୟ ଉପରେ ବିସ୍ତୃତ ଆଲୋକପାତ କରିଥିବା ବେଳେ ବ୍ୟବସାୟର ପ୍ରତିଟି କ୍ଷେତ୍ରରେ ସହଯୋଗ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ଏବଂ ରୁଙ୍ଗ୍‌ଟା ଷ୍ଟିଲ୍‌ର ରହିଥିବା ପରିଚୟରୁ ଲାଭବାନ ହେବା ଲାଗି ସେ ପାର୍ଟନରମାନଙ୍କୁ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଡିଲରମାନଙ୍କୁ ଉକ୍ତ ସମ୍ମିଳନୀରେ ସମ୍ମାନିତ କରାଯାଇଛି। ବିଶେଷକରି ରୁଙ୍ଗ୍‌ଟା ମାଇନ୍‌ସ ଲିମିଟେଡ୍‌ର ଦୀର୍ଘମିଆଦୀ ଚ୍ୟାନେଲ୍ ପାର୍ଟନର୍ ଷ୍ଟିଲ୍‌ଫୋର୍ସ ଉପରୋକ୍ତ ଅଞ୍ଚଳ ପାଇଁ କମ୍ପାନୀର ବିଶ୍ୱସନୀୟ ସହଯୋଗୀ ଭାବେ କାର୍ଯ୍ୟ କରୁଛି। ଅପରପକ୍ଷରେ ଷ୍ଟିଲ୍‌ଫୋର୍ସରୁ ସୁନୀଲ ପଟ୍ଟନାୟକ, ବିଜୟ ପୁହାଣଙ୍କ ସମେତ ରୁଙ୍ଗ୍‌ଟା ମାଇନ୍‌ସର ଅଧିକାରୀ ଯଥା ଅରବିନ୍ଦ କୁମାର, ସୁଭାଷ ଦଳାଇ, ଶଶାଙ୍କ ଶେଖର ଆଚାର୍ଯ୍ୟ, ପ୍ରଦୀପ ସେନାପତି, ଚଣ୍ଡି ଦାସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ‘ଏସ୍‌ଏମ୍‌ଇର ପ୍ରଗତିକୁ ବିଶେଷ ଗୁରୁତ୍ୱାରୋପ’



ଭୁବନେଶ୍ୱର,୧୫।୧

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓବି)ର ନ୍ୟାଶନାଲ ବ୍ୟାଙ୍କିଙ୍ଗ୍ ଗ୍ରୁପ୍(ଏନ୍‌ବିଜି) କାର୍ଯ୍ୟକାରୀ ହେବା ପରେ ଏନ୍‌ବିଜିର ମୁଖ୍ୟ ତଥା ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ନିକଟରେ ଏହାର ଏକ ସମୀକ୍ଷା ବୈଠକ କରିଥିଲେ। ବିଶେଷ କରି ବିଓବିର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନ ବ୍ରହ୍ମପୁର ଅଞ୍ଚଳ କାର୍ଯ୍ୟାଳୟ ଅନ୍ତର୍ଗତ ଗୋପାଳପୁରଠାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଏପରିକି ବିକ୍ରମ ବିଓବିର ଶାଖା ପ୍ରବନ୍ଧକମାନଙ୍କ ସହିତ ସମୀକ୍ଷା ବୈଠକ ସହ ଗ୍ରାହକ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିକ୍ରମ କେଶରୀ କହିଥିଲେ, ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏସ୍‌ଏମ୍‌ଇ)ଗୁଡ଼ିକର ପ୍ରଗତି ପାଇଁ ବିଶେଷ ଧ୍ୟାନ ଦେବା ନିମନ୍ତେ ସେ ବିଓବିର ଶାଖା ମୁଖ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଓବିର ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଅରବିନ୍ଦ ମିଶ୍ରଙ୍କ ସମେତ ୩୫ଟି ଶାଖାର ମୁଖ୍ୟ ଏବଂ ୨୦ଜଣରୁ ଅଧିକ ଗ୍ରାହକ ଯୋଗ ଦେଇଥିଲେ।

## ଟାଟା ପାୱାରର ହାଇ-ଟେକ୍ ଇ ଜେଡ୍ ଚାର୍ଜିଂ ସମାଧାନ

ନୂଆଦିଲ୍ଲୀ,୧୫।୧

ଚଳିତ ବର୍ଷ ଗ୍ରେଟର ନୋଏଡାଠାରେ ଆୟୋଜିତ ଅଟୋ ଏକ୍ସପୋ ୨୦୨୩ରେ ଟାଟା ପାୱାରର ହାଇ-ଟେକ୍ ଇ ଜେଡ୍ ଚାର୍ଜିଂ ସମାଧାନକୁ ପ୍ରଦର୍ଶିତ କରାଯାଇଛି। ବିଶେଷକରି ପରିଦର୍ଶନକାରୀମାନଙ୍କୁ କମ୍ପାନୀ ପକ୍ଷରୁ ସହଜରେ ବ୍ୟବହାର ହୋଇପାରୁଥିବା ଇ ଜେଡ୍ ଚାର୍ଜର ମଧ୍ୟ ପ୍ରଦାନ କରାଯାଇଛି। ଏପରିକି ଟାଟା ପାୱାର ଇ ଜେଡ୍ ଚାର୍ଜ ମୋବାଇଲ୍ ଆପ୍ ଡାଉନ୍‌ଲୋଡ୍ ବିଷୟରେ ମଧ୍ୟ ଲୋକଙ୍କୁ ଅବଗତ କରାଯାଇଛି, ଯାହାକୁ ବ୍ୟବହାର କରି ସେମାନେ ସହଜରେ ନିକଟତମ ଚାର୍ଜିଂ ଷ୍ଟେଶନ୍ ସନ୍ଧାନ ସହ ଚାର୍ଜିଂ ପଏଣ୍ଟର ବାସ୍ତବ ସ୍ଥିତି ଏବଂ ଚାର୍ଜିଂର ଅପ୍‌ଡେଟ୍ ଆଦି ପାଇପାରିବେ। ସେହିଭଳି ମୁମ୍ବାଇଠାରେ ଥିବା ଟାଟା ପାୱାରର ନେଟ୍‌ୱର୍କ ଅପରେସନ୍ସ ସେଣ୍ଟର୍ (ଏନ୍‌ଓସି)କୁ ମଧ୍ୟ ଉକ୍ତ ମେଳାରେ ପ୍ରଦର୍ଶିତ କରାଯାଇଛି। ଏ ସମ୍ପର୍କରେ ଟାଟା ପାୱାରର ବ୍ୟବସାୟ ବିକାଶ ଓ ଇଭି ଚାର୍ଜିଂ ମୁଖ୍ୟ ବୀରେନ୍ଦ୍ର ଗୋୟଲ କହିଛନ୍ତି, ଭାରତରେ ଇଲେକ୍ଟ୍ରିକ୍ ଯାନର ଗ୍ରହଣୀୟତା ଦ୍ରୁତଗତିରେ ବୃଦ୍ଧି ପାଉଛି, ତେଣୁ ଏକ ସୁଦୃଢ଼ ସର୍ବଭାରତୀୟ ଚାର୍ଜିଂ ନେଟ୍‌ୱର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଆମର ଉତ୍ପାଦ ଓ ପ୍ରଯୁକ୍ତିକୁ ଉପସ୍ଥାପନ କରି ବେଶ୍ ଉଲ୍ଲସିତ ମନେ କରୁଛୁ, ଯାହା ଟାଟା ପାୱାରକୁ ଭାରତର ଅଗ୍ରଣୀ ଇଭି ଚାର୍ଜିଂ ସମାଧାନ ପ୍ରଦାନକାରୀରେ ପରିଣତ କରିଛି। ଭବିଷ୍ୟତରେ ନିରନ୍ତର ଗମନାଗମନ ବିଷୟରେ ଗ୍ରାହକମାନେ ଯେଭଳି ବିଚାର କରିବେ ସେଥିରେ ଗ୍ରାହକଙ୍କୁ ସହାୟତା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବା ଲାଗି ଟାଟା ପାୱାର ପ୍ରତିବଦ୍ଧ ରହିଛି।

ଫୁର୍‌ସତ୍

# ପ୍ରଥମ ଗୋବର ଚାଳିତ ଟ୍ରାକ୍ଟର

ଲଣ୍ଡନ



ବିଶ୍ୱରେ ପ୍ରାକୃତିକ ସମ୍ପଦର ପରିମାଣ ହ୍ରାସ ପାଇବା ଯୋଗୁ ଇନ୍ଧନର ଅଭାବ ଏବେଠାରୁ ପୃଥିବୀବାସୀଙ୍କ ଚିନ୍ତାର କାରଣ ପାଲଟିଛି। ତେବେ ଏ ପ୍ରକାର ଅଭାବକୁ ଦୂର କରିବା ସକାଶେ ଆମ ଆଖପାଖରେ ସହଜରେ ଉପଲବ୍ଧ ବସ୍ତୁକୁ ବ୍ୟବହାର ଉପଯୋଗୀ କରିବା ସବୁଠାରୁ ବଡ଼ ଉପଲବ୍ଧି ବୋଲି କୁହାଯାଇପାରିବ। ବ୍ରିଟେନ୍ ବେନାମାନ କମ୍ପାନୀ ଏକ ଟ୍ରାକ୍ଟର ନିର୍ମାଣ କରିଛି, ଯାହା ପେଟ୍ରୋଲ, ଡିଜେଲ କିମ୍ବା ବିଦ୍ୟୁତ୍‌ରେ ନୁହେଁ ବରଂ ଗାଈ ଗୋବରରେ ପରିଚାଳିତ ହେବ। ଗୋବର ଚାଳିତ ୨୭୦ ବିଏଚ୍‌ପି ନ୍ୟୁ ହଲାଣ୍ଡ ଟି୧୭ ଟ୍ରାକ୍ଟର ଡିକାର୍ବୋନାଇଜ୍ ଏଗ୍ରିକଲ୍‌ଚର କ୍ଷେତ୍ରରେ ସହାୟକ ସାବ୍ୟସ୍ତ ହେବ ବୋଲି କମ୍ପାନୀର ସହପ୍ରତିଷ୍ଠାତା କ୍ରିସ୍ ମାନ୍ କହିଛନ୍ତି।

ଗାଈ ଗୋବରରୁ ଉତ୍ପନ୍ନ ଫଗିଟିଭ୍ ମିଥେନ୍ ଦ୍ୱାରା ଟ୍ରାକ୍ଟର କାର୍ଯ୍ୟକ୍ଷମ ହେବ। ଏହାର ବ୍ୟବହାର ଯୋଗୁ ବାୟୁମଣ୍ଡଳରେ ଥିବା ମିଥେନ୍‌ର ପରିମାଣ ହ୍ରାସ ପାଇବ ବୋଲି ଟ୍ରାକ୍ଟର ନିର୍ମାଣକାରୀ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୨୭୦ ବିଏଚ୍‌ପି ନ୍ୟୁ ହଲାଣ୍ଡ ଟି୧୭ ଟ୍ରାକ୍ଟର ବିଶ୍ୱର ପ୍ରଥମ ଗୋବର ଚଳିତ ଟ୍ରାକ୍ଟର। ଡିଜେଲ ଚାଳିତ ଟ୍ରାକ୍ଟରରେ ଚାଷ କରିବା ଦ୍ୱାରା କୃଷକ ଅଧିକ ଖର୍ଚ୍ଚାନ୍ତ ହେଉଥିବାବେଳେ ଗୋବର ଚାଳିତ ଟ୍ରାକ୍ଟରର ବ୍ୟବହାର ଦ୍ୱାରା କମ୍ ଟଙ୍କା ଖର୍ଚ୍ଚ ହେବ। ଅନ୍ୟପକ୍ଷେ ବାୟୁମଣ୍ଡଳରୁ ବାର୍ଷିକ ଅନ୍ୟୂନ ସର୍ବାଧିକ ୨,୫୦୦ରୁ ସର୍ବନିମ୍ନ ୫୦୦ ଟନ୍ ଅଙ୍ଗାରକାମ୍ଳ କମାଇବାରେ ଏହି ଟ୍ରାକ୍ଟର ସହାୟକ ହେବ।

ବାୟୋମିଥେନ୍ ପ୍ରଡକ୍ଟକୁ ନେଇ ବ୍ରିଟେନ୍ କମ୍ପାନୀ ବେନାମାନ୍ ଦୀର୍ଘ ୧୦ ବର୍ଷ ଧରି ଅଧ୍ୟୟନ କରିଆସୁଛି। ମିଥେନ୍ ଚାଳିତ ଟ୍ରାକ୍ଟର ଡିଜେଲ ଦ୍ୱାରା ଚାଲୁଥିବା ଟ୍ରାକ୍ଟର ଭଳି ସମାନ ବେଗରେ କାମ କରୁଥିବା ଅଧ୍ୟୟନରୁ ଜାଣିବାକୁ ମିଳିଥିଲା। ଆସନ୍ତା ୨୦ ବର୍ଷରେ ବାୟୁମଣ୍ଡଳରେ ମିଥେନ୍‌ର ପରିମାଣ ୮୪ ଗୁଣ ବୃଦ୍ଧି ପାଇବ ବୋଲି ଜାତିସଂଘ ଏନ୍‌ଭାଇରନମେଣ୍ଟ ପ୍ରୋଗ୍ରାମ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଥିଲା। ତେବେ ଏହି ଗୋବର ଚାଳିତ ଟ୍ରାକ୍ଟର ବ୍ୟବହାର ଦ୍ୱାରା ବାୟୁମଣ୍ଡଳରୁ ମିଥେନ୍ ପରିମାଣ ହ୍ରାସ ପାଇପାରେ ବୋଲି ଆଶା କରାଯାଉଛି।

## କାମ ପାଇଁ ନିର୍ଦ୍ଦେଶକଙ୍କୁ ନେହୁରା ହେଉଥିଲେ ମନୋଜ



ମୁମ୍ବାଇ

ହିନ୍ଦୀ ଚଳଚ୍ଚିତ୍ର ଜଗତରେ ମନୋଜ ବାଜପେୟୀ ଏକ ଜଣାଶୁଣା ନାଁ। ଯଦିଓ ସେ ଖୁବ୍ କମ୍ ସିନେମାରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ତଥାପି ତାଙ୍କ ଲୋକପ୍ରିୟତା କୌଣସି ଜନପ୍ରିୟ କଳାକାରଙ୍କଠୁ କମ୍ ନୁହେଁ। ଇଣ୍ଡଷ୍ଟ୍ରିରେ ସେଲ୍ଫମେଡ୍ ଆକ୍ଟର ଭାବେ ଜଣାଯାଉଥିବା ମନୋଜଙ୍କୁ ସଫଳ ହେବା ଲାଗି ବହୁ କଷ୍ଟ କରିବାକୁ ପଡ଼ିଥିବା ସେ ଅନେକ ଇଣ୍ଟରଭ୍ୟୁରେ କହିଛନ୍ତି। ଅଭିନୟ କ୍ୟାରିୟର୍ ଆରମ୍ଭ କରିବାବେଳେ ସେ ବହୁ ଫିଲ୍ମ ନିର୍ମାତାଙ୍କୁ ଭେଟି କାମ ପାଇଁ ନେହୁରା ହେଉଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ବର୍ତ୍ତମାନର କଣ୍ଟ୍ରୋଭର୍ସିଆଲ ଫିଲ୍ମ ମେକର୍ ରାମ ଗୋପାଳ ବର୍ମାଙ୍କୁ ଭେଟି ସେ କାମ ଦେବାକୁ ଅନୁରୋଧ କରିଥିଲେ। ଏହା ବ୍ୟତୀତ ରିଲିଜ୍ ହୋଇପାରି ନ ଥିବା ଫିଲ୍ମ ‘ବ୍ୟାଣ୍ଡେଡ୍ କୁଇନ’ରେ ମଧ୍ୟ ମନୋଜ ଅଭିନୟ କରିଥିଲେ। କିନ୍ତୁ ସେଥିରେ ତାଙ୍କର କୌଣସି ଡାଇଲଗ୍ ନ ଥିବା ସେ କହିଛନ୍ତି। ଫିଲ୍ମ ଦାଉଦ୍‌ରେ ଅଭିନୟ କରିବା ପରେ ତାଙ୍କୁ ୩୦,୦୦୦ ଟଙ୍କା ପାଉଣା ମିଳିଥିଲା। ଏହାଥିଲା ସେ ସମୟରେ ତାଙ୍କର ସବୁଠାରୁ ବଡ଼ ଆୟ। ଏଥିରେ ମନୋଜ ତାଙ୍କ ବାକିଥିବା ବର୍ଷକର ଘରଭଡ଼ା ଦେଇଥିଲେ।

## ମିସ୍ ୟୁନିଭର୍ସ ‘ଆର୍’ ବୋନି ଗାବ୍ରିଏଲ



**ୱାଶିଂଟନ୍:** ୨୦୨୨ ମିସ୍ ୟୁନିଭର୍ସ ଟାଇଟଲ ହାତେଇଛନ୍ତି ଆମେରିକାର ଆର୍’ ବୋନି ଗାବ୍ରିଏଲ। ୟୁଏସ୍ ନ୍ୟୁଓର୍ଲିନ୍ସରେ ଜାନୁୟାରୀ ୧୫ରେ ଆୟୋଜିତ ମିସ୍ ୟୁନିଭର୍ସ ଫାଇନାଲ କାର୍ଯ୍ୟକ୍ରମରେ ପୂର୍ବତନ ମିସ୍ ୟୁନିଭର୍ସ ହରନାଜ ସନ୍ଧୁ ଗାବ୍ରିଏଲଙ୍କୁ ବିଜୟ ମୁକୁଟ ପିନ୍ଧାଇଥିଲେ। ଗାବ୍ରିଏଲ (୨୮) ପ୍ରଥମ ଫିଲିପିନୋ ଆମେରିକାନ୍, ଯେ ପ୍ରତିଯୋଗିତାର ୱିନର ହୋଇଛନ୍ତି। ମିସ୍ ୟୁନିଭର୍ସ ଟାଇଟଲ ଜିତିବା ନେଇ ସେ ବେଶ୍ ଖୁସିଥିବା ପ୍ରକାଶ କରିଛନ୍ତି। ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଗାବ୍ରିଏଲ କହିଛନ୍ତି, ବିଫଳତା ହିଁ ମଣିଷକୁ ଦୃଢ଼ତାର ସହ ଛିଡ଼ା ହେବା ଲାଗି ସୁଯୋଗ ଦେଇଥାଏ। ଭେନେଜୁଏଲା ଏବଂ ଡୋମିନିକାନ ରିପବ୍ଲିକ୍ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ପ୍ରତିଯୋଗିତାରେ ଭାରତ ପକ୍ଷରୁ ସାମିଲ

### ଟପ୍ ୧୬ରେ ଦିବିତା ରାୟ

ହୋଇଥିବା ଦିବିତା ରାୟଙ୍କ ଯାତ୍ରା ଟପ୍ ୧୬ ପର୍ଯ୍ୟନ୍ତ ଥିଲା।

କମ୍ପିଟିଶନ୍‌ର ଫାଇନାଲ୍ ରାଉଣ୍ଡରେ ଜଜ୍‌ମାନେ ଗାବ୍ରିଏଲଙ୍କୁ ପଚାରିଥିଲେ, ତୁମେ ଯଦି ମିସ୍ ୟୁନିଭର୍ସ ଟାଇଟଲ ଜିତିଯାଅ, ତେବେ ଏ କ୍ଷେତ୍ରରେ ତୁମେ ଆଗକୁ କିପରି କାର୍ଯ୍ୟ କରିବ? ଏହାର ଉତ୍ତରରେ ସେ କହିଥିଲେ, ଫ୍ୟାଶନ୍ ଡିଜାଇନ୍ ସାଙ୍ଗକୁ କପଡ଼ା ସିଲେଇ କ୍ଷେତ୍ରରେ ମୋର ୧୩ ବର୍ଷର ଅଭିଜ୍ଞତା ଅଛି। ଫ୍ୟାଶନ୍‌କୁ ମୁଁ ମହତ୍ ଉଦ୍ଦେଶ୍ୟରେ ବ୍ୟବହାର କରିବି। ବାୟୁମଣ୍ଡଳରୁ ପ୍ରଦୂଷଣ ଦୂର କରିବା ଲାଗି ଡ୍ରେସ୍ କପଡ଼ା ବଦଳରେ ରିସାଇକେଲ୍ଡ ମ୍ୟାଟେରିଆଲରେ ପ୍ରସ୍ତୁତ କରିବି। ଘରୋଇ ହିଂସାର ଶିକାର ହେଉଥିବା ମହିଳା କିପରି କାର୍ଯ୍ୟକ୍ଷମ ହେବେ ସେ ଦିଗରେ କାମ କରିବେ ବୋଲି ସେ ପ୍ରତିକ୍ରିୟା ଦେଇଥିଲେ।

ଫ୍ୟାଶନ୍ ଡିଜାଇନର ଭାବେ କାର୍ଯ୍ୟ କରୁଥିବା ଗାବ୍ରିଏଲ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ନିଜେ ତିଆରି କରିଥିବା ଡିଜାଇନ୍ଡ ଡ୍ରେସ୍ ପିନ୍ଧିଥିଲେ।

## ଗିନିଜ୍ ରେକର୍ଡ କଲା ‘ସ୍ପେୟାର’

ୱାଶିଂଟନ୍




ବ୍ରିଟେନ୍ ରାଜକୁମାର ହ୍ୟାରିଙ୍କ ଅଟୋବାୟୋଗ୍ରାଫି ‘ସ୍ପେୟାର’ ଗିନିଜ ରେକର୍ଡରେ ସ୍ଥାନ ପାଇଛି। ବୁକ୍ ଲଞ୍ଚ ହେବାର ପ୍ରଥମ ଦିନରେ ହିଁ ୧.୪୩ ନିୟୁତ ବହି ବିକ୍ରି ହୋଇଛି। ଆମେରିକା, ବ୍ରିଟେନ୍, କାନାଡାରେ ସ୍ପେୟାରର ସର୍ବାଧିକ ବିକ୍ରି ହୋଇଥିବା କୁହାଯାଉଛି। ନନ୍-ଫିକ୍ସନ (କଥା ସାହିତ୍ୟ) ବୁକ୍ ଭାବେ ସ୍ପେୟାର ପ୍ରଥମ ବହି, ଯାହାର ଚାହିଦା ଖୁବ୍ ଅଧିକ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ବହି ‘ଏ ପ୍ରମିସ୍ଡ ଲାଣ୍ଡ’କୁ ସ୍ପେୟାର ପଛରେ ପକାଇ ଦେଇଛି। ୨୦୨୦ ମସିହାରେ ଲଞ୍ଚ ହେବାର ପ୍ରଥମ ଦିନରେ ‘ଏ ପ୍ରମିସ୍ଡ ଲାଣ୍ଡ’ ୮,୮୭,୦୦୦ ଖଣ୍ଡ ପୁସ୍ତକ ବିକ୍ରି ହୋଇଥିଲା। ହ୍ୟାରିଙ୍କ ବାୟୋଗ୍ରାଫି ଉନ୍ମୋଚନ ହେବା ପୂର୍ବରୁ ସ୍ପେନ୍‌ରେ ଏହାର କିଛିଟା କପି ଲିକ୍ ହୋଇଥିଲା। ଆମେରିକାରେ ସ୍ପେୟାରର ୨ ନିୟୁତ କପି ଛପା ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହାର ଚାହିଦା ବଢ଼ିବା କାରଣରୁ ଆହୁରି ପୁସ୍ତକ ଛପା ହେଉଛି। ପୁସ୍ତକର ମୂଲ୍ୟ ୨୮ ପାଉଣ୍ଡ (୨,୭୮୩ ଟଙ୍କା) ଥିବାବେଳେ ଅନେକଙ୍କୁ ଏହା ୫୦% ପର୍ଯ୍ୟନ୍ତ ରିହାତିରେ ବିକ୍ରି କରାଯାଉଛି।

## ଆଜିଠୁ ଭାଜପାର ଜାତୀୟ କାର୍ଯ୍ୟକାରିଣୀ

ଭାଜପାର ଦୁଇଦିନିଆ ଜାତୀୟ କାର୍ଯ୍ୟକାରିଣୀ ନୂଆଦିଲ୍ଲୀରେ ସୋମବାର ଆରମ୍ଭ ହେଉଛି। ଦଳର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ବୈଠକରେ ନିଷ୍ପତ୍ତି ହୋଇପାରେ। ଏଥିସହିତ ଆଗକୁ ହେବାକୁ ଥିବା ରାଜ୍ୟ ବିଧାନସଭା ନିର୍ବାଚନ ଏବଂ ସାଧାରଣ ନିର୍ବାଚନ ପାଇଁ ଦଳର ରଣନୀତି ଉପରେ ବିଚାର ବିମର୍ଶ ଅନୁଷ୍ଠିତ ହେବ। ନଡ୍ଡାଙ୍କ ୩ ବର୍ଷୀୟା କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେଉଛି। ତେବେ ୨୦୨୪ ଲୋକ ସଭା ନିର୍ବାଚନ ଶେଷ ପର୍ଯ୍ୟନ୍ତ ସେ ଦଳର ନେତୃତ୍ୱ ନେଇପାରନ୍ତି ବୋଲି କୁହାଯାଉଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ ଯୋଡ଼ୋ ଯାତ୍ରାକୁ ସିବଲଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୧୫।୧**

କଂଗ୍ରେସ ଏମ୍‌ପି ସନ୍ତୋଖ ସିଂ ଚୌଧାରୀଙ୍କ ପରଲୋକ ଯୋଗୁ ଭାରତ ଯୋଡ଼ୋ ଯାତ୍ରା ୨୪ ଘଣ୍ଟା ସ୍ଥଗିତ ରହିଥିଲା। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଯାତ୍ରା ରବିବାର ପଞ୍ଜାବର ଖାଲ୍‌ସା କଲେଜ ପଡ଼ିଆରୁ ଆରମ୍ଭ ହୋଇଥିବାବେଳେ ଏଥିରେ ହଜାର ହଜାର ଲୋକ ସାମିଲ ହୋଇଛନ୍ତି। ପୂର୍ବତନ କଂଗ୍ରେସ ନେତା ତଥା ବର୍ତ୍ତମାନର ରାଜ୍ୟ ସଭା ସଦସ୍ୟ କପିଳ ସିବଲ ଭାରତ ଯୋଡ଼ୋ ଯାତ୍ରାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସମାଜର ଭିନ୍ନ ଭିନ୍ନ ତତ୍ତ୍ୱଙ୍କୁ ରାହୁଲ ଏକାଠି କରିପାରିଛନ୍ତି। ଦେଶ ପାଇଁ ଏକତା କେତେ ଗୁରୁତ୍ୱପୂର୍ଣ୍ଣ, ରାହୁଲ ତାହା ଦେଶବାସୀଙ୍କୁ ହୃଦୟଙ୍ଗମ କରାଇଥିବା ସିବଲ କହିଛନ୍ତି। ଏଭଳି ଯାତ୍ରାକୁ ପ୍ରଶଂସା କରାଯିବା ଆବଶ୍ୟକ। ଯାତ୍ରା ପଛର ଧାରଣାକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଏହା ସମ୍ପୂର୍ଣ୍ଣ ରାଜନୈତିକ କାର୍ଯ୍ୟ ବୋଲି ସେ ଭାବୁ ନ ଥିବା ସିବଲ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଭାରତ ଯୋଡ଼ୋ ଯାତ୍ରାର ଉଦ୍ଦେଶ୍ୟ ହେଲା ଦୁଇଟି ନୀତି ଆଦର୍ଶ ମଧ୍ୟରୁ ଗୋଟିଏକୁ ବାଛିବା ଲାଗି ଲୋକଙ୍କୁ ପ୍ରବର୍ତ୍ତାଇବା। ସୂଚନାଯୋଗ୍ୟ, କଂଗ୍ରେସରେ ସାଂଗଠନିକ ସଂସ୍କାର ଲାଗି ସ୍ୱର ଉଠାଇ ୨୦୨୦ରେ ତତ୍କାଳୀନ ଦଳ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିଥିବା ୨୩ ଅସନ୍ତୁଷ୍ଟ ନେତାଙ୍କ ମଧ୍ୟରୁ ସିବଲ ଅନ୍ୟତମ। ଗତବର୍ଷ ସେ ଦଳ ଛାଡ଼ି ସମାଜବାଦୀ ପାର୍ଟି ସମର୍ଥନରେ ପୁନର୍ବାର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଭାରତ ଯୋଡ଼ୋ ଯାତ୍ରା ଆସନ୍ତା ୧୯ ତାରିଖରେ ଜମ୍ମୁ-କଶ୍ମୀରରେ ପ୍ରବେଶ କରିବ। ୩୦ ତାରିଖରେ ବିଶାଳ ରାଲି ସହ ଯାତ୍ରା ସମାପନ ହେବ ବୋଲି ଜମ୍ମୁ-କଶ୍ମୀର ଦାୟିତ୍ୱରେ ଥିବା କଂଗ୍ରେସ ନେତା ରଜନୀ ପାଟିଲ ରବିବାର କହିଛନ୍ତି। ତାଙ୍କ କହିବା ଅନୁଯାୟୀ ୧୯ ତାରିଖରେ ରାହୁଲ ପଞ୍ଜାବ-ଜମ୍ମୁ ସୀମାର ଲଖନପୁରଠାରେ ପହଞ୍ଚିବେ। ସେଠାରୁ ସେ କଠୁଆ, ସାମ୍ବା ଦେଇ ଜମ୍ମୁର ସତୱାରି ଚୌକରେ ପହଞ୍ଚି ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଏଥିପାଇଁ ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଥିବା ପାଟିଲ କହିଛନ୍ତି। ରାଲିରେ ଯୋଗଦେବା ଲାଗି ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ ଅବଦୁଲା, ଓମାର ଅବଦୁଲ୍ଲା, ପିଡିପି ନେତ୍ରୀ ମେହବୁବା ମୁଫତିଙ୍କ ସମେତ ଅନ୍ୟ ନେତାମାନଙ୍କୁ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ନିମନ୍ତ୍ରଣ କରିଛନ୍ତି।



**ଦେଶ ପାଇଁ ଏକତା କେତେ ଗୁରୁତ୍ୱପୂର୍ଣ୍ଣ, ରାହୁଲଙ୍କ ଯାତ୍ରା ହୃଦୟଙ୍ଗମ କରାଇଛି**



ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ କ୍ଲବରେ ରବିବାର ପ୍ରବାସୀଙ୍କ ରିମୋର୍ଟ ଭୋଟିଂ ଉପରେ ବିରୋଧୀ ଦଳଗୁଡିକର ବୈଠକପରେ ସିପିଆଇ ନେତା ଡି ରାଜା, କଂଗ୍ରେସ ଏମ୍‌ପି ଦିଗ୍‌ବିଜୟ ସିଂ ଏବଂ ଆର୍‌ଜେଡି ଏମ୍‌ପି ମନୋଜ କୁମାର ଝା ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଉଛନ୍ତି।

# ରିମୋଟ ଭୋଟିଂ ପ୍ରସ୍ତାବକୁ ବିରୋଧ

**ନୂଆଦିଲ୍ଲୀ,୧୫।୧(ପି.ଟି.) :** ନିର୍ବାଚନ କମିଶନ (ଇସି)ଙ୍କ ରିମୋଟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଆର୍‌ଭିଏମ୍) ପ୍ରସ୍ତାବକୁ ଅଧିକାଂଶ ବିରୋଧୀ ଦଳ ବିରୋଧ କରିବାକୁ ନିଷ୍ପତ୍ତି ନେଇଥିବା ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ରବିବାର କହିଛନ୍ତି। ପ୍ରବାସୀ ଶ୍ରମିକ ସଂଜ୍ଞା ସ୍ପଷ୍ଟ ହୋଇ ନ ଥିବାବେଳେ ରିମୋଟ ଭୋଟିଂ ପ୍ରସ୍ତାବକୁ ନେଇ ଅନେକ ରାଜନୈତିକ ଅସଙ୍ଗତି ରହିଥିବା ଦିଗ୍‌ବିଜୟ କହିଛନ୍ତି।


**CLASSIFIED DISPLAY** ALL EDITION - B/W (Everyday)

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact: 0674-2580385, 8637280816, 7894447167, 9338226625

**ନବବର୍ଷ ଧମାକା**
ଭାରତର ନଂ.1 କମ୍ପାନୀ Govt. Regd କୁବେର ଫାଇନାନ୍ସ
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ ସବୁ ଋଣ
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ଛାଡ଼)
ଏଜେଣ୍ଟ ଆମନ୍ତ୍ରିତ -
**9485529274**

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆବାସ ଲୋଗୋ: ବିଜେଡି-ଭାଜପା ପୁଣି ମୁହାଁମୁହିଁ

**ଭୁବନେଶ୍ୱର,୧୫।୧(ବ୍ୟୁରୋ):**

- ଲୋଗୋ ନ ଲାଗିଲେ ଏଥର ଭୟଙ୍କର ହେବ: ପୃଥ୍ୱୀରାଜ
- ବିଜୁ ପକ୍କାଘର ଲୋଗୋ ଲାଗିଲେ ଚିହ୍ନିଙ୍କିବାରେ କ'ଣ ଅଛି: ଦେବୀ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶ୍ରେୟ ନେବାକୁ ବିଜେଡି-ଭାଜପା ମଧ୍ୟରେ ପୁଣି ଟଣାଓଟରା ଆରମ୍ଭ ହୋଇଯାଇଛି। ଏଣିକି ଆବାସ ଯୋଜନାରେ କେନ୍ଦ୍ରର ପିଏମ୍‌ଏୱାଇ ଲୋଗୋକୁ ସ୍ପଷ୍ଟ ଭାବେ ପ୍ରଦର୍ଶିତ କରାଯିବ। ରାଜ୍ୟ ସରକାରଙ୍କ ତରଫରୁ ଏନେଇ କେନ୍ଦ୍ର ସରକାରଙ୍କୁ ଜଣାଯାଇଛି। ତେବେ ପୂର୍ବପରି ବିଜୁ ପକ୍କାଘର ଲୋଗୋ ରହିବ ନା ନାହିଁ ସେନେଇ ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଉଁ ଲୋଗୋ ରହିଛି, ତାହା ଲାଗିବ। ଏଥିସହିତ ଏହି ଘର ପ୍ରଧାନମନ୍ତ୍ରୀ ଆବାସର ବୋଲି ଚିହ୍ନିତ ହେବ। ଏଥିରେ କୌଣସି ଜାଗାରେ ବଦମାସି କରିବାକୁ ଚେଷ୍ଟା କରାଗଲେ ପରିଣାମ ଭୟଙ୍କର ହେବ। ସେଥିପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ପୃଥ୍ୱୀରାଜ କହିଛନ୍ତି। ଅନ୍ୟପକ୍ଷରେ ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଏହି ଯୋଜନାରେ କେନ୍ଦ୍ର-ରାଜ୍ୟର ଅଂଶ ୬୦:୪୦ ରହିଛି। ପ୍ରଶାସନିକ ଖର୍ଚ୍ଚ ଏବଂ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନକୁ ବିଚାର କଲେ ଏହା ୫୦:୫୦ ହେବ। ତେଣୁ ବିଜୁ ପକ୍କାଘର ଲୋଗୋ ଲାଗିଲେ, ଚିହ୍ନିଙ୍କିବାର କାରଣ କ'ଣ ବୋଲି ସେ ପଚାରିଛନ୍ତି।


# Classified Everyday 0674-2580101, 2549949



REAL ESTATE

**SALE**

**Low cost plot for Barakuda investment ପାଇଁ 300/- and Gharabari plot for Panchangao 699/-. Contact: 7358272168.** D-2460

Plot Sale at Nearby Sum Hospital, Mendhasala Bhubaneswar. 30ft Road, Plantation, Electricity, NH-16 Side, Price Rs-1050/-, Rs-1250/-. 7749892855, 8144855184, 9556392667. D-2449

**ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.-650/-. 8249081980.** D-74187

**ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧ୍ୟରେ ବେଣୁପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322.** D-74184

**ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829.** D-74173

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

**କଟକ-ଭୁବନେଶ୍ୱର ରୋଡ୍‌ରୁ 2.5.K.M., ନଖରା ଓ ପାହାଳରୁ 2.5.K.M. ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। 9348152874, 9337317665.** D-74179





Fullbody massage relax body mind by traind lady therapist. 7008773793. D-73671

Full body massage in homely Atmospher all therapy. Mob: 8114881641. D-73419

Newly open SPA positively health benefits with expert therapist. 7849011931. D-73674

Revitalize your-self with our ayurvedic massage and refreshment. Contact: 8984068198. D-74509

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74627

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ମନୋରଞ୍ଜନ ନନ୍ଦ**
ଅବସରପ୍ରାପ୍ତ ଜିଲ୍ଲା ଓ ଦୌରା ଜଜ୍
କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୩।୧୯୩୪
ତିରୋଧାନ: ୦୭।୦୧।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ବୋହୂ, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୩୭୩୮

**LOST**

ମୁଁ ଦେବାର୍ଜନ ମେହେର, ବୟସ-୬୫ବର୍ଷ, ପିତା-ସ୍ୱର୍ଗତ ସନ୍ତୁ ମେହେର, ନିବାସୀ/ପୋ:ଅ- ଗଣ୍ଡାବାହାଲି, ଥାନା- ସିନାପାଲି, ଜିଲ୍ଲା- ନୂଆପଡ଼ା। ଗତ ତାରିଖ ୦୨।୦୧।୨୦୨୩ ଦିନ ସତ୍ୟନିଷ୍ଠ ଭାବରେ ନୋଟାରୀ ପବ୍ଲିକ୍, ସିନାପାଲିଙ୍କ ନିକଟରେ ଘୋଷଣା କରିଅଛି ଯେ, ମୋ ନାମରେ ରେକର୍ଡଭୁକ୍ତ ଥିବା ମୌଜା- ଗଣ୍ଡାବାହାଲିସ୍ଥିତ ଜମି ଯାହାର ଖାତା ନମ୍ବର- ୨୮୬/୧୧୯, ପ୍ଲଟ୍ ନମ୍ବର- ୫୯୩/୨୦୫୯, ରକବା ଏକର ୦.୦୬ ଡିସିମିଲର ଖତିଆନ (ପଟ୍ଟା) ମୁଁ ଗାଁରୁ ସିନାପାଲି ତହସିଲ ଅଫିସକୁ ଆସୁଥିବା ସମୟରେ କୁଆଡ଼େ ହଜିଯାଇଛି। ଧ- ୨୫୯୧

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

IN THE COURT OF THE FAMILY JUDGE, DHENKANAL
C.P. NO. 63 OF 2022
Prabhu Prasad Sarangi .....Petitioner
Versus-
Suman Tiga ........Respondent
Notice Under Order 5 rule 20 (1) A of CPC

To,
Suman Tiga, aged above 36 years, W/o Prabhu Prasad Sarangi, daughter of Belas Tiga, residence of at Pradhan pali, P.O.-Chhend, Rourkela, Dist- Sundergarh.

Whereas, the above named plaintiff has instituted an application U/s-27 of special Marriage Act, 1872.

Whereas inspite of repeated notice you have keeping yourself out of the way for the purpose of avoiding service of summons.

Hence this notice is given to you that the above noted case is fixed to 08th day of February 2023 at 10.30AM and you are directed to appear in person or through her counsel and take necessary steps.

Take the notice that in defult of your appearance on the day before mentioned the proceeding will be heard and determined in your absence.

Given under my hand and seal of the Court this day 13th of January, 2023

Sd./-Judge Family Court Dhenkanal
D-74035

NOTICE
In the Court of the 1st Addl. Civil Judge, Senior Division, Balasore.
C.S. No.890/2010-I

1. Sri Damodar Dash (dead)
1. (Ka) Smt. Purnima Dash, aged about 73 years (dead) Wife of late Damodar Dash, At/Po- Balia, Dist.- Balasore 1. (Kha) Smt. Jasoda Pati aged about 49 years, Wife of late Adikanda Pati, Daughter of late Damodar Dash, At - Khandadeula, P.S.- Baisinga, Dist.- Mayurbhanj 1. (Ga) Smt. Shakuntala Panigrahi aged about 50 years, Wife of late Laxmidhara Panigrahi, Daughter of Late Damodar Dash, At-Mahantipada, P.S.- Remuna, Dist.- Balasore 1. (Gha) Smt. Sabita Panigrahi aged about 43 years Wife of Pratap Ch. Panigrahi, Daughter of late Damodar Dash, At- Sahada, P.S.- Sadar, Dist.- Balasore 1. (Una) Smt. Mamata Satpathy aged about 54 years Wife of Jitendra Satpathy Daughter of late Damodar Dash, At - Nachhipur, P.S.- Khaira, Dist.- Balasore, 2. Sri Banshidhara Dash aged about 61 years, 3. Sri Muralidhara Dash, aged about 50 years, 4. Sri Bidyadhara Dash, aged about 48 years, 5. Sri Prafulla Kumar Dash aged about 45 years, 6. Sri Padmalochan Dash, aged about 38 years Sl.Nos.2 to 6 are all sons of late Ananta Prashad Dash Daughter of late Damodar Dash, At/Po - Balia, P.S.- Sahadevkhunta, Dist.- Balasore
....Plaintiffs
Vrs.
1. Collector, Balasore Representing the state of Odisha, At/PO/P.S./Dist.-Balasore, 2. Sri Chaitanya Charan Das, aged 59 years, Son of late Manoranjan Das Of Vill/Po.- Balia, P.S.- Sahadevkhunta, Dist.- Balasore 3. Sri Sudarsan Behera, aged 75 years Son of late Banshidhara Behera of Vill/PO.- Balia, P.S.- Sahadevkhunta, Dist.-Balasore

**It is hereby inform to the public:-**

That, the plaintiff of the aforesaid suit have filed said suit for the declaration of their right title interest and for permanent injection for the schedule land against the defendants and defendants no.2&3 are representing the villagers of Mouza- Balia, P.S.-Sahadevkhunta and plaintiff have filed this suit that the schedule land have wrongly recorded in the name Govt. and plaintiffs are claiming right title interest over the schedule land and filed the aforesaid suit and the said suit has been posted on dt. 13-02-2023 for hearing of the case and if any person interested he may appeared personally or through his Advocate and can participated in this hearing of the suit on the date fixed by this Court and come file their objection failing which on the date fixed the case will be taken up for hearing.

**Schedule suit land**

Balasore District Collectorate and Sub-Registry, Mouza- Balia, P.S.- Sahadevkhunta (Previously Sadar P.S.) No.121 M.S. Khata No.-409, Home stead Plot No.-1011 Ac.0.75decs. Which corresponds to C.S. Khata No. 189 Plot No.- 786, Ac.0.75 decs towards North-West Corner out A 3.11 decs.

Signature
12.1·23
1st Addl. Civil Judge, Senior Division, Balasore.
D-2590

# ମେଣ୍ଟକୁ ମାୟାବତୀଙ୍କ ନା

**ଲୋକ ସଭା ନିର୍ବାଚନ ଏକାକୀ ଲଢ଼ିବ ବିଏସ୍‌ପି**



**ଲକ୍ଷ୍ନୌ,୧୫।୧**

୨୦୨୪ ଲୋକ ସଭା ନିର୍ବାଚନ ଏବଂ ଅନ୍ୟ ବିଧାନସଭା ନିର୍ବାଚନଗୁଡ଼ିକୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏକାକୀ ଲଢ଼ିବ ବୋଲି ଏହାର ମୁଖ୍ୟ ମାୟାବତୀ ରବିବାର ସ୍ପଷ୍ଟ କରିଛନ୍ତି। ତାଙ୍କର ୬୭ତମ ଜନ୍ମଦିନରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମାୟାବତୀ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିଥିଲେ। ସାଧାରଣ ନିର୍ବାଚନ ଏବଂ ଅନ୍ୟାନ୍ୟ ରାଜ୍ୟ ନିର୍ବାଚନରେ ବିଏସ୍‌ପିକୁ ନେଇ ସମ୍ଭାବ୍ୟ ମେଣ୍ଟ ଗଠନ କରିବା ଲାଗି ବିରୋଧୀ ଦଳଗୁଡ଼ିକ ଗୁଜବ ପ୍ରଚାର କରୁଛନ୍ତି। ମେଣ୍ଟ ଗଢ଼ିବାର ତିକ୍ତ ଅନୁଭୂତି ତାଙ୍କର ରହିଛି। କାରଣ ଅନ୍ୟ ଦଳଗୁଡ଼ିକର ଭୋଟ ବ୍ୟାଙ୍କ ବିଏସ୍‌ପି ସପକ୍ଷରେ ଯାଇ ନ ଥାଏ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟିସହ ବିଏସ୍‌ପି ମେଣ୍ଟ କରି ୧୦ଟି ଆସନ ଜିତିବାରେ ସଫଳ ହୋଇଥିଲା। ବିଏସ୍‌ପି ଲଢୁଥିବା ଆସନରେ ଏହାର ପ୍ରାର୍ଥୀମାନଙ୍କୁ ସମାଜବାଦୀ ପାର୍ଟି ଭୋଟ ମିଳି ନ ଥିଲା। ସେଥିପାଇଁ ନିର୍ବାଚନ ପରେ ମେଣ୍ଟରୁ ମାୟାବତୀ ଓହରିଯାଇଥିଲେ ବୋଲି କହିଛନ୍ତି। ଏହି ନିର୍ବାଚନରେ ସମାଜବାଦୀ ପାର୍ଟିକୁ ମାତ୍ର ୫ଟି ଆସନ ମିଳିଥିଲା। ଆଗକୁ ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ତେଲଙ୍ଗାନା ସମେତ ୯ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାବେଳେ ମାୟାବତୀ କୌଣସି ଦଳ ସହ ମେଣ୍ଟ ନ କରି ଏକାକୀ ଲଢ଼ିବା ଲାଗି ସ୍ପଷ୍ଟ କରିଦେଇଛନ୍ତି। ନିର୍ବାଚନରେ ଇଭିଏମ୍ ବ୍ୟବହାରକୁ ନେଇ ବିଏସ୍‌ପି ନେତ୍ରୀ ପ୍ରଶ୍ନ ଉଠାଇଛନ୍ତି। ଇଭିଏମ୍ ଯୋଗୁ ତାଙ୍କ ଦଳର ଭୋଟ ହାର କମିଥିବା ମାୟାବତୀ ଅଭିଯୋଗ କରିଛନ୍ତି। ବିଭିନ୍ନ ଦେଶ ଇଭିଏମ୍ ବଦଳରେ ବାଲଟ ପେପର ବ୍ୟବହାର କଲେଣି ବୋଲି ବିଏସ୍‌ପି ସୁପ୍ରିମୋ କହିଛନ୍ତି।

# ରାଜଶ୍ରୀଙ୍କ ମୃତ୍ୟୁ ଲାଗି କିଏ ଦାୟୀ ତାକୁ ଧରନ୍ତୁ: ଭାଜପା

**ଭୁବନେଶ୍ୱର,୧୫।୧(ବ୍ୟୁରୋ):**

ରାଜ୍ୟରେ ଖେଳକୁ ପ୍ରୋତ୍ସାହନ ଦେଉଥିବା ମୁଖ୍ୟମନ୍ତ୍ରୀ ମହିଳା ଖେଳାଳିଙ୍କୁ ସୁରକ୍ଷା ଦେବାରେ ବିଫଳ ସାବ୍ୟସ୍ତ ହୋଇଛନ୍ତି। ଓଡ଼ିଶାରେ ବିଶ୍ୱସ୍ତରୀୟ ଖେଳାଳିଙ୍କ ଲାଗି ନବୀନ ବାବୁ କୌଣସି ବ୍ୟବସ୍ଥା କରୁନାହାନ୍ତି କି ଓଡ଼ିଶାର କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମଧ୍ୟ କିଛି ପଦକ୍ଷେପ ନ ନେବା ଲଜ୍ଜା ଓ ପରିତାପର ବିଷୟ ବୋଲି ଭାଜପା ମହିଳାମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ଶାସକ ଦଳ ଏବେ ଖେଳକୁ ଢାଲ କରି ଲୋକଙ୍କୁ ଭୁଆଁ ବୁଲାଇ କୋଟି କୋଟି ଟଙ୍କା ଖାଉଛି, ଯାହାର ଚିତ୍ର ଆପଣଙ୍କ ସାମ୍ନାରେ ଜଳ ଜଳ ହୋଇ ଦେଖାଯାଉଛି। ଓଡ଼ିଶାର ଗର୍ବ ଗୌରବକୁ ବୃଦ୍ଧି କରାଇଥିବା ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ଅକାଳ ମୃତ୍ୟୁ ଆମ ସମସ୍ତଙ୍କୁ ଅତ୍ୟନ୍ତ ମର୍ମାହତ କରିଛି। ଗତ ୧୦ ତାରିଖରେ ରାଜଶ୍ରୀ ନିଖୋଜ ହୋଇଥିଲେ। ୧୩ ତାରିଖ ଦିନ କଟକ ଜିଲା ଗୁରୁଡ଼ିଝାଟିଆ ଜଙ୍ଗଲରୁ ରାଜଶ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ନିଖୋଜ ହେବା ପରେ ତତ୍ପରତାର ସହ ତଦନ୍ତ ହୋଇଥିଲେ ରାଜଶ୍ରୀଙ୍କ ମୃତ୍ୟୁ ହୋଇ ନ ଥାନ୍ତା। ଶନିବାର ମହିଳାମୋର୍ଚ୍ଚାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାଜଶ୍ରୀଙ୍କ ଗାଁକୁ ଯାଇ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ମୃତ ରାଜଶ୍ରୀଙ୍କ ବାପା, ମା' ଓ ପରିବାର ସଦସ୍ୟମାନେ ଭୟର ବାତାବରଣରେ ଅଛନ୍ତି। ଯଥାଶୀଘ୍ର ରାଜ୍ୟ ସରକାର ରାଜଶ୍ରୀଙ୍କ ମୃତ୍ୟୁ ଲାଗି କିଏ ଦାୟୀ ତାକୁ ଧରନ୍ତୁ ବୋଲି ସେ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ଜାନୁୟାରୀ, ୨୦୨୩



# ଜେଡ୍‌ଟିଏଫ୍ ଧୂମକେତୁ



ହିମାଂଶୁ ଶେଖର ଫତେସିଂହ

"ଜେଡ୍‌ଟିଏଫ୍ ଏକ ଦୀର୍ଘ ଆବର୍ତ୍ତି ବିଶିଷ୍ଟ ଧୂମକେତୁ। ସୂର୍ଯ୍ୟଠାରୁ ଏହାର ସର୍ବାଧିକ ଦୂରତା ବା ଅପସୂର୍ଯ୍ୟ ଦୂରତା ୨୮୦୦ ଜ୍ୟୋତିଃଏକକ ରହିଛି। ଏହାର ଆବର୍ତ୍ତି କାଳ ପ୍ରାୟ ୫୦ ହଜାର ବର୍ଷ ରହିଛି। ଅର୍ଥାତ୍ ଏହା ଦୀର୍ଘ ୫୦ ହଜାର ବର୍ଷ ତଳେ ପୃଥିବୀର ନିକଟତର ହୋଇଥିଲା। ତେଣୁ ଏହି ଧୂମକେତୁଟି ଅତୀତରେ ବରଫ ଯୁଗକାଳରେ ପୃଥିବୀକୁ ଦୃଶ୍ୟମାନ ହୋଇଥିବ। ସେତେବେଳେ ଏହାକୁ ନିୟଣ୍ଡର୍ଥାଲ ମାନବମାନେ ଦେଖିଥିବେ। ତେବେ ଏହାର କୌଣସି ପ୍ରମାଣ ମିଳିନାହିଁ।"





ଆମ ଆକାଶରେ ନୂଆ ଆଗନ୍ତୁକ- ଜେଡ୍‌ଟିଏଫ୍ ଧୂମକେତୁ ଚଳିତ ବର୍ଷ ଜାନୁୟାରୀ ଓ ଫେବୃୟାରୀ ମାସରେ ଏକ ନୂତନ ଜ୍ୟୋତିଷ୍କ ଦୃଶ୍ୟମାନ ହେବାକୁ ଯାଉଛି। ଆକାଶରେ ଏହି ନୂତନ ଆଗନ୍ତୁକ ହେଉଛି ଏକ ଧୂମକେତୁ। ଏହି ଧୂମକେତୁଟି ଖାଲିଆଖିକୁ ଦେଖାଦେବ ବୋଲି ଜଣାପଡ଼ିବା ପରେ ଜ୍ୟୋତିର୍ବିଜ୍ଞାନୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଛି। କିଛି ବର୍ଷ ପୂର୍ବେ ଆକାଶରେ ହ୍ୟାକୁତାକେ, ହାଲେବପ୍ ପରି ଉଜ୍ଜ୍ୱଳ ଧୂମକେତୁ ଦେଖାଯାଇଥିଲା। ଗତ ୨୦୨୦ ମସିହାରେ ମଧ୍ୟ ନିଓୱାଇଜ ନାମକ ଏକ ଧୂମକେତୁ ଦେଖାଦେଇଥିଲା। ଚଳିତ ବର୍ଷ ଦେଖାଯିବାକୁ ଥିବା ନୂତନ ଧୂମକେତୁଟିର ନାମ ରହିଛି 'ଜେଡ୍‌ଟିଏଫ୍'। ଏହାର ଜ୍ୟୋତିର୍ବିଜ୍ଞାନୀୟ ନାମ ରହିଛି 'ଉ/୨୦୨୨ ଇ୩'।

ଗତ ୨୦୨୨ ମାର୍ଚ୍ଚ ୨ ତାରିଖ ଦିନ ଦୁଇ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ବ୍ରିସ ବୋଲିନ୍ ଓ ଫ୍ରାଙ୍କ ମାସି ଏହି ଧୂମକେତୁଟିକୁ ଆବିଷ୍କାର କରିଥିଲେ। ସଦର୍ନ କାଲିଫର୍ନିଆ ଅନ୍ତର୍ଗତ ମାଉଣ୍ଟ ପଲୋମାର ମାନମନ୍ଦିରରେ ଅବସ୍ଥିତ ଜ୍ୱିକୀ ଟ୍ରାଞ୍ଜିଏଣ୍ଟ ଫାସିଲିଟିଠାରେ ଏହାକୁ ଆବିଷ୍କାର କରାଯାଇଥିଲା। ଜ୍ୟୋତିର୍ବିଜ୍ଞାନୀମାନେ ୪୮ ଇଞ୍ଚର ସାମୁଏଲ ଅଶ୍ଚିନ ନାମକ ରୋବୋଟିକ୍ ଟେଲିସ୍କୋପ୍‌କୁ ବ୍ୟବହାର କରି ଏହାର ଆବିଷ୍କାର କରିଥିଲେ। ଆବିଷ୍କାର ସମୟରେ ପୃଥିବୀଠାରୁ ଏହାର ଦୂରତା ରହିଥିଲା ୪.୩ ଜ୍ୟୋତିଃଏକକ ବା ୬୪ କୋଟି କିଲୋମିଟର ଦୂରତା। ସେତେବେଳେ ଏହା ଅତ୍ୟନ୍ତ କ୍ଷୀଣ ଦେଖାଯାଉଥିଲା। ଏହାର ମାଗ୍ନିଚ୍ୟୁଡ୍ ବା ଦୀପ୍ତି ରହିଥିଲା ୧୭.୩। ଏହା ବୃହସ୍ପତିର କକ୍ଷପଥ ନିକଟରେ ରହିଥିଲା। ପ୍ରଥମେ ଏହା ଏକ ଗ୍ରହାଣୁପିଣ୍ଡ ପରି ପ୍ରତୀୟମାନ ହେଉଥିଲା। ପରେ ଏହାର ନାଭିମଣ୍ଡଳ ଓ କୋମା ଘନୀଭୂତ ଅବସ୍ଥାରେ ରହିଥିଲା। ପରେ ସୂର୍ଯ୍ୟର ନିକଟତର ହେବା ସହିତ ଏହାର ଆକାର ଓ ଉଜ୍ଜ୍ୱଳତା ବୃଦ୍ଧି ପାଇଚାଲିଲା। ଏହା ଏକ ଧୂମକେତୁ ବୋଲି ଜଣାପଡ଼ିଲା। ୨୦୨୨ ମସିହାର ପଞ୍ଚମାର୍ଦ୍ଧରେ ତୃତୀୟ ପିଣ୍ଡ ଭାବେ ଆବିଷ୍କୃତ ହୋଇଥିବାରୁ ଏହାର ନାମ ରହିଛି 'ଉ/୨୦୨୨ ଇ୩'। ସେହିପରି ଜ୍ୱିକୀ ଟ୍ରାଞ୍ଜିଏଣ୍ଟ ଫାସିଲିଟ ବା ଜେଡ୍‌ଟିଏଫ୍‌ଠାରେ ଏହା ଆବିଷ୍କୃତ ହୋଇଥିବାରୁ ଏହାର ନାମ ଜେଡ୍‌ଟିଏଫ୍ ମଧ୍ୟ ରହିଛି।

ଏହି ଧୂମକେତୁଟି ଏକ ଦୀର୍ଘ ଆବର୍ତ୍ତି ବିଶିଷ୍ଟ ଧୂମକେତୁ। ସୂର୍ଯ୍ୟଠାରୁ ଏହାର ସର୍ବାଧିକ ଦୂରତା ବା ଅପସୂର୍ଯ୍ୟ ଦୂରତା ୨୮୦୦ ଜ୍ୟୋତିଃଏକକ ରହିଛି। ଏହାର ଆବର୍ତ୍ତିକାଳ ପ୍ରାୟ ୫୦ ହଜାର ବର୍ଷ ରହିଛି। ଅର୍ଥାତ୍ ଏହା ଦୀର୍ଘ ୫୦ ହଜାର ବର୍ଷ ତଳେ ପୃଥିବୀର ନିକଟତର ହୋଇଥିଲା। ତେଣୁ ଏହି ଧୂମକେତୁଟି ଅତୀତରେ ବରଫ ଯୁଗ କାଳରେ ପୃଥିବୀକୁ ଦୃଶ୍ୟମାନ ହୋଇଥିବ। ସେତେବେଳେ ଏହାକୁ ନିୟଣ୍ଡର୍ଥାଲ ମାନବମାନେ ଦେଖିଥିବେ। ତେବେ ଏହାର କୌଣସି ପ୍ରମାଣ ମିଳିନାହିଁ। ଏହାର ଦୀର୍ଘ ବୃତ୍ତାକାର କକ୍ଷପଥଟି ପୃଥିବୀର କକ୍ଷତଳ ସହିତ ୧୦୯.୧୭ ଡିଗ୍ରୀ କୋଣ କରି ରହିଛି। ତେଣୁ ଏହା କକ୍ଷପଥରେ ଉତ୍ତରରୁ ଦକ୍ଷିଣ ଦିଗକୁ ଗତି କରୁଛି। ଏହାର ଅପସୂର୍ଯ୍ୟ ଦୂରତା ୨୮୦୦ ଜ୍ୟୋତିଃଏକକ ରହିଛି। ପ୍ରତ୍ୟେକ ଦୀର୍ଘାର୍ତ୍ତୀ ଧୂମକେତୁ ପରି ସୂର୍ଯ୍ୟଠାରୁ ପ୍ରାୟ ୫୦,୦୦୦ ଜ୍ୟୋତିଃଏକକ ଦୂରତାରେ ଥିବା ଉର୍ଟ ବାଦଲରୁ ଏହି ଧୂମକେତୁର ସୃଷ୍ଟି ହୋଇଥିବାର ଜଣାଯାଏ। ସୌରଜଗତର ଗ୍ରହ ଓ ଉପଗ୍ରହଗୁଡ଼ିକର ନିର୍ମାଣ ସମ୍ପନ୍ନ ହେବାପରେ ବଳକା ରହିଯାଇଥିବା ଅବଶିଷ୍ଟାଂଶ ଘନୀଭୂତ ହେବାଫଳରେ ଏହି ଉର୍ଟ ବାଦଲ ଗଠିତ ହୋଇଅଛି। ଏଥିରେ ମୁଖ୍ୟତଃ ବରଫ, ଜଳ, ମିଥେନ, ଏମୋନିଆ ଆଦି ଗ୍ୟାସ୍ ଘନୀଭୂତ ଅବସ୍ଥାରେ ରହିଛି।

ଗତ ନଭେମ୍ବର ୧୦ ତାରିଖ ବେଳକୁ ଏହି ଧୂମକେତୁ କରୋନା ବୋରେଲିସ୍ ବା କିରୀଟ ମଣ୍ଡଳ ନିକଟରେ ରହିଥିଲା। ସେତେବେଳେ ଏହାର ଦୀପ୍ତି ବୃଦ୍ଧି ପାଇ ୧୦ରେ ପହଞ୍ଚିଥିଲା। ଡିସେମ୍ବର ୧୯ ତାରିଖରେ ଏହାର ସବୁଜ ରଙ୍ଗର କୋମା ସହିତ ହଳଦିଆ ରଙ୍ଗର ଧୂଳି ଲାଞ୍ଜ ଓ କ୍ଷୀଣ ଆୟନ ଲାଞ୍ଜ ପରିଦୃଷ୍ଟ ହୋଇଥିଲା। ସେତେବେଳେ ଏହାକୁ ବାଇନାକୁଲାର ଯୋଗେ ନିରୀକ୍ଷଣ କରାଯାଇପାରିଥିଲା। ସୂର୍ଯ୍ୟର ନିକଟତର ହେବା ସହିତ ଏହାର ଲାଞ୍ଜ କ୍ରମେ ବୃଦ୍ଧି ପାଇବ। ଚଳିତ ବର୍ଷ ଜାନୁୟାରୀ ୧୨ ତାରିଖ ଦିନ ଏହି ଧୂମକେତୁଟି ସୂର୍ଯ୍ୟର ନିକଟତମ ବିନ୍ଦୁରେ ଅବସ୍ଥାନ କରଛି। ସେହି ସମୟରେ ଏହାର ପରିସୂର୍ଯ୍ୟ ଦୂରତା ୧.୧୧ ଜ୍ୟୋତିଃଏକକ ରହିବ। ଅର୍ଥାତ୍ ଏହା ସୂର୍ଯ୍ୟଠାରୁ ମାତ୍ର ୧୬.୬ କୋଟି କିଲୋମିଟର ଦୂରରେ ରହିଥିବ। ସେହି ସମୟରେ ଏହାର ମାଗ୍ନିଚ୍ୟୁଡ୍ ବା ଦୀପ୍ତି ୬.୮ ରହିବ। ଏବେ ଯେଉଁ ହାରରେ ଏହାର ଉଜ୍ଜ୍ୱଳତା ବୃଦ୍ଧି ପାଉଛି, ତାହା ହେଲେ ଜାନୁୟାରୀ ମଧ୍ୟଭାଗରୁ ଏହାକୁ ଖାଲି ଆଖିରେ ସହଜରେ ଦେଖାଯାଇପାରିବ।

୨୦୨୩ ଫେବୃୟାରୀ ୨ ତାରିଖ ବେଳକୁ ଏହା ପୃଥିବୀର ସର୍ବାଧିକ ନିକଟକୁ ଆସିବ। ପୃଥିବୀଠାରୁ ଏହା ମାତ୍ର ୦.୨୮ ଜ୍ୟୋତିଃଏକକ ବା ୪୨ ନିୟୁତ କିଲୋମିଟର ଦୂରରେ ଅବସ୍ଥାନ କରିବ। ସୂର୍ଯ୍ୟର ନିକଟରେ ଅବସ୍ଥାନ କରୁଥିବାରୁ ଏହା ପ୍ରତି ସେକେଣ୍ଡରେ ୫୭.୪ କି.ମି. ବେଗରେ ପରିକ୍ରମା କରୁଥିବ। ଏହାର ଉଜ୍ଜ୍ୱଳତା ବା ଦୀପ୍ତି ୪.୬ ରହିଥିବାରୁ ଏହାକୁ ଖାଲି ଆଖିରେ ଅତି ସହଜରେ ଦେଖିହେବ। ତେବେ ଏଥିପାଇଁ ସହରଠାରୁ ଦୂରରେ ଅବସ୍ଥିତ ଅନ୍ଧକାର ସ୍ଥାନକୁ ଚୟନ କରିବାକୁ ହେବ। ଜାନୁୟାରୀ ମାସରେ ଏହା ଡ୍ରାକୋ ଓ ବୁଟିସ୍ ନକ୍ଷତ୍ରମଣ୍ଡଳର ନିକଟରେ ଦେଖିବାକୁ ମିଳିବ। କ୍ରମେ ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଲଘୁ ସପ୍ତର୍ଷିମଣ୍ଡଳ ଓ ଧ୍ରୁବତାରା ନିକଟରେ ଉପନୀତ ହେବ। ପ୍ରଥମେ ଏହା ସୂର୍ଯ୍ୟାସ୍ତ ପରେ ସନ୍ଧ୍ୟା ଆକାଶରେ ଦୃଶ୍ୟମାନ ହେଉଥିଲା। ଜାନୁୟାରୀ ଶେଷଭାଗକୁ ଏହା ସୂର୍ଯ୍ୟୋଦୟର କିଛି ଘଣ୍ଟା ପୂର୍ବରୁ ଧ୍ରୁବତାରା ନିକଟରେ ଦେଖାଯାଉଥିବ। ଖୁବ୍ କମ୍ ଦିନ ପାଇଁ ଏହାକୁ ଆକାଶରେ ଖାଲି ଆଖିରେ ଦେଖିବା ସମ୍ଭବ ହେବ। ଏହା ଜାନୁୟାରୀ ପର୍ଯ୍ୟନ୍ତ ବିଶେଷତଃ ପୃଥିବୀର ଉତ୍ତର ଗୋଲାର୍ଦ୍ଧକୁ ଦେଖାଯିବ। ତେବେ ଫେବୃୟାରୀ ପରେ ଏହା ଦକ୍ଷିଣ ଗୋଲାର୍ଦ୍ଧକୁ ମଧ୍ୟ ଦୃଶ୍ୟମାନ ହେବ। ଫେବୃୟାରୀ ୧୦ ତାରିଖ ବେଳକୁ ଏହା ମଙ୍ଗଳ ଗ୍ରହର ନିକଟତର ହେବ।

-ହାଉସିଂ ବୋର୍ଡ କଲୋନୀ,
ଗୁରୁଜଙ୍ଗ, ଖୋର୍ଦ୍ଧା
ମୋ: ୭୦୦୮୬୬୨୩୪୧

## ରକ୍ତଚାପକୁ ସନ୍ତୁଳିତ ରଖେ ଗ୍ରୀନ୍ ମଟର



ଗ୍ରୀନ୍ ମଟରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ରକ୍ତଚାପକୁ ସନ୍ତୁଳିତ ରଖିଥାଏ ବୋଲି ମତ ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଏଥିରେ ଭିଟାମିନ୍ 'କେ' ଭରି ରହିଛି। କେବଳ ରକ୍ତଚାପ ନୁହେଁ ଏହାକୁ ଖାଇବା ଦ୍ୱାରା କୋଲେଷ୍ଟରଲ ପରିମାଣ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଏହାସହ ଅସ୍ଥି ମଧ୍ୟ ମଜଭୁତ ହୋଇଥାଏ। ଗ୍ରୀନ୍ ମଟରରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ତେଣୁ ଜଣେ ହୃଦ୍‌ରୋଗୀ ଏହାକୁ ନିଜ ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଗ୍ରୀନ୍ ମଟରରେ ମଧ୍ୟ ପ୍ରଚୁର ପରିମାଣରେ ଫାଇବର ରହିଛି। ଆଲଜିମର୍ସ ରୋଗୀ ଏହାକୁ ମଧ୍ୟ ଖାଇପାରିବେ ଏବଂ ଏହାଦ୍ୱାରା ସେମାନଙ୍କର ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, କ୍ୟାନ୍‌ସର ଯନ୍ତ୍ରଣାକୁ କେତେକାଂଶରେ କମାଇବାରେ ଏହା ସାହାଯ୍ୟ କରିଥାଏ।

## ଦାନ୍ତବିନ୍ଧାର ଘରୋଇ ଉପଚାର



ଥଣ୍ଡାଜନିତ ସମସ୍ୟା ହେଉ ଅବା ଦାନ୍ତ ମୂଳରେ ଇନ୍‌ଫେକ୍‌ଶନ ହେଲେ ତାହା ବିନ୍ଧିଥାଏ। ଏଥିରୁ ଆରାମ ପାଇବା ଲାଗି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ଦରକାର। ହେଲେ ଦାନ୍ତବିନ୍ଧାର ଉପଚାର ପାଇଁ କେତୋଟି ଘରୋଇ ଉପଚାର ଆପଣେଇ ପାରନ୍ତି। ଗୋଲମରିଚ ଗୁଣ୍ଡ ଏବଂ ସେଥିରେ ଅଳ୍ପ ଲୁଣ ମିଶାନ୍ତୁ। ତାହାକୁ ପାଣିରେ ଗୋଳାଇ ପେଷ୍ଟ ପ୍ରସ୍ତୁତ କରି ବିନ୍ଧୁଥିବା ଦାନ୍ତମୂଳରେ ଲଗାନ୍ତୁ। ଏହାଦ୍ୱାରା ସେଥିରୁ କେତେକାଂଶରେ ଉପଶମ ମିଳିଥାଏ। ଅନ୍ୟପକ୍ଷରେ ଏଥିଲାଗି ରସୁଣକୁ ଭଲଭାବେ ବାଟି ପ୍ରସ୍ତୁତ ପେଷ୍ଟ ସେଠାରେ ଲଗାଇ ପାରନ୍ତି। ଲବଙ୍ଗକୁ ଭଲଭାବରେ ଗ୍ରାଇଣ୍ଡିଂ କରି ସେଥିରେ ଅଳ୍ପ ଅଲିଭ୍ ତେଲ ମିଶାନ୍ତୁ। ଏହି ପେଷ୍ଟକୁ ବିନ୍ଧୁଥିବା ଦାନ୍ତମୂଳରେ ଲଗାଇଲେ ଆରାମ ମିଳିଥାଏ। ବିନ୍ଧୁଥିବା ଦାନ୍ତମୂଳରେ ଛୋଟ କଟା ପିଆଜ ରଖିପାରନ୍ତି। ଦାନ୍ତମୂଳ ବିନ୍ଧାରୁ ଉପଶମ ପାଇବା ଲାଗି ଉଷୁମ ପାଣିରେ ଅଳ୍ପ ଲୁଣ ମିଶାଇ କୁଳୁକୁଳୁ କରନ୍ତୁ।

## କାର୍ଯ୍ୟଦକ୍ଷତା ଓ ପଢ଼ାପଢ଼ି

କାର୍ଯ୍ୟଦକ୍ଷତା ବୃଦ୍ଧି କରିବାର ଏକ ସରଳ ତଥା ସହଜ ଉପାୟ ରହିଛି। ତାହା ହେଲା ପଢ଼ାପଢ଼ି। ଅର୍ଥାତ୍ ନିୟମିତ ପଢ଼ାପଢ଼ି କରିବା ଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ। ଫଳରେ ଜଣେ ବ୍ୟକ୍ତି କୌଣସି କାମକୁ ସହଜରେ ସମ୍ପାଦନ କରିପାରେ। 'କାର୍ଯ୍ୟଦକ୍ଷତା ଓ ପଢ଼ାପଢ଼ି' ଶୀର୍ଷକ ବିଷୟକୁ ନେଇ ବର୍ଲିନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ କିଛି ପଢ଼ାପଢ଼ି କରୁଥିଲେ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ତର୍ଜମା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତାରେ ପରିବର୍ତ୍ତନ ହୋଇଥିବା ବିଶେଷଜ୍ଞମାନେ ଲକ୍ଷ୍ୟ କରିଥିଲେ। ତେବେ ଏହି ପଢ଼ାପଢ଼ି ଶାନ୍ତ ପରିବେଶରେ ହେଲେ ତାହାର ଆହୁରି ସୁପ୍ରଭାବ ମାନସିକତା ଉପରେ ପଡ଼ିଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ଅବସାଦ ହୋଇପାରେ କ୍ୟାନ୍‌ସର କାରଣ



ଚିକିତ୍ସା ବିଜ୍ଞାନରେ ଅନ୍ୟତମ ଗୁରୁତର ରୋଗ ହେଉଛି କ୍ୟାନ୍‌ସର। ଏହାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇପାରିଲେ ଏଥିରୁ ପ୍ରାୟ ଆରୋଗ୍ୟ ମିଳିପାରୁଛି। ହେଲେ ବିଳମ୍ବ ହେଲେ ତାହା ପ୍ରାଣଘାତକ ସାବ୍ୟସ୍ତ ହୋଇଥାଏ। ତେବେ ଏହାର କାରଣ ତାଲିକାରେ ଏବେ ଏକ ନୂଆ କଥାକୁ ଯୋଡ଼ାଯାଇଛି। ଏ ସମ୍ପର୍କରେ ଗବେଷଣା କରି ସିଡ୍‌ନୀ ଆମେରିକୀୟ କ୍ୟାନ୍‌ସର ବିଶେଷଜ୍ଞମାନେ ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହନ୍ତି, ତେବେ ତାହା କ୍ୟାନ୍‌ସରର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବା କିଛି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କ ଭିତରୁ କିଛି ବ୍ୟକ୍ତିଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ସେମାନେ ଠାବ କରିବାରେ ସକ୍ଷମ ହୋଇଥିଲେ। ତେବେ ଜଣେ ବ୍ୟକ୍ତି ନିଜକୁ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଜାଣିରଖନ୍ତୁ

-ବିଛଣାରୁ ଉଠିବା ପରେ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ କରନ୍ତୁ। କାରଣ ଏହାଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ହୋଇଥାଏ। କେବଳ ସେତିକି ନୁହେଁ, ଏଭଳି ଏକ୍ସରସାଇଜ ଦ୍ୱାରା ପାଚନକ୍ରିୟା ଠିକ୍ ଭାବରେ କାର୍ଯ୍ୟ କରିଥାଏ।

-ପ୍ରତିଦିନ କିଛି ସମୟ ପ୍ରାର୍ଥନା କରନ୍ତୁ। ଏହାଦ୍ୱାରା ମାନସିକ ଶାନ୍ତି ମିଳିଥାଏ।

-ନିୟମିତ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ଓଜନ ସନ୍ତୁଳିତ ରହିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି।

-ନିୟମିତ ଟମାଟୋ ଖାଇଲେ ସେଥିରୁ ଅନେକ ଉପକାର ମିଳିଥାଏ। ଟମାଟୋ ହେଉଛି ଭିଟାମିନ୍ 'ସି'ର ଏକ ପ୍ରମୁଖ ଉତ୍ସ।



## ସ୍ୱାସ୍ଥ୍ୟ ସୂଚନା

➤ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ ଏହା ଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ।

➤ଯଦି ଆପଣ ଅସୁସ୍ଥ ଅଛନ୍ତି ତେବେ ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ ବ୍ୟାୟାମ କରନ୍ତୁ ନାହିଁ। କାରଣ ଅସୁସ୍ଥତା ଭିତରେ ବ୍ୟାୟାମ କଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।



➤କୌଣସି ରୋଗ ଲାଗି ଔଷଧ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ମନକୁମନ ଔଷଧ ଖାଇଲେ ହୁଏତ ରୋଗରୁ ଉପଶମ ମିଳିପାରେ, ହେଲେ ରୋଗକୁ ଠିକ୍ ଭାବରେ ନିରୂପଣ କରିବା ପରେ ହିଁ ଡାକ୍ତର ଲେଖିଥିବା ଔଷଧ ଖାଇବା ହିଁ ଠିକ୍।

➤ସବୁବେଳେ ଯଦି ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଖାଉଛନ୍ତି ତେବେ ଏଭଳି ଅଭ୍ୟାସରେ ପରିବର୍ତ୍ତନ କରନ୍ତୁ। କାରଣ ଏଭଳି ଖାଦ୍ୟ ପାଚନକ୍ରିୟାକୁ ପ୍ରଭାବିତ କରିଥାଏ।

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

➤ଖାଦ୍ୟ ଖାଇବା ପରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ।

# ପ୍ରାକୃତିକ ବନାମ କୃତ୍ରିମ



ଡା. ଆଶିଷ ବାନାର୍ଜୀ

ପ୍ରକୃତି ପ୍ରାକୃତିକର ବିକଳ୍ପ ନାହିଁ। ପ୍ରାକୃତିକ ଓ କୃତ୍ରିମ ଭିତରେ ଆକାଶ ପାତାଳ ଫରକ, ଯେପରି ସାରଦିଆ ପନିପରିବା ଓ ଖତଦିଆ ପନିପରିବା ମଧ୍ୟରେ ଫରକ। ଆମ ପୃଥିବୀ ପଞ୍ଚଭୂତାତ୍ମକ ମୂଳତତ୍ତ୍ୱ (ମାଟି, ଜଳ, ତେଜ, ବାୟୁ ଓ ଆକାଶ) ଦ୍ୱାରା ଗଢ଼ା। ଏଥିରୁ ସମସ୍ତ ନିର୍ଜୀବ, ସଜୀବ, ଗଛ, ଜୀବଜନ୍ତୁ, କୀଟପତଙ୍ଗର ସୃଷ୍ଟି ହୋଇ ପଞ୍ଚମହାଭୂତରେ ଲୀନ ହୋଇଯାଆନ୍ତି। ଏହି ପଞ୍ଚ ମହାଭୂତାତ୍ମକ ଶରୀର ତ୍ରିଦୋଷ (ବାତ, ପିତ୍ତ ଓ କଫ) ସାମ୍ୟାବସ୍ଥାରେ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳନା ହୋଇଥାଏ। ମାତ୍ର ଏହାର ବ୍ୟତିକ୍ରମ ହେଲେ ରୋଗ ସୃଷ୍ଟି ହୋଇଥାଏ। ବାୟୁ ଦ୍ୱାରା ଶରୀର ଚଳନ ସ୍ନାୟୁଗୁଡ଼ିକୁ କାର୍ଯ୍ୟ କରିବା, ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ଦ୍ୱାରା ଶରୀର ସମସ୍ତ କୋଷକୁ ପୋଷକତତ୍ତ୍ୱ ପହଞ୍ଚାଯାଇଥାଏ। ଯଦି ବାୟୁ ପ୍ରକୁପିତ ହୋଇ ଏହି କାର୍ଯ୍ୟରେ ବାଧା ଉତ୍ପନ୍ନ ହୁଏ ଏବଂ ସ୍ନାୟୁ ରୋଗ ହୋଇ ଶରୀରରେ ଯନ୍ତ୍ରଣା ଦେଖାଯାଏ। ପିତ୍ତରେ ଅଗ୍ନିତତ୍ତ୍ୱର ପ୍ରାଧାନ୍ୟତା ଥିବାରୁ ଆହାର, ପାଚନକ୍ରିୟା, ଆଖି ଦ୍ୱାରା ଦେଖିବା, ରକ୍ତ ସୃଷ୍ଟି କାର୍ଯ୍ୟ ଓ ଅନ୍ତଃସ୍ରାବୀ ଗ୍ରନ୍ଥିରୁ ରସ କ୍ଷରଣ ହୋଇଥାଏ। ଏହି ଦୋଷ ପ୍ରକୁପିତ ହୋଇ ପିତ୍ତ ବାନ୍ତି, କଫ ଦୋଷରେ ପୃଥିବୀ ଓ ଜଳତତ୍ତ୍ୱର ପ୍ରାବଲ୍ୟତା ରହିଥାଏ। ଏହି ସନ୍ଧିଗୁଡ଼ିକରେ ରହି ଅସ୍ଥିଗୁଡ଼ିକୁ ଘର୍ଷଣରୁ ସୁରକ୍ଷା ଦେଇଥାଏ। ଏହା ମୋବିଲ୍ ପରି କାର୍ଯ୍ୟ କରିଥାଏ। ଏହି ତ୍ରିଦୋଷ ବାତ, ପିତ୍ତ ଓ କଫ ସାମ୍ୟାବସ୍ଥାରେ ରହିଲେ ଶରୀର ସୁସ୍ଥ ରହେ। କିନ୍ତୁ ଏହା ବିଷମାବସ୍ଥାକୁ ଆସିଲେ ରୋଗ ସୃଷ୍ଟି ହୋଇଥାଏ। ପ୍ରାକୃତିକ ଧାତୁ, ରତ୍ନ, ଉପରତ୍ନ, ବୃକ୍ଷଲତା ଇତ୍ୟାଦି ପଞ୍ଚଭୂତାତ୍ମକ ଦ୍ରବ୍ୟ। ଏଗୁଡ଼ିକ ବାତନାଶକ, ପିତ୍ତନାଶକ, କଫନାଶକ ବା ତ୍ରିଦୋଷ ନାଶକ ଅଟେ। ଅର୍ଥାତ୍, ଏଗୁଡ଼ିକ ବଢ଼ିଥିବା ଅବସ୍ଥାରୁ ସାମ୍ୟାବସ୍ଥାକୁ ଆଣେ। ଆଧୁନିକ ମତରେ କହିବାକୁ ଗଲେ ଏଥିରେ ଜୀବାଣୁ, ଭୂତାଣୁନାଶକ, ଶୋଥହର, ବେଦନାନାଶକ ଓ ଜ୍ୱରନାଶକ ଇତ୍ୟାଦି ଗୁଣ ଭରି ରହିଛି। ଏହା ପ୍ରାକୃତିକ ହୋଇଥିବାରୁ ବିନା ପାର୍ଶ୍ୱପ୍ରତିକ୍ରିୟାରେ ଶରୀରରେ ଅବଶୋଷିତ ହୋଇଯାଏ ଏବଂ ରୋଗକୁ ସମ୍ପୂର୍ଣ୍ଣ ଭାବେ ଭଲ କରିଦେଇଥାଏ।

ମାତ୍ର ଏହାର ବିକଳ୍ପ ରୂପେ କୃତ୍ରିମ ରାସାୟନିକ ଦ୍ରବ୍ୟ, ଔଷଧକୁ ବ୍ୟବହାର କରିବା ଦ୍ୱାରା ପ୍ରଥମେ ଶରୀରର କୋଷ ଏହାକୁ ଗ୍ରହଣ କରି ନ ଥାଏ। ତେଣୁ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ। ଏଗୁଡ଼ିକର ବେଶି ବ୍ୟବହାର ଦ୍ୱାରା ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି ହୋଇଥାଏ। ଶେଷରେ ରୋଗୀର ଶ୍ୱେତ ରକ୍ତକଣିକା ଦୁର୍ବଳ ହୋଇପଡ଼େ ଓ କୋଷଗୁଡ଼ିକ ରୁଗ୍ଣ ହୋଇଯିବାରୁ ରୋଗ ପ୍ରତିରୋଧକ ଶକ୍ତି କମିବାକୁ ଲାଗେ। ଏହାସହ ଅନ୍ୟାନ୍ୟ ରୋଗ ଭବିଷ୍ୟତରେ ଦେଖାଦେଇଥାଏ। ଅନ୍ତଃସ୍ରାବୀ ଗ୍ରନ୍ଥି, ବହିଃସ୍ରାବୀ ଗ୍ରନ୍ଥିର କାର୍ଯ୍ୟଦକ୍ଷତା କମିବାକୁ ଲାଗେ। ତେଣୁ ଶରୀର ବାହ୍ୟ ପରିବେଶ ପ୍ରତି ଅସହ୍ୟ ହୋଇପଡ଼େ। ଏହାଦ୍ୱାରା ସର୍ବଦା ରାସାୟନିକ ଦ୍ରବ୍ୟ ବା କୃତ୍ରିମ ଦ୍ରବ୍ୟ କବଳରେ ରୋଗୀ ଜୀବନ ଅତିବାହିତ କରିବାକୁ ପଡ଼ିଥାଏ।

ଏହି ବିଷାକ୍ତ ରାସାୟନିକ କବଳରୁ ଅନ୍ୟାନ୍ୟ ପ୍ରାଣୀଜଗତ, କୀଟପତଙ୍ଗ ତିଷ୍ଠି ରହିପାରେ ନାହିଁ। ତେଣୁ ପ୍ରକୃତି କୋଳରୁ ଗୋଟି ଗୋଟି କରି ଜୀବ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଲେଣି। ଗାଈମାନଙ୍କୁ ଯନ୍ତ୍ରଣା ନିବାରକ ଡାଇକ୍ଲୋଫେନାକ୍ ଇଞ୍ଜେକ୍‌ଶନ ଦେବାରୁ ତାଙ୍କର ଶବ ଖାଇ ଶାଗୁଣା ବଂଶ ଲୋପ ହେବାରେ ଲାଗିଲେଣି। ସେହିପରି ବିଲରେ ପ୍ରବଳ ରାସାୟନିକ ସାର ଓ ବିଷ ପ୍ରୟୋଗ ଦ୍ୱାରା ବିଲରେ ମିଳୁଥିବା କଉ, ଗଡ଼ିଶା, କଙ୍କଡ଼ା, ମଉରାଳି, ତୋଡ଼ି ଆଦି ମାଛ ଆଉ ଦେଖିବାକୁ ମିଳୁନାହିଁ। ସାରଦିଆ ପନିପରିବା ଖାଇ ବିଭିନ୍ନ ଅସାଧ୍ୟ ରୋଗମାନ ଦେଖାଯାଉଅଛି।

ସେପଟେ ପ୍ରଦୂଷଣ ବଢ଼ିଚାଲିଛି। ଗଛ, ବଣଜଙ୍ଗଲ ନଷ୍ଟ ହେବା ଦ୍ୱାରା ଗାଡ଼ି, କଳକାରଖାନାର ବିଷାକ୍ତ ଗ୍ୟାସ୍ ଯୋଗୁ ତାପମାତ୍ରା ବଢୁଛି। ଏଥିରେ କେତେଦିନ ପୃଥିବୀର ଜୀବଜଗତ ତିଷ୍ଠି ରହିବ ?

ତେଣୁ ଏଥିପ୍ରତି ଜନସାଧାରଣ, ପରିବେଶବିତ୍ ସଚେତନ ହୋଇ ପ୍ରାକୃତିକ ଦ୍ରବ୍ୟ, ଔଷଧକୁ ପ୍ରାଧାନ୍ୟ ଦେବା, ଚାଷରେ ଜୈବିକ ଖତ ପ୍ରୟୋଗ କରିବା, ସକାଳ ସୂର୍ଯ୍ୟକିରଣରେ ଭ୍ରମଣ କରିବା, ବାହ୍ୟ ପ୍ରାକୃତିକ ପରିବେଶ ଓ ଆଲୋକରେ ସମୟ ବିତାଇବା ସହ ମାନସିକତାକୁ ସକାରାତ୍ମକ ରଖିଲେ ମାନସିକ ଶାନ୍ତି ମିଳିବ ଏବଂ ବ୍ୟାଧି ପ୍ରତିରୋଧକ କ୍ଷମତା ବଢ଼ିବ।

-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫



# ୱେଲ୍ସ ଦଳ, ପୁଅକୁ ସମର୍ଥନ ପାଇଁ ରାଉରକେଲାରେ ମା'ବାପା



ବେନ କେଲି ଓ ଏଲି କେଲି।

**ରାଉରକେଲା ଅଫିସ,୧୫।୧**

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ରବିବାର ପ୍ରଥମ ମ୍ୟାଚ୍ ସ୍ପେନ ଓ ୱେଲ୍ସ ଦଳ ମଧ୍ୟରେ ଖେଳାଯାଇଥିଲା। ୱେଲ୍ସ ଦଳ ତାର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ଠାରୁ ୫-୦ ଗୋଲରେ ପରାସ୍ତ ହୋଇଥିବା ବେଳେ ରବିବାର ଦ୍ୱିତୀୟ ମ୍ୟାଚ୍ ସ୍ପେନ ସହିତ ଖେଳିଥିଲା। ଉକ୍ତ ଦଳର ୧୨ନଂ. ଖେଳାଳି ଷ୍ଟିଫେନ କେଲିଙ୍କୁ ସମର୍ଥନ କରିବା ପାଇଁ ତାଙ୍କ ବାପା ବେନ କେଲି ଓ ମା' ଏଲି କେଲି ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ପହଞ୍ଚିଥିଲେ। ଷ୍ଟିଫେନଙ୍କୁ ଯେତେବେଳେ ୧୧ ବର୍ଷ ହୋଇଥିଲା ତାଙ୍କର ହକି ଖେଳ ପ୍ରତି ରୁଚି ଦେଖି ମା' ଏଲି ପୁଅକୁ ହକି ଖେଳିବାକୁ ପ୍ରେରଣା ଦେଇଥିଲେ। ପୁଅ ଷ୍ଟିଫେନ ମିଡ୍ ଫିଲ୍‌ଡର ଭାବେ ୱେଲ୍ସ ଦଳରେ ଖେଳୁଥିବାରୁ ତାଙ୍କୁ ଦେଶ ପାଇଁ ଭଲ ଖେଳ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ। ଏହି ଦମ୍ପତି ବିର୍ସା ମୁଣ୍ଡା ଷ୍ଟାଡିୟମର ଇଷ୍ଟଷ୍ଟାଣ୍ଡରେ ବସି ୱେଲ୍ସ ଦଳକୁ ସମର୍ଥନ କରିବା ସହ କମନ ଷ୍ଟିଫେନ, ପ୍ଲେଇଂ ଆଟାକିଂ ବୋଲି ବାରମ୍ବାର କହୁଥିଲେ। ମାତ୍ର ୱେଲ୍ସ ଦଳ ୫-୧ ଗୋଲରେ ସ୍ପେନଠାରୁ ପରାଜୟ ହେବାରୁ ଯଦି ୱେଲ୍ସ ଦଳ ପ୍ରଥମରୁ ଆକ୍ରାମକ ଭାବେ ଖେଳିଥାନ୍ତା ତେବେ ନିଶ୍ଚୟ ଜିତିଥାନ୍ତା ବୋଲି ବେନ ମତପ୍ରକାଶ କରିଥିଲେ। ୱେଲ୍ସ ଦଳକୁ ଦୁଇଟି ପେନାଲ୍‌ଟି ସୁଯୋଗ ମିଳିଥିଲେ ମଧ୍ୟ ଦଳ ତାର ଫାଇଦା ଉଠାଇପାରି ନ ଥିଲା। ଫଳରେ ୱେଲ୍ସ ଦଳର ମନୋବଳ ଭାଙ୍ଗି ପଡିଥିବା ଏଲି କହିଥିଲେ। ତଥାପି ୱେଲ୍ସ ଦଳ ଖେଳର ୪ର୍ଥ କ୍ୱାର୍ଟର୍ସରେ ଆକ୍ରମକ ଖେଳ ପ୍ରଦର୍ଶନ କରିଥିବାବେଳେ ଦଳର ଫରୱାର୍ଡ ଖେଳାଳି ଜେମ୍ସ କାରସନ୍ ପ୍ରଥମ ଗୋଲ କରିଥିଲେ। ଖେଳରେ ହାର୍ ଜିତ୍ ଲାଗି ରହିଛି, ତଥାପି ଆଗାମୀ ମ୍ୟାଚ୍‌ରେ ଦଳ ଭଲ ଖେଳ ପ୍ରଦର୍ଶନ କରିବ ବୋଲି ଷ୍ଟିଫେନଙ୍କ ବାପା ଓ ମା' ମତ ଦେଇଥିଲେ।



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌କୁ କୁନି ପିଲାମାନେ ତ୍ରିରଙ୍ଗା ଧରି ପ୍ରବେଶ କରୁଛନ୍ତି।



ଜଣେ ପ୍ରଶଂସକ ମୁହଁକୁ ଚିତ୍ରିତ କରୁଛନ୍ତି।




ଷ୍ଟାଡିୟମ୍‌କୁ ଯିବା ପୂର୍ବରୁ ହକି ପ୍ରେମୀମାନେ ଗୋଲ୍ ଲେଖାଥିବା ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

# ୮ବର୍ଷରୁ ହକି ଖେଳିବା ଆରମ୍ଭ କରିଥିଲେ ନିକୋଲସ୍

**ରାଉରକେଲା ଅଫିସ, ୧୫।୧**

ମାତ୍ର ୮ ବର୍ଷ ହୋଇଥିବା ବେଳେ ଇଂଲଣ୍ଡର ଖେଳାଳି ନିକୋଲସ ବାଣ୍ଡୁରକ ହକି ଖେଳ ଆରମ୍ଭ କରିଥିଲେ। ନିକୋଲସଙ୍କ ମା' ଫିଲ ବାଣ୍ଡୁରକ ଜଣେ ହକି ଖେଳାଳି ହୋଇଥିବାରୁ ସେ ତାଙ୍କ ପୁଅକୁ ହକି ଖେଳିବା ପାଇଁ ପ୍ରେରିତ କରିଥିଲେ। ବାପା ଜନ୍ ବାଣ୍ଡୁରକ ଜଣେ ବ୍ୟବସାୟୀ ଏବଂ ସେ ଇଂଲଣ୍ଡର କାନକ ସହରରେ ବାସ କରନ୍ତି। ନିକୋଲସଙ୍କ ଦୁଇ ଭାଇ ଥିବାବେଳେ ସେ ହେଉଛନ୍ତି ଘରର ମଝିଆ ପୁଅ। ଇଂଲଣ୍ଡ ଦଳରୁ ନିକୋଲସ ଡିଫେଣ୍ଡର ଖେଳାଳି ଭାବେ ଖେଳୁଥିବାବେଳେ ତାଙ୍କୁ ସମର୍ଥନ କରିବା ପାଇଁ ତାଙ୍କ ବାପା ଜନ ଓ ମା' ଫିଲ ରବିବାର ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ପହଞ୍ଚିଥିଲେ। ଇଂଲଣ୍ଡ ଦଳ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ୱେଲ୍ସକୁ ୫-୦ରେ ପରାସ୍ତ କରି ବିଜୟଯାତ୍ରା ଆରମ୍ଭ କରିଥିବାବେଳେ ଦଳ ଭାରତ ବିପକ୍ଷରେ ଭଲ ପ୍ରଦର୍ଶନ କରିବେ ବୋଲି ନିକୋଲସଙ୍କ ମା' କହିଥିଲେ। ଭାରତ ତାର ଘରୋଇ ମାଟିରେ ଖେଳୁଥିବାରୁ ବେଶୀ ଦର୍ଶକଙ୍କ ସମର୍ଥନ ରହିବ ବୋଲି ସେ ମତ ଦେଇଥିଲେ। ଆମ ପୁଅ ନିକୋଲସ ଭଲ ଖେଳ ପ୍ରଦର୍ଶନ ସାଙ୍ଗକୁ ଇଂଲଣ୍ଡ ଦଳକୁ ସମର୍ଥନ କରିବା ପାଇଁ ଆମେ ଇଂଲଣ୍ଡରୁ ଆଜିକୁ ଏକ ସପ୍ତାହ ହେବ ରାଉରକେଲା ଆସି ରହିଛୁ ବୋଲି ନିକୋଲସଙ୍କ ବାପା ଜନ କହିଥିଲେ।



ଜନ ଓ ଫିଲ

-ରିପୋର୍ଟ: ଦିନେଶ ମିଶ୍ର




ଭାରତ-ଇଂଲଣ୍ଡ ମ୍ୟାଚ୍ ଅବସରରେ ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ।




ବିର୍ସ ମୁଣ୍ଡା ଷ୍ଟାଡିୟମ୍‌ରେ ୱେଲ୍ସ ଦଳର ସମର୍ଥକ।




ଖୁସି ମୁହୂର୍ତ୍ତରେ ଭାରତୀୟ ଦର୍ଶକ।







ଷ୍ଟାଡିୟମ୍‌ରେ ପ୍ରବେଶ ପାଇଁ ଦର୍ଶକଙ୍କ ଲମ୍ବା ଧାଡ଼ି।

(ଫଟୋ: ବିବେକ ମହାନ୍ତି)

# ସ୍ପେନ୍‌ର ପ୍ରଥମ ବିଜୟ



ବଲ୍ ପାଇଁ ସ୍ପେନ୍ ଓ ୱେଲ୍ସ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୫।୧

କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରି ୱେଲ୍ସ ଚଳିତ ହକି ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ଏଲିମିନେଶନ ଦ୍ୱାରରେ ପହଞ୍ଚି ଯାଇଛି। ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ୦-୫ ଗୋଲରେ ହାରିଥିବା ୱେଲ୍ସ ରବିବାର ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହାର ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ୧-୫ ଗୋଲରେ ପରାଜିତ ହୋଇଛି। ତିକ୍ତ ଅନୁଭୂତି ମିଳିଥିଲେ ହେଁ ନିଜର ପ୍ରଥମ ବିଶ୍ୱକପ୍ ପଦାର୍ପଣରେ ୱେଲ୍ସ ଅନେକ ଅଭିଜ୍ଞତା ହାସଲ କରିଛି। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚ୍‌ରେ ଭାରତଠାରୁ ହାରିଯାଇଥିବା ସ୍ପେନ୍ ମାର୍କ ରେନେ ଓ ମାର୍କ ମିରାଲେସଙ୍କ ଡବଲ ଗୋଲ ବଳରେ ଚଳିତ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ମିରାଲେସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଜିଲାର ହକି ଅଲିମ୍ପିଆନ ନମିତା ଟପ୍ପୋ ଏହି ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱର ୮ ନମ୍ବର ର୍‍ୟାଙ୍କ୍‌ପ୍ରାପ୍ତ ଦଳ ସ୍ପେନ୍ ବିପକ୍ଷରେ ଖେଳର ସବୁ ବିଭାଗରେ ପଛରେ ପଡ଼ିଯାଇଥିଲା ୱେଲ୍ସ। ବିଶେଷକରି ବଡ଼ ଟୁର୍ନାମେଣ୍ଟ ଖେଳିବାରେ ଅନୁଭୂତିର ଅଭାବ ଏହି ମ୍ୟାଚ୍‌ରେ ସ୍ପଷ୍ଟ ବାରିହୋଇ ପଡ଼ିଥିଲା। ପ୍ରଥମ କ୍ୱାର୍ଟରରେ ସ୍ପେନ୍ ଆକ୍ରମଣକୁ ସମ୍ଭାଳିବାରେ ସକ୍ଷମ ହୋଇଥିବା ୱେଲ୍ସ କିନ୍ତୁ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ହିଁ ଗୋଲ ବରଣ କରି ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ୧୭ତମ ମିନିଟ୍‌ରେ ଏକ ଫିଲ୍ଡ ଗୋଲ ଦେଇ ସ୍ପେନ୍‌କୁ ଅଗ୍ରଣୀ ଦେଇଥିଲେ ମାର୍କ ରେନେ। ୨୩ତମ ମିନିଟ୍‌ରେ ଅଧିନାୟକ ଆଲ୍‌ଭାରୋ ଇଗ୍‌ଲେସିଆସ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷବେଳକୁ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭରୁ ମଧ୍ୟ ସ୍ପେନ୍ ଆକ୍ରମଣାତ୍ମକ ରଣନୀତି ଅପରିବର୍ତ୍ତିତ ରଖିଥିଲା। ଫଳସ୍ୱରୂପ ୩୩ତମ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ମାର୍କ ମିରାଲେସ ୱେଲ୍ସ ଉପରେ ଚାପ ବୃଦ୍ଧି କରିଥିଲେ। ୩୯ତମ ମିନିଟ୍‌ରେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୪ର୍ଥ ଗୋଲଟି ଦେଇଥିଲେ ରେନେ। ଅନ୍ତିମ କ୍ୱାର୍ଟରରେ ୧୪ ନମ୍ବର ର୍‍ୟାଙ୍କ୍ ଦଳ ୱେଲ୍ସ କିଛିଟା ଚ୍ୟାଲେଞ୍ଜ ଦେଇଥିଲେ ହେଁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ୫୩ତମ ମିନିଟ୍‌ରେ ଦଳର ୧୧ ନମ୍ବର ଖେଳାଳି ଜେମ୍ସ କାର୍ସନ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ତେବେ ମ୍ୟାଚ୍ ଶେଷହେବାର ୩ ମିନିଟ୍ ପୂର୍ବରୁ ମିରାଲେସ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୫ମ ଗୋଲଟି ସ୍କୋର କରି ସ୍ପେନ୍ ଶିବିରରେ ଖୁସିକୁ ଦ୍ୱିଗୁଣିତ କରିଥିଲେ। ମ୍ୟାଚ୍‌ର ୩୯ତମ ମିନିଟରେ ସ୍ପେନ୍‌ର ଗିସପର୍ଟ ଜାଭିଅର ଏବଂ ୫୯ତମ ମିନିଟ୍‌ରେ ଗୋଞ୍ଜାଲେଜ ଏନ୍‌ରିକ୍ ଗ୍ରୀନ୍‌କାର୍ଡ ପାଇଥିଲେ। ଫଳରେ ଏହି ଦୁଇ ଖେଳାଳିଙ୍କୁ ୨ ମିନିଟ୍ ଲେଖାଏ ପଡ଼ିଆ ବାହାରକୁ ଯିବାକୁ ପଡ଼ିଥିଲା। ୱେଲ୍ସ ଏହାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ୧୯ ତାରିଖ ଦିନ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଭାରତକୁ ଭେଟିବ। ସେହିଦିନ ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ମୁକାବିଲା ହେବ। ଜର୍ମାନୀର ବେନ୍ ଗୋଏଣ୍ଟଜେନ ଓ ଦକ୍ଷିଣ ଆଫ୍ରିକାର ସିଅନ ରାପାପୋର୍ଟ ମ୍ୟାଚ ପରିଚାଳନା କରିଥିଲେ।

# ହକିକୁ ସ୍ୱାଗତ କରୁଛି ସମଗ୍ର ବିଶ୍ୱ

ଭୁବନେଶ୍ୱର, ୧୫।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱର ଓ ରାଉରକେଲାରେ ଆରମ୍ଭ ହୋଇଛି ହକି ବିଶ୍ୱକପ୍-୨୦୨୩। ବିଶ୍ୱକପ୍‌କୁ ନେଇ ସମଗ୍ର ଓଡ଼ିଶା ଉତ୍ସବମୁଖର। ଐତିହାସିକ କଳିଙ୍ଗ ଷ୍ଟାଡିୟମ ଓ ହକିର ଏନ୍ତୁଡ଼ିଶାଳ ରାଉରକେଲାର ବିର୍ସାମୁଣ୍ଡା ଇଣ୍ଟରନ୍ୟାଶନାଲ ହକି ଷ୍ଟାଡିୟମ ମଧ୍ୟ ପ୍ରାୟ ହାଉସ୍‌ଫୁଲ୍ ରହିଛି। କଳିଙ୍ଗ ଷ୍ଟାଡିୟମର ଦର୍ଶକ କ୍ଷମତା ୧୫ ହଜାର ରହିଥିବା ବେଳେ ବିଶ୍ୱର ସର୍ବବୃହତ୍ ବିର୍ସାମୁଣ୍ଡ ଷ୍ଟାଡିୟମରେ ବସିପାରିବେ ୨୦ ହଜାରରୁ ଅଧିକ ଦର୍ଶକ। ତେବେ କେବଳ ଓଡ଼ିଶା ବା ଭାରତ ନୁହେଁ, ସମଗ୍ର ବିଶ୍ୱର ଦର୍ଶକଙ୍କ ମଧ୍ୟରେ ହକିକୁ ନେଇ ଦେଖାଦେଇଛି ଅଫୁରନ୍ତ ଉତ୍ସାହ। ସଡ଼କରେ ନିଜ ନିଜ ଦଳର ସମର୍ଥିତ ଟିମ୍‌ର ଜର୍ସି ସହିତ ଫ୍ୟାନ୍‌ମାନଙ୍କୁ ଦେଖିବାକୁ ମିଳୁଛି। ଏଭଳି ସ୍ଥିତି କେବଳ ଓଡ଼ିଶା ନୁହେଁ, ଭାରତ ପାଇଁ ମଧ୍ୟ ଗର୍ବର ବିଷୟ। ମନ୍ଦିରମାଳିନୀ ଭୁବନେଶ୍ୱର ଏହାର ଐତିହାସିକ କୀର୍ତ୍ତିରାଜି ପାଇଁ ପରିଚିତ। ବିଶ୍ୱକପ୍ ପୂର୍ବରୁ ସହରଟି ଆଲୋକମାଳାରେ ସଜ୍ଜିତ ହୋଇଛି। ସେହିପରି ଷ୍ଟିଲ ପ୍ଲାଣ୍ଟ ଓ ଶିଳ୍ପ ପାଇଁ ପରିଚିତ ରାଉରକେଲା ସହରରେ ମଧ୍ୟ ଦେଖିବାକୁ ମିଳିଛି ବଡ଼ ପରିବର୍ତ୍ତନ। ରାଉରକେଲାରେ ଏକାଧିକ ଫ୍ୟାନ୍ ପାର୍କ ମଧ୍ୟ ନିର୍ମାଣ କରାଯାଇଛି।





ବିର୍ସାମୁଣ୍ଡା ଷ୍ଟାଡିୟମରେ ଇଂଲଣ୍ଡ ଦଳର ସମର୍ଥକ।

ଓଡ଼ିଶାବାସୀଙ୍କ ହକି ପ୍ରତି ଉଚ୍ଛ୍ୱସିତ ଭଲପାଇବା କାରଣରୁ ଭୁବନେଶ୍ୱର, ରାଉରକେଲା ଓ ପୁରୀରେ ଓଲି ଲ୍ୟାଣ୍ଡ ବା ଓଲି ରାଇଜ ନିର୍ମାଣ କରାଯାଇଛି। ଓଲି ଲ୍ୟାଣ୍ଡରେ ବିଭିନ୍ନ ଐତିହାସିକ ଭାସ୍କର୍ଯ୍ୟକୁ ସ୍ଥାନ ମିଳିଛି। କୋଣାର୍କ ଚକ୍ର, ମୃଗ, ସମ୍ବର ଏବଂ ହକି ବିଶ୍ୱକପ୍‌ର ଏକ ପ୍ରତିକୃତି ସହିତ ଓଲି ରାଇଜ ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ ରଖାଯାଇଛି। ଏହାସହିତ ହକି ବିଶ୍ୱକପ୍ ସମୟ ଜାନୁୟାରୀ ୧୫-୨୯ ତାରିଖ ଯାଏ ଡଟ୍ ଫେଷ୍ଟ ମଧ୍ୟ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରାଯାଉଛି। ଏହି ଇଭେଣ୍ଟଗୁଡ଼ିକ କେବଳ ସ୍ଥାନୀୟ ଦର୍ଶକ ନୁହନ୍ତି ବରଂ ବିଦେଶୀମାନଙ୍କୁ ମଧ୍ୟ ଆକୃଷ୍ଟ କରିବାରେ ସମର୍ଥ ହୋଇଛି। ଓଡ଼ିଶା ନିଜର ଆତିଥେୟତା ପାଇଁ ପ୍ରସିଦ୍ଧି ହାସଲ କରିଥିବା ବେଳେ ସମଗ୍ର ବିଶ୍ୱର ଆଥ୍‌ଲେଟ ଓ ପ୍ରତିନିଧି ଏହାର ମଜା ନିଅନ୍ତୁ ବୋଲି କହିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୟସ ଓ ଲିଙ୍ଗଗତ ବିବିଧତା ସତ୍ତ୍ୱେ ସମସ୍ତ ବର୍ଗର ଦର୍ଶକ ଯେଭଳି ମ୍ୟାଚ୍‌କୁ ଉପଭୋଗ କରିପାରିବେ ସେନେଇ ଓଡ଼ିଶା ସରକାର ଓ ହକି ଇଣ୍ଡିଆ ପକ୍ଷରୁ ବ୍ୟବସ୍ଥା କରାଯାଇଛି।



ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଭାରତ-ଇଂଲଣ୍ଡ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ହକି ବିଶ୍ୱକପ୍

(ଆଜିର ମ୍ୟାଚ୍)

**ମାଲେସିଆ ବନାମ ଚିଲି**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ,
ସମୟ: ଅପରାହ୍ନ ୧ଟା

**ନେଦରଲାଣ୍ଡ୍ସ ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ,
ସମୟ: ଅପରାହ୍ନ ୩ଟା

**ଫ୍ରାନ୍ସ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ,
ସମୟ: ଅପରାହ୍ନ ୫ଟା

**ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ,
ସମୟ: ରାତି ୭ଟା

## ଆର୍ଜେଣ୍ଟିନା-ଅଷ୍ଟ୍ରେଲିଆ ମୁକାବିଲା ଆଜି

**ଭୁବନେଶ୍ୱର, ୧୫।୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ହକି ବିଶ୍ୱକପ୍‌ରେ ସୋମବାର କଳିଙ୍ଗ ଷ୍ଟାଡିୟମରେ ଦୁଇ ଟାଇଟଲ ଫେଭରାଇଟ ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା ହେବ। ଉଭୟ ଦଳ ନିଜ ନିଜର ପ୍ରଥମ ମ୍ୟାଚ୍ ଜିତିଥିବାରୁ ୩ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ୍ ବ୍ୟବଧାନରେ ଅଷ୍ଟ୍ରେଲିଆ ଆଗରେ ରହିଛି। ତେଣୁ ଏହି ମ୍ୟାଚ୍‌ର ଫଳାଫଳ ଗ୍ରୁପ୍ ଟପ୍ପର ନିର୍ଣ୍ଣୟ କରିବ। ଅଷ୍ଟ୍ରେଲିଆ ନିଜର ପ୍ରଥମ ମ୍ୟାଚ୍‌ରେ ଫ୍ରାନ୍ସକୁ ୮-୦ ଗୋଲରେ ହରାଇଥିବାବେଳେ ଆର୍ଜେଣ୍ଟିନା ୧-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଅଭିଯାନ ଆରମ୍ଭ କରିଛି। ସୋମବାର ଆଉ ୨ଟି ମ୍ୟାଚ୍ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସେଠାରେ ଚିଲିକୁ ମାଲେସିଆ ଭେଟିବାକୁ ଥିବାବେଳେ ନେଦରଲାଣ୍ଡ୍ସ ସହ ମୁକାବିଲା କରିବ ନ୍ୟୁଜିଲାଣ୍ଡ। ପୁଲ୍ 'ସି'ରେ ନେଦରଲାଣ୍ଡ୍ସ ଓ ନ୍ୟୁଜିଲାଣ୍ଡ ୩ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ନ୍ୟୁଜିଲାଣ୍ଡ ଏହାର ପ୍ରଥମ ମ୍ୟାଚରେ ଚିଲିକୁ ୩-୧ ଗୋଲରେ ହରାଇଥିବାବେଳେ ନେଦରଲାଣ୍ଡ୍ସ ୪-୦ରେ ମାଲେସିଆକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି।

# 'ବିଶ୍ୱ ହକିର ପ୍ରାଣକେନ୍ଦ୍ର ପାଲଟିଛି ଓଡ଼ିଶା'

**ଓଡ଼ିଶାରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ହେଉଛି ହକି ବିଶ୍ୱକପ୍। ତେଣୁ ସ୍ୱାଭାବିକ ଭାବେ ଆନନ୍ଦିତ ରାଜ୍ୟର ଖେଳାଳି ଓ ସାଧାରଣ ଜନତା। ସମଗ୍ର ବିଶ୍ୱର ନଜର ଏବେ ଓଡ଼ିଶା ଉପରେ। ତେଣୁ ସମସ୍ତ ଓଡ଼ିଆଙ୍କ ପାଇଁ ଏହା ଗର୍ବର ବିଷୟ। ଟୁର୍ନାମେଣ୍ଟ ଆରମ୍ଭ ହୋଇସାରିଥିବାବେଳେ ପୂର୍ବତନ ଭାରତୀୟ ଅଧିନାୟକ ତଥା ବର୍ତ୍ତମାନର ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର...**

*-ସାକ୍ଷାତ: ତପନ କୁମାର ସ୍ୱାଇଁ*

**● ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ୍ ଆୟୋଜନ ହେବାର ମୁଖ୍ୟ କାରଣ କ'ଣ।**

▶▶ ଭାରତକୁ ଆୟୋଜନ ଅଧିକାର ଏବଂ ଓଡ଼ିଶାକୁ ଭେନ୍ୟୁ ଭାବରେ ବାଛିଥିବାରୁ ପ୍ରଥମେ ମୁଁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍)କୁ ଧନ୍ୟବାଦ ଦେବାକୁ ଚାହିଁବି। ୨୦୧୮ରେ ହକି ବିଶ୍ୱକପ୍ ପ୍ରତି ଯେପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୂର୍ଣ୍ଣ ସମର୍ଥନ ରହିଲା ଏବଂ ଏହାକୁ ନେଇ ଯେପରି ପ୍ରଚାର ପ୍ରସାର କରାଗଲା ସେଥିରେ ସମସ୍ତେ ଖୁସି ହୋଇଥିଲେ। ଏହା ବ୍ୟତୀତ ବିମାନବନ୍ଦର କୁହନ୍ତୁ ବା ଖେଳାଳିମାନେ ରହିବାକୁ ଥିବା ହୋଟେଲ ଓଡ଼ିଶାରେ ଏ ସବୁର ଭଲ ବ୍ୟବସ୍ଥା ରହିଛି । ରାଉରକେଲା ବିମାନବନ୍ଦରରୁ ବିର୍ସା ମୁଣ୍ଡା ଷ୍ଟାଡିୟମ ମାତ୍ର ୮୦୦ ମିଟର ଦୂର। ଏତେ ସୁବିଧା ଆମେ ବିଶ୍ୱରେ କୌଣସି ସ୍ଥାନରେ ଦେଖିନାହୁଁ। ତେଣୁ ଦ୍ୱିତୀୟ ଥର ପାଇଁ ଓଡ଼ିଶାକୁ ଭେନ୍ୟୁ ଭାବେ ଚୟନ କରାଯାଇଛି ବୋଲି ମୋର ମତ।

**● ଏଥିରୁ କ'ଣ ବୁଝାପଡୁଛି?**

▶▶ ବର୍ତ୍ତମାନ ଯଦି ହକିକୁ ସମ୍ପୂର୍ଣ୍ଣ ସମର୍ଥନ ମିଳିଛି ଏବଂ ହକିର କ୍ରେଜ୍ ଫେରି ଆସିଛି ସେଥିରେ ଓଡ଼ିଶାର ବଡ଼ ଅବଦାନ ରହିଛି। କାରଣ ଆମ ସମୟରେ ଯେପରି ହକିର ବାତାବରଣ ଥିଲା, ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ନେଇ ଆସିବାବେଳେ ଆମକୁ ଯେପରି ସ୍ୱାଗତ କରାଯାଉଥିଲା ଏବେ ସେଥିରେ ଆକାଶପାତାଳ ପ୍ରଭେଦ ଆସିଛି। ବିଶେଷ କରି ଓଡ଼ିଶାରେ ସରକାର କୁହନ୍ତୁ ବା ଲୋକମାନଙ୍କ ତରଫରୁ ହକିକୁ ଯେପରି ସମର୍ଥନ ମିଳୁଛି ତାହା ଅନ୍ୟ କେଉଁଠି ନାହିଁ। ଓଡ଼ିଶା ଯେ ବିଶ୍ୱ ହକିର ପ୍ରାଣକେନ୍ଦ୍ର ପାଲଟିଛି ଏଥିରେ କୌଣସି ସନ୍ଦେହ ନାହିଁ।

**● ୨୦୧୮ରେ ହକି ବିଶ୍ୱକପ୍ ଗୋଟିଏ ଭେନ୍ୟୁରେ ହୋଇଥିଲା। ଏବେ ୨ଟି ଭେନ୍ୟୁରେ ଟୁର୍ନାମେଣ୍ଟ ହେଉଛି। ଏହାର ସକାରାତ୍ମକ ଦିଗକୁ ଆପଣ କିପରି ଦେଖୁଛନ୍ତି।**

▶▶ ବିଶ୍ୱକପ୍‌କୁ ଗୋଟିଏ ଭେନ୍ୟୁରେ ଆୟୋଜନ କରିବାକୁ ଯେତେ ଶକ୍ତି ବା ବଳ ଆବଶ୍ୟକ ହୋଇଥାଏ ୨ଟି ଭେନ୍ୟୁରେ ସମାନ କଷ୍ଟ ହୋଇଥାଏ। ୨ଟି ଭେନ୍ୟୁରେ ବିଶ୍ୱକପ୍ ଆୟୋଜନ କରିବା ଅର୍ଥ ସରକାର ହକିକୁ ଆହୁରି ଲୋକପ୍ରିୟ କରିବାକୁ ଚେଷ୍ଟା କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ। କାରଣ ହକିର ଉନ୍ନତି ପାଇଁ ଆମ ରାଜ୍ୟ ୨ଟି ବିଶ୍ୱସ୍ତରୀୟ ଷ୍ଟାଡିୟମ କେବଳ ଦେଶକୁ ନୁହେଁ ବିଶ୍ୱକୁ ଦେଇଛି। ଏଇଠୁ ହିଁ ହକି ବଞ୍ଚିଛି। ୨୦୧୮ରେ ହକି ପ୍ରତି ଭଲପାଇବା ଭୁବନେଶ୍ୱରରେ ପରିଲକ୍ଷିତ ହୋଇଥିଲା। ଏବେ ହକିର ଅନ୍ତୁଡ଼ିଶାଳ ରାଉରକେଲାରେ ଏହି ପ୍ରତିଯୋଗିତା ହେଉଛି। ସେଠାରେ ଲୋକମାନେ ହକି ପାଇଁ ପାଗଳ। ଟୁର୍ନାମେଣ୍ଟ ଆରମ୍ଭରୁ ଏହା ପ୍ରତିଫଳିତ ହୋଇଛି। ତେଣୁ ଏହା ନିଶ୍ଚିତ ସେଠାକାର ଅଧିବାସୀଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଛି ଏବଂ ହକି ଆହୁରି ଲୋକପ୍ରିୟ ହୋଇପାରିଛି।

**● ରାଉରକେଲାରେ ପ୍ରଥମଥର ପାଇଁ ଏହି ମେଗା ଟୁର୍ନାମେଣ୍ଟ ହେଉଛି। ହକିର ଅନ୍ତୁଡ଼ିଶାଳ ପ୍ରତି ଏହା କେତେ ନ୍ୟାୟ ବୋଲି କୁହାଯାଇପାରିବ।**

▶▶ ସେଠାରେ ଯେଉଁ ଖାସି ବା ରୁରାଲ ଟୁର୍ନାମେଣ୍ଟ ହୁଏ ତାହାକୁ ଦେଖିବା ପାଇଁ ଲୋକମାନେ ପାଗଳପ୍ରାୟ ହୋଇଥାନ୍ତି। ଖାସି ଟୁର୍ନାମେଣ୍ଟ ଦେଖିବାକୁ ଅତିକମ୍‌ରେ ୩ରୁ ୪ ହଜାର ଲୋକ ଏକତ୍ରିତ ହୋଇଥାନ୍ତି। ସମାଜ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି। ଏବେ ରାଜ୍ୟ ସରକାର ତୃଣମୂଳ ସ୍ତରରୁ ପ୍ରତିଭାଙ୍କୁ ଚିହ୍ନଟ ସହ ସେମାନଙ୍କ ଖେଳିବା ପାଇଁ ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଆଷ୍ଟ୍ରୋଟର୍ଫ ଷ୍ଟାଡିୟମର ବ୍ୟବସ୍ଥା କରିଛନ୍ତି। ଏବେ ସେଠାରେ ବିଶ୍ୱକପ୍ ପରି ଏକ ବଡ଼ ପ୍ରତିଯୋଗିତା ଆୟୋଜନ ହେଉଛି। ତେଣୁ ଅନ୍ତୁଡ଼ିଶାଳ ପ୍ରତି ଏହାଦ୍ୱାରା ନ୍ୟାୟ ପ୍ରଦାନ କରାଯାଇଛି ବୋଲି କୁହାଯାଇପାରିବ। ଏକ ଛୋଟ ସହରରେ ଏତେବଡ଼ ଟୁର୍ନାମେଣ୍ଟ ଆୟୋଜନ ଆମ ସମସ୍ତଙ୍କ ପାଇଁ ନିଶ୍ଚିତ ଗର୍ବର କଥା।

**● ବିଶ୍ୱକପ୍ ପାଇଁ ହକି ଇଣ୍ଡିଆ ପକ୍ଷରୁ କ'ଣ ନୂଆ ବ୍ୟବସ୍ଥାସବୁ ହୋଇଛି। ପୂର୍ବତନ ଖେଳାଳି ଓ ଅଲିମ୍ପିଆନଙ୍କୁ ଆଣିବା ପାଇଁ କିଛି ପଦକ୍ଷେପ ନିଆଯାଇଛି କି ?**

▶▶ ହକି ଇଣ୍ଡିଆ ପ୍ରତି ସରକାରଙ୍କ ସବୁ କ୍ଷେତ୍ରରେ ସହଯୋଗ ରହିଛି। ନବନିର୍ମିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ପାଖାପାଖି ୧୫୦ ମିଟର ଦୂରରେ ଖେଳାଳି ଓ ଅତିଥିଙ୍କର ରହିବାକୁ ବିଶ୍ୱକପ୍ ଭିଲେଜର ବ୍ୟବସ୍ଥା କରାଯାଇଛି। ଟୁର୍ନାମେଣ୍ଟ ସମୟରେ ମ୍ୟୁଜିକାଲ ପ୍ରୋଗ୍ରାମ ଆୟୋଜନ ହେଉଛି। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ସରକାରଙ୍କ ବିଭିନ୍ନ ବିଭାଗ ପୂର୍ଣ୍ଣ ସହଯୋଗ କରୁଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଲିଜେଣ୍ଡମାନଙ୍କୁ ବିଶେଷ କରି ବିଶ୍ୱକପ୍ କିମ୍ବା ଅଲିମ୍ପିକ୍ସରେ ଯେଉଁମାନେ ଅଧିନାୟକ ଥିଲେ ସେମାନଙ୍କ ମଧ୍ୟରୁ କିମ୍ବଦନ୍ତୀ ଖେଳାଳିଙ୍କ ତାଲିକା ପ୍ରସ୍ତୁତ କରି ଆଣିବାକୁ ବ୍ୟବସ୍ଥା ହୋଇଛି। ଭୁବନେଶ୍ୱର ଭେନ୍ୟୁରେ ରାଜ୍ୟ ସରକାର ଏବଂ ହକି ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଭାରତର ଯେତେ ହକି ୟୁନିଟ୍ ଅଛି ସେମାନଙ୍କ ସଭାପତି ଓ ସମ୍ପାଦକଙ୍କୁ ଆଣି ମ୍ୟାଚ ଦେଖିବାର ବ୍ୟବସ୍ଥା କରାଯାଉଛି।

**● ବିଶ୍ୱକପ୍‌କୁ ଆପଣ କିଭଳି ଦେଖୁଛନ୍ତି। ଶ୍ରେଷ୍ଠ ୪ରେ କେଉଁ ଦଳ ରହିବା ସମ୍ଭାବନା।**

▶▶ ବିଶ୍ୱକପ୍ ସବୁବେଳେ ସମସ୍ତଙ୍କ ପାଇଁ ଟପ୍ ରହିଥାଏ। ଅନ୍ତର୍ଜାତୀୟ ହକିରେ ବିଶ୍ୱକପ୍ ସବୁଠାରୁ ବଡ଼ ପ୍ରତିଯୋଗିତା। ସେଥିପାଇଁ ସବୁ ଦଳ ସେହିଭଳି ପ୍ରସ୍ତୁତ ହୋଇଥାନ୍ତି। ଗତ କିଛିବର୍ଷ ଧରି କେତେକ ଦଳ କ୍ରମାଗତ ଭାବେ ଭଲ ପ୍ରଦର୍ଶନ ଦେଇ ଆସୁଛନ୍ତି। ସେମାନଙ୍କ ମଧ୍ୟରେ ବେଲ୍‌ଜିୟମ, ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ, ଭାରତ, ଜର୍ମାନୀ, ଇଂଲଣ୍ଡ ରହିଛନ୍ତି। ଏମାନଙ୍କ ମଧ୍ୟରୁ କେଉଁ ଦଳ ଜିତିବ କହିବା କଷ୍ଟସାଧ୍ୟ। ବେଲ୍‌ଜିୟମ ଗତ ବିଶ୍ୱକପ୍ ଏବଂ ଅଲିମ୍ପିକ୍ସ ଚାମ୍ପିୟନ। ତେଣୁ ଏହି ଦଳର ପଲା ନିଶ୍ଚିତ ଭାରି ରହିବ। ଅଷ୍ଟ୍ରେଲିଆ ସବୁବେଳେ କଷ୍ଟସାଧ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଥାଏ। ଭାରତ ଘରୋଇ ପରିବେଶରେ ନିଶ୍ଚିତ ଭଲ ପ୍ରଦର୍ଶନ କରିବ ବୋଲି ଆମେ ଆଶା କରିବା। ଗତ ଅଲିମ୍ପିକ୍ସରେ ଦଳ ବ୍ରୋଞ୍ଜ ପଦକ ଜିତିଥିଲା। ତେଣୁ ଏ ସବୁ ଦଳଗୁଡ଼ିକ ଉପରେ ବିଶେଷ ନଜର ରହିବ।



ଦିଲୀପ ତିର୍କୀ

**● ଭାରତର ପ୍ରଦର୍ଶନକୁ ଆପଣ କେମିତି ଦେଖୁଛନ୍ତି।**

▶▶ ଭାରତ ଯଦିଓ ବିଜୟ ସହ ଅଭିଯାନ ଆରମ୍ଭ କରିଛି ତେବେ ଦଳକୁ ପ୍ରତି ମୁହୂର୍ତ୍ତରେ ସତର୍କତାର ସହ ଖେଳିବାକୁ ପଡ଼ିବ। ଗୋଲକିପର ପି.ଆର. ଶ୍ରୀଜେସଙ୍କଠାରୁ ଆରମ୍ଭ କରି ଅଧିନାୟକ ହରମନ୍‌ପ୍ରୀତ ସିଂ, ପୂର୍ବତନ ଅଧିନାୟକ ମନ୍‌ପ୍ରୀତ ସିଂ ଏବଂ ଅନ୍ୟ ସମସ୍ତ ସିନିୟର ଖେଳାଳିଙ୍କୁ ଦାୟିତ୍ୱ ନେବାକୁ ହେବ। ଡ୍ରାଗ୍‌ଫ୍ଲିକର ହର୍‌ମନପ୍ରୀତଙ୍କୁ ସୁଯୋଗ ସୃଷ୍ଟି କରିବାକୁ ହେବ। ସୁଯୋଗର ସଦୁପଯୋଗ ହୋଇପାରିଲେ ଆମେ ନିଶ୍ଚିତ ଫାଇଦାରେ ରହିବୁ।

**● ନିଜ ମାଟିରେ ଅମିତ ରୋହିଦାସ ଓ ନିଲମ ସଞ୍ଜୀପ ଖେସ ଖେଳୁଛନ୍ତି। କିଛି ଅତିରିକ୍ତ ଚାପ ରହିଥିବା ଅନୁଭବ ହେଉଛି କି?**

▶▶ ମୋ ମତରେ ଚାପ ନାହିଁ। କାରଣ ଅମିତ ଦୀର୍ଘଦିନ ଧରି କୋଳାହଳ ମଧ୍ୟରେ ଖେଳି ଆସିଛନ୍ତି। ଘରୋଇ ପଡ଼ିଆରେ ମଧ୍ୟ ତାଙ୍କର ଖେଳିବା ଅଭିଜ୍ଞତା ଅଛି। ସ୍ପେନ୍ ବିପକ୍ଷ ମ୍ୟାଚରେ ଭାରତ ପକ୍ଷରୁ ପ୍ରଥମ ଗୋଲଦେଇ ସେ ଏହାର ପ୍ରମାଣ ମଧ୍ୟ ଦେଇଛନ୍ତି। ହଁ ନିଲମ ପ୍ରଥମଥର ପାଇଁ ଏଭଳି ପରିବେଶରେ ଖେଳୁଛନ୍ତି, ତେବେ ଦୁହେଁ ଅଭିଜ୍ଞ ହୋଇଥିବାରୁ ବିଶେଷ ଅସୁବିଧା ହେଉନାହିଁ।

**ପ୍ର: ହକି ବିଶ୍ୱକପ୍ ୨ଟି ଭେନ୍ୟୁରେ ହେଉଛି। ଏଥିରୁ ଆମ ରାଜ୍ୟର ହକି ଖେଳାଳି କିଛି ଉପକୃତ ହୋଇ ପାରିବେ କି ?**

▶▶ ବହୁ ଖେଳାଳି ହକି ମାଧ୍ୟମରେ ଆଗକୁ ଯାଇଛନ୍ତି, ପରିଚୟ ପାଇଛନ୍ତି। ଆଗକୁ ମଧ୍ୟ ହକି ମାଧ୍ୟମରେ ଅନେକ ଖେଳାଳି ପରିଚୟ ସୃଷ୍ଟି କରିପାରିବେ। ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ହୋଇସାରିଛି। ରାଜ୍ୟ ସରକାର ଯେପରି ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ତାହା ନିଶ୍ଚିତ ଅନ୍ୟ ଖେଳାଳିଙ୍କ ଉପରେ ପ୍ରଭାବ ପକାଇବ । ଯୁବ ଖେଳାଳିମାନେ ଅତି ନିକଟରୁ ବିଶ୍ୱସ୍ତରୀୟ ଖେଳାଳିଙ୍କ କଳାକୌଶଳକୁ ଦେଖିବାକୁ ପାଉଛନ୍ତି। ଏହା ନିଶ୍ଚିତ ଉପାଦେୟ ହେଉଛି।

**● ବିଶ୍ୱକପ୍‌କୁ ନେଇ ଆପଣଙ୍କର କ'ଣ ସ୍ମୃତି ରହିଛି।**

▶▶ ଆମେ ଖେଳିବା ସମୟରେ ଓଡ଼ିଶାରେ ଏପରି ସୁବିଧା ସୁଯୋଗ ନ ଥିଲା। ଫଳରେ ଆମେ ଘରୋଇ ଦର୍ଶକଙ୍କ ସମ୍ମୁଖରେ କେବେ ଖେଳିପାରିନାହୁଁ। ଏହାର ଦୁଃଖ ସବୁଦିନ ରହିଛି। ବିଶ୍ୱକପ୍ ହେଉ କି ଅଲିମ୍ପିକ୍ସ ଆମେ ୫-୬ ପର୍ଯ୍ୟନ୍ତ ଆସିପାରିଥିଲୁ, ମାତ୍ର ବେଷ୍ଟ-୩ରେ କେବେ ରହିପାରି ନ ଥିଲୁ। ପୋଡିୟମ ଫିନିଶ୍ ରହିଲେ ତା'ର ଅନ୍ୟ ଖୁସି ରହିଥାଏ। ତାହା ଆମ ସମୟରେ ସମ୍ଭବ ହୋଇ ନ ଥିଲା।

**● ଶେଷରେ ଓଡ଼ିଶା ଦର୍ଶକଙ୍କୁ କ'ଣ କହିବେ।**

▶▶ ଓଡ଼ିଶା ଦର୍ଶକ ସର୍ବଦା ହକିକୁ ସମର୍ଥନ ଜଣାଇ ଆସିଛନ୍ତି। ଏଥର ମଧ୍ୟ ତାହା ପରିଲକ୍ଷିତ ହୋଇଛି। କେବଳ ଭାରତୀୟ ଦଳକୁ ନୁହେଁ ଅନ୍ୟ ଦଳର ଖେଳାଳିଙ୍କୁ ମଧ୍ୟ ସମର୍ଥନ ଜଣାଉଛନ୍ତି। ତେଣୁ ଏଫ୍‌ଆଇଏଚ୍, ହକି ଇଣ୍ଡିଆ, ରାଜ୍ୟ ସରକାର ଏବଂ ଆମେ ସମସ୍ତେ ମିଶି ଏହି ବିଶ୍ୱକପ୍‌କୁ ସଫଳ କରିବା ପାଇଁ ପ୍ରୟାସ କରିବାକୁ ମୋର ନିବେଦନ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧୬/୨୦୨୩ Bhubaneswar, Monday, January 16/ 2023

# ବିଶ୍ୱ ରେକର୍ଡ ସହ ଭାରତର କ୍ଲିନ୍ ସୁଇପ୍

## କୋହଲି ୧୬୬*, ଗିଲ୍ ୧୧୬

**ଥିରୁଭାନନ୍ତପୁରମ୍, ୧୫।୧**

କେରଳର ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍‌ର ଅନ୍ତିମ ମ୍ୟାଚ୍‌କୁ ଭାରତ ବିଶ୍ୱ ରେକର୍ଡ ୩୧୭ ରନ୍‌ର ବୃହତ୍ ବ୍ୟବଧାନରେ ଜିତି ନେଇଛି। ଏହି ବିଜୟ ସହିତ ଦିନିକିଆ ସିରିଜ୍‌କୁ କ୍ଲିନ୍ ସୁଇପ୍ କରିଛି ଭାରତ। ଏହା ପୂର୍ବରୁ ଟି୨୦ ସିରିଜ୍‌କୁ ଦଳ ୨-୧ରେ ଜିତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ବିରାଟ କୋହଲିଙ୍କ ଅପରାଜିତ ୧୬୬ ଓ ଶୁବମନ ଗିଲଙ୍କ ୧୧୬ ରନ୍ ବଳରେ ୫୦ ଓଭରରେ ୫ ଉଇକେଟ ହରାଇ ୩୯୦ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିଲା। ଜବାବରେ ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ବଳରେ ଶ୍ରୀଲଙ୍କା ମାତ୍ର ୭୩ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ରବିବାର ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଭାରତ ଏହି ମ୍ୟାଚ୍ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ଓ ଉମ୍ରାନ୍ ମଲିକଙ୍କୁ ବିଶ୍ରାମ ଦେଇ ସୂର୍ଯ୍ୟକୁମାର ଯାଦବ ଓ ୱାଶିଂଟନ୍ ସୁନ୍ଦରଙ୍କୁ ଖେଳାଇଥିଲା। ରୋହିତ (୪୨) ଓ ଶୁବମନ୍ (୧୧୬) ଭାରତକୁ ପୁଣି ଏକ ଭଲ ଆରମ୍ଭ ଦେଇଥିଲେ। ଉଭୟ ପ୍ରଥମ ଉଇକେଟରେ ଯୋଡ଼ିଥିଲେ ୯୫ ରନ୍। ୪୯ ବଲ ଖେଳି ୨ ଚୌକା ଓ ୩ ଛକା ମାରି ରୋହିତ ୧୬ତମ ଓଭରରେ ପାଭିଲିୟନ୍ ଫେରିଥିଲେ। ଏହାପରେ କ୍ରିଜ୍‌ରେ ଗିଲ୍‌ଙ୍କ ସହିତ ଯୋଗଦେଇଥିଲେ ବିରାଟ କୋହଲି। ଦିନିକିଆ ଅନ୍ତର୍ଜାତୀୟରେ ୪୬ ତମ ଶତକ ହାସଲ କରିବା ସହିତ ଦ୍ୱିତୀୟ ଉଇକେଟରେ ସେ ଗିଲ୍‌ଙ୍କ ସହ ୧୩୧ ରନ୍ ଯୋଡ଼ିଥିଲେ। ଗିଲ୍ ୯୭ ବଲ୍ ଖେଳି ୧୪ ଚୌକା ଓ ୨ ଛକା ସହିତ ୧୧୬ ରନ୍ କରିଥିଲେ। ଅନ୍ୟପକ୍ଷରେ ଶେଷଯାଏ ବ୍ୟାଟିଂ କରିଥିବା କୋହଲି ୧୧୦ ବଲ୍ ଖେଳି ୧୩ ଚୌକା ଓ ୮ ଛକା ମାରିଥିଲେ। ଶ୍ରେୟସ ଆୟାର (୩୮)ଙ୍କୁ ସାଥିକରି ୪ର୍ଥ ଉଇକେଟରେ ୧୦୮ ରନ୍ ଓ ଲୋକେଶ ରାହୁଲ(୭)ଙ୍କ ସହ ୩୦ ରନ୍ ଯୋଡ଼ିଥିଲେ କୋହଲି। ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୩୯୦ ରନ୍ କରିଥିଲା। ଶ୍ରୀଲଙ୍କା ପକ୍ଷରୁ କସୁନ ରଜିଥା ଓ ଲାହିରୁ କୁମାରା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

୩୯୧ ରନ୍‌ର ପିଛା କରୁଥିବା ଶ୍ରୀଲଙ୍କା ୨୨ ଓଭରରେ ୭୩ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ମାତ୍ର ୩ ଜଣ ଖେଳାଳି ଦୁଇଅଙ୍କ ସ୍କୋର ଛୁଇଁବାରେ ସମର୍ଥ ହୋଇଥିଲେ। ନୁୱାନିଡୁ ଫର୍ନାଣ୍ଡୋ ଦଳ ପକ୍ଷରୁ ସର୍ବାଧିକ ୧୯ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାଶୁନ୍ ସନକା (୧୧) ଓ କସୁନ୍ ରଜିଥା (୧୩) ରନ୍ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ ଘାତକ ବୋଲିଂ କରିବା ସହିତ ୪ ଉଇକେଟ ଅକ୍ତିଆର କରିଥିଲେ। କୁଲଦୀପ ଯାଦବ ଓ ମହମ୍ମଦ ଶାମି ପ୍ରତ୍ୟେକେ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଜଣେ ବ୍ୟାଟର ରନ୍ ଆଉଟ ହୋଇଥିଲେ। ମ୍ୟାଚ୍ ମଝିରେ ଆହତ ହୋଇଥିବା ଆସେନ୍ ବନ୍ଦାରା ବ୍ୟାଟିଂ କରିବାକୁ ଆସି ନ ଥିଲେ। ଚଳିତ ସିରିଜରେ ଦୁଇଟି ଶତକ ହାସଲ କରିଥିବା ବିରାଟ କୋହଲିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା।





**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୯୦/୫ (ବିରାଟ କୋହଲି-୧୬୬*, ଶୁବମନ ଗିଲ୍-୧୧୬, ରୋହିତ ଶର୍ମା-୪୨, କସୁନ ରଜିଥା-୨/୮୧, ଲାହିରୁ କୁମାରା-୨/୮୭, ଚାମିକା କରୁଣାରତ୍ନେ-୧/୫୮)। ଶ୍ରୀଲଙ୍କା ୨୨ ଓଭରରେ ୭୩/୧୦ (ନୁୱାନିଡୁ ଫର୍ନାଣ୍ଡୋ-୧୯, ଦାଶୁନ୍ ସନକା-୧୧ କସୁନ୍ ରଜିଥା-୧୩, ମହମ୍ମଦ ସିରାଜ-୪/୩୨, ମହମ୍ମଦ ଶାମି-୨/୨୦, କୁଲଦୀପ ଯାଦବ-୨/୧୬)।

## ସଚିନଙ୍କ ଏକାଧିକ ରେକର୍ଡ ଭାଙ୍ଗିଲେ କୋହଲି

**ଥିରୁଭାନନ୍ତପୁରମ୍, ୧୫।୧:** ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ଅନ୍ତିମ ଦିନିକିଆରେ ଅପରାଜିତ ୧୬୬ ରନ୍ କରିବା ସହିତ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି ବିରାଟ କୋହଲି। ଭାରତର କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଦୁଇ ଦୁଇଟି ରେକର୍ଡ ଭାଙ୍ଗିଛନ୍ତି କୋହଲି। ଦିନିକିଆରେ ୪୬ତମ ଶତକ ହାସଲ କରିଥିବା ବେଳେ ଅନ୍ତର୍ଜାତୀୟ କ୍ରିକେଟରେ ସେ ୭୪ ତମ ଶତକ ହାସଲ କରଛନ୍ତି। ଘରୋଇ ମାଟିରେ ରହିଥିବା ସଚିନଙ୍କ ସର୍ବାଧିକ ଶତକର ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଘରୋଇ ମାଟିରେ ସଚିନ ୨୦ ଶତକ ହାସଲ କରିଥିବା ବେଳେ କୋହଲି ପ୍ରଥମ ଦିନିକିଆରେ ତାଙ୍କ ସମକକ୍ଷ ହୋଇଥିଲେ। ଭାରତରେ ୧୬୪ଟି ଦିନିକିଆ ଖେଳିଥିବା ସଚିନ ୧୬୦ ଇନିଂସ୍‌ରୁ ୨୦ ଶତକ ମାରିଥିବା ବେଳେ ୪୮.୧୧ ଆଭରେଜ ସହିତ ୬୯୭୬ ରନ୍ କରିଛନ୍ତି। ଅନ୍ୟପକ୍ଷରେ ବିରାଟ ୧୦୩ ମ୍ୟାଚ୍‌ରୁ ୧୦୦ ଇନିଂସ୍‌ରେ ହାସଲ କରିଛନ୍ତି ୨୧ତମ ଶତକ। ସଚିନଙ୍କଠାରୁ ୬୦ ଇନିଂସ କମ୍ ଖେଳିଥିବା କୋହଲି ଏହି ମାଇଲଖୁଣ୍ଟର ସମକକ୍ଷ ହୋଇଛନ୍ତି। ହାସିମ ଅମ୍‌ଲା ୧୪ ଶତକ ସହିତ ଏହି ତାଲିକାର ତୃତୀୟ ସ୍ଥାନରେ ରହିଥିବା ବେଳେ ରିକି ପଣ୍ଟିଂ(୧୩ ଶତକ) ଓ ରସ୍ ଟେଲର(୧୨ ଶତକ) ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ଏହାସହିତ ରବିବାରର ଶତକକୁ ମିଶାଇ କୋହଲି ଶ୍ରୀଲଙ୍କା ବିପକ୍ଷରେ ଦଶମ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ଜଣେ ଖେଳାଳି ଭାବେ ଗୋଟିଏ ଦେଶ ବିପକ୍ଷରେ ଏହା ସର୍ବାଧିକ। ପୂର୍ବରୁ ସଚିନ ଅଷ୍ଟ୍ରେଲିଆ ବିପକ୍ଷରେ ଏବଂ କୋହଲି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୯ଟି ଲେଖାଏ ଶତକ ନିଜ ନାମରେ କରିଥିଲେ। ପ୍ରଥମ ଦିନିକିଆରେ ଶତକ ସହିତ କୋହଲି ସଚିନ୍‌ଓ ନିଜ ରେକର୍ଡର ସମକକ୍ଷ ହୋଇଥିଲେ।

### ଅନ୍ତର୍ଜାତୀୟ ଦିନିକିଆରେ ବୃହତ୍ ବ୍ୟବଧାନରେ ବିଜୟୀ ଟପ୍ ୧୦

| ବିଜେତା | ବ୍ୟବଧାନ | ଟାର୍ଗେଟ୍ | ବିପକ୍ଷ | ଗ୍ରାଉଣ୍ଡ | ମ୍ୟାଚ ତାରିଖ |
|---|---|---|---|---|---|
| ଭାରତ | ୩୧୭ | ୩୯୧ | ଶ୍ରୀଲଙ୍କା | ଥିରୁଭାନନ୍ତପୁରମ | ୧୫ ଜାନୁୟାରୀ ୨୦୨୩ |
| ନ୍ୟୁଜିଲାଣ୍ଡ | ୨୯୦ | ୪୦୩ | ଆୟର୍ଲାଣ୍ଡ | ଆବର୍ଡିନ | ୧ ଜୁଲାଇ ୨୦୦୮ |
| ଅଷ୍ଟ୍ରେଲିଆ | ୨୭୫ | ୪୧୮ | ଆଫଗାନିସ୍ତାନ | ପର୍ଥ | ୪ ମାର୍ଚ୍ଚ ୨୦୧୫ |
| ଦ. ଆଫ୍ରିକା | ୨୭୨ | ୪୦୦ | ଜିମ୍ବାୱେ | ବେନୋନି | ୨୨ ଅକ୍ଟୋବର ୨୦୧୦ |
| ଦ.ଆଫ୍ରିକା | ୨୫୮ | ୩୦୨ | ଶ୍ରୀଲଙ୍କା | ପର୍ଲ | ୧୧ ଜାନୁୟାରୀ ୨୦୧୨ |
| ଭାରତ | ୨୫୭ | ୪୧୪ | ବର୍ମୁଡା | ପୋର୍ଟ ଅଫ୍ ସ୍ପେନ୍ | ୧୯ ମାର୍ଚ୍ଚ ୨୦୦୭। |
| ଦ.ଆଫ୍ରିକା | ୨୫୭ | ୪୦୯ | ୱେଷ୍ଟଇଣ୍ଡିଜ | ସିଡ୍‌ନୀ | ୨୭ ଫେବୃୟାରୀ ୨୦୧୫ |
| ଅଷ୍ଟ୍ରେଲିଆ | ୨୫୬ | ୩୦୨ | ନାମ୍ବିଆ | ପୋଷ୍ଟେଫଷ୍ଟ୍ରୁମ୍ | ୨୭ ଫେବୃୟାରୀ ୨୦୦୩ |
| ଭାରତ | ୨୫୬ | ୩୭୫ | ହଂକଂ | କରାଚୀ | ୨୫ ଜୁନ୍ ୨୦୦୮ |
| ପାକିସ୍ତାନ | ୨୫୫ | ୩୩୮ | ଆୟର୍ଲାଣ୍ଡ | ଡବ୍‌ଲିନ୍ | ୧୮ ଅଗଷ୍ଟ ୨୦୧୬ |

# ଶ୍ରଦ୍ଧାଞ୍ଜଳି ଜାତୀୟ ଚୟନକର୍ତ୍ତା

**ଭୁବନେଶ୍ୱର, ୧୫।୧ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଓଡ଼ିଶାର ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ପାଇଁ ଆସିଛି ଆଉ ଏକ ଗୁରୁଦାୟିତ୍ୱ। ରାଜ୍ୟ ଏବଂ ଜାତୀୟ ସ୍ତରରେ ପୂର୍ବରୁ ଅନେକଥର କୋଚ୍, ଜଜ୍, ଚୟନକର୍ତ୍ତା ଦାୟିତ୍ୱକୁ ସଫଳତାର ସହ ତୁଲାଇଥିବା ଶ୍ରଦ୍ଧାଞ୍ଜଳିଙ୍କୁ ଭାରତୀୟ ମହିଳା ଫୁଟବଲ(୧୭ ବର୍ଷରୁ କମ୍)ଦଳର କୋଚ୍ ନିଯୁକ୍ତ କରାଯାଇଛି। ଚଳିତ ବର୍ଷ ହେବାକୁଥିବା ୧୭ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍ ପାଇଁ ସେ ଭାରତୀୟ ଦଳକୁ ପ୍ରସ୍ତୁତ କରିବେ। ଏହି ପ୍ରତିଯୋଗିତା ଭୁଟାନରେ ଚଳିତ ବର୍ଷ ସେପ୍ଟେମ୍ବର ୧ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶ୍ରଦ୍ଧାଞ୍ଜଳି ହେଉଛନ୍ତି ଏଏଫ୍‌ସି 'ବି' ଲାଇସେନ୍ସପ୍ରାପ୍ତ କୋଚ୍। ପୂର୍ବରୁ ମିଳିଥିବା ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ପକ୍ଷରୁ ତାଙ୍କ ଉପରେ ପୁଣି ଆସ୍ଥା ସ୍ଥାପନ କରାଯାଇଛି। ଶ୍ରଦ୍ଧାଞ୍ଜଳିଙ୍କୁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପାଇଁ ଶୁଭକାମନା କରିଛନ୍ତି।

**୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ**



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

# ଇଥିଓପିଆର ଲେମି, ହେମାନଟ୍ ଜିତିଲେ ମୁମ୍ବାଇ ମାରାଥନ

**ମୁମ୍ବାଇ, ୧୫।୧ (ପି.ଟି.)**

ଇଥିଓପିଆର ହେଲ୍ ଲେମି ଓ ଆଞ୍ଚାଲେମ୍ ହେମାନଟ୍ ନୂଆ କୋର୍ସ ରେକର୍ଡ ସହ ଏଠାରେ ଟାଟା ମୁମ୍ବାଇ ମାରାଥନ ଜିତିବା ସହ ୱିନର ପ୍ରାଇଜ୍ ଭାବେ ପ୍ରତ୍ୟେକ ୪୫,୦୦୦ ଆମେରିକୀୟ ଡଲାର ଏବଂ ୧୫,୦୦୦ ଆମେରିକୀୟ ଡଲାର ବୋନସ ପାଇଛନ୍ତି। ଭାରତୀୟଙ୍କ ମଧ୍ୟରେ ପୁରୁଷ ବିଭାଗରେ ଗୋପୀ ଟି' ବିଜୟୀ ହୋଇଥିବା ବେଳେ ପଦାର୍ପଣରେ ଛବି ଯାଦବ ମହିଳା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୨୦୧୭ରେ ଭାରତର ପ୍ରଥମ ପୁରୁଷ ଧାବକ ଭାବେ ଏସିଆନ ମାରାଥନ ଜିତିଥିବା ଅଲିମ୍ପିଆନ ଗୋପୀ ଡୋମେଷ୍ଟିକ୍ ଏଲିଟ୍‌ରେ ପ୍ରଥମ ଏବଂ ଓଭରାଲ ୧୦ମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ୧୭ ସେକେଣ୍ଡ ପଛରେ ମାନ୍‌ସିଂ ଓ କାଳିଦାସ ହିରାଭେ ରହିଥିଲେ। ୱାର୍ଲ୍ଡ ଆଥଲେଟିକ୍ସ ଗୋଲ୍ଡ ଲେବଲ ରୋଡ୍ ରେସ୍‌ର ୧୮ତମ ସଂସ୍କରଣରେ ୫୫,୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପୁରୁଷ ରେସ୍‌ର ପ୍ରଥମାର୍ଦ୍ଧରେ ମନ୍ଥର ଗତିର ଫାଇଦା ଉଠାଇ ଥିଲେ ଲେମି। ୨୦୧୬ ବୋଷ୍ଟନ ମାରାଥନ ବିଜେତା ଗତଥରର ଚାମ୍ପିୟନ ତଥା ତାଙ୍କ ଦେଶର ଦେରାରା ହୁରିସା, କେନିଆର ଫିଲ୍‌ମନ ରୋନୋ ଏବଂ ଅନ୍ୟ ୬ଜଣ ଧାବକ ଅନ୍ୟମାନଙ୍କଠାରୁ ବହୁ ଆଗରେ ରହିଥିଲେ। ମହିଳା ବିଭାଗରେ ପ୍ରଥମ ଥର ପୋଡିୟମ ଫିନିଶରମାନେ ୨:୨୫ ନିମ୍ନରେ ରେସ ଶେଷ କରିଛନ୍ତି। ଏପରିକି ଟୁସା (୨:୨୪:୨୨) ୨୦୧୩ରେ କେନିଆର ଭାଲେଣ୍ଟିନ୍ କିପ୍‌ଟେକର (୨:୨୪:୩୩) ଦ୍ୱାରା ପ୍ରତିଷ୍ଠିତ କୋର୍ସ ରେକର୍ଡଠାରୁ କମ୍ ସମୟରେ ରେସ୍ ଶେଷ କରିଥିଲେ।

# ଅଷ୍ଟ୍ରେଲିଆନ ଓପନ ପରେ ଅବସର ନେବେ ଷ୍ଟୋସୁର

**ମେଲବୋର୍ନ, ୧୫।୧:** ପୂର୍ବତନ ୟୁଏସ୍ ଚାମ୍ପିୟନ ସାମନ୍ଥା ଷ୍ଟୋସୁର ସିଜନ ଆରମ୍ଭ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ଅଷ୍ଟ୍ରେଲିଆ ଓପନ ପରେ ଟେନିସ୍‌ରୁ ଅବସର ନେବେ ବୋଲି ସେ ଘୋଷଣା କରିଛନ୍ତି। ଏହାଦ୍ୱାରା ତାଙ୍କ ୨୩ ବର୍ଷର କ୍ୟାରିୟରର ଅନ୍ତ ଘଟିବ। ୩୮ ବର୍ଷୀୟା ଅଷ୍ଟ୍ରେଲିଆର ଏହି ଭେଟେରାନ ଖେଳାଳି ଏପର୍ଯ୍ୟନ୍ତ ଗୋଟିଏ ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ ଏବଂ ଡବଲ୍ସରେ ଅନ୍ୟ ୭ଟି ଜିତିଛନ୍ତି। ୨୦୧୧ ୟୁଏସ୍ ଓପନ ଫାଇନାଲରେ ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ସେ ମହିଳା ସିଙ୍ଗଲ୍ସ ଟାଇଟଲ ବିଜୟୀ ହୋଇଥିଲେ। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ମୁହୂର୍ତ୍ତ ଥିଲା। ସେ ୨୧ତମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ ଖେଳିବାକୁ ଯାଉଛନ୍ତି। ଫ୍ରାନ୍ସର ଆଲିଜ କୋର୍ନେଟଙ୍କୁ ସେ ତାଙ୍କ ପାର୍ଟନର କରିଛନ୍ତି। ଷ୍ଟୋସୁର ସିଙ୍ଗଲ୍ସରେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଂ ୪ର୍ଥ ଏବଂ ଡବଲ୍ସରେ ନମ୍ବର ୱାନ ହୋଇପାରିଥିଲେ।




# ଓଡ଼ିଶା ବିପକ୍ଷରେ ହିମାଚଳ ୩୦୦/୮

**ସମ୍ବଲପୁର, ୧୫।୧ (ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ୨୫ ବର୍ଷରୁ କମ ସର୍ବଭାରତୀୟ କର୍ନେଲ ସି.କେ. ନାୟୁଡୁ ଟ୍ରଫିରେ ଓଡ଼ିଶା ଓ ହିମାଚଳ ପ୍ରଦେଶ ମଧ୍ୟରେ ମ୍ୟାଚ ଆରମ୍ଭ ହୋଇଛି। ପ୍ରଥମ ଦିନରେ ହିମାଚଳ ପ୍ରଦେଶ ୩୦୦ ରନ୍ କରିଥିବା ବେଳେ ଓଡ଼ିଶା ବୋଲର ୮ ଉଇକେଟର ପତନ ଘଟାଇଛନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ହିମାଚଳ ୮୫ ଓଭର ଖେଳି ୮ ଉଇକେଟ ହରାଇ ୩୦୦ ରନ କରିଛି। ଦଳ ପକ୍ଷରୁ ମୁକୁଲ ନେଗୀ ୧୪୬ ରନରେ ବ୍ୟାଟିଂ କରୁଛନ୍ତି। ୧୯୦ ବଲର ମୁକୁଲଙ୍କ ଏହି ଇନିଂସରେ ୧୭ ଚୌକା ଓ ୪ ଛକା ସାମିଲ ଥିଲା। ଅନ୍ୟତମ ବ୍ୟାଟସମ୍ୟାନ ଅପୂର୍ବ ୱାଲା ୧୪୩ ବଲରେ ୭୫ ରନ, ବଲ୍ଲଭ ଶର୍ମା ୫୩ ବଲରେ ୪୦ ରନ , ରବି ଠାକୁର ୨୫ ବଲରେ ୧୩ ରନ ସଂଗ୍ରହ କରିଥିଲେ। ଓଡିଶାର ବୋଲର କ୍ରିଷ୍ଣା ପଲେଇ ୬୫ ରନରେ ୩ ଉଇକେଟ ନେଇଥିଲେ। ସ୍ଥାନୀୟ ବୋଲର ଆଶୁତୋଷ ଛୁରିଆ ୨, ଆଶିଷ ରାୟ ୨ ଓ ଶୋଭାଗ୍ୟ ରାଉତ ୧ ଉଇକେଟ ନେଇଥିଲେ । ଅର୍ଜ୍ଜୁନ ଯାଦବ ମ୍ୟାଚ ରେଫରୀ, ସଂଜୟ କୁମାର ସିଂ ଓ ଦୀପକ ଡିଏଲ ମ୍ୟାଚ ପରିଚାଳନା କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଓସିଏ ଯୁଗ୍ମ ସଂପାଦକ ପ୍ରଭାତ ଭୋଲ, ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଜିଲା କ୍ରୀଡା ସଂଘ ଉପ ସଭାପତି ଦୁଲାଲଚନ୍ଦ୍ର ପ୍ରଧାନ, ସାଧାରଣ ସଂପାଦକ ସୁନୀଲ କୁମାର ସାହୁ ଓ କ୍ରିକେଟ ସଂପାଦକ ଅଭିନାଶ ନନ୍ଦ ପ୍ରମୁଖ ଉପସ୍ଥିତି ଥିଲେ।

**ସିକେ ନାୟିଡୁ ଟ୍ରଫି**





ହିମାଚଳର ମୁକୁଲ ନେଗୀ ଓ ଓଡ଼ିଶାର କ୍ରିଷ୍ଣା ପଲେଇ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ